R.N.I. REGN. No. 65000/96 POSTAL REGN. No. OR/BN-32/12-14
ଏକତ୍ରିଂଶତମ ବର୍ଷ
ସଂଖ୍ୟା : ୦୩
ତିଥି : ନବମୀ
୦୪ ଅକ୍ଟୋବର ୨୦୨୬, ରବିବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦
ରଙ୍ଗିନ ତରଙ୍ଗ ଟାବଲଏଡ ସହ

# ସମୟ

ସମୟ SAMAYA
ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ
4 October 2026, Sunday
30th ANNIVERSARY
Bhubaneswar | Balasore | Angul | Berhampur | Sambalpur





# ଗାଜର ବିଟ୍ ଛିଲ୍ଲା

**ସାମଗ୍ରୀ-** ବେସନ, ଗାଜର, ବିଟ, ପିଆଜ, ରସୁଣ କଟା, ଧନିଆ ପତ୍ର, କଞ୍ଚାଲଙ୍କା, ଜିରା ଗୁଣ୍ଡ, ଧନିଆ ଗୁଣ୍ଡ, ହଳଦୀ, ଲୁଣ ।

**ପ୍ରଣାଳୀ -** ପ୍ରଥମେ ବେସନରେ କଟା ପିଆଜ,ରସୁଣ, ଗ୍ରେଟ ହୋଇଥିବା ଗାଜର ଓ ବିଟ୍‌କୁ, ଧନିଆପତ୍ର କଟା, ଜିରା ଗୁଣ୍ଡ, ଧନିଆ ଗୁଣ୍ଡ, ହଳଦୀ, ଲୁଣ ଓ ପାଣି ମିଶାଇ ଏକ ମିଶ୍ରଣ ପ୍ରସ୍ତୁତ କରନ୍ତୁ । ଏହି ମିଶ୍ରଣକୁ ବର୍ତ୍ତମାନ ଛିଲ୍ଲା ଭଳି ଆକର ଦେଇ କରି ନିଅନ୍ତୁ । ଏହା ଖାଇବାକୁ ଖୁବ ସ୍ୱାଦିଷ୍ଟ ହେବା ସହିତ ସ୍ୱାସ୍ଥ୍ୟକର ମଧ୍ୟ ହୋଇଥାଏ ।

# ବିଶ୍ୱ ପ୍ରାଣୀ କଲ୍ୟାଣ ଦିବସ



ବିଶ୍ୱ ଜୀବଜନ୍ତୁଙ୍କ ସୁରକ୍ଷା, ଅଧିକାର ଏବଂ ସେମାନଙ୍କ ପ୍ରତି ଦୟାଭାବ ପ୍ରଦର୍ଶନ କରିବାର ବାର୍ତ୍ତା ନେଇ ଆଜି ପାଳିତ ହେଉଛି 'ବିଶ୍ୱ ପ୍ରାଣୀ କଲ୍ୟାଣ ଦିବସ' । ପ୍ରତ୍ୟେକ ବର୍ଷ ଅକ୍ଟୋବର ୪ ତାରିଖରେ ଜୀବଜନ୍ତୁଙ୍କ ପ୍ରତି ମଣିଷର ଦାୟିତ୍ୱବୋଧକୁ ସ୍ମରଣ କରାଇବା ଏବଂ ବିଲୁପ୍ତପ୍ରାୟ ତଥା ଘରୋଇ ଓ ବନ୍ୟପ୍ରାଣୀଙ୍କ ସୁରକ୍ଷା ନିଶ୍ଚିତ କରିବା ପାଇଁ ଏହି ଦିବସଟି ସାରା ବିଶ୍ୱରେ ପାଳନ କରାଯାଇଥାଏ । ବର୍ତ୍ତମାନର ଆଧୁନିକ ସଭ୍ୟତା, ନଗରୀକରଣ ଏବଂ ଜଳବାୟୁ ପରିବର୍ତ୍ତନ ଯୋଗୁଁ ବହୁ ମୂଲ୍ୟବାନ ବନ୍ୟଜନ୍ତୁ ନିଜର ପ୍ରାକୃତିକ ପରିବେଶ ହରାଉଥିବା ବେଳେ ଅନେକ ଅସହାୟ ଗୃହପାଳିତ ପ୍ରାଣୀ ନିର୍ଯାତନାର ଶିକାର ହେଉଛନ୍ତି । ଏହି ପରିପ୍ରେକ୍ଷୀରେ ପ୍ରାଣୀମାନଙ୍କୁ କେବଳ ଏକ ସମ୍ପଦ ଭାବେ ନଦେଖି ସେମାନଙ୍କ ଜୀବନ ଓ ନିରାପତ୍ତାକୁ ସମ୍ମାନ ଦେବା ଏହି ଦିବସର ମୁଖ୍ୟ ଉଦ୍ଦେଶ୍ୟ ଅଟେ । ବିଭିନ୍ନ ପରିବେଶବିତ୍, ବନ୍ୟପ୍ରାଣୀ ସଂରକ୍ଷଣ ସଂସ୍ଥା ଏବଂ ସମାଜସେବୀମାନେ ଜୀବଜନ୍ତୁଙ୍କୁ ଭଲପାଇବା । ସେମାନଙ୍କ ଆଶ୍ରୟ ଓ ଚିକିତ୍ସା ବ୍ୟବସ୍ଥା କରିବା ସହ ପ୍ରାଣୀ ନିଷ୍ଠୁରତା ବନ୍ଦ କରିବା ପାଇଁ ଜନସାଧାରଣଙ୍କୁ ସଚେତନ ହେବାକୁ ଆହ୍ୱାନ ଦେଇଛନ୍ତି । କାରଣ ଏକ ସନ୍ତୁଳିତ ପରିବେଶ ଓ ଜୈବବିବିଧତା ବଜାୟ ରଖିବା ପାଇଁ ଜୀବଜନ୍ତୁଙ୍କ ସୁରକ୍ଷା ନିତାନ୍ତ ଅପରିହାର୍ଯ୍ୟ ।

## ସୋସିଆଲ କୋଟ୍ସ



ପାଇଲଟ ବାବୁ ଆପଣ ସମସ୍ତଙ୍କ ପାଇଁ ପ୍ରେରଣା । ଆପଣଙ୍କ କାର୍ଯ୍ୟକୁ ଯେତେ ପ୍ରଶଂସା କଲେ ମଧ୍ୟ କମ । ଆପଣ ହେଉଛନ୍ତି ଅସଲ ହିରୋ ।

ସଲମାନ ଖାନ, ଅଭିନେତା



ନିଜକୁ ସବୁବେଳେ ଅସୁନ୍ଦର ଭାବିଥାଏ । ହେଲେ ଯେତେବେଳେ ଦର୍ଶକଙ୍କ ପ୍ରଶଂସା ମିଳିଲା, ସେତେବେଳେ ଆତ୍ମବିଶ୍ୱାସ ବଢିଲା ।

ହରଲିନ୍ ସେଠୀ, ଅଭିନେତ୍ରୀ



ଲୋକମାନେ ବର୍ତ୍ତମାନ ନିଜନିଜର ସଂସ୍କୃତି ସମ୍ପର୍କରେ ଜାଣିବାକୁ ଚାହୁଁଛନ୍ତି । ତେଣୁ ହନୁମାନ ଅଂଶ ଭଳି ସିନେମା ଦର୍ଶକଙ୍କୁ ଖୁବ ପସନ୍ଦ ଆସୁଛି ଏବଂ ଏହା ହିଟ ହେଉଛି ।

ତମ୍ମନା ଭାଟିଆ, ଅଭିନେତ୍ରୀ

# ବଢୁଛି ଶାକାହାରୀ ହେବା ପାଇଁ ଆଗ୍ରହ



ଆଜିକାଲି ଆମେରିକା ଓ ୟୁରୋପରେ ବିଭିନ୍ନ ରେସ୍ତୋରାଁରେ ବର୍ଗର, ହଟ୍ ଡଗ୍, ସସେଜ୍ ଭଳି ଅନେକ ଫାଷ୍ଟ ଫୁଡ୍ ପୂରାପୁରି ଶାକାହାରୀ ପ୍ରୋସେସ୍‌ରେ ପ୍ରସ୍ତୁତ ହେଉଛି । ତେବେ ବର୍ତ୍ତମାନ ଏହି ଫାଷ୍ଟଫୁଡ୍ ଗୁଡିକ ଲ୍ୟାବ ନୁହେଁ ବରଂ ବିଭିନ୍ନ କମ୍ପାନିରେ ପ୍ରସ୍ତୁତ କରାଯାଉଛି । ଏହି ଖାଦ୍ୟ ଗୁଡିକ କୌଣସି ପ୍ରାଣୀ ନୁହେଁ ବରଂ ଉଦ୍ଭିଦରୁ ପ୍ରସ୍ତୁତ କରାଯାଉଛି । ତେବେ ଏହା ପୂର୍ବରୁ ସୋୟା ଓ ଗଛରୁ ପ୍ରସ୍ତୁତ କ୍ଷୀରକୁ କେବଳ ଆର୍ଲଜି ସମସ୍ୟା ଥିବା ଲୋକ ଗ୍ରହଣ କରୁଥିଲେ । ହେଲେ ବର୍ତ୍ତମାନ ଏହାକୁ ସବୁ ବର୍ଗର ଲୋକ ଗ୍ରହଣ କରିବାକୁ ଆଗ୍ରହ ଦେଖାଉଛନ୍ତି । ଏହି କ୍ଷୀର ବର୍ତ୍ତମାନ ଦୁନିଆର ସମସ୍ତ ବଜାରରେ ମିଳୁଛି । ସେହିଭଳି ପ୍ରାଣୀ ମାଂସର ବିକଳ୍ପ ଭାବେ ଉଦ୍ଭିଦରୁ ପ୍ରସ୍ତୁତ ହେଉଥିବା ଖାଦ୍ୟର କିଣାବିକା ମଧ୍ୟ ବଢିଛି । ତେବେ ଏହି ଶାକାହାରୀ ମାଂସ ଆଜିକାଲିର ନୁହେଁ, ଏହାର ଇତିହାସ ପ୍ରାୟ ୧୫୦୦ ବର୍ଷ ପୁରୁଣା । ବିଭିନ୍ନ ପ୍ରକାରର ପ୍ରକ୍ରିୟାକୁ ଅନୁକରଣ କରି ନକଲି ମାଂସର ପ୍ରସ୍ତୁତି ଅନେକ ଦିନରୁ ଚାଲିଛି । ଚୀନରେ ଅନେକ ଦିନରୁ ସୋୟାରୁ କ୍ଷୀର ପ୍ରସ୍ତୁତ କରି ବ୍ୟବହାର କରାଯାଉଛି । ତେବେ ବର୍ତ୍ତମାନ ଲୋକଙ୍କ ଭିତରେ ଏହା ପାଇଁ ଆଗ୍ରହ ବଢିଛି ।

# ଭୂକମ୍ପ ନିରୋଧୀ ଘର



ଭୂକମ୍ପପ୍ରବଣ ଜାପାନରେ ଘରଗୁଡ଼ିକୁ ସୁରକ୍ଷିତ ରଖିବା ପାଇଁ ଏକ ଅଭିନବ ପ୍ରଯୁକ୍ତିବିଦ୍ୟାର ବିକାଶ କରାଯାଇଛି । ଯାହା ଭୂକମ୍ପ ସମୟରେ ଘରକୁ ଶୂନ୍ୟରେ ଭାସମାନ କରାଇ ସୁରକ୍ଷିତ ରଖିଥାଏ । ଏହି ବୈପ୍ଳବିକ ଭୂକମ୍ପ-ନିରୋଧୀ ମଡେଲକୁ ଜାପାନୀ କମ୍ପାନୀ 'ଏୟାର ଡାନସିନ୍ ସିଷ୍ଟମ୍ସ ଇଙ୍କ'ର ଶୋଇଚି ସାକାମୋଟୋ ଉଦ୍ଭାବନ କରିଛି । ଭାରତୀୟ ବ୍ୟବସାୟୀ ହର୍ଷ ଗୋଏଙ୍କା ଏହାର ଏକ ଫଟୋ ନିଜ ଏକ୍ସ ଆକାଉଣ୍ଟରେ ସେୟାର କରିଛନ୍ତି । ଏହି ପ୍ରଯୁକ୍ତିବିଦ୍ୟାରେ ଭୂକମ୍ପ ଆସିବା ମାତ୍ରେ ସେନ୍ସରଗୁଡ଼ିକ ସକ୍ରିୟ ହୋଇ ଏୟାର କମ୍ପ୍ରେସର ମାଧ୍ୟମରେ ଘର ତଳେ ବାୟୁଚାପ ସୃଷ୍ଟି କରନ୍ତି । ଯାହାଫଳରେ ସମ୍ପୂର୍ଣ୍ଣ ଗୃହ ଭୂପୃଷ୍ଠରୁ ପ୍ରାୟ ୩ ସେଣ୍ଟିମିଟର ଉପରକୁ ଉଠିଯାଇ କମ୍ପନର ପ୍ରଭାବରୁ ରକ୍ଷାପାଇଥାଏ । ଭୂକମ୍ପ କମିଯିବାପରେ ପୁନର୍ବାର ସୁରକ୍ଷିତ ଭାବେ ତଳକୁ ଓହ୍ଲାଇ ଆସିଥାଏ । ବିଦ୍ୟୁତ କାଟ ସମୟରେ ମଧ୍ୟ ଏହାକୁ କାର୍ଯ୍ୟକ୍ଷମ ରଖିବା ପାଇଁ ବ୍ୟାଟେରୀ ବ୍ୟାକଅପ୍ ବ୍ୟବସ୍ଥା ରହିଛି । ପରୀକ୍ଷଣ ସମୟରେ ସୃଷ୍ଟି କରାଯାଇଥିବା କୃତ୍ରିମ ଭୂକମ୍ପ କମ୍ପନରେ ଘରଟି ଶୂନ୍ୟରେ ରହିବା ସହ ଭିତରର କୌଣସି ଜିନିଷପତ୍ର ନଷ୍ଟ ହୋଇନଥିଲା । ବର୍ତ୍ତମାନ ଜାପାନର ପ୍ରାୟ ୯୦ଟି ଘରେ ଏହି ସିଷ୍ଟମ୍ କାର୍ଯ୍ୟକାରୀ ହେଉଥିବାବେଳେ ଅତ୍ୟନ୍ତ ତୀବ୍ର ଭୂକମ୍ପ ସମୟରେ ଏହାର ପ୍ରଭାବଶାଳୀତା କିପରି ରହିବ, ତାହା ଦେଖିବାକୁ ବାକି ରହିଛି ।

## ଇତିହାସ



ସରଳା ଦେବୀ

୧୯୨୭- ଭାରତର ଦ୍ୱିତୀୟ ମହିଳା ପ୍ରଶାସନିକ ଅଧିକାରୀ ତଥା ମଧ୍ୟପ୍ରଦେଶର ପୂର୍ବତନ ରାଜ୍ୟପାଳ ସାରଳା ଗ୍ରେୱାଲ୍‌ଙ୍କ ଜନ୍ମ ।

୧୯୭୭- ତତ୍କାଳୀନ ଭାରତୀୟ ବୈଦେଶିକ ମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ ସଂଯୁକ୍ତରାଷ୍ଟ୍ର ମହାସଭା ବୈଠକକୁ ହିନ୍ଦୀ ଭାଷାରେ ସମ୍ବୋଧନ କଲେ । ହିନ୍ଦୀରେ ଏହା ହେଉଛି ପ୍ରଥମ ସମ୍ବୋଧନ ।

୧୯୮୬- ଓଡ଼ିଆ ସ୍ୱାଧୀନତା ସଂଗ୍ରାମୀ ତଥା ଲେଖିକା ସରଳାଦେବୀଙ୍କର ଦେହାନ୍ତ ।

୧୯୯୬- ପାକିସ୍ତାନର ୧୬ ବର୍ଷୀୟ ବୋଲର ଶାହିଦ ଆଫ୍ରିଦୀ ଦିନିକିଆ ଅନ୍ତର୍ଜାତୀୟ ମ୍ୟାଚ୍‌ରେ ୩୭ ରନ୍‌ରେ ଶତକ କରି ଇତିହାସ ରଚିଲେ ।

୨୦୦୪- ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ନୀଳମଣି ରାଉତରାୟଙ୍କ ପରଲୋକ ।

୨୦୦୮- ଆମେରିକୀୟ ବୈଦେଶିକ ମନ୍ତ୍ରୀ କୋଣ୍ଡୋଲିଜା ରାଇସ୍ ଦିନିକିଆ ଭାରତ ଗସ୍ତରେ ଆସିଥିଲେ ।

୨୦୧୧- ଆଇଏସ୍ ମୁଖ୍ୟ ଅବୁ ବକର୍-ଅଲ୍ ବାଗଦାଦୀଙ୍କୁ ବୈଷୟିକ ଆତଙ୍କବାଦୀ ରୂପେ ଚିହ୍ନଟ କଲା ଆମେରିକା ।

# ଅର୍ଦ୍ଧ ହଳାସନ



ଏହି ଆସନ କରିବା ପାଇଁ ପ୍ରଥମେ ଚଟାଣରେ ଏକ ଆସନ ବିଛାଇ ଶୁଅନ୍ତୁ । ନିଜ ଜଙ୍ଘପାଖରେ ହାତକୁ ତଳମୁହାଁ କରି ରଖନ୍ତୁ । ନିଶ୍ୱାସ ନେବା ସହିତ ଧୀରେଧୀରେ ନିଜ ଗୋଡ ଦୁଇଟିକୁ ଉଠାନ୍ତୁ । ଆଣ୍ଠୁ ଭାଙ୍ଗନ୍ତୁ ନାହିଁ । ଗୋଡକୁ ଅଣ୍ଟା ସହ ଲମ୍ବରେ ସମତଳ କରି ସିଧା ରଖନ୍ତୁ । ଏଭଳି ୫ରୁ ୧୦ ମିନିଟ୍ ରଖନ୍ତୁ । ଏହାପରେ ଧୀରେଧୀରେ ନିଶ୍ୱାସ ଛାଡନ୍ତୁ, ଏବଂ ଗୋଡ ତଳକୁ ଆଣନ୍ତୁ । ଏପରି ୩ରୁ ୫ଥର କରିପାରିବେ । ତେବେ ଯଦି ପିଠିରେ ଯନ୍ତ୍ରଣା, ଅଣ୍ଟାରେ ଯନ୍ତ୍ରଣା ଅଛି ତେବେ ଏହା କରିବାରୁ ନିବୃତ୍ତ ରୁହନ୍ତୁ । ଏହି ଆସନ କରିବା ଦ୍ୱାରା ବିଭିନ୍ନ ପେଟ ସମସ୍ୟାରୁ ମୁକ୍ତି ମିଳିଥାଏ ।

# ଭିନ୍ନ ଅନ୍ଦାଜରେ ୟାମୀ



ୟାମୀ ଗୌତମଙ୍କ ଅଭିନୀତ ଚଳଚ୍ଚିତ୍ର 'ନୟା ନବେଲୀ' ଆସନ୍ତା ୨୦୨୬ ଅକ୍ଟୋବର ୧୬ ତାରିଖରେ ରିଲିଜ ହେବ । ତେବେ ଏହା ଆଗରୁ ଫିଲ୍ମର ଟ୍ରେଲର ରିଲିଜ ହୋଇଛି, ଯାହାକୁ ଦର୍ଶକ ଖୁବ ଭଲପାଇବା ଦେବାରେ ଲାଗିଛନ୍ତି । 'ମାରୀ' ଫେମ୍ ନିର୍ଦ୍ଦେଶକ ବାଲାଜୀ ମୋହନଙ୍କ ଦ୍ୱାରା ନିର୍ମିତ ଏହି ୩ ମିନିଟ୍ ୨ ସେକେଣ୍ଡର ଟ୍ରେଲରରେ ମିରଟର ଏକ ବିଶୃଙ୍ଖଳିତ ପରିବାରକୁ ନବବଧୂ 'ମୋହିନୀ'ର କାହାଣୀକୁ ସ୍ଥାନ ଦିଆଯାଇଛି । ଫିଲ୍ମଟିର କାହାଣୀ କମେଡି ସହିତ ହରର ମଧ୍ୟ ରହିଛି, ଯାହା ଦର୍ଶକଙ୍କୁ ଏକ ଭିନ୍ନ ସ୍ୱାଦ ଦେବ ବୋଲି ମେକର୍ସ ଆଶା ରଖିଛନ୍ତି । ସେହିଭଳି ନିଜ ଚରିତ୍ର ବିଷୟରେ କହି ୟାମୀ ପ୍ରକାଶ କରିଛନ୍ତି ଯେ, ମୋହିନୀ ଚରିତ୍ରର ଆତ୍ମୀୟତା ଓ ରହସ୍ୟ ତାଙ୍କୁ ଏହି ଚରିତ୍ରରେ ଅଭିନୟ କରିବାକୁ ଆକୃଷ୍ଟ କରିଥିଲା । ଦଶହରାରେ ଦର୍ଶକଙ୍କୁ ଏହି ଫିଲ୍ମ ଭେଟି ଦେବାପାଇଁ ସେ ବହୁତ ଉତ୍ସାହିତ ଅଛନ୍ତି । ଆନନ୍ଦ ଏଲ୍. ରାଇ ଏବଂ ଶର୍ମାଙ୍କ କଲର ୟେଲୋ ପ୍ରୋଡକ୍ସନ୍ସ ବ୍ୟାନରରେ ଏହି ଫିଲ୍ମଟି ନିର୍ମିତ ହୋଇଛି । ଫିଲ୍ମରେ ଆଦିନାଥ ଏମ୍. କୋଠାରେ, ଅନୁରାଗ ଠାକୁର, ସୁନୀତା ରାଜୱାର, ମିତା ବଶିଷ୍ଠ ଓ ସୁସ୍ମିତା ମୁଖାର୍ଜୀ ପ୍ରମୁଖ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅଭିନୟ କରିଛନ୍ତି । ଫିଲ୍ମଟି ଦର୍ଶକଙ୍କୁ ଖୁବ ପସନ୍ଦ ଆସିବ ବୋଲି ମେକର୍ସ ଆଶା ରଖିଛନ୍ତି ।



**ମେଷ:** ଅର୍ଥ ଆଦାୟ ହେବ, ପରିବାରର ସମ୍ମାନ ମିଳିବ, ଅତିପୁରାତନ ବନ୍ଧୁଙ୍କ ସହିତ ସାକ୍ଷାତ, ଶୁଭ ଖବର, ଦୂର ଯାତ୍ରା ସଫଳ, ଦାମ୍ପତ୍ୟ ସୁଖ, ସନ୍ତାନ ଲାଭ । ଅଶ୍ୱିନ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଗୋଲାପି, ସଂଖ୍ୟା-୭, ଆରାଧନା- କୁବେର ଭଗବାନ ।

**ବୃଷ:** ମିଥ୍ୟା ଅପବାଦ ମିଳିପାରେ, କିଛି କାର୍ଯ୍ୟରେ ବିଳମ୍ବ, ଅର୍ଥଲାଭ, ବନ୍ଧୁ ଲାଭ, କିଛି କାର୍ଯ୍ୟରେ ସହଯୋଗ ମିଳିବ, ଗୃହେ ଶୁଭ ଆଲୋଚନା, ଧର୍ମ କାର୍ଯ୍ୟ ପ୍ରତି ଆଗ୍ରହ । କୃତ୍ତିକା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ସବୁଜ, ସଂଖ୍ୟା-୬, ଆରାଧନା- ପ୍ରଭୁ ହନୁମାନ ।

**ମିଥୁନ:** ଶୁଭ ଖବର, ଅନୁଷ୍ଠାନରୁ ସହାୟତା, ବନ୍ଧୁ ଲାଭ, ସନ୍ତାନ ଖୁସି, ଯାତ୍ରା ସଫଳ, ଶରୀର ସୁସ୍ଥ, କର୍ମକ୍ଷେତ୍ରରେ ସଫଳ, ନୂତନ ନିଯୁକ୍ତି, ମହିଳାଙ୍କଠାରୁ ବିଶେଷ ସାହାଯ୍ୟ ମିଳିବ । ମୃଗଶିରା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଗ୍ରେ, ସଂଖ୍ୟା-୩, ଆରାଧନା- ମା' ଭୁବନେଶ୍ୱରୀ ।

**କର୍କଟ:** ଶୁଭକାର୍ଯ୍ୟରେ ଧନ ବ୍ୟୟ, ଅନୁଷ୍ଠାନରୁ ସମ୍ମାନ ମିଳିବ, ଶତ୍ରୁ ସମସ୍ୟା, ଗୃହରେ ଉତ୍ସବ, ସମ୍ପତ୍ତି ବବାଦ ସମାଧାନ, ଅଯଥା ଅଶାନ୍ତି, ଦାମ୍ପତ୍ୟ କଳହ । ଅଶ୍ଳେଷା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଆକାଶି, ସଂଖ୍ୟା-୮, ଆରାଧନା- ମା' ଦକ୍ଷିଣକାଳୀ ।

**ସିଂହ:** ହସଖୁସିରେ ବାଧା, ଆୟଠାରୁ ବ୍ୟୟ ଅଧିକ, ବ୍ୟବସାୟରେ ଲାଭ, ଗୃହେ ସହାୟତା, ମନ ଉଦାସ, ଦାମ୍ପତ୍ୟ ଖୁସି, ବନ୍ଧୁ ସାହାଯ୍ୟ । ମଘା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ନାରଙ୍ଗୀ, ସଂଖ୍ୟା-୯, ଆରାଧନା-ପ୍ରଭୁ ଜଗନ୍ନାଥ ।

**କନ୍ୟା:** କର୍ମକ୍ଷେତ୍ରରେ ଶାନ୍ତି ମିଳିବ, ଦୂର ଯାତ୍ରା ସଫଳ, ବନ୍ଧୁ ଲାଭ, ମାନସିକଶାନ୍ତି, ସମ୍ପତ୍ତି ଖୁସି, ହଠାତ୍ ଶୁଭ ଖବର ମିଳିବ, ଭ୍ରାତୃ ସ୍ନେହ, ପିଲାଙ୍କ ଚିନ୍ତା, ନୂତନ କାର୍ଯ୍ୟରେ ସନ୍ତୁଷ୍ଟ । ଉତ୍ତରାଫାଲଗୁନି ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ନୀଳ, ସଂଖ୍ୟା-୯, ଆରାଧନା- ମା' ସୁଭଦ୍ରା ।

**ତୁଳା:** ଅଯଥା ଖର୍ଚ୍ଚ, ମାନସିକ ଅଶାନ୍ତି, ବନ୍ଧୁ ଦ୍ୱାରା ଲାଭ, ଦୂର ସ୍ଥାନକୁ ଯାତ୍ରା, ବ୍ୟବସାୟରେ ସ୍ୱଳ୍ପ ଲାଭ, ଗଚ୍ଛିତ ଧନ ଖର୍ଚ୍ଚ, ସମ୍ପତ୍ତି ବିବାଦର ସମାଧାନ, ଶାରୀରିକ ସୁସ୍ଥ, ସନ୍ତାନ ସମସ୍ୟା ଦୂର । ଚିତ୍ରା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ସବୁଜ, ସଂଖ୍ୟା-୭, ଆରାଧନା-ମହାଲକ୍ଷ୍ମୀ ।

**ବିଛା:** ମାନସିକ ଆଘାତ, ଦୂର ଯାତ୍ରାରେ ସତର୍କ, ଶତ୍ରୁ ସମସ୍ୟା, ବ୍ୟବସାୟରେ ସ୍ୱଳ୍ପ ଲାଭ, ସନ୍ତାନ ସ୍ନେହ ମିଳିବ, ବନ୍ଧୁ ଦ୍ୱାରା ଲାଭ ପ୍ରାପ୍ତି, ପୁରାତନ କାର୍ଯ୍ୟରେ ଶାନ୍ତି । ବିଶାଖା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ହଳଦୀ, ସଂଖ୍ୟା-୨, ଆରାଧନା- ଭଗବାନ ବିଷ୍ଣୁ ।

**ଧନୁ:** ମାନସିକ ଖୁସି, ମହିଳା ବନ୍ଧୁଙ୍କ ସହଯୋଗ, କର୍ମକ୍ଷେତ୍ରରେ ଶାନ୍ତି, ସ୍ୱାଦିଷ୍ଟ ଭୋଜନ, ନେତୃତ୍ୱରେ ବିଜୟ, ଶୁଭ ଖବର, ଅର୍ଥ ଲାଭ, ଯାତ୍ରା ସଫଳ । ମୂଳା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୬, ଆରାଧନା- ମା' ଭଗବତୀ ।

**ମକର:** ସ୍ୱାସ୍ଥ୍ୟରେ ଉନ୍ନତି, ବନ୍ଧୁ ସହଯୋଗ, ଦୂର ଯାତ୍ରା ସଫଳ, ଅଯଥା ଖର୍ଚ୍ଚ, ଅର୍ଥ ଲାଭ, ଶତ୍ରୁ ପରାଜିତ, ଶୁଭ ଆଲୋଚନା, ନୂତନ କର୍ମ ପ୍ରାପ୍ତି, ସମ୍ପତ୍ତି ଲାଭ । ଉତ୍ତରାଷାଢ଼ା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ବାଇଗଣୀ, ସଂଖ୍ୟା-୯, ଆରାଧନା- ମା' ବାଟମଙ୍ଗଳା ।

**କୁମ୍ଭ:** ଶିକ୍ଷା କ୍ଷେତ୍ରରେ ଶୁଭ, ବନ୍ଧୁ ଲାଭ, ଶରୀର ସୁସ୍ଥ, ଦେବକାର୍ଯ୍ୟରେ ବିଳମ୍ବ, ଅର୍ଥ ଲାଭ, ଦାମ୍ପତ୍ୟ ସୁଖ, ମାନସିକ ଖୁସି, ସମସ୍ୟା ସମାଧାନ । ଧନିଷ୍ଠା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ନୀଳ, ସଂଖ୍ୟା-୫, ଆରାଧନା- ମା' ଭୂଆଷୁଣୀ ।

**ମୀନ:** ଶାରୀରିକ ଅସୁସ୍ଥ, ଅଯଥା ଖର୍ଚ୍ଚ, ପୁରାତନ ବନ୍ଧୁ ସାହାଯ୍ୟ, ଶୁଭ ଆଲୋଚନା, ଶତ୍ରୁ ସମସ୍ୟା, କର୍ମକ୍ଷେତ୍ରରେ ପରିଶ୍ରମ, ବ୍ୟବସାୟରେ ସ୍ୱଳ୍ପ ଲାଭ, କିଛି କାର୍ଯ୍ୟକୁ ନେଇ ଦୂର ଯାତ୍ରା, ଦାମ୍ପତ୍ୟ ଖୁସି । ପୂର୍ବଭାଦ୍ର ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ହଳଦୀ, ସଂଖ୍ୟା-୪, ଆରାଧନା- ମା' ବଗଳାମୁଖୀ ।

**ଆଶ୍ୱିନ କୃଷ୍ଣ ପକ୍ଷ ନବମୀ**
**୪.୧୦.୨୦୨୬, ରବିବାର**



ପଣ୍ଡିତ: ସତ୍ୟଶିବ ନନ୍ଦ
(ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ)
ମୋ:୮୯୧୭୨୮୪୩୩୮

R.N.I. REGN. No. 65000/96 POSTAL REGN. No. OR/BN-32/12-14

ଏକତ୍ରିଂଶତମ ବର୍ଷ
ସଂଖ୍ୟା : ୦୩
ତିଥି: ନବମୀ
୦୪ ଅକ୍ଟୋବର ୨୦୨୬, ରବିବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦
ରଙ୍ଗିନ ତରଙ୍ଗ ଟାବଲଏଡ ସହ

# ସମୟ

SAMAYA

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

04 October 2026, Sunday

30th ANNIVERSARY

Bhubaneswar | Balasore | Angul | Berhampur | Sambalpur

## ଏସିଆନ ଗେମ୍ସ

# ହକି, କ୍ରିକେଟ୍, କୁସ୍ତି, ଗଲ୍ଫ ଓ ଆର୍ଚେରୀରେ ଭାରତକୁ ସ୍ୱର୍ଣ୍ଣ



- ଭାରତର ସୁବର୍ଣ୍ଣ ଶନିବାର
- କ୍ରିକେଟରେ ପାକିସ୍ତାନକୁ ହରାଇ ସ୍ୱର୍ଣ୍ଣ
- କୁସ୍ତିରେ ଅମନଙ୍କୁ ସ୍ୱର୍ଣ୍ଣ, ଅନ୍ତିମଙ୍କୁ ରୌପ୍ୟ
- ଗଲ୍ଫରେ ଇତିହାସ ରଚିଲେ ପ୍ରଣବୀ
- ତୀରନ୍ଦାଜୀରେ କୁମକୁମଙ୍କ ଐତିହାସିକ ସ୍ୱର୍ଣ୍ଣ

ନାଗୋୟା, ୩।୧୦ : ଏସିଆଡର ଶେଷ ଦିନ ଭାରତ ପାଇଁ ପାଲଟିଲା ସୁବର୍ଣ୍ଣମୟ। ହକି, କ୍ରିକେଟ୍, କୁସ୍ତି, ଗଲ୍ଫ ଓ ତୀରନ୍ଦାଜୀରେ ଭାରତୀୟ କ୍ରୀଡ଼ାବିତ୍‌ମାନେ ଦମଦାର ପ୍ରଦର୍ଶନ କରି ଏକାଧିକ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଶନିବାରର ସଫଳତା ପରେ ଭାରତର ମୋଟ ପଦକ ସଂଖ୍ୟା ୮୫ରେ ପହଞ୍ଚିଛି। ଏଥିରେ ୨୧ ସ୍ୱର୍ଣ୍ଣ, ୨୭ ରୌପ୍ୟ ଓ ୩୭ କାଂସ୍ୟ ରହିଛି। ଦିନର ସବୁଠାରୁ ବଡ଼ ଆକର୍ଷଣ ଥିଲା ପୁରୁଷ ହକି। ଫାଇନାଲରେ ଭାରତ ମାଲେସିଆକୁ ୫-୧ ଗୋଲରେ ପରାସ୍ତ କରି ଲଗାତାର ଦ୍ୱିତୀୟ ଏସିଆଡ୍ ସ୍ୱର୍ଣ୍ଣ ଜିତିଛି। ଅଧିନାୟକ ହରମନପ୍ରୀତ ସିଂହ ଦୁଇଟି ଗୋଲ୍ କରିଥିବା ବେଳେ ଜୁଗରାଜ ସିଂହ, ହାର୍ଦ୍ଦିକ ସିଂହ ଓ ଶିଳାନନ୍ଦ ଲାକ୍ରା ଗୋଟିଏ ଲେଖାଏଁ ଗୋଲ୍ କରିଥିଲେ। ମାଲେସିଆ ପକ୍ଷରୁ ସେଲୋ ସିଲଭେରିୟସ୍ ଏକମାତ୍ର ଗୋଲ୍ କରିଥିଲେ। ହରମନପ୍ରୀତ ୧୧ତମ ଓ ୫୭ତମ ମିନିଟ୍‌ରେ ଗୋଲ୍ କରିଥିଲେ। ଏହା ସହିତ ସେ ୧୨ଟି ଗୋଲ୍ ସହ ଟୁର୍ଣ୍ଣାମେଣ୍ଟର ସର୍ବାଧିକ ସ୍କୋରର ହୋଇଛନ୍ତି। ଏହି ବିଜୟ ଭାରତକୁ ୨୦୨୮ ଲସ୍ ଏଞ୍ଜେଲସ୍ ଅଲିମ୍ପିକ୍ସ ପାଇଁ ସିଧାସଳଖ ଯୋଗ୍ୟତା ମଧ୍ୟ ଦେଇଛି। ୧୯୬୬, ୧୯୯୮, ୨୦୧୪ ଓ ୨୦୨୨ ପରେ ଏହା ଏସିଆଡ୍‌ରେ ଭାରତର ପଞ୍ଚମ ପୁରୁଷ ହକି ସ୍ୱର୍ଣ୍ଣ। ଏଥର ପ୍ରଥମ ଥର ପାଇଁ ଏକେ ଏସିଆଡ୍‌ରେ ଭାରତର ଉଭୟ ପୁରୁଷ ଓ ମହିଳା ହକି ଦଳ ସ୍ୱର୍ଣ୍ଣ ଜିତିଛନ୍ତି।

ପୁରୁଷ ଟି-୨୦ କ୍ରିକେଟ୍ ଫାଇନାଲରେ ମଧ୍ୟ ଭାରତର ବିଜୟ ହୋଇଛି। ପାକିସ୍ତାନକୁ ୧୯ ରନ୍‌ରେ ପରାସ୍ତ କରି ଭାରତ ଏସିଆଡରେ ନିଜ ଟାଇଟଲ୍ ବଜାୟ ରଖିଛି। ପ୍ରଥମେ ବ୍ୟାଟିଂ କରି ଭାରତ ୨୧୧/୬ ରନ୍ କରିଥିଲା। ଅଭିଷେକ ଶର୍ମା ମାତ୍ର ୨୮ ବଲ୍‌ରୁ ୬୧ ରନ୍ (୯ ପୃଷ୍ଠାରେ)

## ନୟାପଲ୍ଲୀ ଦୁଷ୍କର୍ମକାରୀକୁ ଏନ୍‌କାଉଣ୍ଟର

ଭୁବନେଶ୍ୱର, ୩।୧୦ (ସବ୍ୟୁ) : ନୟାପଲ୍ଲୀ ଦୁଷ୍କର୍ମ ମାମଲାର ଅଭିଯୁକ୍ତ ଶ୍ରୀଧର ପଣ୍ଡାକୁ କମିଶନରେଟ ପୋଲିସ ଚନ୍ଦକା ଥାନା ଅନ୍ତର୍ଗତ ଅନ୍ଧାରୁଆରେ ଏନକାଉଣ୍ଟର କରିଛି। ପୋଲିସ ଶ୍ରୀଧରକୁ ଧରିବା ଉଦ୍ୟମ କରିବା ବେଳେ ସେ ଜଣେ ଏସଆଇଙ୍କୁ ସ୍କ୍ରୁଡ୍ରାଇଭରରେ ଆକ୍ରମଣ କରି ଖସିଯିବାକୁ ଉଦ୍ୟମ କରିବାରୁ ପୋଲିସ ଗୁଳି ଚଳାଇଥିଲା । ପୋଲିସ ପକ୍ଷରୁ ଦୁଇ ରାଉଣ୍ଡ ଗୁଳି ଚାଳନା ହୋଇଥିବା ବେଳେ ଗୋଟିଏ ଗୁଳି ତା ଡାହାଣ ଗୋଡରେ ବାଜିଥିଲା । ସେ ଆହତ ହୋଇ ତଳେ ପଡିଯିବା ପରେ ପୋଲିସ ତାକୁ କାବୁ କରି ନେଇଥିଲା । ଚିକିସା ପାଇଁ ଶ୍ରୀଧରକୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି ।

ନୟାପଲ୍ଲୀ ଥାନା ଅଞ୍ଚଳରେ ରହୁଥିବା ଜଣେ ଯୁବତୀ ଗତ ବୁଧବାର ରାତିରେ ଭଡା ଘରେ (୯ ପୃଷ୍ଠାରେ)

## ଜ୍ଞାନେଶଙ୍କ ଇସ୍ତଫା ଦାବିରେ ଯନ୍ତରମନ୍ତରରେ ପୁଣି ପ୍ରତିବାଦ

ନୂଆଦିଲ୍ଲୀ, ୩।୧୦ : ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ବିରୋଧରେ ଶୁକ୍ରବାର ହୋଇଥିବା ବିକ୍ଷୋଭରେ ୧୦୦୦ରୁ ଅଧିକ ଲୋକଙ୍କୁ ଅଟକ ରଖାଯିବାର ଦିନକ ପରେ ଶନିବାର ପୁଣି ଦିଲ୍ଲୀର ଜନ୍ତରମନ୍ତରରେ ଏକାଠି ହୋଇଥିଲେ ଅଲ୍ ଇଣ୍ଡିଆ ଷ୍ଟୁଡେଣ୍ଟସ୍ ଆସୋସିଏସନ୍ (ଏଆଇଏସ୍ଏ) ର କର୍ମୀ। ଏହି ସମୟରେ ପୁଲିସ କେତେକ ପ୍ରତିବାଦକାରୀଙ୍କୁ ଅଟକ ରଖିଥିଲା।

ବିକ୍ଷୋଭକୁ ଦୃଷ୍ଟିରେ ରଖି ଜନ୍ତରମନ୍ତରକୁ ସଂଯୋଗ କରୁଥିବା ରାସ୍ତାଗୁଡ଼ିକରେ ବ୍ୟାରିକେଡ୍ ଲଗାଯିବା ସହ ବିଭିନ୍ନ ସ୍ଥାନରେ ସୁରକ୍ଷାକର୍ମୀ ମୁତୟନ ହୋଇଥିଲେ। ଶନିବାର ପୁଣିଥରେ ବିକ୍ଷୋଭ ପାଇଁ ଏଆଇଏସ୍ଏ କର୍ମୀମାନେ ଏକାଠି ହୋଇଥିଲେ।

ଶୁକ୍ରବାରର ବିକ୍ଷୋଭ ସମୟରେ ଅଟକ ରଖାଯାଇଥିବା ଏଆଇଏସ୍ଏର ଜାତୀୟ ସଭାପତି ନେହା ବୋରା ପୁନର୍ବାର ଆନ୍ଦୋଳନ ପାଇଁ ଆହ୍ୱାନ ଦେଇଥିଲେ। ସେ ଏକ ଭିଡିଓ ବାର୍ତ୍ତାରେ ଶନିବାର ଅପରାହ୍ନ (୯ ପୃଷ୍ଠାରେ)




KALINGA INSTITUTE OF INDUSTRIAL TECHNOLOGY
KIIT Deemed to be University
(Established U/S 3 of UGC Act 1956), Bhubaneswar, Odisha, India
Organisation in Special Consultative Status with the United Nations Economic & Social Council (UN-ECOSOC)
PURPOSE TO PEARL 1997 - 2027

22nd ANNUAL CONVOCATION 2026

3 - 5 October, 2026 · KIIT Convention Centre

Gracious Presence following Personalities

His Excellency
Shri Nand Kishore Yadav
Hon'ble Governor, Nagaland

Dr. Ashok Kumar Lahiri
Hon'ble Vice Chairperson, NITI Aayog, Government of India

Prof. Gobardhan Das
Hon'ble Member, NITI Aayog, Government of India

Congressman Michael Baumgartner
Hon'ble Member, United States House of Representatives

Dr. Brock Tessman
President, Montana State University, USA

MONTANA STATE UNIVERSITY, USA
- Prof. Dilpreet Bajwa, Dept. Head, Mech. & Ind. Engg.
- Dr. Sally Mudiamu, Dean, Intl. Prog. & Global Engagement
- Mr. James Tobin

ROMANIA
- Prof. Cezar Ionut Spînu, Rector, University of Craiova
- Ms. Lia Olguta Vasilescu, Mayor, City of Craiova
- Ms. Alina Sorina Spînu
- Ms. Lidia Ramona Cazacu
- Dr. Ion Sorin Cazacu

DOMINICAN REPUBLIC
- Mr. Erik Federico Pérez Vega, Rector, APEC University
- Mrs. Ana María Pérez Mateo

ARGENTINA
- Mr. Jorge Calzoni, Rector, National University of Avellaneda (UNDAV)
- Dr. Juan Francisco Petrillo
- Mr. Santiago Tangir

This year, the **KIIT Convocation** will be held over three days from **3rd - 5th October 2026**, discipline-wise, to facilitate greater participation of students and parents.

KIIT-DU, Patia, Bhubaneswar, Odisha, India 751024 | kiit@kiit.ac.in | www.kiit.ac.in | KIIT (Deemed to be University) has only one permanent campus in Bhubaneswar, Odisha. It has no other campus / off campus anywhere else in the country and globe.



୭ମ ଓଡ଼ିଶା ଟ୍ରାଭେଲ ବଜାର ଉଦଘାଟନ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସାକ୍ଷାତ କରୁଛନ୍ତି କିମ୍ବଦନ୍ତୀ କ୍ରିକେଟର କପିଲ୍ ଦେବ

### ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା 'ଓଡ଼ିଶା ଟ୍ରାଭେଲ ବଜାର'ର ସପ୍ତମ ସଂସ୍କରଣ ଉଦ୍‌ଘାଟିତ

# ଓଡ଼ିଶାକୁ ପର୍ଯ୍ୟଟକଙ୍କ ସ୍ୱର୍ଗ ଭାବେ ଗଢ଼ିତୋଳିବାକୁ ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ

ଭୁବନେଶ୍ୱର, (ସବ୍ୟୁ) : ରାଜ୍ୟର ପର୍ଯ୍ୟଟନ କ୍ଷେତ୍ରକୁ ବିଶ୍ୱସ୍ତରରେ ଏକ ନୂତନ ପରିଚୟ ପ୍ରଦାନ କରିବା ଏବଂ ବ୍ୟାପକ ପୁଞ୍ଜିନିବେଶକୁ ଆକୃଷ୍ଟ କରିବାର ମହତ୍ତ୍ୱପୂର୍ଣ୍ଣ ଲକ୍ଷ୍ୟ ନେଇ ଭୁବନେଶ୍ୱରଠାରେ 'ଓଡ଼ିଶା ଟ୍ରାଭେଲ ବଜାର'ର ସପ୍ତମ ସଂସ୍କରଣ ଉଦଘାଟିତ ହୋଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ବୃହତ ପର୍ଯ୍ୟଟନ ମହାକୁମ୍ଭକୁ ଉଦଘାଟନ କରିଛନ୍ତି। ଦେଶବିଦେଶରୁ ଆସିଥିବା ନିବେଶକ, ହସ୍ପିଟାଲିଟି ବ୍ରାଣ୍ଡ ଏବଂ ଟୁରିଜିମ୍ ପାର୍ଟନରମାନେ ଓଡ଼ିଶାର ଅସୀମ ସମ୍ଭାବନାକୁ ଉପଯୋଗ କରି ପୁଞ୍ଜିନିବେଶ କରିବାକୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଓଡ଼ିଶାକୁ ପର୍ଯ୍ୟଟକଙ୍କ ପାଇଁ ଏକ ଆଦର୍ଶ ଓ ସ୍ୱର୍ଗ ଭାବେ ଗଢ଼ିତୋଳିବାକୁ ସମସ୍ତଙ୍କୁ ଆହ୍ୱାନ ଜଣାଇଛନ୍ତି। ରାଜ୍ୟର ପର୍ଯ୍ୟଟନ କ୍ଷେତ୍ରର ଦ୍ରୁତ ବିକାଶ ପାଇଁ ସରକାର 'ଅତ୍ୟାଧୁନିକ ନୀତି ଅନୁଯାୟୀ ଷ୍ଟାର୍ ହୋଟେଲଗୁଡ଼ିକ ପାଇଁ କୋଠରୀ ସଂଖ୍ୟା ସର୍ବନିମ୍ନ ୫୦ରୁ ହ୍ରାସ କରାଯାଇ ୧୦ କରାଯାଇଥିବାବେଳେ ପୁଞ୍ଜି ସବ୍‌ସିଡି ସୀମାକୁ ୨୦ କୋଟିରୁ ବୃଦ୍ଧି କରାଯାଇ ସର୍ବାଧିକ ୧୨୦ କୋଟି



ଟଙ୍କା ପର୍ଯ୍ୟନ୍ତ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ସେହିପରି ଗୁଣାତ୍ମକ ମୌଳିକ ଭିତ୍ତିଭୂମି ନିର୍ମାଣ ନିମନ୍ତେ ୨୦୨୬ ରୁ ୨୦୩୧ ମଧ୍ୟରେ ୧,୫୦୦ କୋଟି ଟଙ୍କାର ବଜେଟ୍ ଏବଂ ୫,୫୦୦ ଏକର ପରିମିତ ବିଶାଳ 'ଲ୍ୟାଣ୍ଡ ବ୍ୟାଙ୍କ'କୁ ମଞ୍ଜୁରୀ ଦିଆଯାଇଛି, ଯାହା ଦ୍ୱାରା ରାଜ୍ୟରେ ନୂତନ ହୋଟେଲ ଓ ରିସର୍ଟ ନିର୍ମାଣ ପାଇଁ ପଥ ସୁଗମ ହୋଇଛି। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି ଯେ ଓଡ଼ିଶା କେବଳ ଗୋଟିଏ ଗନ୍ତବ୍ୟସ୍ଥଳ ନୁହେଁ, ଓଡ଼ିଶା ନିଜେ ଏକ ବିଶ୍ୱ ଅନୁଭୂତି। ଆମର ବୌଦ୍ଧ ଐତିହ୍ୟ, ହସ୍ତତନ୍ତ, ଐତିହ୍ୟସ୍ଥଳୀ, ବିଶାଳ ଚିଲିକା ଏବଂ ଇକୋ-ଟୁରିଜିମ୍ ଏହାର ପ୍ରମାଣ। କାର୍ଯ୍ୟକ୍ରମରେ ଯୋଗଦେଇ ଭାରତୀୟ କ୍ରିକେଟ୍ ଦଳର ପୂର୍ବତନ କ୍ୟାପ୍ଟେନ୍ ତଥା କିମ୍ବଦନ୍ତୀ ଖେଳାଳି କପିଲ ଦେବ କ୍ରୀଡ଼ା ଏବଂ ଦେଶର ବିକାଶ ସମ୍ପର୍କରେ ଏକ ଗୁରୁତ୍ୱପୂର୍ଣ୍ଣ ମତ ରଖିଛନ୍ତି। ସେ କହିଛନ୍ତି ଯେ ଓଡ଼ିଶା କେବଳ ପର୍ଯ୍ୟଟନ ନୁହେଁ, ବରଂ ଭାରତୀୟ ହକିକୁ ଆଗକୁ ବଢ଼ାଇବାରେ ଏକ ବିଶାଳ ଭୂମିକା ଗ୍ରହଣ କରିଛି। ଆଜି ଆମେ ଗର୍ବର ସହ କହିପାରିବା ଯେ ଆଗାମୀ ଦିନରେ ଓଡ଼ିଶା କେବଳ ପର୍ଯ୍ୟଟନ କ୍ଷେତ୍ରରେ ନୁହେଁ, ବରଂ ଭାରତର 'ସ୍ପୋର୍ଟ୍ସ ହବ୍' ବା କ୍ରୀଡ଼ାର ପ୍ରମୁଖ କେନ୍ଦ୍ର ଭାବେ ପରିଣତ ହେବ।

କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଏକାଧିକ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ, ପୋର୍ଟାଲ ଏବଂ ଏକ ସ୍ୱତନ୍ତ୍ର କଫି ଟେବୁଲ୍ ବୁକ୍ 'ପିଠା, ମିଠା ପଣା' କୁ ଲୋକାର୍ପିତ କରିଛନ୍ତି। ଏହାସହ ରାଜ୍ୟ ପର୍ଯ୍ୟଟନର ପ୍ରଚାର ପ୍ରସାର ପାଇଁ ନୂତନ 'ଓଡ଼ିଶା ଟୁରିଜିମ୍ ପୋର୍ଟାଲ୍' ଏବଂ ନିବେଶକଙ୍କ ସୁବିଧା ପାଇଁ 'ଓଡ଼ିଶା ଟୁରିଜିମ୍ ଇନ୍‌ଭେଷ୍ଟମେଣ୍ଟ ଇନ୍‌ସେଣ୍ଟିଭ୍ ମ୍ୟାନେଜମେଣ୍ଟ ସିଷ୍ଟମ'ର ୱେବ୍ ଆପ୍ଲିକେଶନ୍ ମଧ୍ୟ ଶୁଭାରମ୍ଭ ହୋଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଆଗାମୀ 'ପୁରୀ କୋଷ୍ଟାଲ ମାରାଥନ୍'ର ଜର୍ସିକୁ ମଧ୍ୟ ଉନ୍ମୋଚନ କରିଥିଲେ। ଏହି ସମାରୋହରେ ମୁଖ୍ୟ ସଚିବ ଶ୍ରୀମତୀ ଅନୁ ଗର୍ଗ, ପର୍ଯ୍ୟଟନ ବିଭାଗ କମିଶନର-ତଥା-ସଚିବ ଶ୍ରୀ ବଳୱନ୍ତ ସିଂହ, ପର୍ଯ୍ୟଟନ ନିର୍ଦ୍ଦେଶକ ଶ୍ରୀ ଦୀପଙ୍କର ମହାପାତ୍ର, ଏଫ୍‌ଆଇସିସିଆଇ ଜାତୀୟ ପର୍ଯ୍ୟଟନ କମିଟିର କୋ-ଚେୟାରମ୍ୟାନ୍ ଡା. ଜେ.କେ. ମହାନ୍ତି, ସେଲିବ୍ରିଟି ଓଡ଼ିଆ କୁଇଜିନ୍ ବ୍ରାଣ୍ଡ ଆମ୍ବାସାଡର ରଣବୀର ବ୍ରାର, ଏବଂ ଏସୀୟ କ୍ରୀଡ଼ା ପୋଲ୍-ଭଲ୍ଟ ଜାତୀୟ ରେକର୍ଡଧାରୀ ବରଣିକା ଏଲାଙ୍ଗୋଭାନ୍, ପ୍ରମୁଖ ବିଶିଷ୍ଟ ବ୍ୟକ୍ତିମାନେ ଯୋଗଦେଇ ରାଜ୍ୟର ପର୍ଯ୍ୟଟନ ଭବିଷ୍ୟତ ସମ୍ପର୍କରେ ମତ ରଖିଥିଲେ।

**ପର୍ଯ୍ୟଟନର ପ୍ରଚାର ପାଇଁ ନୂତନ 'ଓଡ଼ିଶା ଟୁରିଜିମ୍ ପୋର୍ଟାଲ୍' ଏବଂ 'ଇନଭେଷ୍ଟମେଣ୍ଟ ଇନ୍‌ସେଣ୍ଟିଭ୍ ୱେବ୍ ଆପ୍ଲିକେଶନ୍'ର ଶୁଭାରମ୍ଭ**

### ୨୦୨୬ ଏସିଆନ୍ସ ଗେମ୍ସରେ ଭାରତୀୟ ହକି ଦଳର ସ୍ୱର୍ଣ୍ଣପଦକ

# ଅମିତ, ଶିଳାନନ୍ଦଙ୍କ ସହ କଥା ହୋଇ ଅଭିନନ୍ଦନ ଜଣାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, (ସବ୍ୟୁ): ଜାପାନରେ ଅନୁଷ୍ଠିତ ୨୦୨୬ ଏସିଆନ୍ସ ଗେମ୍ସରେ ଉଭୟ ଭାରତୀୟ ପୁରୁଷ ଓ ମହିଳା ହକି ଦଳ ସ୍ୱର୍ଣ୍ଣପଦକ ଜିତି ଦେଶ ପାଇଁ ଗୌରବ ଆଣିଛନ୍ତି । ଦେଶର ଏହି ଆନନ୍ଦ ଓ ଗୌରବମୟ ମୁହୂର୍ତ୍ତରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଟେଲିଫୋନ ଯୋଗେ ଜାତୀୟ ପୁରୁଷ ଦଳରେ ସାମିଲ ଥିବା ଓଡ଼ିଆ ଖେଳାଳୀ ଅମିତ ରୋହିଦାସ ଏବଂ ଶିଳାନନ୍ଦ ଲାକ୍ରାଙ୍କ ସହ କଥା ହୋଇ ସେମାନଙ୍କୁ ସାଢ଼େ ଚାରିକୋଟି ରାଜ୍ୟବାସୀ ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଥିଲେ । ମୁଖ୍ୟମନ୍ତ୍ରୀ ଅମିତ ରୋହିଦାସଙ୍କ



ଡିଫେନ୍ସିଭ୍ ଷ୍ଟାଇଲ୍‌କୁ ପ୍ରଶଂସା କରିବା ସହ ଶିଳାନନ୍ଦଙ୍କ ଗୋଲ୍ ପାଇଁ ଗର୍ବିତ ବୋଲି କହିଥିଲେ । ଆପଣ ଦୁଇଜଣ ଦେଶର ଯୁବବର୍ଗଙ୍କ ପାଇଁ ପ୍ରେରଣା । ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଆଶୀର୍ବାଦ ଏବଂ ସାଢ଼େ ଚାରିକୋଟି ଓଡ଼ିଶା ବାସୀଙ୍କ ଶୁଭକାମନା ଆପଣମାନଙ୍କ ସହିତ ସବୁବେଳେ ଅଛି ଓ ରହିବ ବୋଲି ସେ କହିଥିଲେ । ଆପଣମାନଙ୍କ ଓଡ଼ିଶା ଫେରିବା ବାଟକୁ ଆମେ ସମସ୍ତେ ଚାହିଁ ରହିଛୁ ବୋଲି ସେ କହିଥିଲେ । ଆଜି ସମଗ୍ର ଓଡ଼ିଶା ଆପଣମାନଙ୍କ ପାଇଁ ଗର୍ବ ଅନୁଭବ କରୁଛି, ଆପଣମାନେ ଆଗକୁ ଆହୁରି ବିଜୟ ଲାଭ କରି ଦେଶ ଓ ରାଜ୍ୟ ପାଇଁ ଗୌରବ ଆଣିବେ ବୋଲି ମୁଖ୍ୟମନ୍ତ୍ରୀ କାମନା କରିଥିଲେ ।

### ସାନ୍ତାଳୀ ଭାଷାର ଉନ୍ନତି ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ସାନ୍ତାଳୀ ବିଶେଷଜ୍ଞ କମିଟି

# ଜନଜାତି ଭାଷା ଓ ସାହିତ୍ୟର ସଂରକ୍ଷଣ ପାଇଁ ସରକାର ପ୍ରତିବଦ୍ଧ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, (ସବ୍ୟୁ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ତାଙ୍କ ସରକାରୀ ବାସଭବନରେ ସାନ୍ତାଳୀ ଭାଷା ବିଶେଷଜ୍ଞ କମିଟିର ସଦସ୍ୟ ଓ ବିଭିନ୍ନ ସଂଗଠନର ସଂଯୋଜକମାନେ ସାକ୍ଷାତ କରି ସାନ୍ତାଳୀ ଭାଷାର ଅଭିବୃଦ୍ଧି ପାଇଁ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିଛନ୍ତି। ସାନ୍ତାଳୀ ଭାଷାକୁ ଅଲଚିକି ଲିପି ମାଧ୍ୟମରେ ସଂଖ୍ୟାଲଘୁ ଭାଷାର ମାନ୍ୟତା ଏବଂ ଶୈକ୍ଷିକ ସୁବିଧା ପ୍ରଦାନ ନିମନ୍ତେ ପ୍ରତିନିଧିମଣ୍ଡଳ ସ୍ମାରକପତ୍ର ପ୍ରଦାନ କରିବା ପରେ, ମୁଖ୍ୟମନ୍ତ୍ରୀ ସେମାନଙ୍କର ପ୍ରତ୍ୟେକଟି ଦାବିକୁ ଅତ୍ୟନ୍ତ ଗମ୍ଭୀରତା ଓ ସହାନୁଭୂତିର ସହ ଶୁଣିଥିଲେ। ଏହି ଆଲୋଚନାରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆମ ଦେଶର ସର୍ବୋଚ୍ଚ ପଦବୀ ରାଷ୍ଟ୍ରପତି ଆସନରେ ଜଣେ ସାନ୍ତାଳୀ ନାରୀ- ଦ୍ରୌପଦୀ ମୁର୍ମୁ ଅଳଙ୍କୃତ ହୋଇଛନ୍ତି, ଯାହାକି ସମଗ୍ର ସାନ୍ତାଳୀ ସମାଜ ସମେତ ସମଗ୍ର ଦେଶ ପାଇଁ ଅତ୍ୟନ୍ତ ଗର୍ବ ଓ ଗୌରବର ବିଷୟ।



ସାନ୍ତାଳୀ ଭାଷାକୁ ଏନ୍‌ଇପି-୨୦୨୦ ର ତ୍ରିଭାଷୀ ସୂତ୍ର ଅନ୍ତର୍ଗତ ୧ମରୁ ୧୦ମ ଶ୍ରେଣୀ ଏବଂ ଉଚ୍ଚ ମାଧ୍ୟମିକ ସ୍ତରରେ ଏମ୍‌ଆଇଏଲ୍ ତଥା ଇଲେକ୍ଟିଭ୍ ଭାବେ ପ୍ରଚଳନ କରିବା, ଶିକ୍ଷକ ନିଯୁକ୍ତି ଏବଂ ବାରିପଦା, ବାଲେଶ୍ୱର ଓ ଆନନ୍ଦପୁରର ଶିକ୍ଷକଶିକ୍ଷା ମହାବିଦ୍ୟାଳୟରେ ବି.ଇଡି. ପାଇଁ ସ୍ୱତନ୍ତ୍ର ଆସନ ବ୍ୟବସ୍ଥା ନେଇ ରହିଥିବା ଦାବିଗୁଡ଼ିକ ଉପରେ ମୁଖ୍ୟମନ୍ତ୍ରୀ ଆଶ୍ୱାସନା ଦେଇ କହିଥିଲେ ଯେ ରାଜ୍ୟ ସରକାର ଜନଜାତି ଭାଷା ଓ ସାହିତ୍ୟର ସଂରକ୍ଷଣ ପାଇଁ ସର୍ବଦା ପ୍ରତିବଦ୍ଧ। ବିଶେଷଜ୍ଞ କମିଟିର ସୁପାରିଶ ଏବଂ ସାନ୍ତାଳୀ ସମ୍ପ୍ରଦାୟର ସର୍ବାଙ୍ଗୀନ ଉନ୍ନତି ପାଇଁ ସରକାର ସମସ୍ତ ଯଥୋଚିତ ତଥା ସକାରାତ୍ମକ ପଦକ୍ଷେପ ଖୁବଶୀଘ୍ର ଗ୍ରହଣ କରିବେ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। ଉକ୍ତ ବୈଠକରେ ପଦ୍ମଶ୍ରୀ ଡଃ ଦମୟନ୍ତୀ ବେଶ୍ରା, କେନ୍ଦ୍ରୀୟ ସାହିତ୍ୟ ଏକାଡେମୀ ସଂଯୋଜକ ଚୈତନ୍ୟ ମାଝୀ, ପୂର୍ବତନ ବୈଶିଙ୍ଗା ବିଧାୟକ କାନ୍ଡ୍ରା ସୋରେନ ଧନଞ୍ଜୟ ହେମ୍ବ୍ରମ, ଡଃ ନାକୁ ହାଁସଦା, ଉଦୟନାଥ ମାଝୀ ଓ ସୋମନାଥ ହାଁସଦାଙ୍କ ସମେତ ଅନେକ ସାନ୍ତାଳୀ ଭାଷା ବିଶେଷଜ୍ଞ ମୁଖ୍ୟମନ୍ତ୍ରୀଙ୍କ ସହ ଏହି ଆଲୋଚନା କରିଥିଲେ।

## ଭାରତୀୟ ତୈଳନିଗମ ଡିପୋ ରାସ୍ତାରୁ ଅଜଗର ସାପ ଉଦ୍ଧାର

ଜଟଣୀ, (ସବ୍ୟୁ): କୁଶମାଟି ଛଣଘର ପଞ୍ଚାୟତ ଅନ୍ତର୍ଗତ ଭାରତୀୟ ତୈଳନିଗମ ଡିପୋ ରାସ୍ତା ହୋଇ ରଥିପୁର ଅଭିମୁଖେ ଯାଇଥିବା ରାସ୍ତାରେ ରାତ୍ରିର ଅନ୍ଧକାରରେ ଏକ ବୃହତ୍ତକାୟ ଅଜଗର ସାପ ରାସ୍ତା ପାର ହେଉଥିବା ବେଳେ କିଛି ଲୋକ ଦେଖିଏ ବାବଦରେ ସର୍ପଧରାଳିଙ୍କ ସହିତ ଯୋଗାଯୋଗ କରିଥିଲେ । ଖବର ପାଇ ଜଟଣୀ ଅଞ୍ଚଳର ଜଣାଶୁଣା ସର୍ପ ଧରାଳୀ ବିଦେଶୀ ମହାପାତ୍ର ସଙ୍ଗେ ସଙ୍ଗେ ଘଟଣା ସ୍ଥଳରେ ପହଞ୍ଚି ଅଜଗରଟିକୁ ଉଦ୍ଧାର କରିଥିଲେ। ଯାହାର ଲମ୍ବ ପ୍ରାୟ ୭ ଫୁଟ ହେବ। ଏହି ସାପଟି କିଛିଦିନ ତଳେ ହୋଇଥିବା ପ୍ରବଳ ବର୍ଷାରେ ସମ୍ଭବତଃ ଚନ୍ଦକା ଆଡୁ ଜୋରରେ ଭାସି ଆସିଥାଇପାରେ ବୋଲି ସ୍ଥାନୀୟ ଲୋକେ ଅନୁମାନ କରିଛନ୍ତି।

# ନବଗଠିତ ବିଜେଡି ମିଡିଆ ସେଲ୍ ସଂଯୋଜକ ଟିମ୍‌କୁ ଗୁରୁମନ୍ତ୍ର ଦେଲେ ନବୀନ

ଭୁବନେଶ୍ୱର, (ସବ୍ୟୁ): ସାରା ରାଜ୍ୟରେ ଲୋକେ ଏବେ ଏଭଳି ଲୋକବିରୋଧୀ ଶାସନରେ ତ୍ରାହି ତ୍ରାହି ଡାକୁଛନ୍ତି । ତେଣୁ ଏକ ଦାୟିତ୍ୱସମ୍ପନ୍ନ ବିରୋଧୀ ଦଳ ଭାବେ ଓଡ଼ିଶାବାସୀଙ୍କୁ ଶାଣିତ ଓ ସଚେତନ କରିବା ଏବଂ ଓଡ଼ିଶାର ଲୋକମାନଙ୍କ ସ୍ୱାର୍ଥ ପାଇଁ ଲଢ଼େଇ କରିବାକୁ ବିଜେଡିର ରାଜ୍ୟ ସଭାପତି ନବୀନ ପଟ୍ଟନାୟକ ନବଗଠିତ ବିଜେଡି ମିଡିଆ ସେଲ୍ର ସଂଯୋଜକ ଟିମ୍‌କୁ ନିର୍ଦ୍ଦେଶ ଦେଇଛନ୍ତି । ନବୀନ ନିବାସରେ ଅନୁଷ୍ଠିତ ଏକ ବୈଠକରେ ନବୀନ ପଟ୍ଟନାୟକ ନବଗଠିତ ମିଡିଆ ସେଲ୍‌ର ସଂଯୋଜକ ଟିମ୍ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିବା ସହିତ ବିଜେପିର କଳାକାରନାମା ଓ ରାଜ୍ୟ ସରକାରଙ୍କ ଅପାରଗତାକୁ ଲୋକଙ୍କ ନିକଟରେ ସଠିକ୍ ଭାବରେ ପହଞ୍ଚାଇବାକୁ ପରାମର୍ଶ ଦେଇଥିଲେ । ଏଥିରେ ଗଣମାଧ୍ୟମର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବାରୁ ବୈଦ୍ୟୁତିକ ଗଣମାଧ୍ୟମ, ମୁଦ୍ରିତ ଗଣମାଧ୍ୟମ ଓ ସାମାଜିକ ଗଣମାଧ୍ୟମ ଜରିଆରେ ବିଜୁ ଜନତା ଦଳର ସମସ୍ତ କାର୍ଯ୍ୟକ୍ରମ ଏବଂ ସରକାରଙ୍କ ଜନବିରୋଧୀ କାର୍ଯ୍ୟକୁ ପୁଙ୍ଖାନୁପୁଙ୍ଖ ଭାବରେ ଜନସାଧାରଣଙ୍କ ପାଖରେ ପହଞ୍ଚାଯିବ । ଜନସାଧାରଣଙ୍କ ସାହାଯ୍ୟ, ସହଯୋଗ ଓ ଆଶୀର୍ବାଦରେ ଦଳ ଆଗକୁ ବଢ଼ିବ ଏବଂ ଓଡ଼ିଶାବାସୀଙ୍କ ସେବା ଜାରି ରଖିବ ବୋଲି ଏହି ବୈଠକରେ ମତ ପ୍ରକାଶ ପାଇଥିଲା । ଏହି ବୈଠକରେ ମିଡିଆ ସେଲ୍ର ବିଭିନ୍ନ ଗଣମାଧ୍ୟମ ସଂଯୋଜକ ଟିମ୍ର ଦାୟିତ୍ୱ ପାଇଥିବା ବରିଷ୍ଠ ନେତା ସଞ୍ଜୟ ଦାସବର୍ମା, ଡ଼ ଅରୁଣ କୁମାର ସାହୁ, ପ୍ରତାପ ଜେନା, ଗୌତମବୁଦ୍ଧ ଦାସ, ପ୍ରଣବ ବଳବନ୍ତରାୟ, ଡ଼ ଲେନିନ ମହାନ୍ତି, ଡ଼ ପ୍ରିୟବ୍ରତ ମାଝୀ, ଶ୍ରୀ ସ୍ୱୟଂପ୍ରକାଶ ମହାପାତ୍ର ଓ ଅମରେଶ ପତ୍ରି ପ୍ରମୁଖ ଉପସ୍ଥିତ ଥିଲେ ।

# ଡାକ ବିଭାଗ ସେବାକୁ ପ୍ରତି ଘରେ ପହଞ୍ଚାଇବାକୁ ଆହ୍ୱାନ

ଭୁବନେଶ୍ୱର, (ସବ୍ୟୁ): ଗାନ୍ଧୀ ଜୟନ୍ତୀ ଅବସରରେ ଭୁବନେଶ୍ୱର ଡାକ ପରିମଣ୍ଡଳର ଗ୍ରୁପ୍-ସି, ପୋଷ୍ଟମ୍ୟାନ୍, ଗ୍ରୁପ୍-ଡି ଓ ଏମ୍‌ଟିଏସ୍ ସଂଘର ମିଳିତ ଆନୁକୂଲ୍ୟରେ ଭାରତୀୟ ପୋଷ୍ଟାଲ କର୍ମଚାରୀ ସଂଘର କାର୍ଯ୍ୟକାରୀ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ରେଡକ୍ରସ ଭବନ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ବୈଠକରେ ଡାକ ବିଭାଗର ସେବାକୁ ଅଧିକ ଲୋକାଭିମୁଖୀ କରିବା ସହ କର୍ମଚାରୀମାନଙ୍କ ମାଧ୍ୟମରେ ବିଭାଗର ବ୍ୟବସାୟିକ କାର୍ଯ୍ୟକୁ ସୁଦୃଢ଼ କରିବା ଉପରେ ଆଲୋଚନା ହୋଇଥିଲା। ସୂର୍ଯ୍ୟନଗର ପୋଷ୍ଟମାଷ୍ଟର ଦିଲ୍ଲୀପ କୁମାର ଶତପଥୀ ସଭାପତିତ୍ୱ କରିଥିବା ବେଳେ ଭୁବନେଶ୍ୱର ଜିପିଓର ପିଏଲ୍‌ଆଇ ଡେଭେଲପମେଣ୍ଟ ଅଫିସର ଗୋପୀନାଥ କର ପୌରୋହିତ୍ୟ କରିଥିଲେ। ସଂଗଠନର ରାଜ୍ୟ ପ୍ରହରୀ ରାଜକିଶୋର ମହାପାତ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇଥିବା ବେଳେ ଓଡ଼ିଶା ରାଜ୍ୟ ସମ୍ପାଦକ ଶୋଭନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ସଂଘର



ପୂର୍ବତନ ସମ୍ପାଦକ ଶରତ ପଟ୍ଟନାୟକଙ୍କୁ ସମ୍ମାନିତ କରାଯାଇଥିଲା।

'ପ୍ରତି ଘର ଗୋଟିଏ ଡାକଘର' ଲକ୍ଷ୍ୟରେ ଘରର ପ୍ରତ୍ୟେକ ସଦସ୍ୟଙ୍କ ଆକାଉଣ୍ଟ ଖୋଲିବା, ଡାକ ବୀମା କରିବା ଏବଂ ଡାକଘରର ବିଭିନ୍ନ ସେବାକୁ ଘରେ ଘରେ ପହଞ୍ଚାଇବା ଦିଗରେ ପଦକ୍ଷେପ ନେବାକୁ ଆହ୍ୱାନ ଦିଆଯାଇଥିଲା। ଏଥିସହ ଗ୍ରାହକଙ୍କ ସହ ଉତ୍ତମ ବ୍ୟବହାର, ସୁଚାରୁ ବ୍ୟବସ୍ଥାପନା ଓ ଉତ୍ତମ ସେବା ମାଧ୍ୟମରେ ଅଧିକ ବ୍ୟବସାୟ ହାସଲ କରିବାକୁ ବକ୍ତାମାନେ ଗୁରୁତ୍ୱାରୋପ କରିଥିଲେ। ଡାକଘରର ଭିତର ଓ ବାହାର ପରିବେଶର ସ୍ୱଚ୍ଛତା ପ୍ରତି ମଧ୍ୟ ଯତ୍ନବାନ ହେବାକୁ କୁହାଯାଇଥିଲା। ପରିଷ୍କାର ପରିଚ୍ଛନ୍ନତା ଗ୍ରାହକଙ୍କୁ ଆକୃଷ୍ଟ କରିବା ସହ ଗ୍ରାହକ ସନ୍ତୁଷ୍ଟିକୁ ସର୍ବାଧିକ ପ୍ରାଥମିକତା ଦେବା ଆବଶ୍ୟକ ବୋଲି ମତ ପ୍ରକାଶ ପାଇଥିଲା।

# ଓଡିଶା ସ୍ୱାସ୍ଥ୍ୟ ବିଜ୍ଞାନ ବିଶ୍ୱବିଦ୍ୟାଳୟର ପ୍ରଥମ ଫଳ ପ୍ରକାଶିତ : ଟପ୍ପର ହେଲେ ହାଇଟେକ ମେଡିକାଲ କଲେଜ ବିଦ୍ୟାର୍ଥୀ

ଭୁବନେଶ୍ୱର (ସବ୍ୟୁ): ଓଡ଼ିଶାରେ ପ୍ରଥମକରି ପ୍ରତିଷ୍ଠିତ ହୋଇଥିବା ଓଡିଶା ସ୍ୱାସ୍ଥ୍ୟ ବିଜ୍ଞାନ ବିଶ୍ୱବିଦ୍ୟାଳୟର ପ୍ରଥମ ବ୍ୟାଚ ପରୀକ୍ଷାର ଫଳ ପ୍ରକାଶ ପାଇଥିବା ବେଳେ ହାଇଟେକ ମେଡିକାଲ କଲେଜ ଓ ହସ୍ପିଟାଲର ଆଠ ଜଣ ବିଦ୍ୟାର୍ଥୀ ବିଶ୍ୱବିଦ୍ୟାଳୟର ଶ୍ରେଷ୍ଠପ୍ରଥମ ସଫଳ କୃତବିଦ୍ୟ ଚିକିତ୍ସାବିତ ଭାବେ ଓଡିଶାର ସୁନାମ ଅର୍ଜନ କରିଛନ୍ତି। ନିଶ୍ଚେତକ ବିଜ୍ଞାନୀ ଡ଼କ୍ଟର ରଂଜିତ କୁମାର ବରାଇ ବିଶ୍ୱବିଦ୍ୟାଳୟର ଟପର ହୋଇଥିବାବେଳେ



ଡ଼କ୍ଟର ଶିକ୍ତା ମିଶ୍ର ଶ୍ରେଷ୍ଠ ତୃତୀୟ ଭାବେ ଗୌରବ ଅର୍ଜନ କରିଛନ୍ତି । ଏଥିପାଇଁ ବିଶ୍ୱବବିଦ୍ୟାଳୟ ତରଫରୁ ଭୂୟସୀ ପ୍ରଶଂସା କରାଯାଇଛି। ହାଇଟେକ ମେଡିକାଲ କଲେଜ ଓ ହସ୍ପିଟାଲର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ଼କ୍ଟର ତିରୁପତି ପାଣିଗ୍ରାହୀ ଶ୍ରେଷ୍ଠ ସଫଳତା ଅର୍ଜନ କରିଥିବା ଆଠଜଣ ଚିକିତ୍ସାବିତଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟରେ ସମ୍ମାନିତ କରିଥିବାବେଳେ ନିଜ ପରିବାର, ଅଂଚଳ ଓ ଦେଶ ପାଇଁ ଚିକିତ୍ସା ସେବାର ହାତ ବଢ଼ାଇ ଦେବାକୁ ଆହ୍ୱାନ ଦେଇଛନ୍ତି। ସମ୍ବର୍ଦ୍ଧିତ ସଭାରେ ମେଡିକାଲ ସୁପରିଟେଣ୍ଡେଣ୍ଟ ଡ଼କ୍ଟର ସୀତାରାମ ମହାପାତ୍ର , ଡ଼କ୍ଟର ବାସୁଦେବ ବେହରା ନିଶ୍ଚେତକ ବିଭାଗୀୟ ମୁଖ୍ୟ ଡାକ୍ତର ନାରାୟଣ ଆଚାର୍ଯ୍ୟ ମୁଖ୍ୟ ପ୍ରଶାସନିକ ଅଧିକାରୀ ମଲ୍ଲିନ ବେହେରା ଓ ଅନ୍ୟ ସମସ୍ତ ବିଭାଗୀୟ ମୁଖ୍ୟ ଉପସ୍ଥିତ ଥିବାବେଳେ ଏହି କୃତିତ୍ୱ ଆମ ମେଡିକାଲ କଲେଜର ଅଧ୍ୟାପକ ଓ ଅଧ୍ୟାପିକାଙ୍କର ମାର୍ଗଦର୍ଶନ ଓ ଆଶୀର୍ବାଦ ବୋଲି କୃତିତ୍ୱ ହାସଲ କରିଥିବା ବିଦ୍ୟାର୍ଥୀ ମାନେ କହିଛନ୍ତି ।

### ପୁରୀ ରେଳ ଷ୍ଟେସନ ନିରୀକ୍ଷଣ କେଲେ ପୂର୍ବତଟ ରେଳପଥ ମହାପ୍ରବନ୍ଧକ

# ପୁନଃବିକାଶ କାର୍ଯ୍ୟ ଓ ଯାତ୍ରୀ ସୁବିଧାର କଲେ ସମୀକ୍ଷା

ଭୁବନେଶ୍ୱର, (ସବ୍ୟୁ): ପୂର୍ବତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ପୁରୀ ରେଳ ଷ୍ଟେସନର ନିରୀକ୍ଷଣ କରି ଚାଲିଥିବା ଷ୍ଟେସନ ପୁନଃବିକାଶ କାର୍ଯ୍ୟ, ଯାତ୍ରୀ ସୁବିଧା ଏବଂ ଷ୍ଟେସନର ସାମଗ୍ରିକ ପରିଚାଳନାଗତ ପ୍ରସ୍ତୁତିର ସମୀକ୍ଷା କରିଛନ୍ତି। ନିରୀକ୍ଷଣ ସମୟରେ ମହାପ୍ରବନ୍ଧକ ପୁରୀ ରେଳ ଷ୍ଟେସନରେ ଚାଲିଥିବା ବିଭିନ୍ନ ପୁନଃବିକାଶ ଓ ଭିତ୍ତିଭୂମି ଉନ୍ନୟନ କାର୍ଯ୍ୟର ଅଗ୍ରଗତି ସମୀକ୍ଷା କରିଥିଲେ। ଗୁଣବତ୍ତା ମାନଦଣ୍ଡ ବଜାୟ ରଖି କାର୍ଯ୍ୟଗୁଡ଼ିକୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସମ୍ପୂର୍ଣ୍ଣ କରିବା ସହ ଏହି କାର୍ଯ୍ୟ ଯୋଗୁଁ ଯାତ୍ରୀମାନଙ୍କୁ ଯେପରି ଅସୁବିଧା ନହୁଏ, ତାହା ସୁନିଶ୍ଚିତ କରିବାକୁ ସେ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଶ୍ରୀ ଫୁଙ୍କୱାଲ ଷ୍ଟେସନରେ ଉପଲବ୍ଧ ଯାତ୍ରୀ ସୁବିଧାଗୁଡ଼ିକର ମଧ୍ୟ ନିରୀକ୍ଷଣ କରିଥିଲେ ଏବଂ ରେଳ ଯାତ୍ରୀମାନଙ୍କ ସୁବିଧା ପାଇଁ କରାଯାଉଥିବା ବିଭିର୍ଣ୍ଣ ବ୍ୟବସ୍ଥାର ସମୀକ୍ଷା କରିଥିଲେ।



ବିଶେଷକରି ପୁରୀ ରେଳ ଷ୍ଟେସନ ବର୍ଷସାରା ବହୁ ସଂଖ୍ୟକ ତୀର୍ଥଯାତ୍ରୀ ଓ ପର୍ଯ୍ୟଟକଙ୍କୁ ସେବା ଯୋଗାଉଥିବାରୁ ଯାତ୍ରୀ ସୁବିଧାଗୁଡ଼ିକର ନିୟମିତ ନିରୀକ୍ଷଣ ଓ ନିରନ୍ତର ଉନ୍ନତି ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ମହାପ୍ରବନ୍ଧକ ଷ୍ଟେସନରେ ପାନୀୟ ଜଳର ଗୁଣବତ୍ତା ମଧ୍ୟ ଯାଞ୍ଚ କରିଥିଲେ। ପାନୀୟ ଜଳରେ ନିର୍ଦ୍ଧାରିତ ଗୁଣବତ୍ତା ମାନଦଣ୍ଡଗୁଡ଼ିକୁ କଡ଼ାକଡ଼ି ଭାବେ ବଜାୟ ରଖିବା ସହ ଯାତ୍ରୀମାନଙ୍କୁ ନିରାପଦ ଓ ସ୍ୱଚ୍ଛ ପାନୀୟ ଜଳ ଯୋଗାଣ ସୁନିଶ୍ଚିତ କରିବା ପାଇଁ ନିୟମିତ ଭାବେ ପାନୀୟ ଜଳର ପରୀକ୍ଷା ଓ ନିରୀକ୍ଷଣ କରିବାକୁ ସେ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ଖୋର୍ଦ୍ଧା ରୋଡ଼ ମଣ୍ଡଳର ରେଳ ପ୍ରବନ୍ଧକ (ଡିଆରଏମ୍)ଙ୍କ ସମେତ ପୂର୍ବ ତଟ ରେଳପଥ ମୁଖ୍ୟାଳୟ ଏବଂ ଖୋର୍ଦ୍ଧା ରୋଡ଼ ମଣ୍ଡଳର ବରିଷ୍ଠ ଅଧିକାରୀମାନେ ମହାପ୍ରବନ୍ଧକଙ୍କ ସହିତ ନିରୀକ୍ଷଣ ସମୟରେ ଉପସ୍ଥିତ ଥିଲେ।

# ବେଦାନ୍ତ ଆଲୁମିନିୟମ୍ ପରିଚ୍ଛନ୍ନତା ମାଧ୍ୟମରେ ଦାୟିତ୍ୱବୋଧର ସଂସ୍କୃତି ଗଢ଼ୁଛି

ଭୁବନେଶ୍ୱର (ସବ୍ୟୁ): ବେଦାନ୍ତ ଆଲୁମିନିୟମ୍‌ରେ ପରିଚ୍ଛନ୍ନତା କମ୍ପାନୀର କାର୍ଯ୍ୟପଦ୍ଧତିର ଅଂଶ ହୋଇଛି। କାରଖାନା, ଆବାସିକ ପରିସର ଏବଂ ନିକଟବର୍ତ୍ତୀ ସମୁଦାୟ ମଧ୍ୟରେ ସାମୂହିକ ଦାୟିତ୍ୱବୋଧକୁ ପ୍ରୋତ୍ସାହନ ଦେଇ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି। ପରିଚ୍ଛନ୍ନ, ନିରାପଦ ଓ ଅଧିକ ଦକ୍ଷ ପରିବେଶ ସୃଷ୍ଟି ମାଧ୍ୟମରେ କମ୍ପାନୀ ସ୍ଥାୟୀ ବିକାଶ ଏବଂ 'ବିକଶିତ ଭାରତ' ଗଠନର ବ୍ୟାପକ ପ୍ରୟାସକୁ ସହଯୋଗ କରୁଛି। ଏହି ଦାୟିତ୍ୱବୋଧର ସଂସ୍କୃତି ବେଦାନ୍ତ ଆଲୁମିନିୟମ୍‌ର ବିଭିନ୍ନ କାର୍ଯ୍ୟକ୍ଷେତ୍ରରେ ପ୍ରତିଫଳିତ ହୋଇଛି। ଝାରସୁଗୁଡ଼ାସ୍ଥିତ କାରଖାନା ଏହାର ଏକ ଉଲ୍ଲେଖନୀୟ ଉଦାହରଣ।

ଏହି ପ୍ରୟାସ ଫଳରେ ୪୦୦ ବର୍ଗମିଟରରୁ ଅଧିକ କାର୍ଯ୍ୟସ୍ଥଳ ପୁନରୁଦ୍ଧାର ହୋଇଥିବା ବେଳେ ଦୈନିକ କାର୍ଯ୍ୟ ସମୟରେ କର୍ମଚାରୀଙ୍କ ଯାତାୟାତ ୩



କିଲୋମିଟରରୁ ଅଧିକ କମିଛି। ଏହା ଶାରୀରିକ ସୁବିଧା ଓ କାର୍ଯ୍ୟଦକ୍ଷତା ବଢ଼ାଇବାରେ ସହାୟକ ହୋଇଛି। ଏହି ପ୍ରୟାସର ସଫଳତାକୁ ସ୍ୱୀକୃତି ଦେଇ ବେଦାନ୍ତ ଆଲୁମିନିୟମର ଝାରସୁଗୁଡ଼ା ସ୍ମେଲ୍ଟର ଓ ପାୱାର ପ୍ଲାଣ୍ଟକୁ କ୍ୱାଲିଟି ସର୍କଲ୍ ଫୋରମ୍ ଅଫ୍ ଇଣ୍ଡିଆ ପକ୍ଷରୁ ୟୁନିଅନ୍ ଅଫ୍ ଜାପାନିଜ୍ ସାଇଂଟିଷ୍ଟସ୍ ଆଣ୍ଡ ଇଞ୍ଜିନିୟର୍ସ ସହଯୋଗରେ ୫ଏସ୍ ପ୍ରମାଣପତ୍ର ପ୍ରଦାନ କରାଯାଇଛି। ସେହିପରି ଝାରସୁଗୁଡ଼ାସ୍ଥିତ କମ୍ପାନୀର ଆବାସିକ ପରିସର ବେଦାନ୍ତ ମେଡୋଜ୍‌କୁ ଶିଳ୍ପ ଆବାସିକ ପରିସର ବର୍ଗରେ ୨୦୨୬ ମସିହାର ଏମ୍.କେ. ରାଉତ ପ୍ରଦୂଷଣ ନିୟନ୍ତ୍ରଣ ପ୍ରଶଂସା ପୁରସ୍କାର ମିଳିଛି।

'ବର୍ଜ୍ୟରୁ ସମ୍ପଦ' ପଦକ୍ଷେପ ଅଧୀନରେ ସାମଗ୍ରୀର ପୁନରୁଦ୍ଧାର, ପୁନଃଚକ୍ରଣ ଏବଂ ଦାୟିତ୍ୱପୂର୍ଣ୍ଣ ପରିଚାଳନାକୁ ଗୁରୁତ୍ୱ ଦିଆଯାଉଛି। ଏହା ସମ୍ବଳର ଦକ୍ଷ ବ୍ୟବହାର ବଢ଼ାଇବା ସହ ପରିବେଶ ଉପରେ ପ୍ରଭାବ କମାଇବାରେ ସହାୟକ ହେଉଛି। ନିର୍ଦ୍ଦିଷ୍ଟ ସଂଗ୍ରହ ବ୍ୟବସ୍ଥା ଏବଂ ସୁସଂଗଠିତ ଅବ୍ୟବହୃତ ସାମଗ୍ରୀ ପରିଚାଳନା ମାଧ୍ୟମରେ ପରିଚ୍ଛନ୍ନତାକୁ ସମ୍ବଳର ଦାୟିତ୍ୱପୂର୍ଣ୍ଣ ଓ ଦକ୍ଷ ବ୍ୟବହାର ସହ ଯୋଡ଼ାଯାଇଛି। ବେଦାନ୍ତ ଆଲୁମିନିୟମ୍‌ର ଲାଞ୍ଜିଗଡ଼ା କାର୍ଯ୍ୟକ୍ଷେତ୍ରରେ ମଧ୍ୟ ଦାୟିତ୍ୱପୂର୍ଣ୍ଣ ଉପଭୋଗ ଉପରେ ଗୁରୁତ୍ୱ ଦିଆଯାଉଛି। ବର୍ଜ୍ୟ ସୃଷ୍ଟି ହ୍ରାସ ସହ ପରିବେଶ ସୁରକ୍ଷାମୂଳକ ପଦକ୍ଷେପକୁ ଅଧିକ ସୁଦୃଢ଼ କରାଯାଉଛି। ଭାରତୀୟ ଶିଳ୍ପ ମହାସଂଘର 'ପ୍ଲାଷ୍ଟିକ୍ ବ୍ୟବହାର ପ୍ରୋଟୋକଲ୍' ଅଧୀନରେ ଲାଞ୍ଜିଗଡ଼ା କାର୍ଯ୍ୟକ୍ଷେତ୍ରକୁ ଏକକ-ବ୍ୟବହାର ପ୍ଲାଷ୍ଟିକ୍‌ମୁକ୍ତ କାର୍ଯ୍ୟକ୍ଷେତ୍ର ଭାବେ ପ୍ରମାଣିତ କରାଯାଇଛି। ଏହା ଏକ ଅଧିକ ସମ୍ବଳ-ସଚେତନ କାର୍ଯ୍ୟସ୍ଥଳ ସଂସ୍କୃତି ଗଢ଼ିବା ପ୍ରତି କମ୍ପାନୀର ପ୍ରତିବଦ୍ଧତାକୁ ପ୍ରକାଶ କରୁଛି, ଯେଉଁଠାରେ ପରିଚ୍ଛନ୍ନତା ଓ ସ୍ଥାୟୀତ୍ୱ ପରସ୍ପର ସହ ଜଡ଼ିତ। 'ପ୍ରକଳ୍ପ ନିର୍ମଳ' ଅଧୀନରେ କମ୍ପାନୀର କୁରଲୋଇ, ଜାମଖାନି ଓ ଘୋଘରପାଲି କୋଇଲା ଖଣି ଅଂଚଳରେ ୨୦୨୫ ଆର୍ଥିକ ବର୍ଷରେ ୨୭ଟି ସ୍ଥାନରେ ୫୦ଟି ଜୈବ ଶୌଚାଳୟ ସ୍ଥାପନ କରାଯାଇଛି। ସେହିପରି ସିଜିମାଳିରେ କଳାହାଣ୍ଡି ଓ ରାୟଗଡ଼ା ଜିଲ୍ଲାର ୧୬ଟି ଗାଁରେ 'ସ୍ୱାସ୍ଥ୍ୟ ଓ ପରିମଳ ପ୍ରକଳ୍ପ' ମାଧ୍ୟମରେ ସମାନ ଧରଣର ପଦକ୍ଷେପ ନିଆଯାଉଛି।

# କନ୍ଧମାଳ ଗ୍ରାମ ସଭାଗୁଡିକରେ ବାଲ୍ୟ ବିବାହ ମୁକ୍ତ ପ୍ରସ୍ତାବ ଗୃହୀତ



କନ୍ଧମାଳ, (ସବ୍ୟୁ) : ଅକ୍ଟୋବର ୨ ତାରିଖରେ ସମଗ୍ର କନ୍ଧମାଳ ଜିଲ୍ଲାରେ ଆୟୋଜିତ ଗ୍ରାମସଭା ଗୁଡିକରେ ଯୋଗଦାନ ଗ୍ରାମଗୁଡିକୁ ବାଲ୍ୟ ବିବାହ-ମୁକ୍ତ ଘୋଷଣା କରି ପ୍ରସ୍ତାବଗୁଡିକ ଗୃହୀତ କରାଯାଇଥିଲା । ଯାହା ବାଲ୍ୟ ବିବାହ ନିରାକରଣ ଓ ଗୋଷ୍ଠୀ ସତର୍କଦୃଷ୍ଟିକୁ ମଜବୁତ କରିବା ସକାଶେ ଜିଲ୍ଲାର ସମ୍ପ୍ରତି ଜାରି ରହିଥିବା ପ୍ରୟାସଗୁଡିରେ ଆଉ ଏକ ପଦକ୍ଷେପ ହୋଇଛି । ଭାରତ ସରକାରଙ୍କ ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ ଅଧୀନରେ ବାଲ୍ୟ ବିବାହ ମୁକ୍ତ ଅଭିଯାନ ଅଧୀନରେ ଅନୁଷ୍ଠିତ ବାଧ୍ୟତାମୂଳକ ଗ୍ରାମ ସଭା ପ୍ରକ୍ରିୟାରେ ଏହି ପ୍ରସ୍ତାବଗୁଡିକ ଆଗତ କରାଯାଇଥିଲା ।

ପ୍ରସ୍ତାବଗୁଡିକ ଫୁଲବାଣୀ, ଖଜୁରିଆପଡା, ଫିରିଙ୍ଗିଆ, ରାଇକିଆ, ଟିକାବାଲି, ତୁମୁଡିବନ୍ଧ ଏବଂ ଜି.ଉଦୟଗିରି ଆଦି ୭ଟି ବ୍ଲକର ୧୪ଟି ଗ୍ରାମପଞ୍ଚାୟତ ଏବଂ ସମଗ୍ର କନ୍ଧମାଳରେ ପ୍ରାୟ ୨୭୫ଟି ଗ୍ରାମକୁ ପରିସରଭୁକ୍ତ କରିଥିଲା । ଏହି ପ୍ରକ୍ରିୟାରେ ବାଲ୍ୟ ବିବାହ ନିରାକରଣକୁ ଗ୍ରାମ ସଭା ମଧ୍ୟରେ ସ୍ଥାନ ଦିଆଯାଇଥିଲା । ଏହି ପ୍ରସଙ୍ଗକୁ ସାମୂହିକ ଗୋଷ୍ଠୀ ଦାୟିତ୍ୱ ତଥା ପଞ୍ଚାୟତସ୍ତରୀୟ ପଦକ୍ଷେପ ଭାବରେ ଗ୍ରହଣ କରାଯିବାକୁ ରଖାଯାଇଥିଲା । ୨୦୨୩ଠାରୁ ହମାରା ବଚପନ ଟ୍ରଷ୍ଟ କନ୍ଧମାଳ ଜିଲ୍ଲାକୁ ୨୦୩୧ ସୁଦ୍ଧା ବାଲ୍ୟ ବିବାହମୁକ୍ତ କରିବା ଲକ୍ଷ୍ୟରେ ଶିଶୁ ସୁରକ୍ଷା ବନ୍ଦୋବସ୍ତଗୁଡିକ ସୁଦୃଢ କରିବା ପାଇଁ କନ୍ଧମାଳର ୭ଟି ବ୍ଲକ ଓ ୩୦୦ ଗ୍ରାମରେ ନିରନ୍ତର କାର୍ଯ୍ୟ କରିଆସୁଛି ।

ଗ୍ରାମ ସଭାଗୁଡିକରେ ପ୍ରସ୍ତାବ ସହିତ ଗୋଷ୍ଠୀ ଓ ପଞ୍ଚାୟତିରାଜ ସଂସ୍ଥାଗୁଡିକ ବାଲ୍ୟ ବିବାହ-ମୁକ୍ତ ଗ୍ରାମ ପ୍ରମାଣନ ଦିଗରେ ଆନୁଷ୍ଠାନିକ ପ୍ରକ୍ରିୟାକୁ ପୁନଃ ସୁଦୃଢ କରିଛନ୍ତି । ହମାରା ବଚପନ ଟ୍ରଷ୍ଟ ପ୍ରମାଣନ ପ୍ରକ୍ରିୟାକୁ ସମର୍ଥନ କରିବା ଏବଂ ଏକ ବାଲ୍ୟ ବିବାହ ମୁକ୍ତ ଭାରତ ଗଠନ ଦିଗରେ ଅବଦାନ ରଖିବାକୁ ଜିଲ୍ଲା ପ୍ରଶାସନ, ପଞ୍ଚାୟତିରାଜ ସଂସ୍ଥା ଓ ଶିଶୁ ସୁରକ୍ଷା ସହଭାଗୀମାନଙ୍କ ସହିତ ମିଶି ନିଜର କାର୍ଯ୍ୟ ଜାରି ରଖିବ ।

## ମହାନଦୀବିହାର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ନମାମି ଭାରତ କାର୍ଯ୍ୟକ୍ରମ

କଟକ, (ସ୍ୱପ୍ର) : ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ମହାନଦୀବିହାର, କଟକ ଆନୁକୂଲ୍ୟରେ ନମାମି ଭାରତ କାର୍ଯ୍ୟକ୍ରମ ବିଦ୍ୟାଳୟ ପରିସର ଓ ନିକଟସ୍ଥ ଗୁରୁନାନକ ପବ୍ଲିକ ସ୍କୁଲ ଠାରେ ଆୟୋଜିତ ହୋଇଯାଇଛି । ଏକ ସ୍ୱର ଓ ଏକ ଲୟରେ ବନ୍ଦେମାତରମ୍ ଗାନ କରାଯାଇଥିଲା । ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ପ୍ରତିମା ଶତପଥୀ ସଭାରେ ଅଧ୍ୟକ୍ଷତା କରି ବନ୍ଦେମାତରମର ଇତିହାସ ବର୍ଣ୍ଣନା କରିଥିଲେ । ପ୍ରଧାନ ଆଚାର୍ଯ୍ୟ ତଥା କାର୍ଯ୍ୟକ୍ରମ ସଂଯୋଜକ ପ୍ରମୋଦ କୁମାର ଦାଶ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ବରିଷ୍ଠ ଆଚାର୍ଯ୍ୟ ତଥା ପ୍ରାନ୍ତ ପ୍ରଚାର ପ୍ରମୁଖ ସମୀର ମହାନ୍ତି ସମସ୍ତଙ୍କୁ କୃତଜ୍ଞତା ଜଣାଇଥିଲେ । ବିଦ୍ୟାଭାରତୀ ଅଖିଳ ଭାରତୀୟ ଶିକ୍ଷା ସଂସ୍ଥାନ ଦ୍ୱାରା ପରିଚାଳିତ ବିଦ୍ୟାଳୟ ଓ ନିକଟସ୍ଥ ଶିକ୍ଷାନୁଷ୍ଠାନ ମାନଙ୍କରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି କ୍ରମରେ ଶିଖରପୁରସ୍ଥ ଗୁରୁ ନାନକ ପବ୍ଲିକ ସ୍କୁଲରେ ଆୟୋଜିତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ଅଧ୍ୟକ୍ଷା ସଞ୍ଚିତା ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିବା ସହିତ ଶିଶୁ ବିଦ୍ୟାମନ୍ଦିରର ବରିଷ୍ଠ ଆଚାର୍ଯ୍ୟ ଅଲେଖ କୁମାର ପାଗଳ, ବରିଷ୍ଠ ଆଚାର୍ଯ୍ୟା ଜୟଶ୍ରୀ ସ୍ୱାଇଁ, ସସ୍ମିତା ପଟ୍ଟନାୟକ ଓ ପ୍ରଜ୍ଞା ପ୍ରିୟଦର୍ଶୀନୀ ଜେଠୀ ସହଯୋଗ କରିଥିଲେ ।

## ଧରାକୋଟ ପ୍ରେସ କ୍ଲବର ନୂତନ କର୍ମକର୍ତ୍ତା ଚୟନ

ଧରାକୋଟ, (ସବ୍ୟୁ) : ଧରାକୋଟ ପ୍ରେସ କ୍ଲବର ନୂତନ କର୍ମକର୍ତ୍ତା ଚୟନ ନେଇ ଧରାକୋଟ ନିକଟସ୍ଥ ପୁଟୁ ଗ୍ରାମର ପ୍ରସିଦ୍ଧ ଶୈବପୀଠ ମୁକ୍ତେଶ୍ୱର ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି । କ୍ଲବର ସଭାପତି ବିଷ୍ଣୁକେଶରୀ ଆଚାର୍ଯ୍ୟଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ଧରାକୋଟ ପ୍ରେସ କ୍ଲବର ନୂତନ କାର୍ଯ୍ୟକର୍ତ୍ତା ଚୟନ ଏବଂ କ୍ଲବର ନିୟମାବଳୀ ପ୍ରସ୍ତୁତି ନେଇ ଆଲୋଚନା ହୋଇଥିଲା । ସମସ୍ତ ସଦସ୍ୟଙ୍କ ସହମତି କ୍ରମେ ଧରାକୋଟ ପ୍ରେସ କ୍ଲବର ଏକ ବର୍ଷ ପାଇଁ ନୂତନ କର୍ମକର୍ତ୍ତା ଚୟନ ହୋଇଥିଲା । ଏଥିରେ ସଭାପତି ଭାବେ ଗିରିଜା ପ୍ରସାଦ ରଥ, ଉପସଭାପତି ଭାବେ ରୁଦ୍ରନାରାୟଣ ପଣ୍ଡା, ସମ୍ପାଦକ ଭାବେ କାଳୁଚରଣ ମହାପାତ୍ର, ସହସମ୍ପାଦକ ଭାବେ ଶଙ୍କର ପାଣିଗ୍ରାହୀ ଏବଂ କୋଷାଧ୍ୟକ୍ଷ ଭାବେ ସଞ୍ଜିତ କୁମାର ସ୍ୱାଇଁଙ୍କୁ ଚୟନ କରାଯାଇଛି । ସେହିପରି କାର୍ଯ୍ୟକାରିଣୀ ସଦସ୍ୟ ଭାବେ ସଞ୍ଜୟ କୁମାର ପଣ୍ଡା, ଶିଶିର କୁମାର ମହାନ୍ତି, ପଞ୍ଚାନନ ପାତ୍ର, ରବିନନ୍ଦନ ପ୍ରଧାନ ଏବଂ ଶିବାଜୀ ଗଣେଶ ପଣ୍ଡାଙ୍କୁ ଚୟନ କରାଯାଇଛି । ବୈଠକରେ ଶ୍ରୀକାନ୍ତ ସାବତ, ଅଶେଷ ପାତ୍ର, ବିଶ୍ୱାସ ପାତ୍ରଙ୍କ ସମେତ ପ୍ରେସ କ୍ଲବର ସମସ୍ତ ସଦସ୍ୟ ଓ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ । ପୂର୍ଣ୍ଣ ଚନ୍ଦ୍ର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

## ପ୍ରେମିକର ପରିବାର ଲୋକଙ୍କ ଆକ୍ରମଣରେ ଯୁବତୀ ଗୁରୁତର

ଧର୍ମଶାଳା, (ସବ୍ୟୁ) : ଧର୍ମଶାଳା ଥାନା ଅନ୍ତର୍ଗତ ଜାରକା ପଂଚାୟତ ଦୁବଗାଡିଆ ଗ୍ରାମର ଜଣେ ଯୁବତୀଙ୍କୁ ପ୍ରେମ ଜାଲରେ ଫସାଇ ଘରକୁ ନେଇଯାଇ ସପରିବର ମାଡମାରି ଲହୁଲୁହାଣ କରିଥିବା ନେଇ ଯୁବତୀ ଜଣକ ଗଣମାଧ୍ୟମ ଆଗରେ ଅଭିଯୋଗ କରିଛନ୍ତି ।

ସୂଚନା ମୁତାବକ ଜାରକା ପଂଚାୟତ ଦୁବଗାଡିଆ ଗ୍ରାମର ମୁନୁ ମଳିକଙ୍କୁ ଏହି ଥାନା ମିର୍ଜାପୁର ଗ୍ରାମର ସମିର ସାହୁ ଦୀର୍ଘ ୬ ବର୍ଷ ହେଲା ଭଲ ପାଉଥିଲେ। ହେଲେ ଗତକାଲି ସନ୍ଧ୍ୟାରେ ବିବାହ କରିବାକୁ କହି ସମିର କୁଆଡେ ମୁନୁକୁ ଡାକି ନେଇ ଘରକୁ ଯାଇଥିଲା । ଛୋଟ ଜାତିର ଝିଅ କହି ସମିରର ପରିବାର ଲୋକେ ତାକୁ ମାଡ ମାରିବା ସହିତ ଯୁବତୀ ଜଣକ ସାଙ୍ଗରେ ନେଇଥିବା ୩୦ ହଜାର ଟଙ୍କା ଓ ସୁନାର କାନପୁଲ ଓ ରିଙ୍ଗକୁ ଛଡାଇ ନେଇଥିଲେ। ପ୍ରେମିକ ସମିରର ପରିବାର ଲୋକଙ୍କ ଆକ୍ରମଣରେ ଗୁରୁତର ଆହତ ହୋଇଥିବା ଯୁବତୀ ଜଣକୁ ତାର ପ୍ରେମିକ ରାତିରେ ଆଣି ଧର୍ମଶାଳା ମେଡିକାଲରେ ଛାଡିଯାଇଥିବା ନେଇ ଯୁବତୀର ଜଣକ ଗଣମାଧ୍ୟମ ଆଗରେ ପ୍ରକାଶ କରିଛି ।

ପ୍ରେମିକ ସମିର ପରିବାର ଲୋକଙ୍କ ଆକ୍ରମଣରେ ଯୁବତୀର ଗୋଟିଏ ଗୋଡ ଓ ଗୋଟିଏ ହାତ ଭାଙ୍ଗିଯାଇଥିବା ବେଳେ ତାର ଶରୀରର ବିଭିନ୍ନ ସ୍ଥାନରେ ମାଡ ବାଜିଥିବା ନେଇ ଯୁବତୀ ଜଣକ ଅଭିଯୋଗ କରିଛି। ଖବର ପାଇ ଧର୍ମଶାଳା ପୁଲିସ ଯୁବତୀ ନିକଟରେ ପହଁଚି ତାର ବୟାନ ରେକର୍ଡ କରିଥିବା ନେଇ ଯୁବତୀ ଜଣକ ଗଣମାଧ୍ୟମକୁ ସୂଚନା ଦେଇଛି । ଯୁବତୀର ଅବସ୍ଥା ଗୁରୁତର ଥିବାରୁ ତାକୁ କଟକ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡିଛି। ତେବେ ଏସମ୍ପର୍କରେ ଥାନାରେ କୌଣସି ଅଭିଯୋଗ ହୋଇନଥିବା ବେଳେ ଧର୍ମଶାଳା ପୁଲିସ ପ୍ରେମିକ ସମିରକୁ ଥାନାକୁ ଆଣି ପଚରା ଉଚରା କରିଥିବା ଜଣାପଡିଛି । ତେବେ ଆଗକୁ ଏହି ଘଟଣା କି ରୂପ ନେଉଛି ତାହା ପରବର୍ତ୍ତୀ ସମୟରେ ଜଣାପଡିବ ।

## ଆଗାମୀ ଦୁର୍ଗାପୂଜା, ଭସାଣି ସମ୍ବର୍ଦ୍ଧନା ମଞ୍ଚ ନିମନ୍ତେ ହିନ୍ଦୁସେନା କଟକ ପୂର୍ବାଞ୍ଚଳ ପକ୍ଷରୁ ପ୍ରସ୍ତୁତି ବୈଠକ



କଟକ, (ସ୍ୱପ୍ର) : ପ୍ରତ୍ୟେକ ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଶାରଦୀୟ ଦୁର୍ଗାପୂଜା (ଦଶହରା) ଭସାଣ ଉତ୍ସବ ନିମନ୍ତେ ହିନ୍ଦୁସେନା କଟକ ପୂର୍ବାଞ୍ଚଳ ପକ୍ଷରୁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି ।

କଟକ ଓ.ଏମ.ପି ଛକ ପାରଳା ମହାରାଜ ପାର୍କ ନିକଟରେ ସମ୍ବର୍ଦ୍ଧନା ମଞ୍ଚ କରିବା ଉଦ୍ଦେଶ୍ୟରେ ଅପର୍ଣ୍ଣାନଗର, ଚାଉଳିଆଗଞ୍ଜ ଠାରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ସମ୍ବର୍ଦ୍ଧନା ସଭା ମଞ୍ଚ ଜରିଆରେ କଟକ ପୂର୍ବାଞ୍ଚଳର ସମସ୍ତ ମେଢ଼କୁ ପୁଷ୍ପମାଲ୍ୟ ଦେଇ ସମ୍ବର୍ଦ୍ଧିତ କରିବା ସହିତ ପୂଜା କମିଟି ସଭାପତି ଓ ସମ୍ପାଦକ, ପ୍ରଶାସନିକ ଅଧିକାରୀ, ସାହି ମୁରବି ଓ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ମାନଙ୍କୁ ସମ୍ବର୍ଦ୍ଧିତ କରିଯିବା ପାଇଁ ସ୍ଥିର କରାଯାଇଛି । ଏହି ପ୍ରସ୍ତୁତି ବୈଠକ ହିନ୍ଦୁସେନା କଟକ ପୂର୍ବାଞ୍ଚଳ ସଭାପତି ସୁଜିତ ଦାସଙ୍କ ନେତୃତ୍ୱରେ ଆୟୋଜିତ ହୋଇଥିଲା । ଏଥିରେ ଆସନ୍ତା ଦୁର୍ଗାପୂଜା କିଭଳି ଭାବେ ଶାନ୍ତିଶୃଙ୍ଖଳା ଓ ନିଶାମୁକ୍ତ ହେବ, ସେନେଇ ହିନ୍ଦୁସେନା ଅଣ୍ଟା ଭିଡିବ ବୋଲି ମତ ପ୍ରକାଶ ପାଇଥିଲା।

ଏଥିରେ ସଂଗଠନର ବରିଷ୍ଠ ସଦସ୍ୟ ଅଶୋକ ମହାପାତ୍ର, ସମୀର ଲାଲା, ରବୀନ୍ଦ୍ରନାଥ ଓଝା, ସବିତା ଦାଶ, ମାନସ ବସ୍ତିଆ, ବିକି ସାହୁ, ରାକେଶ ରାୟ, ରଞ୍ଜନ ପ୍ରଧାନ, ଦେବାଶିଷ ସାହୁ, ଜିତେନ୍ଦ୍ର ବେହେରା, ମୃତ୍ୟୁଞ୍ଜୟ ପାତ୍ର, ଅମିତ ସ୍ୱାଇଁ, କୃଷ୍ଣଚନ୍ଦ୍ର ବେହେରା, ରାଜେଶ ସାହୁ, ଦୀପକ ବିଶ୍ୱାଳ, ଦକ୍ଷ ଲେଙ୍କା ଓ ଲକ୍ଷ୍ମୀକାନ୍ତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।


**डेट्स रिकवरी ट्रिब्यूनल – II, दिल्ली के समक्ष चौथी मंजिल, जीवन तारा बिल्डिंग पार्लियामेंट स्ट्रीट, नई दिल्ली – 110001**

बैंक और वित्तीय संस्थानों के बकाया ऋण की वसूली अधिनियम 1993 की धारा 19(4) के तहत सूचना, जिसे डेट्स रिकवरी ट्रिब्यूनल (प्रक्रिया नियम) 1993 के नियम 12 और 13 के साथ पढ़ा जाए, इस मामले में:

TA NO 1361/2023 तारीख: 15.09.2026

पंजाब नेशनल बैंक ....आवेदक

बनाम

मैसर्स प्लैनेट पीआर प्राइवेट लिमिटेड और अन्य उत्तरदाता

सेवा में,
प्रतिवादी

डी1. मैसर्स प्लैनेट पीआर प्राइवेट लिमिटेड इसके निदेशक के माध्यम से श्री रंजन कुमार पटनायक और प्रद्युम्न सिंह
प्लॉट नंबर सी–1/26 फ्लैट नंबर सी–6 एसएफ ब्लॉक सी–1 रामा पार्क मेट्रो पिलर नंबर 771 उत्तम नगर नई दिल्ली के पास – 59
इसके अलावा ई–154–ए पहली मंजिल कालकाजी नई दिल्ली – 19
इसके अलावा टी प्लॉट नं 360 पी चन्द्रशेखर पुर दमाना भुवनेश्वर पिन 751016
इसके अलावा एफ–126 भूतल लाडो सराय नई दिल्ली–30
गिरिंगापुट मेधासल जानला खुर्दा 751054 जिला खुर्दा ओडिशा भी
एनएमडीसी विजाग पोर्ट ट्रस्ट विशाखापत्तनम 530001 के पास प्लॉट नंबर 3ए पर भी
इसके अलावा प्लॉट नंबर 130–ए शहीद नगर, भुवनेश्वर खुर्दा, उड़ीसा

डी2. श्री रंजन कुमार पटनायक, पुत्र दिवंगत श्री ध्रुव चरण
प्लॉट नंबर 1753/3 पाटिया कॉलेज कालारहंगा पाटिया भुवनेश्वर ओडिशा – 751003
अन्य: ई–154–ए प्रथम तल कालकाजी नई दिल्ली
प्लॉट नंबर 360 पी चन्द्रशेखर पुर दमाना, भुवनेश्वर में भी
एफ–126 जीएफ लाडो सराय नई दिल्ली–30 पर भी

डी3. श्री प्रद्युम्न कुमार सिंह पुत्र श्री हिटलर सिंह
पता: गिरिंगापुट मेधासल जनला खुर्दा ओडिशा – 751054
और पता: ई–154–ए प्रथम तल कालकाजी नई दिल्ली–19
और पता: प्लॉट नं 360 पी चन्द्रशेखर पुर दमाना भुवनेश्वर
अन्य पता: एफ–126 जीएफ लाडो सराय नई दिल्ली 30

डी5. श्रीमती बनानी पटनायक पत्नी श्री अरूण पटनायक
हाउस नंबर 52 एशियन प्लाजा एगिनिया खंडगिरि भुवनेश्वर खुर्दा ओडिशा

डी6. श्रीमती सस्मिता पटनायक पत्नी श्री सब्य साची
ए/298 शहीद नगर भुवनेश्वर खुर्दा ओडिशा

डी7. श्री निरंजन राय
रुद्र बिहार गैराज चक ओल्ड टाउन भुवनेश्वर लिंगराज खुर्दा ओडिशा

डी8. श्री प्रशांत आदित्य
रुद्र बिहार गैराज चक ओल्ड टाउन भुवनेश्वर लिंगराज खुर्दा ओडिशा – 751002
और पता: भनारा गर्ग पी एस बालीपटना खुर्दा उड़ीसा

चूंकि ऊपर बताए गए आवेदक ने आपके खिलाफ रू.8,46,58,436/– (आठ करोड़ छियालीस लाख अट्ठावन हजार चार सौ छत्तीस रुपये मात्र) की वसूली के लिए केस दायर किया है, और चूंकि ट्रिब्यूनल को यह संतुष्टि हो गई है कि आपको सामान्य तरीके से नोटिस नहीं भेजा जा सकता है, इसलिए यह नोटिस विज्ञापन के जरिए दिया जा रहा है। इसमें आपको निर्देश दिया जाता है कि आप 13.10.2026 को सुबह 11:00 बजे ट्रिब्यूनल में पेश हों।

ध्यान दें कि यदि आप बताए गए दिन पेश नहीं होते हैं, तो केस की सुनवाई आपकी अनुपस्थिति में की जाएगी और उसपर फैसला लिया जाएगा।

सभी मामलों की सुनवाई वीडियो कॉन्फ्रेंसिंग या आमने–सामने (फिजिकल) होगी और इसके लिए:
(i) सभी वकीलों/मुकदमेबाजों को "Cisco Webex" एप्लिकेशन/सॉफ्टवेयर डाउनलोड करना होगा:
(ii) माननीय पीठासीन अधिकारी/रजिस्ट्रार द्वारा सुने जाने वाले मामलों की सुनवाई की तारीख के लिए "मीटिंग ID" और पासवर्ड DRT के आधिकारिक पोर्टल यानी drt.gov.in पर रोज़ाना की कॉज़ लिस्ट में दिखाए जाएंगे।
(iii) किसी भी आपात स्थिति में, वकील/मुकदमेबाज़ संबंधित अधिकारी से फोन नंबर 23748478 पर संपर्क कर सकते हैं।

यह नोटिस मेरे हस्ताक्षर और ट्रिब्यूनल की मुहर के तहत 25 अगस्त, 2026 को जारी किया गया।

ट्रिब्यूनल के आदेश से,
(सूरज प्रकाश)
अनुभाग अधिकारी, DRT–II, दिल्ली



**TPWODL**

**TP WESTERN ODISHA DISTRIBUTION LIMITED**
(A Joint Venture of Tata Power and Government of Odisha)
Corporate Office Burla, Dist.- Sambalpur (Odisha) -768017

**ବିଦ୍ୟୁତ୍ ଉପଭୋକ୍ତାଙ୍କ ପାଇଁ ବିଶେଷ ସୂଚନା**

ଟିପିଡବ୍ଲ୍ୟୁଓଡିଏଲ୍ ତରଫରୁ ଅକ୍ଟୋବର-୨୦୨୬ ମାସରେ ନିମ୍ନ ଲିଖିତ ସାରଣୀ ଅନୁଯାୟୀ ବିଶେଷ ଅଭିଯୋଗ ପ୍ରତିବିଧାନ ଶିବିର (GRF Camp) ଅନୁଷ୍ଠିତ ହେବ ।

ବିଦ୍ୟୁତ୍ ଉପଭୋକ୍ତାଙ୍କୁ ଅନୁରୋଧ ବିବାଦୀୟ ବିଦ୍ୟୁତ୍ ବିଲର ସମାଧାନ ପାଇଁ ନିମ୍ନଲିଖିତ ସାରଣୀ ଅନୁଯାୟୀ ନିଜ ଅଞ୍ଚଳର ଅଭିଯୋଗ ପ୍ରତିବିଧାନ ଶିବିର (GRF Camp) ରେ ଉପସ୍ଥିତ ରହି ଅଭିଯୋଗ ପଞ୍ଜିକୃତ ତଥା ସମାଧାନ କରାଇ ନିଅନ୍ତୁ ।

| DATE | VENUE & TIME FOR GRF CAMPS |
|---|---|
| ROURKELA CIRCLE (Under Sundargarh Dist.) | |
| 06.10.2026 | Uditnagar, Sub-division Office, Rourkela |
| 07.10.2026 | Koida, Section Office, Bonai, Rourkela |
| 08.10.2026 | Kalunga-II, Section Office, Rajgangpur |
| 09.10.2026 | Sargipalli, Section Office, Ujalpur, Sundargarh |
| 12.10.2026 | Madhusudanpalli, Section Office, Basanti, Rourkela |
| 13.10.2026 | Birmitrapur, Section Office, Kuarmunda, Rajgangpur |
| 14.10.2026 | Majhapada, Section Office, Sundargarh |
| 15.10.2026 | Bisra, Sub-division Office, Rourkela |
| 16.10.2026 | Civil Township, Sub-division Office, Rouekela |
| 26.10.2026 | Kanshbahal, Section Office, Rajgangpur |
| 27.10.2026 | Jalda, Section Office, Panposh, Rourkela |
| 28.10.2026 | Shakti Nagar, Section Office, Koelnagar, Rourkela |
| 29.10.2026 | Bargaon, Section Office, Rajgangpur |
| SAMBALPUR CIRCLE (Under Sambalpur, Jharsuguda & Deogarh Districts) | |
| 07.10.2026 | Section Office, Panchgaon, Belhapar(1st Half)<br>Sub-division Office, Belpahar, Jharsuguda(2nd Half) |
| 08.10.2026 | Section Office, Hatibari, Sambalpur (1st Half)<br>Section Office, Rairakhol, Sambalpur (2nd Half) |
| 09.10.2026 | Section Office, Gosala, Hirakud, Sambalpur (1st Half)<br>Sub-division Office, Ainthapali, Sambalpur (2nd Half) |
| 13.10.2026 | Sub-division Office, Brajrajnagar, Jharsuguda (1st Half)<br>Division Office, Jharsuguda (2nd Half) |
| 14.10.2026 | Section Office, Bamra, Kuchinda, Sambalpur (1st Half)<br>Garposh, Under Section Office, Bamra, JSG(2nd Half) |
| 16.10.2026 | Section Office, Sahapur, Dhanupali, Sambalpur(1st Half)<br>Sub-division Office, Bhutapada, Sambalpur (2nd Half) |
| 27.10.2026 | Section Office, Barkote, Deogarh (1st Half)<br>Sub-division Office, Deogarh (2nd Half) |
| 28.10.2026 | Section Office, Tileibani, Deogarh (Full Day) |
| BARAGADA CIRCLE (Under Baragada Dist.) | |
| 05.10.2026 | Sub-division Office, Paikmal(11 AM to 5.30 PM) |
| 06.10.2026 | Section Office, Sohela-I(10.30 AM to 1.30 PM)<br>Section Office, Sohela-II(02 PM to 5.30 PM) |
| 07.10.2026 | Section Office, Barpali-I (10.30 AM to 1.30 PM)<br>Section Office, Barpali-III (02 PM to 5.30 PM) |
| 08.10.2026 | Section Office, Bheden(10.30 AM to 1.30 PM)<br>Section Office, Thuapali(02 PM to 5.30 PM) |
| 09.10.2026 | Section Office, Bhatli-I (10.30 AM to 1.30 PM)<br>Section Office, Bhatli-II (02 PM to 5.30 PM) |
| 12.10.2026 | Sub-division Office, Bargarh-II (10.30 AM to 5.30 PM) |
| 13.10.2026 | Section Office, Melchhamunda(11 AM to 5.30 PM) |
| 14.10.2026 | Section Office, Godbhaga(10.30 AM to 1.30 PM)<br>Section Office, Larambha(2.00 PM to 5.30 PM) |
| 15.10.2026 | Sub-division Office, Bargarh-I (10.30 AM to 5.30 PM) |
| 16.10.2026 | Section Office, Turunga(10.30 AM to 5.30 PM) |
| BALANGIR CIRCLE (Under Bolangir & Sonepur Districts) | |
| 05.10.2026 | Section Office- 3, Balangir |
| 07.10.2026 | Deogaon Section Office, Balangir (F.N)<br>Jarasingha P.S.S, Balangir(A.N) |
| 09.10.2026 | Chhatamakhna Section Office, Balangir(F.N)<br>Madhiapali P.S.S, Balangir(A.N) |
| 12.10.2026 | Saintala Sub-Division, Titilagarh, Balangir(F.N)<br>Karamtala P.S.S, Saintala, Titilagarh, Balangir(A.N) |
| 13.10.2026 | Deulpadar, Tarbha, Sonepur(F.N)<br>Khari, Tarbha, Sonepur(A.N) |
| 14.10.2026 | Binka Sub-Division, Sonepur(F.N)<br>Sindurpur, Binka, Sonepur(A.N) |
| 27.10.2026 | Jhulenbar P.S.S, Patnagarh, Titilagarh(F.N)<br>Patnagarh, Titilagarh, Balangir(A.N) |
| 28.10.2026 | Titilagarh Sub-Division Office(F.N)<br>Pipalpadar P.S.S, Titilagarh, Balangir(A.N) |
| KALAHANDI CIRCLE (Under Bhawanipatna &Nuapada Districts) | |
| 05.10.2026 | Sub-division Office, Kesinga, Bhawanipatna |
| 06.10.2026 | Sub-division Office, Junagarh, Bhawanipatna |
| 07.10.2026 | Sub-division Office No-II, Bhawanipatna |
| 08.10.2026 | Sub-division Office No-I, Bhawanipatna |
| 09.10.2026 | Sub-division Office Narla, Bhawanipatna |
| 13.10.2026 | Sub-division Office Dharamgarh, Bhawapatna |
| 14.10.2026 | Sub-division Office Khariar, Nuapada |
| 15.10.2026 | Sub-division Office Charbahal, Bhawanipatna |
| 23.10.2026 | Sub-division Office Chhatikuda, Narla, Bhawanipatna |
| 28.10.2026 | Sub-division Office Khariar Road, Nuapada |
| 29.10.2026 | Sub-division Office Nuapada |








# ଏନଏଚ୍ ଶୋଚନୀୟ : ପୂର୍ବତନ ସାଂସଦଙ୍କ ରାସ୍ତା ଓ ରେଳରୋକ

ତାଳଚେର ,(ସବ୍ୟୁ) :ତାଳଚେର ଅଞ୍ଚଳ ଦେଇ ଯାଇଥିବା ଜାତୀୟ ରାଜପଥ ୧୪୯ ଓ ୫୩ ନମ୍ବର ରାସ୍ତାର ଖାଲ ଖମନ ଓ ଶୋଚନୀୟ ଅବସ୍ଥା ଲୋକଙ୍କ ପାଇଁ ଅତ୍ୟନ୍ତ ଦୁଃଖଦାୟକ ସୃଷ୍ଟି କରିଛି। ତେଣୁ ଏହାର ସମାଧାନ ପାଇଁ ଢ଼େଙ୍କାନାଳର ପୂର୍ବତନ ସାଂସଦ ମହେଶ ସାହୁ ତାଳଚେର ଗୋଡିବନ୍ଧ ନିକଟସ୍ଥ ନୂଆ ବଲଣ୍ଡା ଠାରେ ଉଭୟ ରାସ୍ତା ଓ ରେଳ ରୋକ ଆନ୍ଦୋଳନ କରିଥଲେ । ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ବହୁ ସଂଖ୍ୟାରେ ଗାଡ଼ି ଗୁଡ଼ିକ ଅଟକି



ରହିଥିବା ଦେଖିବାକୁ ମିଳିଥିଲା ଏବଂ ଏଥିସହିତ ରେଳ ରୋକ ଆନ୍ଦୋଳନ ଯୋଗୁଁ ଏନଟିପିସି କୁ କୋଇଲା ପରିବହନ ବାଧାପ୍ରାପ୍ତ ହୋଇଥିଲା । ଏହି ୧୪୯ ନମ୍ବର ଜାତୀୟ ରାଜପଥ ଅସୁରକ୍ଷିତ ହୋଇପଡିଥିବାରୁ ବିଗତ କେଇ ମାସ ମଧ୍ୟରେ ମୁଣ୍ଡ ପରେ ମୁଣ୍ଡ ଗଡିଛି। ଏହାକୁ ଦେଖି ମଧ ପ୍ରଶାସନ ରାଜନେତା ସମସ୍ତେ ଚୁପ ବସିବା ଆଶ୍ଚର୍ଯ୍ୟ କରିଛି । ଏଥିପ୍ରତି କେହୀ ଦୃଷ୍ଟି ନ ଦେବାରୁ ବାଧ ହୋଇ ରାଜ ରାସ୍ତା ସହିତ ରେଳରୋକ କରି ଅର୍ଥନୈତିକ ଅନ୍ଦୋଳନ ତଥା ଅବରୋଧ ପ୍ରତୀକ ଭାବେ ଏବଂ ପର୍ଯ୍ୟାୟ କ୍ରମେ କରିଛନ୍ତି ପୂର୍ବତନ ସାଂସଦ ମହେଶ ସାହୁ। ଏହି ଆନ୍ଦୋଳନ କ୍ରମେ ଦାବୀ ପୂରଣ ନ ହେବା ପର୍ଯ୍ୟନ୍ତ ଜାରି ରହିବ ବୋଲି ଶ୍ରୀ ସାହୁ ପ୍ରକାଶ କରିଛନ୍ତି।ମହେଶ ସାହୁଙ୍କ ନେତୃତ୍ୱରେ ଚାଲି ଥିବା ଅର୍ଥନୈତିକ ଅବରୋଧ ଆନ୍ଦଳନ ରେ ଗାନ୍ଧୀ ବିଚାର ମଞ୍ଚ , ବାବୁଲା ଶତପଥୀ, ଲିପୁ ରଥ, କୁଶ ବିହାରୀ ସାମଲ,ପ୍ରମୁଖଙ୍କ ସମେତ ବିଜୁ ଜନତା ଦଳ କର୍ମୀ ସମର୍ଥକ ମାନେ ସାମିଲ ଥିଲେ।

# ମାଧପୁର ଅଞ୍ଚଳରେ ଧାନ ଫସଲରେ ରୋଗ ପୋକ

ଆଠମଲ୍ଲିକ ,(ସବ୍ୟୁ): ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ବ୍ଲକ ମାଧପୁର ପଞ୍ଚାୟତ ଓ ଏହାର ଆଖପାଖ ଅଞ୍ଚଳରେ ଧାନ ଫସଲରେ ବିଭିନ୍ନ ରୋଗ, ଚକଡ଼ା ପୋକ ଏବଂ ପତ୍ର ପୋଡ଼ା ପୋକର ପ୍ରାଦୁର୍ଭାବ ଦେଖାଦେଇଥିବାରୁ ଚାଷୀମାନେ ଅତ୍ୟନ୍ତ ଚିନ୍ତିତ ହୋଇପଡ଼ିଛନ୍ତି । ଏହି ସମ୍ପର୍କରେ ଖବର ପାଇ ମାଧପୁର ଅଞ୍ଚଳର ସଚେତନ ନାଗରିକ ଇଂ. ପ୍ରିୟଦର୍ଶନୀ ସ୍ୱାଇବିଭାଗୀୟ କୃଷି ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ତୁରନ୍ତ ପଦକ୍ଷେପ ନେବାକୁ ଅନୁରୋଧ କରିଥିଲେ । ବ୍ଲକ କୃଷି ଅଧିକାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏକ ବିଶେଷଜ୍ଞ ଟିମ ମାଧପୁର ପଞ୍ଚାୟତର ତିତିରିକଟା, ଡିଗୀପଦର ,କୁଦଗାଁ ପଞ୍ଚାୟତର ପିତବାସପୁର ସମେତ ବିଭିନ୍ନ ଗ୍ରାମର ପ୍ରଭାବିତ ଧାନ ବିଲ ପରିଦର୍ଶନ କରିଥିଲେ । ଏହି ଟିମ୍ରେ ଅନୁଗୋଳ କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଡଃ. ଦେବାଶିଷ ମିଶ୍ର, ଆଠମଲ୍ଲିକ ବ୍ଲକ କୃଷି ଅଧିକାରୀ ଜଗନ୍ନାଥ ବାରିକ, ସହକାରୀ କୃଷି ଅଧିକାରୀ ନୁମା ମହାପାତ୍ର ଏବଂ କୃଷି ଓଭରସିଅର ବିଚିତ୍ରାନନ୍ଦ ବାରିକ ଉପସ୍ଥିତ ଥିଲେ । କୃଷି ବିଜ୍ଞାନୀ ଓ ଅଧିକାରୀମାନେ କ୍ଷେତ୍ର ପରିଦର୍ଶନ କରି ରୋଗାକ୍ରାନ୍ତ ଫସଲର ଅନୁଧ୍ୟାନ କରିବା ସହ ଏହାର ନିରାକରଣ ପାଇଁ ଆବଶ୍ୟକୀୟ ଔଷଧ ଓ କୀଟନାଶକ ପ୍ରୟୋଗ ସମ୍ପର୍କରେ ପରାମର୍ଶ ଦେଇଛନ୍ତି । ଏହି ଅବସରରେ ଆୟୋଜିତ ସଚେତନତା କାର୍ଯ୍ୟକ୍ରମରେ ସ୍ଥାନୀୟ ଚାଷୀମାନଙ୍କୁ ଫସଲ ସୁରକ୍ଷା ଓ ସଠିକ ପରିଚାଳନା ସମ୍ପର୍କରେ ବିସ୍ତୃତ ସୂଚନା ପ୍ରଦାନ କରାଯାଇଥିଲା

# କୂଅରେ ପଡ଼ି ଯୁବକ ମୃତ

ହିନ୍ଦୋଳ ,(ସବ୍ୟୁ):ଗଣେଶ ପୂଜା ଭସାଣୀ ଶାରି ଫେରିବା ପରେ ଜଣେ ଯୁବକ ଗତ ରାତିରେ କୂଅରେ ପଡ଼ି ମୃତ୍ୟୁ ବରଣ କରିଥିବା ଜଣାପଡିଛି। ଏଭଳୀ ଘଟଣା ଘଟିଛି ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଥାନା ଓ ଏନ ଏ ସି ଅନ୍ତର୍ଗତ ୧ ନଂ ୱାର୍ଡ଼ ରାଧାନାଥ ପୁର ଗ୍ରାମରେ। ମୃତକ ହେଲେ ବେଣୁଧର ନାଏକଙ୍କ ପୁତ୍ର ଜଗନ୍ନାଥ ନାଏକ (୨୮)। ସୂଚନା ମୁତାବକ ଗତକାଲି ରାତିରେ ସାହି ଗଣେଶ ପୂଜା ଭସାଣୀ ଉତ୍ସବ ଚାଲି ଥିଲା । ଭସାଣି ଉତ୍ସବ ସରିବା ପରେ ସାହିର କିଛି ଯୁବକ ଜଗନ୍ନାଥଙ୍କୁ ତାଙ୍କ ଗ୍ରାମ ସାହିରେ ଛାଡ଼ି ଦେଇଥିଲେ । ସକାଳୁ କିଛି ସାହି ଲୋକ ଦେଖିବାକୁ ପାଇଲେ ଜଗନ୍ନାଥ ନାଏକ ଏକ ଖୋଲା କୂଅରେ ମରି ଭାସୁ ଥିବାର ଦେଖିବାକୁ ପାଇଲେ। ଖବର ପାଇ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଦମକଳ ବାହିନୀ ସହାୟତାରେ ମୃତଦେହକୁ କୂଅରୁ ଉଦ୍ଧାର କରି ବ୍ୟବଚ୍ଛେଦ ନିମନ୍ତେ ଡାକ୍ତରଖାନାକୁ ପଠାଇ ଏ ସଂକ୍ରାନ୍ତରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଅଧୀକ ତଦନ୍ତ ଜାରୀ ରଖିଛି।

# ମହାପୁରୁଷଙ୍କୁ ହିନ୍ଦୋଳ ପ୍ରଶାସନ ଓ ଏନଏସି କର୍ତ୍ତୃପକ୍ଷଙ୍କ ଅବମାନନା !

ହିନ୍ଦୋଳ,(ସବ୍ୟୁ): ଭାରତର ଇତିହାସ ବହୁ ମହାପୁରୁଷଙ୍କୁ ନେଇ ସମୃଦ୍ଧ। ସେମାନେ ଆମର ଚିରନମସ୍ୟ ଓ ଆମ ପାଇଁ ସର୍ବଦା ପ୍ରେରଣାର ଉତ୍ସ । ସେମାନେ ଆଜି ଆମ ଗହଣରେ ନାହାନ୍ତି ସତ ମାତ୍ର ଭବିଷ୍ୟତ ପୀଢି ପାଇଁ ସେମାନଙ୍କ ଜୀବନୀ ପ୍ରେରଣା ଦାୟକ ହେବ ।ଏଥିପାଇଁ ବିଭିନ୍ନ ସ୍ଥାନରେ ମହାପୁରୁଷମାନଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରାଯାଇ ସେମାନଙ୍କୁ ତାଙ୍କ ଜୟନ୍ତୀ ଓ ଶ୍ରାଦ୍ଧ ବାର୍ଷିକୀରେ ସେମାନଙ୍କ ସ୍ମୃତି ଚାରଣ କରାଯାଇଥାଏ। ଜାତିରଜନକ ମହାତ୍ମା ଗାନ୍ଧୀଙ୍କ ଜୟନ୍ତୀ ଅବସରରେ ହିନ୍ଦୋଳ ଏନଏସିରେ କର୍ତ୍ତୃପକ୍ଷ ଓ ପ୍ରଶାସନିକ ଅଧିକାରୀ ମହାପୁରୁଷମାନଙ୍କୁ ହତାଦର କରିଥିବା ଦେଖିବାକୁ ମିଳିଥିଲା ଯାହାକି ହିନ୍ଦୋଳବାସୀଙ୍କୁ ବ୍ୟଥିତ କରିଛି। ହିନ୍ଦୋଳ ଡାକ ବଙ୍ଗଳା ସମ୍ମୁଖରେ ଥିବା ଦାଣ୍ଡି ଯାତ୍ରା ପ୍ରତିମୂର୍ତ୍ତିରେ କେବଳ ମହାତ୍ମା ଗାନ୍ଧିଙ୍କ ପ୍ରତିମୂର୍ତ୍ତିରେ ଫୁଲ ମାଳ ଦେଇ କାମ ସାରିଦେଇଥିଲେ ଯେତେବେଳେ କି ସେଠୀ ଆହୁରି ସାତଜଣ ସ୍ୱାଧୀନତା ସଂଗ୍ରାମୀଙ୍କ ପ୍ରତିମୂର୍ତ୍ତି ରହିଛି । ସମସ୍ତଙ୍କ ଗଳା ଖାଲି ରହିଥିଲା। ଆଜି ବିଜେଡି ତରଫରୁ ଆୟୋଜିତ ପଦଯାତ୍ରା ସମୟରେ ମହାତ୍ମା ଗାନ୍ଧିଜୀଙ୍କୁ ମାଲ୍ୟାର୍ପଣ କରାଯିବା ସହ ଅନ୍ୟ ସମସ୍ତ ସ୍ୱାଧୀନତାସଂଗ୍ରାମୀଙ୍କୁ ମାଲ୍ୟାର୍ପଣ କରଯାଇଥିଲା। ମାତ୍ର ହିନ୍ଦୋଳର ପ୍ରଶାସନିକ ଅଧିକାରୀଙ୍କ ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ଏଭଳି ଅପମାନକୁ ହିନ୍ଦୋଳ ଏନଏସି ନିନ୍ଦା କରିଛନ୍ତି। ସେହିଭଳି ହିନ୍ଦୋଳ ଏନଏସି ଅଫିସ ନିକଟବର୍ତ୍ତି ମେଡିକାଲ ଛକରେ ଥିବା ହିନ୍ଦୋଳର ବରପୁତ୍ର ପୂର୍ବତନ ମନ୍ତ୍ରୀ ତ୍ରିନାଥ ନାୟକଙ୍କ ପ୍ରତିମୂର୍ତ୍ତି ଅତ୍ୟନ୍ତ ଅବହେଳିତ ତଥା ଅଳିଆ ପରିପୂର୍ଣ୍ଣ ଅବସ୍ଥାରେ ପଡ଼ିଥିବା ଦେଖିବାକୁ ମିଳିଥିଲା । ଯାହାକୁ ଦେଖି ଢେଙ୍କାନାଳର କାଉନସିଲର ତଥା ବିଜେଡି କାର୍ଯକାରୀ ସଭାପତି ସନ୍ଦୀପ ଷଡ଼ଙ୍ଗୀ କ୍ଷୋଭ ପ୍ରକାଶ କରିଥିଲେ ଓ ନିଜେ ସହଯୋଗୀଙ୍କ ସହ ମିଶି ତ୍ରିନାଥ ନାୟକଙ୍କ ପ୍ରତିମୂର୍ତ୍ତିକୁ ପାଣିରେ ଧୋଇବା ସହ ପରିସରକୁ ଝାଡୁମାରି ସଫା କରି ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏଇଠି ପ୍ରଶ୍ନ ଉଠୁଛି ଏନଏସି ଅଫିସ ନିକଟରେ ମହାପୁରୁଷଙ୍କ ପ୍ରତିମୂର୍ତ୍ତି ସଫା ହୋଇ ପାରୁ ନଥିବାବେଳେ ହିନ୍ଦୋଳ ଏନଏସି କିଭଳି ରାଜ୍ୟରେ ପରିମଳରେ ଏକ ନମ୍ବର ମ୍ୟୁନିସିପାଲଟିର ପୁରସ୍କାର ପାଇଲା ? ହିନ୍ଦୋଳ ପ୍ରସାଶନ ଅତିକମରେ ଜାତୀୟ ଦିବସ ଓ ମହାପୁରୁଷଙ୍କ ତିଥି ପାଳନ ଅବସରରେ ସମସ୍ତ ମହାପୁରୁଷଙ୍କୁ ମାଲ୍ୟାର୍ପଣ କରନ୍ତୁ ଓ ତାଙ୍କ ପ୍ରତିମୂର୍ତ୍ତି ପ୍ୟାରିସ ସଫା କରାନ୍ତୁ ।

# ହାତୀ ସ୍କ୍ୱାଡଙ୍କ ମୃତଦେହ ଉଦ୍ଧାର : ହତ୍ୟା ଅଭିଯୋଗ ଆଣିଲେ ପରିବାର

ଢେଙ୍କାନାଳ, (ସବ୍ୟୁ) : ଢେଙ୍କାନାଳ ବନଖଣ୍ଡ ସଦର ରେଞ୍ଜରେ ହାତୀ ସ୍କ୍ୱାର୍ଡ ଭାବରେ କାର୍ଯ୍ୟ କରୁଥିବା ଜଣେ ହାତୀ ସ୍କ୍ୱାର୍ଡଙ୍କ ମୃତଦେହ ଏକ କୂଅରୁ ଉଦ୍ଧାର କରାଯାଇଛି। ଏହା ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି ପରିବାରଲୋକ ଅଭିଯୋଗ କରିଛନ୍ତି। ନିହଲପ୍ରସାଦ ଥାନା ପିଙ୍ଗୁଆ ଗ୍ରାମର ରତ୍ନାକର ସାହୁଙ୍କ ପୁଅ ପିପିଲି ସାହୁଙ୍କ ଅଭିଯୋଗ ଅନୁସାରେ ତାଙ୍କ ସାନଭାଇ ଚଗଲୀ ସାହୁ ଭାପୁର ସେକସନରେ ଜଣେ ହାତୀ ସ୍କ୍ୱାର୍ଡ ଭାବରେ କାର୍ଯ୍ୟ କରୁଥିଲେ।ସେଠାରୁ ତାଙ୍କୁ ସଦର



ରେଞ୍ଜକୁ ବଦଳି କରାଯାଇଥିଲା। ଚଗଲି ଘରକୁ ଆସିବା ପରେ ସଦର ରେଞ୍ଜରେ ଯୋଗଦେବା ସହିତ ସନ୍ଧ୍ୟାରେ ହାତୀ ଘଉଡାଇବା ପାଇଁ ଡ୍ୟୁଟିରେ ଯାଇଥିଲେ। ସେଠାରୁ ଫେରିବା ପରେ ତାର ଆଉ କୌଣସି ପତ୍ତା ମିଳିନଥିଲା। ଶନିବାର ଢେଙ୍କାନାଳ ବାଇପାସ୍‌ରେ ଥିବା ଶିବ ମନ୍ଦିର କୂଅରୁ ଚଗଲିଙ୍କ ମୃତ ଦେହ ଉଦ୍ଧାର କରାଯାଇଥିଲା। ଭାଇଙ୍କ ଅଭିଯୋଗ ଅନୁସାରେ ରେଞ୍ଜର ତାକୁ ବହୁତ ନିର୍ଯ୍ୟାତନା ଦେଉଥିବା ଘରେ ବାରମ୍ବାର କହିଥିଲେ। ଚଗଲିର ନାକରୁ ରକ୍ତ ବାହାରୁଥିବା ବେଳେ ଦୁଇ ହାତରୁ ଚୋପା ଛାଡି ଯାଇଥିବାର ଅଭିଯୋଗ ହୋଇଛି। ତାଙ୍କ ଭାଇର ମୃତ୍ୟୁର ତଦନ୍ତ ସହିତ ଉପଯୁକ୍ତ ନ୍ୟାୟ ପ୍ରଦାନ କରିବାକୁ ଦାବୀ ହୋଇଛି।

# ହିନ୍ଦୋଳ ବିଜୁଜନତାଦଳର ପଦଯାତ୍ରା

ହିନ୍ଦୋଳ, (ସବ୍ୟୁ) : ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ନିର୍ବାଚନ ମଣ୍ଡଳୀ ବିଜୁଜନତାଦଳ ପକ୍ଷରୁ ହିନ୍ଦୋଳ ଏନଏସି ରେ ଶକ୍ତିପ୍ରଦର୍ଶନ ହୋଇଛି। ହିନ୍ଦୋଳ ବିଜେଡି ନେତା ପୂର୍ବତନ ସାଂସଦ ମହେଶ ସାହୁଙ୍କ ନେତୃତ୍ୱ ରେ ହିନ୍ଦୋଳ ଏନଏସି ସଭାପତି ପ୍ରଦ୍ୟୁମ୍ନ ବେହେରାଙ୍କ ସଭାପତିତ୍ୱରେ ହିନ୍ଦୋଳ ବ୍ଲକ ଅଫିସ ନିକଟରେ ଥିବା ଦାଣ୍ଡିଯାତ୍ରାରେ ମାଲ୍ୟାର୍ପଣ କରାଯାଇ ପଦଯାତ୍ରା ଆରମ୍ଭ ହେବାସହ,ଡ଼ଃ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ତତ୍ପରେ କୋର୍ଟଛକ ସ୍ଥିତ ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହିତ ହିନ୍ଦୋଳ ମାଟିର ବରପୁତ୍ର ସ୍ୱର୍ଗତ ମନ୍ତ୍ରୀ ତ୍ରିନାଥ ନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ପଦଯାତ୍ରା କରାଯାଇଥିଲା। ପୂର୍ବତନ ସାଂସଦ ଡବଲଇଂଜିନ ସରକାରର ସମସ୍ତ ବିଫଳତା ବର୍ଣ୍ଣନା କରିବାସହ ନବୀନ ପଟନାୟକଙ୍କ ସଫଳତା ଓ ବିପୁଳ ଲୋକପ୍ରିୟତା ସମ୍ପର୍କରେ କହିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା କାର୍ଯ୍ୟକାରୀ ସଭାପତି ସନ୍ଦୀପ ଷଡ଼ଙ୍ଗୀ,ଜିଲ୍ଲା ଛାତ୍ରସଭାପତି ଆର୍ଯ୍ୟନ ଦାସ,ରାଜ୍ୟପରିଷଦ ସଦସ୍ୟ ଅଶୋକ ନାୟକ,ରାଜ୍ୟ ମହିଳା ସାଧାରଣସମ୍ପାଦିକା ମମତା ସାହୁ,ହିନ୍ଦୋଳ ବ୍ଲକ ସଭାପତି ଦେବିପ୍ରସାଦ ପଟ୍ଟନାୟକ,ଜିଲ୍ଲାପରିଷଦ ସଭ୍ୟା ମମତାଞ୍ଜଳି ବେହେରା,ଓଡାପଡା ସଭାପତି ଯତି ନାଏକ,ହିନ୍ଦୋଳ ଏନଏସି ସଭାପତି ପ୍ରଦ୍ୟୁମ୍ନ ବେହେରା,ଏନଏସି ଉପାଧ୍ୟକ୍ଷା ପ୍ରତିମା ରାଉତ,ଜିଲ୍ଲା ସାଧାରଣ ସମ୍ପାଦକ ଚକ୍ରଧର ଦାସ,କାଉନସିଲର ବିଷ୍ଣୁପ୍ରିୟା ନାଏକ,ଜିଲ୍ଲାସମ୍ପାଦକ ପ୍ରଶାନ୍ତ ଦାସ,ବରିଷ୍ଠ ବିଜେଡି ନେତା ହେମନ୍ତ ସାହୁ, ବ୍ଲକ ଉପସଭାପତି ସତ୍ୟାନନ୍ଦ ସାହୁ,ଏନଏସି ଉପସଭାପତି ବିଜୟ ବେହେରା, ପୂର୍ଣ୍ଣଚନ୍ଦ୍ର ନାଠି ଙ୍କ ସମେତ ଶତାଧିକ ବିଜେଡି କର୍ମୀ ଯୋଗଦେଇଥିଲେ।

# ନୂତନ ଆଇଆଇସିଙ୍କୁ ଟ୍ରକ ମାଲିକସଂଘର ସୌଜନ୍ୟମୂଳକ ସାକ୍ଷାତ

ବଅଁରପାଳ ,(ସବ୍ୟୁ): ଅନୁଗୋଳ ଜିଲ୍ଲା ବଅଁରପାଳ ବ୍ଲକ ସିପିପି ଛକଠାରେ ଅବସ୍ଥିତ ନାଲକୋ ପେରିଫେରି ଟ୍ରକ ମାଲିକ ସଂଘର ସଭାପତି ଦୀପକ ସାହୁଙ୍କ ନେତୃତ୍ୱରେ ବଅଁରପାଳ ଥାନାରେ ନୂତନ ଭାବେ ଯୋଗ ଦେଇଥିବା ଅଧିକାରୀ ଅୟସକାନ୍ତ ଜେନାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ । ଏହି ସୌଜନ୍ୟମୂଳକ ସାକ୍ଷାତ ସମୟରେ ବଅଁରପାଳ ଅଞ୍ଚଳରେ ଶାନ୍ତି ଓ ସୁରକ୍ଷାକୁ ସୁଦୃଢ଼ କରିବା ସହିତ ଟ୍ରାଫିକ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଏଥିସହିତ ମାଲିକ ମାନଙ୍କୁ ଏକ ସଚେତନତା ବାର୍ତ୍ତା ଦେଇଥିଲେ । ଟ୍ରାଫିକ ନିୟମ ପାଳନ କରିବା, ଗାଡ଼ି ଚଳାଉଥିବା ସମୟରେ ମୋବାଇଲ ଫୋନ ବ୍ୟବହାର ନକରିବା ଓ ନିଶା ସେବନ କରି ବେପରୁଆ ଭାବେ ଗାଡ଼ି ନଚଳାଇବାକୁ ସଂଘ ପକ୍ଷରୁ ଡ୍ରାଇଭର ମାନଙ୍କୁ ସଚେତନତା କରନ୍ତୁ ବୋଲି ଶ୍ରୀ ଜେନା ପ୍ରକାଶ କରିଥିଲେ । ନଚେତ ଟ୍ରାଫିକ ନିୟମ ଉଲ୍ଲଂଘନ



କରୁଥିବା ଚାଳକ ମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏହି ଆଲୋଚନାରେ ସଂଘର ଉପ ସଭାପତି ରାଜୀବ ଲୋଚନ ଦାସ , ସାଧାରଣ ସମ୍ପାଦକ ନାରାୟଣ ଚନ୍ଦ୍ର ସିଂହ, ସହ – ସମ୍ପାଦକ ହେମନ୍ତ କୁମାର ସାହୁ ଓ କୋଷାଧ୍ୟକ୍ଷ ବୈକୁଣ୍ଠନାଥ ସୁବୁଦ୍ଧି ପ୍ରମୁଖ ଉପସ୍ଥିତ ଥିଲେ ।

# ଦଶମ ଶ୍ରେଣୀ ଛାତ୍ରଙ୍କୁ ଅଣଛାତ୍ରଙ୍କ ମରଣାନ୍ତକ ଆକ୍ରମଣ

ବ୍ରହ୍ମପୁର, (ସବ୍ୟୁ): ଆଜି ସ୍ଥାନୀୟ ମେଡିକାଲ କ୍ୟାମ୍ପସରେ ଦଶମ ଶ୍ରେଣୀ ପଢୁଥିବା ଦୁଇଜଣ ଛାତ୍ର ସଂଘବଧ ଆକ୍ରମଣର ଶିକାର ହୋଇଛନ୍ତି। ଆହତ ଛାତ୍ର ମାନେ ହେଲେ ଗୋବିନ୍ଦ ବିହାର ୧୧ ଲେନର ଲୋକନାଥ ପାତ୍ର ଓ ସୂରଜ ବିହାର ପଞ୍ଚମ ଲେନର ସୌରଭ ସାହୁ। ମଧ୍ୟାହ୍ନରେ ବିଦ୍ୟାଳୟରେ ଚାଲିଥିବା ଅର୍ଦ୍ଧ ବାର୍ଷିକ ପରୀକ୍ଷା ଦେଇ ବାହାରେ ଠିଆ ହୋଇଥିବା ବେଳେ ୮ ରୁ ଅଧିକ ବାଳକ ଆସି ଲୋକନାଥ ଓ ସୌରଭଙ୍କୁ ଗାଳିଗୁଲଜ କରିଥିଲେ। କିଛି ସମୟ ପରେ ସେମାନଙ୍କୁ ଟାଣି ନେଇ ମେଡିକାଲ ପଛପଟେ ଥିବା ଶବ ବ୍ୟବଚ୍ଛେଦ ଗୃହ ନିକଟରେ ମରଣାନ୍ତକ ଆକ୍ରମଣ କରିଥିଲେ। ପିଲାଙ୍କ ଚିତ୍କାର ଶୁଣି ସ୍ଥାନୀୟ ଲୋକ ରୁଣ୍ଡ ହେବା ପରେ ଆକ୍ରମଣକାରୀ ଫେରାର ହୋଇ ଯାଇଥିଲେ। ପ୍ରକାଶ ଥାଉକି କିଛି ଦିନ ପୂର୍ବେ କୌଣସି ଏକ କଥାକୁ ନେଇ ବିଦ୍ୟାଳୟର ନବମ ଶ୍ରେଣୀର କିଛି ଛାତ୍ରଙ୍କ ସହ ଏହି ଦୁଇଜଣଙ୍କ କଥା କଟାକଟି ହୋଇଥିଲା। ଆଜି ପରୀକ୍ଷା ସରିବା ପରେ ଯୋଜନାବଦ୍ଧ ରୂପେ ଏହି ଆକ୍ରମଣ କରିଛନ୍ତି। ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ନଜରକୁ ଏହି ଘଟଣା ଆସିବା ପରେ ପୁଲିସକୁ ଖବର ଦେଇଥିଲେ। ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଆହତଙ୍କୁ ଭେଟି ଆକ୍ରମଣକାରୀଙ୍କ ବିଷୟରେ ତନାଘନା ଆରମ୍ଭ କରିଛି। ସୂଚନାକ୍ରମେ ଘଟଣାରେ ସମ୍ପୃକ୍ତ ଥିବା ଛାତ୍ରମାନେ ପୂର୍ବରୁ ମଧ ଏହିପରି ମାରପିଟ ଘଟଣାରେ ଜଡ଼ିତ ଥିବା ଜଣାପଡ଼ିଛି ।

# ତୃତୀୟ ଓ ପଞ୍ଚମ ଶ୍ରେଣୀ ବୃତ୍ତି ପରୀକ୍ଷା

ବୁଗୁଡ଼ା, (ସବ୍ୟୁ) : ସ୍ଥାନୀୟ ପିପୁଲ୍ଲି ହାଇସ୍କୁଲ କେନ୍ଦ୍ରରେ ଆଜି ତୃତୀୟ ଶ୍ରେଣୀ ବୃତ୍ତି ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି । ଏଥିରେ ବୁଗୁଡା ଗୋଷ୍ଠୀ ଶିକ୍ଷାଧକାରୀଙ୍କ କାର୍ଯ୍ୟାଳୟ ଅଧୀନସ୍ଥ ବିଭିନ୍ନ ବିଦ୍ୟାଳୟର ୧୩୩ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ୪ ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ରହିଥିଲେ। ଉକ୍ତ କେନ୍ଦ୍ରର ସୁପରିଟେଣ୍ଡେଣ୍ଟ ଦାୟିତ୍ୱରେ ପିପୁଲ୍ଲି ହାଇସ୍କୁଲର ପ୍ରଧାନ ଶିକ୍ଷକ ଶଙ୍କର ଦାସ ରହିଥିଲା ବେଳେ ଏବିଇଓ କ୍ରିଷ୍ଣଚନ୍ଦ୍ର ବେହେରା ପର୍ଯ୍ୟବେକ୍ଷକ ଭାବେ ଯୋଗ ଦେଇଥିଲେ । ସେହିପରି ସ୍ଥାନୀୟ ଶ୍ରୀ ବିରଞ୍ଚି ନାରାୟଣ ବାଳିକା ଉଚ୍ଚ ବିଦ୍ୟାଳୟ କେନ୍ଦ୍ରରେ ମଧ ଆଜି ପଞ୍ଚମ ଶ୍ରେଣୀ ବୃତ୍ତି ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି । ଏଥିରେ ବୁଗୁଡା ଗୋଷ୍ଠୀ ଶିକ୍ଷାଧକାରୀଙ୍କ କାର୍ଯ୍ୟାଳୟ ଅଧୀନସ୍ଥ ବିଭିନ୍ନ ବିଦ୍ୟାଳୟର ୧୨୭ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲା ବେଳେ ୫ ଜଣ ଅନୁପସ୍ଥିତ ରହିଥିଲେ। ଉକ୍ତ କେନ୍ଦ୍ରର ସୁପରିଟେଣ୍ଡେଣ୍ଟ ଦାୟିତ୍ୱରେ ଏସବିଏନ୍ ଗାର୍ଲସ୍ ହାଇସ୍କୁଲର ଭାରପ୍ରାପ୍ତା ପ୍ରଧାନ ଶିକ୍ଷୟିତ୍ରୀ କୃଷ୍ଣପ୍ରିୟା ମହାରଣା ରହିଥିଲା ବେଳେ ଏବିଇଓ ରବିନ୍ଦ୍ର ବେହେରା ଯୋଗ ଦେଇଥିଲେ। ଉଭୟ କେନ୍ଦ୍ରରେ ପରୀକ୍ଷା ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ ହୋଇଥିବା ଜଣାଯାଇଛି ।

# ଶିମିଳିପାଳରେ ନୂଆ ଆକର୍ଷଣ ଶିମିଳି କାଫେ

## ପର୍ଯ୍ୟଟକଙ୍କୁ ମିଳିବ ପାରମ୍ପାରିକ ଖାଦ୍ୟ, ପାନୀୟ, ଶିମିଳିପାଳ ସମ୍ବନ୍ଧୀୟ ସାମଗ୍ରୀ

ବାରିପଦା, (ସବ୍ୟୁ) : ରାଜ୍ୟସ୍ତରୀୟ ବନ୍ୟପ୍ରାଣୀ ସପ୍ତାହ-୨୦୨୬ ପାଳନ ଅବସରରେ ଶିମିଳିପାଳ ବ୍ୟାଘ୍ର ପ୍ରକଳ୍ପର ପିଠାବଟା ପ୍ରବେଶ ଦ୍ୱାରରେ ଶିମିଳି କାଫେର ଶୁଭାରମ୍ଭ ହୋଇଛି। ଓଡ଼ିଶା ସରକାରଙ୍କ ବନ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ମନ୍ତ୍ରୀ ଗଣେଶ ରାମ ସିଂଖୁଣ୍ଟିଆ ଅନଲାଇନ୍ ମାଧ୍ୟମରେ ଏହି କାଫେର ଉଦଘାଟନ କରିଥିଲେ। ଏହି ଅବସରରେ ବାଙ୍ଗିରିପୋଷି ବିଧାୟିକା ସଞ୍ଜଲି ମୁର୍ମୁ କାଫେ ପରିସରରେ ଉପସ୍ଥିତ ରହି ଇକୋ-ଡେଭଲପମେଣ୍ଟ କମିଟି (ଇଡିସି) ସଦସ୍ୟମାନଙ୍କ ସହ ଆଲୋଚନା କରିଥିଲେ। ଶିମିଳିପାଳ ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳକୁ ଆସୁଥିବା ପର୍ଯ୍ୟଟକଙ୍କ ଆବଶ୍ୟକତା ପୂରଣ ସହ ସୀମାନ୍ତବର୍ତ୍ତୀ ଗ୍ରାମର ଆଦିବାସୀ ସମ୍ପ୍ରଦାୟ ପାଇଁ ଏହା ଜୀବିକାର ସୁଯୋଗ ସୃଷ୍ଟି କରିବ ବୋଲି ସେ କହିଥିଲେ। ଜଙ୍ଗଲ ଉପରେ ନିର୍ଭରଶୀଳ ସମ୍ପ୍ରଦାୟଙ୍କୁ ସହଯୋଗ କରିବା ପାଇଁ କାଫେର ସେବା ଗ୍ରହଣ କରିବାକୁ ସେ ସାଧାରଣ ଲୋକଙ୍କୁ ଆହ୍ୱାନ ଦେଇଥିଲେ। ଶିମିଳିପାଳ ବ୍ୟାଘ୍ର ପ୍ରକଳ୍ପର ଏହି ପଦକ୍ଷେପର ମୁଖ୍ୟ ଉଦ୍ଦେଶ୍ୟ ହେଉଛି



ସୀମାନ୍ତବର୍ତ୍ତୀ ଗ୍ରାମର ଜଙ୍ଗଲ-ନିର୍ଭରଶୀଳ ପରିବାରଙ୍କୁ ଜୀବିକା ସୁଯୋଗ ପ୍ରଦାନ କରିବା ସହ ପର୍ଯ୍ୟଟକଙ୍କ ନିକଟରେ ଅଞ୍ଚଳର ସମୃଦ୍ଧ ସାଂସ୍କୃତିକ ଐତିହ୍ୟକୁ ପହଞ୍ଚାଇବା। ଗୋବିନ୍ଦଚନ୍ଦ୍ରପୁର ଗ୍ରାମର ବାବା ବୁଢ଼େଶ୍ୱର ଇକୋ-ଡେଭଲପମେଣ୍ଟ କମିଟିର ସଦସ୍ୟମାନେ କାଫେଟି ପରିଚାଳନା କରିବେ। ଶିମିଳିପାଳ ଜାତୀୟ ଉଦ୍ୟାନ ସମେତ ସୀତାକୁଣ୍ଡ, ଲୁଲୁଙ୍ଗ ଓ ବାଲିଡିହା ଡ୍ୟାମ ଆଦି ପର୍ଯ୍ୟଟନସ୍ଥଳୀକୁ ଆସୁଥିବା ପର୍ଯ୍ୟଟକଙ୍କୁ ଏହା ସେବା ଯୋଗାଇବ। କାଫେରେ ମୟୂରଭଞ୍ଜ ଜିଲ୍ଲାର ପାରମ୍ପରିକ ଖାଦ୍ୟ ସହ ବିଭିନ୍ନ ପ୍ରକାର ଜଳଖିଆ ଓ ପାନୀୟ ଉପଲବ୍ଧ ହେବ। ସକାଳ ୬ଟାରୁ ରାତି ୮ଟା ପର୍ଯ୍ୟନ୍ତ କାଫେ ଖୋଲା ରହିବ। ଏହା ଏଫଏସଏସଏଆଇ ପଞ୍ଜୀକରଣ ନମ୍ବର ୨୨୦୨୬୦୧୯୦୦୦୧୧୧ ଅଧୀନରେ ପଞ୍ଜୀକୃତ ହୋଇଛି। ଖାଦ୍ୟ ପରିବେଷଣ ସହିତ କାଫେରେ ଶିମିଳିପାଳ ଓ ବନ୍ୟପ୍ରାଣୀ ସମ୍ପର୍କିତ ପଠନ ସାମଗ୍ରୀ ସହ ଏକ ଛୋଟ ପାଠାଗାର ରହିବ। ଏଥିସହ ଏହା ଏକ ସ୍ମାରକୀ ଦୋକାନ ଭାବେ ମଧ କାର୍ଯ୍ୟ କରିବ। ଏଠାରେ ଶିମିଳିପାଳ ଥିମ୍‌ରେ ପରିକଳ୍ପିତ ସାମଗ୍ରୀ ସହ ଆମ ଶିମିଳିପାଳ ଯୋଜନା ଅଧୀନରେ ସୀମାନ୍ତବର୍ତ୍ତୀ ଗ୍ରାମର ଆଦିବାସୀ ସମ୍ପ୍ରଦାୟ ପ୍ରସ୍ତୁତ କରିଥିବା ବିଭିନ୍ନ ଉତ୍ପାଦ ମିଳିବ। ଛୋଟ ଉତ୍ସବ ଓ ବୈଠକ ପାଇଁ ମଧ କାଫେରେ ସ୍ଥାନ ଉପଲବ୍ଧ ରହିବ। କାଫେ ପରିଚାଳନା ପାଇଁ ଇଡିସିର ପାଞ୍ଚ ଜଣ ମହିଳା ସଦସ୍ୟଙ୍କୁ ରନ୍ଧନ କଳା ଓ ଆତିଥ୍ୟ ପରିଚାଳନା ସମ୍ପର୍କରେ ସ୍ୱତନ୍ତ୍ର ପ୍ରଶିକ୍ଷଣ ଦିଆଯାଇଛି। ସେମାନେ ଭୁବନେଶ୍ୱରସ୍ଥିତ ଭାରତୀୟ ପର୍ଯ୍ୟଟନ ଓ ଭ୍ରମଣ ପରିଚାଳନା ସଂସ୍ଥାନ ଏବଂ ହୋଟେଲ ପରିଚାଳନା, କ୍ୟାଟରିଂ ଟେକ୍ନୋଲୋଜି ଓ ପ୍ରୟୋଗାତ୍ମକ ପୋଷଣ ସଂସ୍ଥାନ ପକ୍ଷରୁ ଆୟୋଜିତ କ୍ଷମତା ବିକାଶ ପ୍ରଶିକ୍ଷଣରେ ଯୋଗଦେଇଛନ୍ତି। ଆବଶ୍ୟକତା ଅନୁଯାୟୀ ଭବିଷ୍ୟତରେ ଅଧିକ ସଦସ୍ୟଙ୍କୁ ମଧ ପ୍ରଶିକ୍ଷଣ ଦିଆଯିବ।

# ଜନସମ୍ପର୍କ ପଦଯାତ୍ରା ପାଇଁ ବିଜେଡିର ପ୍ରସ୍ତୁତି ବୈଠକ

ବାରିପଦା, (ସବ୍ୟୁ) : ଜନସମ୍ପର୍କ ପଦଯାତ୍ରା ନେଇ ବାରିପଦାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ମୂଖ୍ୟମନ୍ତ୍ରୀ ତଥା ସଭପତ ନବୀନ ପଟ୍ଟନାୟକ ନିର୍ଦ୍ଦେଶକ୍ରମେ ଅକ୍ଟୋବର ୨ତାରିଖ ଅର୍ଥାତ୍ ଗାନ୍ଧୀ ଜୟନ୍ତୀ ଠାରୁ ଜନ ସମ୍ପର୍କ ପଦଯାତ୍ରା ଆରମ୍ଭ ହୋଇ ନଭେମ୍ବର ୨ ଅର୍ଥାତ୍ ଲୋକନାୟକ ଜୟପ୍ରକାଶ ନାରାୟଣଙ୍କ ଜୟନ୍ତୀ ଯାଏଁ ମାସକ ଧରି ଚାଲିବ। ଏ ସମ୍ବନ୍ଧରେ ନେତୃତ୍ୱ ମାନଙ୍କ ଉପସ୍ଥିତିରେ ଆଲୋଚନା ବୈଠକ ଅନୁଷ୍ଠିତ ହୋଇଯାଇଛି। ଡବଲ ଇଞ୍ଜିନ ସରକାରରେ ଓଡିଶାବାସୀ ଉପେକ୍ଷିତ ହେଉଛନ୍ତି। ଉକ୍ତ ପଦଯାତ୍ରା ସମୟରେ ଡବଲ ଇଞ୍ଜିନ ସରକାରରେ ଜନ ସମସ୍ୟାକୁ ନେଇ ଲୋକଙ୍କ ନିକଟକୁ ଯିବୁ। ଡବଲ ଇଞ୍ଜିନ ସରକାର ନିର୍ବାଚନ ସମୟରେ ଲୋକ ମାନଙ୍କୁ ଯେଉଁ ପ୍ରତିଶୃତି ଦେଇଥିଲେ। ତାହାକୁ ଗତ ଅଢ଼େଇ ବର୍ଷ ମଧ୍ୟରେ ପୂରଣ କରିଲେ ନାହିଁ। ଚାଷୀ, ଯୁବ, ଛାତ୍ର, ନାରୀ, ଆଦିବାସି, ଦଳିତ, ସଂଖ୍ୟା ଲଘୁ ଆଦି ସମସ୍ତ ବର୍ଗର ଲୋକେ ପ୍ରତାରଣାର ଶିକାର ହୋଇଛନ୍ତି। ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ପରିସ୍ଥିତି ପାଇଁ ନାରୀ ନିର୍ଯ୍ୟାତନା ବୃଦ୍ଧି ପାଉଛି। କେନ୍ଦ୍ର ସରକାର ଏମଏମଡିଆର ଆକ୍ଟ ଜରିଆରେ ସଂଘୀୟ ବ୍ୟବସ୍ଥାର ହତ୍ୟା କରି ଓଡ଼ିଶାର ଅର୍ଥନୈତିକ ଅଧିକାରକୁ କ୍ଷୁର୍ଣ୍ଣ କରିଛନ୍ତି।ପୁସ୍ତକ ତ୍ରୁଟି, ଏସଆଇଆର ଆଦି ସବୁ କ୍ଷେତ୍ରରେ ରାଜ୍ୟ ସରକାର ବିଫଳ ଜଳ ଜଳ ହୋଇ ଦେଖଯାଉଛି। ଧାନ ମଣ୍ଡି, କୃଷି, ଭତ୍ତା, ପେନସନ ଆଦି କ୍ଷେତ୍ରରେ ରାଜ୍ୟ ସରକାର ବିଫଳ ହୋଇଛନ୍ତି। ରାଜ୍ୟବାସୀ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଶାସନ ସମୟର ଓଡ଼ିଶାର ବିକାଶ ଧାରାକୁ ମନେ ପକାଉଛନ୍ତି। ଡବଲ ଇଞ୍ଜିନ ସରକାର ପ୍ରତି ଜନସାଧାରଣ ମାନଙ୍କ ଅନେକ ରୋଷ ରହିଛି। ପ୍ରତିଶୃତି ଗୁଡିକ ପ୍ରତାରଣାରେ ପରିଣତ ହୋଇଛି। ବିଜେପି ସରକାରଙ୍କ ବିଫଳତାକୁ ନେଇ ବିଜେଡି ଜନ ସମ୍ପର୍କ ପଦଯାତ୍ରା ଜରିଆରେ ଲୋକଙ୍କ ନିକଟକୁ ଯିବ। ଜିଲ୍ଲାର ମୁଖ୍ୟାଳୟ ସମେତ ବ୍ଲକ୍, ପୌରପାଳିକା, ଏନ୍ଏସି ସବୁଠି ପଦଯାତ୍ରା ଅନୁଷ୍ଠିତ ହେବ। ଉକ୍ତ ପଦଯାତ୍ରାରେ ପଦାଧିକାରୀ, ନେତା, ଶୁଭେଚ୍ଛୁ, ଯୋଗ ଦେବାକୁ ଆହ୍ୱାନ ଦିଆଯାଇଛି। ବୈଠକରେ ସଭାପତି ତଥା ପୂର୍ବତନ ମନ୍ତ୍ରୀ ସୁଦାମ ମାରାଣ୍ଡି, ସଭାପତି ଡ଼ାଃ ଦେବାଶିଷ ମାରାଣ୍ଡି, ସାନନ୍ଦ ମାରାଣ୍ଡି, ଭାରତୀ ହାଁସଦାଃ, ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ଏମସିସି ବ୍ୟାଙ୍କ ସଭାପତି ସୁବ୍ରମଣ୍ୟମ ମହାନ୍ତି, ଦେବାଶିଷ ମହାନ୍ତି, ଜିତେନ୍ଦ୍ର ମହାନ୍ତି, ସୁନ୍ଦର ମୋହନ୍ ସିଂ, ଶ୍ରାବଣୀ ଦାସ, ଅରୁଣ ବରାଡଙ୍କ ସମେତ ଅନ୍ୟ କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ରହିଥିଲେ।

## ନିଖିଳ ଉତ୍କଳ କଲ୍ୟାଣ ଶିକ୍ଷକ ଓ ଶିକ୍ଷାନିରୀକ୍ଷକ ସଂଘ ନିର୍ବାଚନ

# ସଭାପତି ସୁଧାଂଶୁ ଓ ସାଧାରଣ ସମ୍ପାଦକ ପ୍ରିୟବ୍ରତ

ବାରିପଦା, (ସବ୍ୟୁ) : ନିଖିଳ ଉତ୍କଳ କଲ୍ୟାଣ ଶିକ୍ଷକ ଓ ଶିକ୍ଷାନିରୀକ୍ଷକ ସଂଘ, ମୟୂରଭଞ୍ଜ ଶାଖାର ବାରିପଦା ଉପଖଣ୍ଡ ସ୍ତରୀୟ ନିର୍ବାଚନ ଅସନଯୋଡ଼ାସ୍ଥିତ ପି.ଏମ୍.ଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ



ହୋଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସୁଜାତା ଷଡ଼ଙ୍ଗୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ନିର୍ବାଚନୀ ବୈଠକ ପରିଚାଳିତ ହୋଇଥିଲା। ଜିଲ୍ଲା ସଭାପତି ଡିମ୍ପଲ କୁମାର ଦାସ ଓ ସାଧାରଣ ସମ୍ପାଦକ ଦୀପକ କୁମାର ସେଠୀଙ୍କ ନେତୃତ୍ୱରେ ଆୟୋଜିତ ସଭାରେ ସଂଘର ମାର୍ଗଦର୍ଶକ ବିଶ୍ୱନାଥ ସାହୁ ଓ ଧ୍ରୁବଚରଣ ମୁର୍ମୁ ମଞ୍ଚାସୀନ ଥିଲେ। ସୁଶାନ୍ତ କୁମାର ପାତ୍ର ସଭାପତିତ୍ୱ କରିଥିଲେ। ସଭାରେ ମଞ୍ଚାସୀନ ଅତିଥିମାନେ ନବନିର୍ବାଚିତ ଓ ଆଶାୟୀ ପ୍ରାର୍ଥୀମାନଙ୍କୁ ଶିକ୍ଷକ ସମାଜର କଲ୍ୟାଣ, ସ୍ୱାର୍ଥରକ୍ଷା ଓ ସଂଘର ସାଂଗଠନିକ ଦୃଢ଼ତା ପାଇଁ ନିଷ୍ଠା ଓ ଦାୟିତ୍ୱବୋଧର ସହ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ପରେ ଗଣତାନ୍ତ୍ରିକ ଭୋଟ୍ ପ୍ରକ୍ରିୟାରେ ସଂଘର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ନୂତନ କାର୍ଯ୍ୟକାରିଣୀର ସଭାପତି ଭାବେ ସୁଧାଂଶୁ ଶେଖର ସେଠୀ, ଉପସଭାପତି ଭାବେ ସମ୍ବିତ ପାତ୍ର, ସାଧାରଣ ସମ୍ପାଦକ ଭାବେ ପ୍ରିୟବ୍ରତ ମିଶ୍ର, ଯୁଗ୍ମ ସମ୍ପାଦକ ଭାବେ କେଶବକୃଷ୍ଣ ମହାନ୍ତ, ସାଂଗଠନିକ ସମ୍ପାଦକ ଭାବେ ରବୀନ୍ଦ୍ର ମୁଖୀ, କୋଷାଧ୍ୟକ୍ଷ ଭାବେ ଦିନେଶ କୁମାର ରାମ ଓ ଅଡିଟର ଭାବେ କୁନା ମହାନ୍ତ ନିର୍ବାଚିତ ହୋଇଛନ୍ତି। ସେହିପରି ମହିଳା ପ୍ରତିନିଧି ଭାବେ ନୀଳାଞ୍ଜନା ରାଉତ ଓ ଲକ୍ଷ୍ମୀପ୍ରିୟା ଶାଶ୍ମଲ ନିର୍ବାଚିତ ହୋଇଛନ୍ତି। ନିର୍ବାଚନ ପରେ ସମସ୍ତ ନବନିର୍ବାଚିତ କର୍ମକର୍ତ୍ତାଙ୍କୁ ଆନୁଷ୍ଠାନିକ ଭାବେ ପଦ ଓ ଗୋପନୀୟତାର ଶପଥ ପାଠ କରାଯାଇଥିଲା। ଏଥିସହ ସେମାନଙ୍କୁ ନିଜ ନିଜ ଦାୟିତ୍ୱ ଅର୍ପଣ କରାଯାଇଥିଲା। ନବନିର୍ବାଚିତ କାର୍ଯ୍ୟକାରିଣୀ ଶିକ୍ଷକ ସମାଜର ବିଭିନ୍ନ ସମସ୍ୟା, ଅଧିକାର ଓ ସ୍ୱାର୍ଥ ସମ୍ପର୍କିତ ପ୍ରସଙ୍ଗରେ ସଂଘକୁ ଅଧିକ ସକ୍ରିୟ ଓ ସୁଦୃଢ଼ କରିବା ଦିଗରେ କାର୍ଯ୍ୟ କରିବ ବୋଲି ଆଶା ପ୍ରକାଶ ପାଇଥିଲା।

# ପ୍ରେମିକା ଘରୁ ନାବାଳକ ପୁରୁଷ ବନ୍ଧୁଙ୍କୁ ଉଦ୍ଧାର କଲା ପ୍ରଶାସନ

ବ୍ରହ୍ମପୁର, (ସବ୍ୟୁ) : ଜଣେ ୧୭ ବର୍ଷର ନାବାଳକଙ୍କୁ ତିନି ଦିନ ହେଲା ପ୍ରେମିକା ପରିବାର ଲୋକ ନିଜ ଘରେ ରଖିଥିବା ଘଟଣା ଆଜି ସାମନାକୁ ଆସିଥିଲା। ଗଞ୍ଜାମ ଜିଲ୍ଲା ପ୍ରଶାସନର ଏକ ନିମଖଣ୍ଡି ଥାନା ଖଜୁରିଆରେ ପହଞ୍ଚି ତାଙ୍କୁ ସ୍ଥାନୀୟ ପୋଲିସ ସହାୟତାରେରେ ଉଦ୍ଧାର କରିଛନ୍ତି। ନାବାଳକଙ୍କୁ ଶିଶୁମଙ୍ଗଳ ଅଧିକାରୀଙ୍କ ନିକଟରେ ହାଜର ପରେ ଚିକିଟି ସ୍ଥିତ ସୁଧାର ଗୃହରେ ରଖିଛନ୍ତି। ସୂଚନା ପ୍ରକାରେ ପୁରୁଣା ଖଜୁରିଆ ଅଞ୍ଚଳର ଜଣେ ୧୭ ବର୍ଷର ଯୁବକ ଫୁଲଟା ଦାସ ସାହିର ଜଣେ ସାବାଳିକାଙ୍କ ମଧ୍ୟରେ ବିଦ୍ୟାଳୟରେ ପଢୁଥିବା ବେଳେ ବନ୍ଧୁତା ସୃଷ୍ଟି ହୋଇଥିଲା। ଉକ୍ତ ଯୁବତୀଙ୍କୁ ଅନ୍ୟତ୍ର ସ୍ଥାନରେ ବାହାଘର ପାଇଁ ଯୋଜନା ହେଉଥିବା ଖବର ପାଇ ଗତ ସୋମବାର ଦିନ ନାବାଳକ ଜଣକ ମଧ୍ୟ ରାତ୍ରିରେ ଫୁଲଟାସ୍ଥିତ ଯୁବତୀଙ୍କ ଘରକୁ ଯାଇଥିଲା। ଉକ୍ତ ଯୁବତୀଙ୍କ ଘର ଲୋକ ଏହା ଜାଣିବାପରେ ଦୁଇଜଣଙ୍କର ବାହାଘର କରିବାପାଇଁ ଯୋଜନା କରିଥିଲେ। ଏହି କ୍ରମରେ ତାଙ୍କ ପରିବାର ଲୋକଙ୍କ ସମ୍ମତି ସହ ଗ୍ରାମରେ ବସିଥିବା ବୈଠକରେ ଆଲୋଚନା ହୋଇଥିଲା। ଏକ ସୂତ୍ରରୁ ଖବର ପାଇ ଆଜି ବ୍ରହ୍ମପୁର ଏସପି ଅଭିନବ ସନୋକରଙ୍କ ନିର୍ଦ୍ଦେଶ କ୍ରମେ ଡିସିପିଓ ରାଜେଶ୍ୱରୀ ଦାସ, ନିମଖଣ୍ଡି ଓ ଗୋସାଣୀନୂଆଗାଁ ଥାନା ପୋଲିସ ଯୁବତୀଙ୍କ ଘରକୁ ଯାଇ ଉକ୍ତ ନାବାଳକଙ୍କୁ ଉଦ୍ଧାର କରିଥିବା ଶିଶୁ ସୁରକ୍ଷା ଅଧିକାରୀ ରାଜଶ୍ରୀ ଦାସ ସୂଚନା ଦେଇଛନ୍ତି ।

## ବିଭାଗୀୟ ଅସହାୟତା ନା ମଧୁଚନ୍ଦ୍ରିକା

# ୬ ମାସ ହେଲାଣି କାମ ସରୁନି, ରାସ୍ତା ଖାଲଖମା କରି ଠିକାଦାର ଚୁପ

ଚିକିଟି, (ସବ୍ୟୁ): ଗ୍ରାମ୍ୟ ଉନ୍ନୟନ ବିଭାଗ ତରଫରୁ କେ. ନୂଆଗାଁ ଠାରୁ ଦିଗପହଣ୍ଡି ବ୍ଲକର ଗଡ଼ଗୋବିନ୍ଦପୁର ପର୍ଯ୍ୟନ୍ତ ୫ କିଲୋମିଟର ରାସ୍ତା ନିର୍ବାଣ ଓ ପ୍ରଶାସ୍ତିକରଣ ପାଇଁ ୫ କୋଟିରୁ ଅଧିକ ଟଙ୍କା ବ୍ୟୟରେ କାମ ପାଇଁ ୬ ମାସ ତଳେ ଟେଣ୍ଡର ବାହାରି ଚୁକ୍ତିନାମା ହୋଇଥିଲା। କିନ୍ତୁ ରାସ୍ତା ପ୍ରଶସ୍ତି କରଣ ନାଁ ରେ ରାସ୍ତାର ଦୁଇ ପାର୍ଶ୍ୱକୁ କମ ଖୋଳି ନିମ୍ନ ମାନର ମେଟାଲ ଏବଂ ଡଷ୍ଟ ପକାଇ ଛାଡି ଦେଇଛି । ଅନ୍ୟ ପଟେ ରାସ୍ତା ପ୍ରଶସ୍ତି ପାଇଁ ଦୁଇପଟ ଖୋଳିବା ବେଳେ ରାସ୍ତା ଖାଲ ଖମା ହୋଇପଡିଛି । ଗତ ଲଘୁଚାପ ବର୍ଷା ପୂର୍ବରୁ ବିଏସଏଲଏନ ଗାଁ ମୁହଁ ରାସ୍ତାକୁ ଖୋଳି ଛାଡିଦେଇଥିଲା। ଗଣମାଧ୍ୟମରେ ଖବର ପ୍ରକାଶ ପରେ ଏବେ ସେହି ରାସ୍ତାରେ ବଡ଼ ବଡ଼ ମେଟାଲ ବିଛାଇ ଛାଡିଦେଇଛି ଠିକାଦାର । ଚାଲି ଯିବା କଷ୍ଟକର ହୋଇପଡିଛି । ବାଇକରେ ଦୁଇ ଜଣ ଯିବା ବେଳେ ମେଟାଲ ଉପରେ ଚକା ଭାରସାମ୍ୟ ହରାଉଛି । କେତେବେଳେ କିଏ ରାସ୍ତାରେ ପଡି ଖଣ୍ଡିଆ ଖାବରା ହେଉଛି ତ ଆଉ କାହାର ଗାଡି ଚକା ପମ୍ପ ଚୋର



ହେଉଛି । ସେହିଭଳି ବୀରଶତ୍ରୁମର୍ଦ୍ଦନପୁର ଠାରୁ ଗଡ଼ଗୋବିନ୍ଦପୁର ରାସ୍ତା ମରଣ ଯନ୍ତା ପାଲଟିଛି। ବାରମ୍ବାର ଅଭିଯୋଗ ସତ୍ତ୍ୱେ ଗ୍ରାମ୍ୟ ଉନ୍ନୟନ ବିଭାଗ ନଜାଣିଲା ଭଳି ରହୁଛି । ଠିକାଦାରଙ୍କୁ ଡରି ବିଭାଗ ଅସହାୟତା ପ୍ରକାଶ କରୁଛି ନା ମଧୁଚନ୍ଦ୍ରିକାରେ ଉବଟୁବ ହେଉଛି ତାକୁ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହାକୁ ନେଇ ଲୋକଙ୍କ କ୍ଷୋଭ ବଢ଼ିଚାଲିଛି । ତୁରନ୍ତ ରାସ୍ତା ନିର୍ମାଣ କାମ ସାରିବା ପାଇଁ ଅଞ୍ଚଳରୁ ଦାବି ଉଠିଛି।

## ଖଣି ବିଭାଗର ଚଢ଼ାଉ: ୨ ମେସିନ , ୩ ଡମ୍ଫର ଜବତ

ସୋର,(ସବ୍ୟୁ) : ବୁଧବାର ଭୋର ସମୟରେ ଖଣି ବିଭାଗ ତରଫରୁ ମଧୁପୁହାଣ ପଥର ଖାଦାନରେ ଚଢ଼ାଉ କରି ଦୁଇଟି ପୋକଲିନ ଏବଂ ତିନୋଟି ବେଆଇନ ପଥର ବୋଝେଇ ଡମ୍ଫରକୁ ଜବତ କରାଯାଇଛି।ଭୋର ସମୟରେ ଖାଦାନର ୪୨ ନମ୍ବର କ୍ୱାରୀରେ ପଥର ଲୁଟ ଚାଲିଥିବା ନେଇ ଖଣି ବିଭାଗକୁ ଖବର ମିଳିଥିଲା।ଫଳରେ ଜିଲ୍ଲା ଖଣି ଅଧିକାରୀ ରୋହିତ କୁମାର ସାମଲଙ୍କ ନେତୃତ୍ୱରେ କନିଷ୍ଠ ଖଣି ଅଧିକାରୀ ଜଗନ୍ନାଥ ରାଉ ଓ ସମିତ କୁମାର ମଣି ଚଢ଼ାଉ କରି ପଥର ଲୁଟରେ ଲାଗିଥିବା ୨ଟି ପୋକ୍ଲିନ ମେସିନକୁ ଜବତ କରିଥିବା ବେଳେ ମାଫିଆମାନେ ଛତ୍ରଭଙ୍ଗ ହେଇଥିଲେ। ପରେ ରାଜପଥରେ ପଥର ବୋଝେଇ କରି ଯାଉଥିବା ୩ଟି ପଥର ବୋଝେଇ ଡମ୍ଫରକୁ ଜବତ କରି ବାସୁଦେବପୁର ଥାନାରେ ଜିମା ଦେଇଥିଲେ। ଚଢ଼ାଉ ହେଉଥିବା ଖବର ପାଇ ମାଫିଆମାନେ ଛତ୍ରଭଙ୍ଗ ହେଇଥିବା ବେଳେ ଅନେକ ପଥର ବୋଝେଇ ଗାଡି ରାସ୍ତାରେ ପଥର ଢ଼ାଳି ଫେରାର ହୋଇଯାଇଥିବା ଜଣାପଡ଼ିଛି।

## ଏଫଏମ କଲେଜର ନମୋ ସେବା ଗାଥା ପଥପ୍ରାନ୍ତ ନାଟକ ଆୟୋଜିତ

ବାଲେଶ୍ୱର,(ସବ୍ୟୁ): ଶନିବାର ଅପରାହ୍ନ ୫ଟା ରେ ଫକୀର ମୋହନ ସ୍ୱୟଂ ଶାସିତ ମହାବିଦ୍ୟାଳୟ ପକ୍ଷରୁ ସେବା ସଂକଳ୍ପ ଅଭିଯାନ -୨୦୨୬ଯୋଜନା ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମ ଦିବସ ଅବସରରେ ନମୋ ସେବା ଗାଥା ପଥ ପ୍ରାନ୍ତ ନାଟକ ମଞ୍ଚସ୍ଥ ହୋଇଯାଇଛି।ଏହି ନାଟକ ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁଜୁରାଟ



ରେ ମୁଖ୍ୟମନ୍ତ୍ରୀ ଥିବା ବେଳେ ଆସିଥିବା ଭୂମିକମ୍ପରେ ପୀଡିତ ଙ୍କୁ ସହାୟତା ଠାରୁ ଆରମ୍ଭ କରି ପ୍ରଧାନମନ୍ତ୍ରୀ ହେବା ପରେ ରାଷ୍ଟ୍ର ଗଠନ ରେ ତାଙ୍କର ଯୋଜନା ଓ କୋଭିଡ ର ମୁକାବିଲା ରେ ସଫଳତା ଉପରେ ଆଲୋକପାତ କରାଯାଇଥିଲା। ଏହି ପଥ ପ୍ରାନ୍ତ ନାଟକର ନିର୍ଦ୍ଦେଶନା ଦେଇଥିଲେ ଇଂରାଜୀ ଅଧ୍ୟାପିକା ମିନତୀ ସେଠୀ, ସଂଗୀତ ନିର୍ଦ୍ଦେଶନା ଦେଇଥିଲେ ନନ୍ଦ କିଶୋର ଦାସ। ନରେନ୍ଦ୍ର ମୋଦି ଭୂମିକାରେ ଅର୍ଥ ଦର୍ଶୀ ନାୟକ, ସୋନାଲି ଭୂମିକାରେ ଶ୍ରୀୟା ଷଡ଼ଙ୍ଗୀ, ରମଣ ଭୂମିକାରେ ଅକ୍ଷତ କୁମାର ପାତ୍ର, ମୋହିତ ଭୂମିକାରେ ସତ୍ୟଜିତ ସାହୁ, କାଜଲ ଭୂମିକା ରେ ଆଦ୍ୟାଶା, ଝିଅ ଭୂମିକା ରେ ପାୟେଲ ପ୍ରିୟ ଦର୍ଶିନୀ, ସାମ୍ବାଦିକ ଭୂମିକା ରେ ସତ୍ୟ ପ୍ରକାଶ ଜେନା,ସୈନିକ ଭୂମିକା ରେ ପ୍ରଭଞ୍ଜନ ସାହୁ ପ୍ରମୁଖ ଅଭିନୟ କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ଆର କେ ରାୟ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲା ବେଳେ ଅଧ୍ୟାପିକା ମିନତୀ ସେଠୀ ମଞ୍ଚ ପରିଚାଳନା କରି ଥିଲେ।

## କୋଲଡିହ ହାଟରେ ଜୁଆ ଆଡ୍ଡା ଠାବ ୫ ଅଟକ, ୧୧ହଜାର ସହ ସାମଗ୍ରୀ ଜବତ

ଆନନ୍ଦପୁର , (ସବ୍ୟୁ) : ଗୁପ୍ତ ସୂଚନାକୁ ଆଧାର କରି ଆନନ୍ଦପୁର ପୁଲିସ ଆଜି କୋଲଡିହ ହାଟ ଅଞ୍ଚଳରେ ଚଢ଼ାଉ କରି ଏକ ଜୁଆ ଆଡ୍ଡା ଠାବ କରିଛି। ହାଟରେ କିଛି ବ୍ୟକ୍ତି ଜୁଆ ଖେଳୁଥିବା ନେଇ ପୁଲିସକୁ ସୂଚନା ମିଳିବା ପରେ ଏହି ଚଢ଼ାଉ କରାଯାଇଥିଲା। ପୁଲିସ ଟିମ ଘଟଣାସ୍ଥଳରେ ପହଞ୍ଚି ଯାଞ୍ଚ କରିବା ସମୟରେ ଜୁଆ ଖେଳ ଚାଲିଥିବା ଠାବ କରିଥିଲା।ଚଢ଼ାଉ ସମୟରେ ପୁଲିସ ୫ ଜଣଙ୍କୁ ଅଟକ କରିବା ସହ ଜୁଆ ଖେଳରେ ବ୍ୟବହୃତ ୧୧,୨୭୫ ଟଙ୍କା ନଗଦ, ଗୋଟିଏ ଜୁଆ ମ୍ୟାଟ ଓ ଡାଇସ ଜବତ କରିଛି। ଜବତ ଟଙ୍କା ଜୁଆ କାରବାରରେ ବ୍ୟବହୃତ ହୋଇଥିବା ନେଇ ପୁଲିସ ତଦନ୍ତ କରୁଛି।ଏହି ଘଟଣାରେ ଆନନ୍ଦପୁର ଥାନାରେ କେସ ନଂ-୨୬୧/୨୬ ରୁଜୁ କରାଯାଇଛି। ଅଟକ ବ୍ୟକ୍ତିମାନଙ୍କ ମଧ୍ୟରେ ଜଞ୍ଜାଳି ଗ୍ରାମର ଧନଞ୍ଜୟ ମହାନ୍ତ (୪୫) ଥିବାବେଳେ ଅନ୍ୟ ଚାରିଜଣ ମୟୂରଭଞ୍ଜ ଜିଲ୍ଲା ମହୁଲଡିହା ଥାନା ଅନ୍ତର୍ଗତ ଘୁଲେଘୁଲିଆ ଗ୍ରାମର ବଳରାମ ପେଣ୍ଠି (୩୦), ରଙ୍ଗଲାଲ ଜାମଦା (୨୫), ସୁରେନ୍ଦ୍ର ଦେହୁରୀ (୪୦) ଓ ଦାମୁ ହାଇବୁରୁ (୩୨) ବୋଲି ଜଣାପଡ଼ିଛି।ପୁଲିସ ସୂଚନା ଅନୁଯାୟୀ, ଘଟଣାସ୍ଥଳରୁ ଜୁଆ ଖେଳ ସମ୍ପର୍କିତ ସାମଗ୍ରୀ ମିଳିବା ସହ ନଗଦ ଟଙ୍କା ଜବତ ହୋଇଛି। ଜୁଆ ଆଡ୍ଡା କେତେଦିନ ଧରି ଚାଲିଥିଲା, ଏଥିରେ ଆଉ କେତେଜଣଙ୍କ ସମ୍ପୃକ୍ତି ରହିଛି ଏବଂ ଜୁଆ କାରବାରରେ ଅନ୍ୟ କୌଣସି ଆର୍ଥିକ ଲେନଦେନ ହୋଇଛି କି ନାହିଁ, ସେନେଇ ପୁଲିସ ପକ୍ଷରୁ ତଦନ୍ତ ଜାରି ରହିଛି।ହାଟ ଭଳି ଜନଗହଳିପୂର୍ଣ୍ଣ ସ୍ଥାନରେ ଏପରି ଜୁଆ କାରବାର ଚାଲୁଥିବା ନେଇ ଅଭିଯୋଗ ମିଳିବା ପରେ ପୁଲିସର ଏହି ଚଢ଼ାଉକୁ ନେଇ ସ୍ଥାନୀୟ ଅଞ୍ଚଳରେ ଆଲୋଚନା ହେଉଛି। ଜୁଆ ଓ ବେଆଇନ କାରବାର ବିରୋଧରେ ଆଗାମୀ ଦିନରେ ମଧ ଯାଞ୍ଚ ଓ ଚଢ଼ାଉ ଜାରି ରହିବ ବୋଲି ପୁଲିସ ପକ୍ଷରୁ କୁହାଯାଇଛି।

## ଆଦର୍ଶବିଦ୍ୟାଳୟର ନୂତନ ଛାତ୍ରାବାସ ଉଦଘାଟିତ

ବେତନଟୀ ,(ସବ୍ୟୁ) : ମୟୂରଭଞ୍ଜ ଜିଲ୍ଲାର ବେତନଟୀ ଉପକଣ୍ଠ ଗରୁଡବସାସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ନୂତନ ଛାତ୍ରାବାସ ଗୃହର ଉଦ୍ ଘାଟନ ଶୁକ୍ରବାର ଦିନ ଅନୁଷ୍ଠିତ ହୋଇଯାଇଛଇ । ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷ ତୁଷାରକାନ୍ତ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବାଲେଶ୍ୱର ସାଂସଦ ପ୍ରତାପଚନ୍ଦ୍ର



ଷଡ଼ଙ୍ଗୀ ଏବଂ ବିଶେଷ ଅତିଥି ଭାବେ ବିଧାୟକ ସନାତନ ବିଜୁଳି ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ସମ୍ମାନୀତଅତିଥି ଭାବେ ମୟୂରଭଞ୍ଜ ଜିଲ୍ଲା ଶିକ୍ଷାଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ, ବେତନଟୀ ବ୍ଲକଅଧ୍ୟକ୍ଷା କୌଶଲ୍ୟା ମାଝୀ, ଜିଲ୍ଲା ବିଜ୍ଞାନ ପର୍ଯ୍ୟବେକ୍ଷକ ଜ୍ଞାନରଞ୍ଜନ ଆଚାର୍ଯ୍ୟ, ବେତନଟୀ ଜିଲ୍ଲାପରିଷଦ ସଦସ୍ୟ ବିଶ୍ୱନାଥ ହେମ୍ବ୍ରମ, ବେତନଟୀବ୍ଲକ ଶିକ୍ଷା ଅଧିକାରୀ ବିପ୍ଳବ କର, ବେତନଟୀ ସରକାରୀ ବାଳିକା ହାଇସ୍କୁଲର ପ୍ରଧାନଶିକ୍ଷକ ଶିଶିର କୁମାର ନାୟକ ପ୍ରମୁଖ ଅତିଥି ଅଧିକାରୀ ଗଣ ଆନୁଷ୍ଠାନିକ ଭାବେ ନୂତନ ଛାତ୍ରାବାସ ଗୃହକୁ ଉଦଘାଟନ କରିଥିଲେ। ପ୍ରାରମ୍ଭରେ ଶିକ୍ଷୟିତ୍ରୀ ସ୍ୱାଗତିକା ମହାନ୍ତି ସ୍ୱାଗତ ସମ୍ଭାଷଣ ଉପସ୍ଥାପନ କରିବାସହିତ ମଞ୍ଚ ପରିଚାଳନା ଦାୟୀତ୍ୱ ତୁଲାଇଥିଲେ । ଶେଷରେ ଶିକ୍ଷକ ସନ୍ତୋଷ କୁମାର ବେହୁରିଆ ଧନ୍ୟବାଦ ଅର୍ପଣ କରିଥିଲେ।

## ହାଣ୍ଡିଭଙ୍ଗା ଜଳପ୍ରପାତରେ ଯୁବକ ନିଖୋଜ : ଉଦ୍ଧାର କାର୍ଯ୍ୟ ଜାରି

ଯୋଡ଼ା,(ସବ୍ୟୁ): କେନ୍ଦୁଝର ଜିଲ୍ଲା ବାମେବାରୀ ଥାନା ଅନ୍ତର୍ଗତ ବଡ଼-କାଳିମାଟି ପଞ୍ଚାୟତର ପ୍ରସିଦ୍ଧ ହାଣ୍ଡିଭଙ୍ଗା ଜଳପ୍ରପାତରେ ଜଣେ ଯୁବକ ଶୁକ୍ରବାର ଦିନ ନିଖୋଜ ହୋଇଥିବା ଘଟଣାକୁ ନେଇ ଚିନ୍ତା ପ୍ରକାଶ ପାଇଛି । ଗାଧୋଇବା ସମୟରେ ପାଦ ଖସିଯିବାରୁ ଯାଜପୁର ଅଞ୍ଚଳର ଯୁବକ ଦିବ୍ୟରଞ୍ଜନ ମହାନ୍ତ ଗଭୀର ପାଣି ଭିତରକୁ ଖସି ନିଖୋଜ ହୋଇଥିବା ଜଣାପଡ଼ିଛି ।ଦିବ୍ୟରଞ୍ଜନ ମହାନ୍ତ ସାଙ୍ଗମାନଙ୍କ ସହ ହାଣ୍ଡିଭଙ୍ଗା ଜଳପ୍ରପାତକୁ ଯାଇଥିଲେ । ସେଠାରେ ଗାଧୋଇବା ସମୟରେ ତାଙ୍କ ପାଦ ଖସିଯିବାରୁ ସେ



ଜଳପ୍ରପାତ ତଳେ ଥିବା ଗଭୀର ପାଣି ଭିତରକୁ ପଶିଯାଇଥିଲେ । ଘଟଣା ପରେ ସାଥୀମାନଙ୍କ ପକ୍ଷରୁ ତାଙ୍କୁ ଖୋଜାଖୋଜି କରାଯାଇଥିଲେ ମଧ କୌଣସି ସନ୍ଧାନ ମିଳିନଥିଲା । ଘଟଣା ସମ୍ପର୍କରେ ସୂଚନା ପାଇ ବାମେବାରୀ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିବା ବେଳେ ଅଗ୍ନିଶମ ବାହିନୀ ମଧ ଉଦ୍ଧାର କାର୍ଯ୍ୟରେ ସାମିଲ ହୋଇଛି । ଜଳପ୍ରପାତ ତଳେ ଥିବା ଗଭୀର ପାଣିରେ ନିଖୋଜ ଯୁବକଙ୍କୁ ଖୋଜିବା ପାଇଁ ଉଦ୍ଧାରକାରୀ ଦଳ ପକ୍ଷରୁ ପ୍ରୟାସ ଜାରି ରହିଛି । ଘଟଣା ଘଟିବାର ପ୍ରାୟ ୪୮ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ପରେ ମଧ ନିଖୋଜ ଦିବ୍ୟରଞ୍ଜନ ମହାନ୍ତଙ୍କ କୌଣସି ପତ୍ତା ମିଳିନଥିବା ସୂଚନା ମିଳିଛି । ଗଭୀର ପାଣି ଓ ଜଳପ୍ରପାତର ପ୍ରବାହ ଯୋଗୁଁ ଉଦ୍ଧାରକାର୍ଯ୍ୟରେ ସମସ୍ୟା ଉପୁଜୁଥିବା ଜଣାପଡ଼ିଛି । ବର୍ତ୍ତମାନ ପୋଲିସ ଓ ଅଗ୍ନିଶମ ବାହିନୀର ଉପସ୍ଥିତିରେ ନିଖୋଜ ଯୁବକଙ୍କ ସନ୍ଧାନ ଜାରି ରହିଛି । ଘଟଣାକୁ ନେଇ ଯୁବକଙ୍କ ପରିବାର ଓ ସମ୍ପର୍କୀୟଙ୍କ ମଧ୍ୟରେ ଚିନ୍ତା ବଢ଼ିଛି ।

## ବନବିଭାଗ ସଲାସୁତୁରାରେ ଚାଲୁଛି ଚୋରା କରତକଳ

ଭଣ୍ଡାରିପୋଖରୀ(ସବ୍ୟୁ): ଭଣ୍ଡାରିପୋଖରୀ ବ୍ଲକ ଅନ୍ତର୍ଗତ ଷୋଳମପୁର ପଞ୍ଚାୟତ ଦାଣ୍ଡକୂଳ ଓ ମୁଢ଼ାପଦାରେ ବନବିଭାଗ ସଲାସୁତରାରେ ଚୋରା କରତକଳ ଚାଲୁଥିବା ଜଣାଯାଇଛି। ଧାମନଗର ଥାନା ଦିହୁଡି ଆନନ୍ଦପୁର ଠାରୁ ମୁଢ଼ାପଦାକୁ ସଂଯୋଗକାରୀ ରାସ୍ତା ପାର୍ଶ୍ୱ ନିଛାଟିଆ ସ୍ଥାନରେ ଓ କଡା ସୁରକ୍ଷା ସହ ବନବିଭାଗ ସହ ମାସିକିଆ ବଟି ଦେଇ ଅବାଧରେ ଚାଲୁଛି। ସେହିପରି ମୁଢ଼ାପଦା ଗ୍ରାମର କୁଳହରିଜନ ସାହିରେ ଅନୁରୂପ ଭାବେ ଯାଜପୁର ଅଞ୍ଚଳର କୁଖ୍ୟାତ କାଠ ମାଫିଆ ସ୍ଥାନୀୟ ବ୍ୟକ୍ତିଙ୍କ ସହାୟତାରେ ଅବାଧରେ ଚୋରା କରତକଳ ଚଳାଉଥିବା ଜଣାଯାଇଛି। ଧାମନଗର ବନବିଭାଗ ପକ୍ଷରୁ ପ୍ରାୟୋଜିତ ଭାବେ ବର୍ଷକୁ ବର୍ଷ ଏହି ଦୁଇ ଚୋରା କରତକଳ ଉପରେ ଚଢ଼ାଉ ହେଉଛି। କାଠ ମାଫିଆଙ୍କ ସହ ବନବିଭାଗର ଅସାଧୁ ଅଧିକାରୀମାନେ ପୂର୍ବ ପ୍ରାୟୋଜିତ ଭାବେ ପୁରୁଣା ଓ ବ୍ୟବହାର ଅଯୋଗ୍ୟ ଯନ୍ତ୍ରାଂଶ ଜବତ କରି ଚଢ଼ାଉ ପ୍ରଚାର ଦିଆଯାଉଛି। ମାତ୍ର ବେଆଇନ କରତକଳ ବନ୍ଦ ହେଉନାହିଁ। ଦାଣ୍ଡକୂଳ ଚୋରା କରତକଳ ଚଳାଉଥିବା କୁଖ୍ୟାତ କାଠମାଫିଆ ଦୁର୍ଗା ଏହି ଅଞ୍ଚଳରେ ବ୍ୟାପକ ଗଛକଟାର ଖଳନାୟକ ସାଜିଥିବା ଜଣାଯାଇଛି। ବନବିଭାଗ ଚଢ଼ାଉରେ ସଂପୃକ୍ତ କାଠମାଫିଆଙ୍କ ନାମରେ କେବେ ବି ମାମଲା ରୁଜୁ ହୋଇନାହିଁ କି ସେମାନଙ୍କୁ ଗିରଫ କରାଯାଇନାହିଁ। ଏ ସମ୍ପର୍କରେ ଧାମନଗର ବନଅଧିକାରୀ ବସନ୍ତ ମାଝୀ ବୁଝିକି କହିବି ବୋଲି କହି ଅଧିକ ପ୍ରତିକ୍ରିୟା ଦେଇନଥିଲେ।

## ଭିଣୋଇଙ୍କୁ ପିଟିପିଟି ହତ୍ୟା : ଶାଳକ ଫେରାର

ଯୋଡ଼ା ,(ସବ୍ୟୁ) : ପାରିବାରିକ ବିବାଦର ସମାଧାନ ପାଇଁ ଆସିଥିବା ଶାଳକ ଓ ଭିଣୋଇଙ୍କ ମଧ୍ୟରେ ବଚସା ପରେ ମାଡ଼ପିଟ ହୋଇ ଭିଣୋଇଙ୍କ ମୃତ୍ୟୁ ଘଟିଥିବା ଭଳି ସଙ୍ଗୀନ ଅଭିଯୋଗ ଆସିଛି । କେନ୍ଦୁଝର ଜିଲ୍ଲା ବଡ଼ବିଲ ଥାନା ଅନ୍ତର୍ଗତ ଉଲିବୁରୁ ବୁରୁସାହିରେ ଘଟିଥିବା ଜଣାପଡ଼ିଛି । ମୃତକ ହେଲେ ଉକ୍ତ ସାହିର ବନମାଳୀ ମୁଣ୍ଡା(୩୦) ବନମାଳୀ ମୁଣ୍ଡା ଓ ତାଙ୍କ ପତ୍ନୀ ଶୁକମତିଙ୍କ ମଧ୍ୟରେ ପାରିବାରିକ ବିବାଦ ରହିଥିଲା । ବିଭିନ୍ନ ସମୟରେ ବନମାଳୀ ତାଙ୍କ ପତ୍ନୀଙ୍କୁ ମାରଧର କରୁଥିବା ନେଇ ଶୁକମତି ତାଙ୍କ ବାପଘର ଲୋକଙ୍କୁ ଜଣାଇଥିବା କୁହାଯାଇଛି । ଗତ ମଙ୍ଗଳବାର ଦିନ ଏକ ଟାଙ୍ଗିଆରେ ବନମାଳୀ ତାଙ୍କ ପତ୍ନୀଙ୍କ ମୁଣ୍ଡକୁ ଆକ୍ରମଣ କରିଥିବା ଅଭିଯୋଗ ପରେ ଶୁକମତି ଘଟଣା ସମ୍ପର୍କରେ ନିଜ ବାପଘର ଲୋକଙ୍କୁ ଜଣାଇଥିଲେ । ସ୍ୱାମୀଙ୍କୁ ବୁଝାସୁଝା କରି ପାରିବାରିକ ବିବାଦର ସମାଧାନ କରିବା ପାଇଁ ସେ ବାପଘର ଲୋକଙ୍କୁ ଡାକିଥିବା ଜଣାପଡ଼ିଛି । ଖବର ପାଇ ଶୁକ୍ରବାର ସନ୍ଧ୍ୟାରେ ଯୋଡ଼ା ଥାନା ଅନ୍ତର୍ଗତ ଦଣ୍ଡାଗୁଟୁ ଅଞ୍ଚଳରୁ ଶୁକମତିଙ୍କ ଭାଇ ଅଜୟ ତିରିଆ ଓ ମାଆ ସରସ୍ୱତୀ ତିରିଆ ଉଲିବୁରୁ ବୁରୁସାହିରେ ପହଞ୍ଚିଥିଲେ । ରାତି ପ୍ରାୟ ୧୦ଟା ସମୟରେ ଅଜୟ ତାଙ୍କ ଭିଣୋଇ ବନମାଳୀଙ୍କୁ ବୁଝାସୁଝା କରୁଥିବା ବେଳେ ଉଭୟଙ୍କ ମଧ୍ୟରେ କୌଣସି କଥାକୁ ନେଇ ଯୁକ୍ତିତର୍କ ହୋଇଥିବା ଅଭିଯୋଗ ହୋଇଛି । ଏହି ସମୟରେ ପରିସ୍ଥିତି ଉତ୍ତେଜିତ ହୋଇ ଅଜୟ ତାଙ୍କ ଭିଣୋଇ ବନମାଳୀଙ୍କୁ ମାଡ଼ ମାରିଥିବା ଅଭିଯୋଗ ହୋଇଛି । ମାଡ଼ରେ ଭାରସାମ୍ୟ ହରାଇ ବନମାଳୀଙ୍କ ମୁଣ୍ଡ ଏକ କାଠ ବନ୍ଧରେ ପିଟି ହୋଇଯାଇଥିବା ଏବଂ ଏଥିରୁ ତାଙ୍କ ମୁଣ୍ଡରେ ଗୁରୁତର ଆଘାତ ସହ ପ୍ରବଳ ରକ୍ତସ୍ରାବ ହୋଇଥିବା କୁହାଯାଇଛି । ଗୁରୁତର ଅବସ୍ଥାରେ ଥିବା ବନମାଳୀଙ୍କ ରାତି ପ୍ରାୟ ୩ଟାରେ ମୃତ୍ୟୁ ଘଟିଥିବା ଜଣାପଡ଼ିଛି । ଘଟଣା ପରେ ଅଭିଯୁକ୍ତ ଅଜୟ ତିରିଆ ସେଠାରୁ ଚାଲିଯାଇଥିବା ବେଳେ ସେ ଫେରାର ଥିବା ପୋଲିସ ପକ୍ଷରୁ ଜଣାପଡ଼ିଛି । ଘଟଣା ସମ୍ପର୍କରେ ସୂଚନା ପାଇ ଶନିବାର ସକାଳେ ବଡ଼ବିଲ ଏସ୍ଡିପିଓ ଦେବେନ୍ଦ୍ରନାଥ ପିଙ୍ଗୁଆଙ୍କ ନେତୃତ୍ୱରେ ପୋଲିସ ଟିମ ଘଟଣାସ୍ଥଳରେ ପହଞ୍ଚିଥିଲା । ପୋଲିସ ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ପଠାଇଥିବା ଜଣାପଡ଼ିଛି । ଫେରାର ଥିବା ଅଭିଯୁକ୍ତ ଅଜୟ ତିରିଆଙ୍କୁ ଧରିବା ପାଇଁ ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଥିବା ଜଣାପଡ଼ିଛି ।

## ଭାଷାବିକାଶ ପକ୍ଷରୁ ଆନ୍ତର୍ଜାତିକ ବରିଷ୍ଠ ନାଗରିକ ଦିବସ ପାଳନ

ବାଲେଶ୍ୱର,(ସବ୍ୟୁ): ଓଡ଼ିଆ ଭାଷା ବିକାଶ ଆନ୍ଦୋଳନର ପକ୍ଷରୁ ସ୍ଥାନୀୟ ସ୍ରଷ୍ଟା ନାଟ୍ୟାଳୟରେ ସଭାପତି ଡା. ଚୌଧୁରୀ ସତ୍ୟବ୍ରତ ନନ୍ଦଙ୍କ ପୌରୋହିତ୍ୟରେ ଆନ୍ତର୍ଜାତିକ ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଯାଇଅଛି। ଏହି ଅବସରରେ ବରେଣ୍ୟ ସଦସ୍ୟ ଶରତ କୁମାର ମହାପାତ୍ର, ନିରଞ୍ଜନ ରାଉତ, ଲମ୍ବୋଦର ନାୟକ, ପଦ୍ମଲୋଚନ ଦତ୍ତ, ସୁଶ୍ରୀ ଅରୁଣା ରାୟ, ରାଜେନ୍ଦ୍ରନାଥ ରାଉତ, ପ୍ରଦୀପ ଚାର୍ଟାଜୀ ଓ ଦୀନବନ୍ଧୁ ଲେଙ୍କାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀଙ୍କ ରଚିତ ଓ କଲ୍ୟାଣୀ ନନ୍ଦଙ୍କ ନିର୍ଦ୍ଦେଶିତ ପ୍ରାରମ୍ଭିକ ସଙ୍ଗୀତକୁ ବାସନ୍ତୀ ଦେ, ଶାନ୍ତି ବିଶି, ମମତା ଦାସ, କମଳିନୀ ଦାସ, ପୁଷ୍ପଲତା ଚକ୍ରବର୍ତ୍ତୀ, ସୁନାମଣି ଜେନା, କବିତା ଜେନା, ସ୍ନିଗ୍ଧା ସାମନ୍ତରାୟ, ଦିଲ୍ଲୀପ ଚକ୍ରବର୍ତ୍ତି ଓ ଝୁମର ନାଥ ପାତ୍ର ପ୍ରମୁଖ ସମବେତ ଭାବରେ ଗାନ କରିଥିଲେ। ସେହିଭଳି ଅନୁଷ୍ଠାନର ସଦସ୍ୟାମାନଙ୍କ ଦ୍ୱାରା ସମ୍ବଲପୁରୀ ନୃତ୍ୟ ପରିବେଶିତ



ହୋଇଥିଲା। ବରିଷ୍ଠ ସଦସ୍ୟ ପଦ୍ମଲୋଚନ ଦତ୍ତ ଯାଦୁ ଖେଳ ଓ ପ୍ରଭାକର ସାହୁ ଦାସକାଠିଆ ପରିବେଷଣ କରିଥିଲେ। ସ୍ୱନାମ ଧନ୍ୟ ବ୍ୟଙ୍ଗଶିଳ୍ପୀ ଦେବବ୍ରତ ଜେନା ବ୍ୟଙ୍ଗ କବିତା ଆବୃତ୍ତି କରିଥିବାବେଳେ ମହେନ୍ଦ୍ର ପ୍ରସାଦ ପାଣିଗ୍ରାହୀ ସ୍ୱରଚିତ କବିତା ପାଠ କରିଥିଲେ। ଯୁଗ୍ମସଂପାଦକ ଝୁମରନାଥ ପାତ୍ର ଓ ଶାନ୍ତିଲତା ପଣ୍ଡା ମଞ୍ଚ ଆହ୍ୱାନ କରିଥିବା ବେଳେ ସଂଗଠନ ସଂପାଦକ ତପନ ରାୟ ପ୍ରାକ୍ ବକ୍ତବ୍ୟ ପ୍ରଦାନ କରିଥିଲେ। ସଦସ୍ୟା ଉର୍ମିଳା ନାୟକ ନିଜ ଅନୁଭୂତି ପ୍ରକାଶ କରିଥିଲେ ଓ ଶେଷରେ ଦୀପକ ବୋଷ ଶେଷ କଥା ରଖିଥିଲେ।

## ଡିଜେକୁ ନେଇ ଏସଆଇଙ୍କୁ ଆକ୍ରମଣ : ୪ ଅଟକ

କେନ୍ଦୁଝର, (ଜିପ୍ର) : କେନ୍ଦୁଝର ଜିଲା ଘଷିପୁରା ଥାନା ଚଉମୁହଁରେ ଖୁଦୁରୁକୁଣୀ ଭସାଣି ବେଳେ ଡିଜେ ବଜାଇବାକୁ ବିରୋଧ କରିବାରୁ ଏସଆଇ କଳ୍ପତରୁ ନାୟକଙ୍କୁ ଆକ୍ରମଣ କରାଯାଇଥିବା ଅଭିଯୋଗ ହୋଇଛି। ଆକ୍ରମଣରେ ନାୟକଙ୍କ ଆଖିରେ ଆଘାତ ଲାଗିଛି । ଖୁଦୁରୁକୁଣୀ ଭସାଣି ପାଇଁ ଚଉମୁହଁ ଅଞ୍ଚଳରେ ଏକ ଶୋଭାଯାତ୍ରା ଚାଲିଥିଲା। ଏହି ସମୟରେ ଡିଜେ ବଜାଯାଉଥିଲା। ରାତି ୧୦ଟା ପରେ ଡିଜେ ବଜାଇବାକୁ ଏସଆଇ ବିରୋଧ କରିଥିଲେ। ଏହାକୁ ନେଇ କିଛି ଯୁବକଙ୍କ ସହ ପୋଲିସ ଅଧିକାରୀଙ୍କର ବଚସା ହୋଇଥିଲା।ପରେ ଉତ୍ତେଜନା ବଢ଼ିବା ସହ କିଛି ଯୁବକ ଏସଆଇଙ୍କୁ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। । ଘଟଣା ପରେ ଘଷିପୁରା ପୋଲିସ ତତ୍ପର ହୋଇ ଅଭିଯୁକ୍ତଙ୍କୁ ଚିହ୍ନଟ କରିବା ସହ ୪ ଜଣ ଯୁବକଙ୍କୁ ଥାନାକୁ ନେଇ ପଚରାଉଚରା କରୁଥିବା ଜଣାପଡ଼ିଛି। ଘଟଣାକୁ ନେଇ ପୋଲିସ ପକ୍ଷରୁ ଅଧିକ ତଦନ୍ତ ଜାରି ରହିଥିବା ଡିଏସ ପି କମଳ କୁମାର ପଣ୍ଡା ସୂଚନା ଦେଇଛନ୍ତି।

## ଲଜରେ ଛାତ୍ରୀଙ୍କୁ ଦୁଷ୍କର୍ମ : ଯୁବକ ଗିରଫ

ଆନନ୍ଦପୁର ,(ସବ୍ୟୁ) କେନ୍ଦୁଝର ଜିଲା ଆନନ୍ଦପୁର ଉପଖଣ୍ଡ ସୋସୋ ଥାନା ଅଞ୍ଚଳରେ ଜଣେ ଯୁକ୍ତ-୩ ଛାତ୍ରୀଙ୍କୁ ଲଜରେ ଦୁଷ୍କର୍ମ କରାଯାଇଥିବା ନେଇ ଶୁକ୍ରବାର ଅଭିଯୋଗ ହୋଇଛି। ଏହି ମାମଲାରେ ପୋଲିସ କେସ ନଂ ୧୮୨/୨୬ ରୁଜୁ କରି ମୁଣ୍ଡୁକାଟି ଗ୍ରାମର ଅଭିଯୁକ୍ତ ରଞ୍ଜନ ସେଠୀ (୨୯)ଙ୍କୁ ଗିରଫ କରାଯାଇଛି । ଅଭିଯୁକ୍ତ ଯୁବକ ଜଣକ କୌଣସି ବାହାନା କରି ପୀଡ଼ିତାଙ୍କୁ ଏକ ଲଜକୁ ଡାକିବା ପରେ ସେଠାରେ ତାଙ୍କ ସହ ବଳାତ୍କାର କରିଥିଲେ। ପୀଡ଼ିତା ଜଣକ ଶାଳପଡ଼ା ମହିଳା ମହାବିଦ୍ୟାଳୟର ଛାତ୍ରୀ ବୋଲି ଜଣାପଡ଼ିଛି। ଉଭୟ ପୀଡ଼ିତା ଓ ଅଭିଯୁକ୍ତଙ୍କ ଘର ପାଖାପାଖି ଅଞ୍ଚଳରେ। ପୋଲିସ ଆଇନଗତ ପ୍ରକ୍ରିୟା ଅନୁଯାୟୀ ପୀଡ଼ିତାଙ୍କ ଡାକ୍ତରୀ ମାଇନା କରାଯିବା ପରେ ଘଟଣାର ବିଭିନ୍ନ ଦିଗକୁ ନେଇ ଅଧିକ ତଦନ୍ତ କରାଯିବ।

## ୭ପଞ୍ଚାୟତରେ ଶିଶୁ ଶ୍ରମ ମୁକ୍ତ ପଞ୍ଚାୟତ ସଚେତନତା କାର୍ଯ୍ୟକ୍ରମ

ଭଦ୍ରକ,(ସବ୍ୟୁ):ଆଜି ଭଦ୍ରକ ଜିଲ୍ଲାର ୭ଟି ବ୍ଲକର ୭ଟି ଗ୍ରାମ ପଞ୍ଚାୟତରେ ଶିଶୁ ଶ୍ରମ ପ୍ରଥା ଉଚ୍ଛେଦ ନିମନ୍ତେ ଶନିବାର ଦିନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଜିଲ୍ଲା ଶ୍ରମ ବିଭାଗ ପକ୍ଷରୁ ବାସୁଦେବପୁର ବ୍ଲକର ଲୁଙ୍ଗା ପଞ୍ଚାୟତ,ଚାନ୍ଦବାଲିର ମତୋ,ଭଣ୍ଡାରିପୋଖରୀର ନେରଡା,ଭଦ୍ରକର ଖଣ୍ଡାତଡା,ବନ୍ତର ଗଣିଜଙ୍ଗ, ଧାମନଗରର ଦଳଙ୍ଗ ଓ ତିହିଡି ବ୍ଲକର ମଙ୍ଗଳପୁର ପଞ୍ଚାୟତରେ ପଲ୍ଲୀସଭା ମାଧ୍ୟମରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ପଲ୍ଲୀସଭାରେ ଶିଶୁ ଶ୍ରମ ମୁକ୍ତ ଗ୍ରାମ ପଞ୍ଚାୟତ ଗଠନ,ପିଆରଆଇ ସଦସ୍ୟ,ସାଧାରଣ ଜନତା ଓ ଏସସେଜିର ଭୂମିକା ଉପରେ ବିସ୍ତୃତ ଆଲୋଚନା ହୋଇ ପ୍ରସ୍ତାବ ଗୃହୀତ ହୋଇଛି। ଏହାସହ ଶିଶୁ ଶ୍ରମ ମୁକ୍ତ ସମାଜ ପାଇଁ ପଦଯାତ୍ରା କରାଯାଇଛି।

## ଯୋଡା ଟ୍ରକ ମାଲିକ ସଂଘ ନିର୍ବାଚନ : ପ୍ରଥମଦିନରେ ୫ ନାମାଙ୍କନ ପତ୍ର ଦାଖଲ

କେନ୍ଦୁଝର ,(ଜିପ୍ର) : ଯୋଡା ଖଣି ମଣ୍ଡଳର ଅନ୍ୟତମ ପୁରାତନ ଯୋଡ଼ା ଟ୍ରକ ମାଲିକ ସଂଘର ର୍ନିବାଚନ ଆସନ୍ତା ୧୨ତାରିଖରେ ହେବାକୁ ଯାଉଛି। ଏହି ସଂଘର ମୋଟ ୫ଟି ପଦବୀ ପାଇଁ ପ୍ରଥମ ଦିନରେ ୫ଜଣ ଆଶାୟୀ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ପ୍ରାର୍ଥୀମାନେ ଧରଣୀଧର ଛକରୁ ରମ୍ଭା ଓ ମାଦଳ ବାଦ୍ୟର ତାଳେ ତାଳେ ଏକ ବିରାଟ ଶୋଭାଯାତ୍ରାରେ ବାହାରି ମା ମଙ୍ଗଳାଙ୍କୁ ପୂଜାର୍ଚ୍ଚନା କରିବା ପରେ ସଂଘ କାର୍ଯ୍ୟାଳୟରେ ପହଞ୍ଚି ନାମାଙ୍କନ ପତ୍ର ଦାଖଲ କରିଥିଲେ। ସଭାପତି ପଦ ପାଇଁ



ମାତା ପ୍ରସାଦ ଜୟସ୍ୱାଲ, ସମ୍ପାଦକ ପାଇଁ ସୁଶାନ୍ତ କୁମାର ବାରିକ, ଉପସଭାପତି ପାଇଁ ବିଜୟ କୁମାର ଆପଟ , ସହ ସମ୍ପାଦକ ପାଇଁ ଅଶୋକ କାଡୁଆ ଏବଂ କୋଷାଧକ୍ଷ ପଦ ପାଇଁ ଲକ୍ଷ୍ମଣ ବାରିକ ପ୍ରାର୍ଥୀପତ୍ରଦାଖଲ କରିଛନ୍ତି। ଟ୍ରକ ମାଲିକଙ୍କ ସ୍ୱାର୍ଥ ରକ୍ଷା ଓ ସଠିକ ପରିବହନ ମୂଲ୍ୟ ନିର୍ଦ୍ଧାରଣ ନିମନ୍ତେ କାର୍ଯ୍ୟ କରିବେ ବୋଲି ପ୍ରାର୍ଥୀମାନେ ପ୍ରକାଶ କରିଛନ୍ତି। ମୋଟ ୧୦୭୭ଜଣ ଭୋଟର ଥିବା ଏହି ସଂଘର ୫ଟି ପଦବୀ ପାଇଁ ଆଜି ସୁଦ୍ଧା ୧୯ଜଣ ପ୍ରାର୍ଥୀ ପତ୍ର ନେଇଥିବା ବେଳେ ଆସନ୍ତା କାଲି ନାମାଙ୍କନ ଦାଖଲର ଶେଷ ଦିନ ରହିଛି। ଅକ୍ଟୋବର ୫ରେ ଯାଞ୍ଚ ଓ ୬ପ୍ରାର୍ଥୀପତ୍ର ପ୍ରତ୍ୟାହାର ଧାର୍ଯ୍ୟ କରାଯାଇଛି। ଚଳିତ ର୍ନିବାଚନରେ ୨ଟି ଗୋଷ୍ଠୀମଧ୍ୟରେ କଡ଼ା ପ୍ରତିଦ୍ୱନ୍ଦିତା ହେବାର ସମ୍ଭାବନା ରହିଛି।

## ଖଇରା, ସମୁଳିଆରେ ସଙ୍ଗଠିତ ହେଉଛି ବିଜେଡି

ଖଇରା,(ସବ୍ୟୁ) ସିମୁଳିଆ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଖଇରା ଓ ସିମୁଳିଆରେ ବିଜେଡି ଧିରେ ଧିରେ ସଙ୍ଗଠିତ ହେବାରେ ଲାଗିଛି ।ବିଜେପି ଛାଡି ବହୁ ପୁରୁଣା କର୍ମୀ ଦଳକୁ ପ୍ରତ୍ୟାବର୍ତ୍ତନ ପରେ ପତ୍ରଝଡିଥିବା ଦଳ ପୁଣି ଥର ପଲ୍ଲବିତ ହୋଇଛି । ବିଜେଡି ଜିଲାସଭାପତି ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଓ ବ୍ଲକ ସଭାପତି ରାଜେନ୍ଦ୍ର ଦାସଙ୍କ ନେତୃତ୍ୱରେ ୧ମାସ ମଧ୍ୟରେ ଲଗାତାର ୨୨ରୁ ଉର୍ଦ୍ଧ ପଞ୍ଚାୟତ ଓ ସିମୁଳିଆ ବିଜ୍ଞାପିତ ଅଞ୍ଚଳର ୨୧ୱାର୍ଡରେ କର୍ମୀ ସମ୍ମିଳନୀ ଆୟୋଜିତ ହେବା ସହ ପଞ୍ଚାୟତ ଓ ବୁଥ କମିଟି ଗଠନ ପ୍ରକ୍ରିୟା ଶେଷ ହୋଇଛି । ଏହି ଅବସରରେ ପଞ୍ଚାୟତ ଓ ପଞ୍ଚାୟତ ସମିତି ଦଖଲ ପାଇଁ ଜିଲ୍ଲା ଓ ବ୍ଲକ ନେତୃବୃନ୍ଦ କର୍ମୀଙ୍କୁ ଆହ୍ୱାନ ଦେଇଛନ୍ତି । ବିଜେଡି ଜିଲ୍ଲା ଉପସଭାପତି ଜୟନ୍ତ କୁମାର ରାଉତ,ମହିଳା ସଭାପତି ଜୟନ୍ତୀ ପତି,ବ୍ଲକ କମିଟି କୋଷାଧକ୍ଷ ବିଶ୍ୱଭୂଷଣ ପ୍ରଧାନ,ସିମୁଳିଆ କୋଷାଧକ୍ଷ ଉମାକାନ୍ତ ମହାରଣା,ସୁରେଶ ମହାପାତ୍ର,ପ୍ରହଲ୍ଲାଦ ପତି,ରବିନ୍ଦ୍ର ମହାନ୍ତି ପ୍ରମୁଖ ଯୋଗଦେଇ ବ୍ଲକ ଓ ପଞ୍ଚାୟତରେ ଚାଲିଥିବା ଦୁର୍ନିତି ଉପରେ ଆଲୋକପାତ କରି ସାଧାରଣ ଗରୀବ ଲୋକଙ୍କୁ ଅବହେଳିତ କରାଯାଉଥିବା ପ୍ରକାଶ କରିଥିଲେ । ଖଇରା ବ୍ଲକର ହରିପୁର, ଗଡପୋଖରୀ, ବଡନୁଆଗାଁ, ବର୍ତ୍ତନା, ନୟାଖଣ୍ଡି, ସାରକୋଣା, କଇଥଗଡିଆ, ବାଉଁଶଗଡିଆ, ଖଇରା, ରଟିଣା, ମହତୀପୁର, ପଳସା, ଗୋବିନ୍ଦପୁର, ସାରୁଗାଁ, ସାରଡାଙ୍ଗ, ଗରସଙ୍ଗ, ମାଣିତ୍ରୀ, ଅନ୍ତରା, ବଡଜୟିପୁର, ଡୁଙ୍ଗୁରା ଇତ୍ୟାଦି ପଞ୍ଚାୟତ ଦଳର ବୁଥ ଓ ପଞ୍ଚାୟତ କମିଟି ଗଠନ ହେବା ସହ ସିମୁଳିଆ ବ୍ଲକର ଅଡା ଓ ଏନଏସିର ବିଭିନ୍ନ ୱାର୍ଡରେ କମିଟି ଗଠନ ତଥା କର୍ମୀ ସମ୍ମଳନୀ ଶେଷ ହୋଇଛି । ଏଭଳି ପ୍ରସ୍ତୁତି ବିରୋଧଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି ।

## ଟ୍ରକ ମାଡ଼ିଯିବାରୁ ସାଇକେଲ ଚାଳକ ଗୁରୁତର

ବେତନଟୀ , (ସବ୍ୟୁ) : ମୟୂରଭଞ୍ଜ ଜିଲ୍ଲା ଅଧୀନ ୧୮ନଂ ଜାତୀୟ ରାଜପଥ ନହଣ୍ଡାଶୋଳ ପୋଲ ନିକଟରେ ଏକ ମାଲବାହୀ ଟ୍ରକର ଚକ ଫାଟିଯିବାରୁ ଭାରସାମ୍ୟ ହରାଇ ସାଇକେଲ ଚାଳକଙ୍କ ଉପରେ ମାଡିଯାଇ ଦୁର୍ଘଟଣାଗ୍ରସ୍ତ ହୋଇଥିବା ବେଳେ ସାଇକେଲ ଚାଳକଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ସୂଚନା ମୁତାବକ ସାଇକେଲ ଚାଳକ ନହଣ୍ଡାଶୋଳ ଗ୍ରାମର ସ୍ୱର୍ଗତ ଦେବେନ୍ଦ୍ର ମହାନ୍ତଙ୍କ ପୁଅ ଗଜେନ୍ଦ୍ର ମହାନ୍ତ(୫୦) କ୍ଷେତରେ ସାର ପକାଇବା ପାଇଁ ତାରାକୋଟି ଛକରୁ ସାର ନେଇ ଶନିବାର ପୂର୍ବାହ୍ନରେ ସାଇକେଲ ଯୋଗେ ଘରକୁ ଫେରୁଥିଲେ । ସେହି ସମୟରେ ପଛପଟୁ ଆସୁଥିବା ଓଡି-୨୧ଜି-୭୦୮୭ ନମ୍ବର ବିଶିଷ୍ଟ ମାଲବାହୀ ଟ୍ରକର ଚକ ଫାଟି ଯିବାରୁ ଭରସାମ୍ୟ ହରାଇ ଗଜେନ୍ଦ୍ର ମହାନ୍ତଙ୍କୁ ଧକ୍କା ଦେବାସହିତ ରାସ୍ତା ପାର୍ଶ୍ୱସ୍ଥ ବ୍ୟାରିକେ ଉପରକୁ ମାଡି ଯାଇଥିଲା । ଦୁର୍ଘଟଣାରେ ଗୁରୁତର ଗଜେନ୍ଦ୍ରଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାରକରି ପ୍ରଥମେ ବେତନଟୀ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ ଝ ଅବସ୍ଥା ଶଙ୍କଟାପନ୍ନ ଥିବାରୁ ପ୍ରାଥମିକ ଚିକିତ୍ସା ପରେ ସଙ୍ଗେ ଅଙ୍ଗେ ବାରିପଦା ଜିଲ୍ଲା ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି । ଖବରପାଇ ବେତନଟୀ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଟ୍ରକ ଓ ସାଇକେଲ ଜବତ କରିବା ସହିତ ଅଧିକ ତଦନ୍ତ ଜାରି ରଖିଛନ୍ତି ।

## ମଦ ଜବତ,୨ କୋର୍ଟ ଚାଲାଣ

ଖଇରା,(ସବ୍ୟୁ) :ବାଲେଶ୍ୱର ଜିଲ୍ଲା ଅନ୍ତର୍ଗତ ଖଇରା ଥାନା ଅଞ୍ଚଳକୁ ନକଲ ମହୁଲି ମଦ ନେଇ ଆସୁଥିବା ୨ ବିହାରୀ ମଦ ବିକ୍ରେତାଙ୍କୁ ଖଇରା ପୋଲିସ ବଟେଶ୍ୱର ନିକଟରେ ମାଡି ବସିବା ସହ ତାଙ୍କ ନାମରେ ଏକ ମାମଲା(୨୬୧/୨୬) ରୁଜୁ କରି କୋର୍ଟ ଚାଲାଣ କରିଛି । ଗିରଫ ହୋଇଥିବା ଏହି ୨ ବିକ୍ରେତା ହେଲେ ସଞ୍ଜିତ ଗୁପ୍ତା ଓ ଜେ ପ୍ରକାଶ ଗୁପ୍ତା । ତାଙ୍କ ପାଖରୁ ୭୦ ଲିଟରରୁ ଉର୍ଦ୍ଧ୍ୱ ନକଲି ମହୁଲି ମଦ ଜବତ କରାଯାଇଥିବା ବେଳେ ଗୋଟିଏ ସ୍କୁଟି ଓ ଅନ୍ୟ ଏକ ବାଇକ ମଧ ଜବତ କରାଯାଇଛି । ଏହି ୨ଜଣ ବିକ୍ରେତା ଖଇରାରେ ପାଉଚ ବିକ୍ରିପାଇଁ ଲାଇସେନ୍ସ ପ୍ରାପ୍ତ ବିକ୍ରେତାଙ୍କ ନିର୍ଦ୍ଦେଶରେ ଦିର୍ଘଦିନ ମହୁଲି କାରବାର କରୁଥିବା ବେଳେ ପୋଲିସ ବିଶେଷ ସୂତ୍ରରୁ ଖବର ପାଇ ଗୁରୁବାର ସକାଳେ ଗିରଫ କରିଥିଲା ।

## ମିଳିତ ନିଶା ନିବାରଣ ଅଭିଯାନ (ମନା)ର ଗାନ୍ଧୀ ଜୟନ୍ତୀ ପାଳନ



ବାଲେଶ୍ୱର,(ସବ୍ୟୁ) :ମିଳିତ ନିଶା ନିବାରଣ ଅଭିଯାନ (ମନା), ବାଲେଶ୍ୱର ପକ୍ଷରୁ ସ୍ଥାନୀୟ ସହିଦ୍ ପାର୍କ ଠାରେ ମହାତ୍ମାଗାନ୍ଧୀଙ୍କ ଜୟନ୍ତୀ ସଭାପତି ପ୍ରଭାକର ସାହୁଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଯାଇଛି। । ଗାନ୍ଧିଜୀଙ୍କର ନିଶା ହଟାଅ ଓ ଦେଶ ବଞ୍ଚାଅ ନୀତିକୁ ସମର୍ଥନ କରି ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ଦେଶରୁ ନିଶା ହଟିଲେ ହିଁ ଗାନ୍ଧିଜୀଙ୍କ ରାମରାଜ୍ୟଗଠନର ସ୍ୱପ୍ନ ସାକାର ହେବ ବୋଲି ସାଧାରଣ ସମ୍ପାଦିକା ଶ୍ରୀମତୀ ମମତା ମହାପାତ୍ର ମତ ପ୍ରକାଶ କରିଥିଲେ। ଏହି ସଭାରେ ଉପଦେଷ୍ଟା ସୁବ୍ରତ କର, କୋଷାଧକ୍ଷ ପ୍ରଫୁଲ୍ଲ କୁମାର ଦାସ, ଗୀତାଞ୍ଜଳି ସିଂହ, ସରସ୍ୱତୀ ପଣ୍ଡା, ଲକ୍ଷ୍ମଣ ଚରଣ ବିଶ୍ୱାଳ, ପ୍ରଭାକର ସାହୁ (ଖ), ଶାନ୍ତି ବିଶି, ପୁଷ୍ପଲତା ଚକ୍ରବର୍ତ୍ତୀ, ବାସନ୍ତୀ ଦେ, ବେଣୁଧର ସାହୁ, ପୂର୍ଣ୍ଣଚନ୍ଦ୍ର ବେହେରା, କବିତା ଜେନା, ସୁଧାଂଶୁ ଶେଖର ପରିଡ଼ା, ଜ୍ୟୋସ୍ନା ସେନାପତି, କବିତା ଦାସ, ଶେଖ୍ ସାଜିଦ୍ ଅଲ୍ଲୀ, ଶେଖ୍ ଅସଗର ଅଲ୍ଲୀ, ଦିଲ୍ଲୀପ ଚକ୍ରବର୍ତ୍ତୀ, ରବିନାରାୟଣ ଭୋଳ ପ୍ରମୁଖ ଆଲୋଚନାରେ ଭାଗ ନେଇ ରାଜ୍ୟକୁ ନିଶାମୁକ୍ତ କରିବାପାଇଁ ଆହ୍ୱାନ ଦେଇଥିଲେ। ସମ୍ପାଦକ ତ୍ରିଦିବ ନାୟକ ଧନ୍ୟବାଦ ଦେଇଥିଲେ।

## ଦେବୀ ମା ଭୂଧାରଚଣ୍ଡୀଙ୍କ ପୀଠରେ ଷୋଡ଼ଶ ଉପଚାର ପୂଜା ଆରମ୍ଭ

ନୀଳଗିର,(ସବ୍ୟୁ) :ନୀଳଗିରି ସଜନାଗଡ଼ର ପ୍ରତିଷ୍ଠିତ ଦେବୀ ମା ଭୂଧାରଚଣ୍ଡୀଙ୍କ ପୀଠରେ ଶନିବାର ଅପରାହ୍ନ ୪ ଘଟିକାରୁ ପ୍ରତିଦିନ ଚଣ୍ଡୀ ପାଠ ସହ ଷୋଡ଼ଶ ଉପଚାର ପୂଜା ଆରମ୍ଭ ହୋଇଛି। ମା ଙ୍କୁ ବିଭିନ୍ନ ବେଶରେ ପ୍ରତିଦିନ ସୁବାସିତ ଜଳରେ ହଳଦୀ, ଚୁଆ, ଅଗୁର, ଶ୍ରୀକର୍ପୂର, ଗନ୍ଧା, ଚନ୍ଦନ ପ୍ରଭୃତି ପକାଯାଇ ମନ୍ତ୍ରପାଠ ଦ୍ୱାରା ଶୋଧନ କରି ସହସ୍ରା କୁମ୍ଭାଭିଷେକ ଜଳରେ ମା ଙ୍କୁ ସ୍ନାନ ଓ ସୁସଜ୍ଜିତ କରାଯାଉଅଛି। ପୂଜକ ବିଜୟ କୁମାର ପଣ୍ଡା ପ୍ରତିଦିନ ଚଣ୍ଡୀ ପାଠ କରିବା ସହ ପୂଜା ପରିଚାଳନା କରୁଛନ୍ତି। ଏହି ସମୟରେ ମା ଙ୍କୁ ଦର୍ଶନ କଲେ ଶ୍ରଦ୍ଧାଳୁଙ୍କ ମନସ୍କାମନା ପୂର୍ଣ୍ଣ ହୋଇଥାଏ ବୋଲି ବିଶ୍ୱାସ ରହିଛି। ମା ଭୂଧାରଚଣ୍ଡୀ ମହିଷାସୁରକୁ ବଧ କରିବାକୁ ବ୍ରହ୍ମା କୁଣ୍ଡରୁ ଜାତ ହୋଇଥିବା ବିଶ୍ୱାସ ଥିବାରୁ, ଏହି ପରମ୍ପରାରେ ପ୍ରତ୍ୟେକ ବର୍ଷ ପୂଜାବିଧି ହୋଇ ଆସୁଛି । ଅକ୍ଟୁବର ୧୦ ତାରିଖରେ



ମହାଳୟା, ପୀଠରେ ଶୁକ୍ରବାର ଷଷ୍ଠି ଓ ଶନିବାର ମହାସପ୍ତମୀ ପୂଜା ଏବଂ ଅକ୍ଟୁବର ୧୮ରେ ମହାଅଷ୍ଟମୀ ପୂଜା ସହ ୧୯ରେ ମହାନବମୀ ପୂଜା ଦିନ ସନ୍ଧ୍ୟାରେ ନୀଳଗିରି ରାଜାସାହେବ ଜୟନ୍ତ ଚନ୍ଦ୍ର ମର୍ଦ୍ଦରାଜ ହରିଚନ୍ଦନ ପୂଜକ ମାଧ୍ୟମରେ ପୂର୍ଣ୍ଣାହୁତି କରାଇଥାନ୍ତି। ୨୦ ଅକ୍ଟୁବରେ ଦଶହରା, ଅପରାଜିତା ଦଶମୀରେ ମା ଭୂଧାରଚଣ୍ଡୀ ଶାରଦୀୟ ପାର୍ବଣ ଘଟକୁ ବିସର୍ଜନ ଦେବାପରେ ପୂଜକ ଘଟକୁ ସୁସଜ୍ଜିତ କରି ମୁଣ୍ଡରେ ମୁଣ୍ଡାଇ ବାଜା ଢୋଲ ମହୁରୀ ବଜାଇ ମା ଙ୍କ ସର୍ଦ୍ଦାର ଚକ୍ରଧର ଦାସବାବୁ ଓ ଶ୍ରଦ୍ଧାଳୁ ସଜନାଗଡ଼ ପୀଠରୁ ବାହାରି ନୀଳଗିରି ରାଜବାଟୀ ସ୍ଥିତ କନକ ଦୁର୍ଗା ମନ୍ଦିରରେ ପହଞ୍ଚାଇଥାନ୍ତି ।

# ନବଜାଗରଣର ସ୍ମରଣୀୟ ନାରୀ ସରଳା ଦେବୀ



ଦେବେନ୍ଦ୍ର ନାଥ ରାଉତ

ବିଂଶ ଶତାବ୍ଦୀର ପ୍ରାରମ୍ଭରେ ଆଧୁନିକ ଓଡ଼ିଶାର ସାଂସ୍କୃତିକ ଓ ବୌଦ୍ଧିକ ଇତିହାସ ଉପନିବେଶ-ବିରୋଧୀ ଅଭ୍ୟୁତ୍ଥାନ, ଭାଷାଗତ ଆଞ୍ଚଳିକ ସଚେତନତା ଏବଂ ପୁରୁଷକୈନ୍ଦ୍ରିକ ସାମାଜିକ ବ୍ୟବସ୍ଥାର ଆମୂଳଚୂଳ ସଂସ୍କାର ଦ୍ୱାରା ପରିଭାଷିତ ହୋଇଥିଲା । ଏହି ଐତିହାସିକ ପରିବର୍ତ୍ତନର କେନ୍ଦ୍ରବିନ୍ଦୁରେ ଥିଲେ ସରଳା ଦେବୀ (୧୯୦୪-୧୯୮୬) ଜଣେ ଅଗ୍ରଣୀ ଜାତୀୟତାବାଦୀ, ରାଜନୈତିକ ନେତ୍ରୀ, ସମାଜ ସଂସ୍କାରକ ଏବଂ ପ୍ରଭାବଶାଳୀ ସାହିତ୍ୟିକା । ଯେଉଁ ସମୟରେ ପୁରୁଷପ୍ରଧାନ ପରମ୍ପରା ଉଚ୍ଚବର୍ଗର ନାରୀମାନଙ୍କୁ ପରଦା ଆଢୁଆଳରେ ଆବଦ୍ଧ କରି ରଖୁଥିଲା, ସେତେବେଳେ ସରଳା ଦେବୀ ଆପଣା କଲମକୁ ରାଜନୈତିକ ଆନ୍ଦୋଳନ, ସାମାଜିକ ସମାଲୋଚନା ଓ ଦାର୍ଶନିକ ଜିଜ୍ଞାସାର ଶାଣିତ ଅସ୍ତ୍ର ଭାବେ ବ୍ୟବହାର କରିଥିଲେ । ପ୍ରାୟ ୩୦ଟି ପୁସ୍ତକ ଏବଂ ୩୦୦ରୁ ଊର୍ଦ୍ଧ୍ୱ ପ୍ରବନ୍ଧ, ଚିଠି, ଜୀବନୀ ଓ ନିବନ୍ଧକୁ ନେଇ ଗଠିତ ତାଙ୍କ ଅସାଧାରଣ ସାହିତ୍ୟିକ କୃତି ମାଧ୍ୟମରେ ସେ ନାରୀ ଅଧିକାର, ସାମାଜିକ ନ୍ୟାୟ, ଗାନ୍ଧିବାଦୀ ଗଠନମୂଳକ କାର୍ଯ୍ୟକ୍ରମ ଏବଂ ଓଡ଼ିଆ ସମାଜର ନବଜାଗରଣ କ୍ଷେତ୍ରରେ ଏକ ନୂତନ ଯୁଗର ସୂତ୍ରପାତ କରିଥିଲେ ।

ଜଗତସିଂହପୁର ଜିଲ୍ଲା ଅନ୍ତର୍ଗତ ନରିଲୋ ଗ୍ରାମର ଏକ ସମ୍ଭ୍ରାନ୍ତ ଜମିଦାର ପରିବାରରେ ଜନ୍ମଗ୍ରହଣ କରି ସରଳା ଦେବୀ ସାମନ୍ତବାଦୀ ସମ୍ପଦ ଓ ଉପନିବେଶିକ ପରାଧୀନତାର ବିରୋଧାଭାସକୁ ପ୍ରତ୍ୟକ୍ଷ କରିଥିଲେ । ନାରୀଶିକ୍ଷା ବିରୋଧୀ ସାମାଜିକ କଟକଣା ହେତୁ ଆନୁଷ୍ଠାନିକ ବିଦ୍ୟାଳୟ ଶିକ୍ଷାରୁ ବଞ୍ଚିତ ହୋଇ ସେ ଘରେ ରହି ଓଡ଼ିଆ, ସଂସ୍କୃତ, ବଙ୍ଗଳା ଓ ଇଂରାଜୀ ଭାଷା ଶିକ୍ଷା କରିଥିଲେ । ୧୪ ବର୍ଷ ବୟସରେ ଜାତୀୟତାବାଦୀ, ଆଇନଜୀବୀ ଭାଗୀରଥୀ ମହାପାତ୍ରଙ୍କ ସହ ବିବାହ ପରେ, ୧୯୨୧ ମସିହାରେ ମହାତ୍ମା ଗାନ୍ଧି କଟକ ଗସ୍ତ କରିବା ସମୟରେ ସେ ପାରମ୍ପରିକ ଗୃହସୀମାରୁ ବାହାରକୁ ବାହାରି ଅସହଯୋଗ ଆନ୍ଦୋଳନରେ ଯୋଗଦାନ କଲେ । ୧୯୩୦ର ଲବଣ ସତ୍ୟାଗ୍ରହ ସମୟରେ ଗିରଫ ବରଣ କରିବାରେ ସେ ପ୍ରଥମ ଓଡ଼ିଆ ମହିଳା ଥିଲେ ଏବଂ ୧୯୩୭ ମସିହାରେ ଓଡ଼ିଶା ବିଧାନସଭାକୁ ପ୍ରଥମ ମହିଳା ବିଧାୟିକା ଭାବେ ନିର୍ବାଚିତ ହୋଇ ଐତିହାସିକ ମାଇଲଖୁଣ୍ଟ ସ୍ଥାପନ କରିଥିଲେ ।

ସରଳା ଦେବୀଙ୍କ ସାହିତ୍ୟିକ ଶିଳ୍ପକଳା ଗଣ-ଆନ୍ଦୋଳନର ବାସ୍ତବ ପ୍ରକ୍ରିୟାରେ ରୂପପାଇଥିଲା । ତାଙ୍କର ରାଜନୈତିକ ଭାଷଣ, କାରାଗାରର ଅନୁଭୂତି, ବିଧାନସଭା ତର୍କ-ବିତର୍କ ଏବଂ ଗଠନମୂଳକ ସାମାଜିକ କାର୍ଯ୍ୟ ତାଙ୍କ ପ୍ରବନ୍ଧଗୁଡ଼ିକର ସିଧାସଳଖ ଉତ୍ସ ଥିଲା । ମୁକୁର, ଏବଂ ଉତ୍କଳ ସାହିତ୍ୟ, ସହକାର ଓ ଡଗର ଭଳି ଯୁଗାନ୍ତକାରୀ ପତ୍ରପତ୍ରିକାରେ ପ୍ରକାଶିତ ପ୍ରବନ୍ଧଗୁଡ଼ିକ ମାଧ୍ୟମରେ ସେ ଆଧୁନିକ ଓଡ଼ିଆ ଗଦ୍ୟକୁ ରାଜନୈତିକ ବିଚାରବିମର୍ଶ, ବୌଦ୍ଧିକ ଆଲୋଚନା ଏବଂ ସାମାଜିକ ମୁକ୍ତିର ପ୍ରଭାବଶାଳୀ ମାଧ୍ୟମରେ ପରିଣତ କରିଥିଲେ ।

ସରଳା ଦେବୀଙ୍କ ସାହିତ୍ୟିକ ଅବଦାନର ମୁଖ୍ୟ ସ୍ତମ୍ଭ ହେଉଛି ପୁରୁଷକୈନ୍ଦ୍ରିକ ସାମାଜିକ ବ୍ୟବସ୍ଥାର କଠୋର ସମାଲୋଚନା । ଊନବିଂଶ ଶତାବ୍ଦୀର ପୁରୁଷ ସଂସ୍କାରକମାନେ ନାରୀ ଶିକ୍ଷାକୁ ମୁଖ୍ୟତଃ ଉତ୍ତମ ସ୍ତ୍ରୀ ଓ ମାତା ଗଢ଼ିବାର ସାଧନ ଭାବେ ବିଚାର କରୁଥିବା ବେଳେ, ସରଳା ଦେବୀ ସାର୍ବଜନୀନ ମାନବୀୟ ମର୍ଯ୍ୟାଦା, ବ୍ୟକ୍ତିଗତ ସ୍ୱାଧୀନତା ଏବଂ ଆଇନଗତ ଓ ସାମାଜିକ-ଅର୍ଥନୈତିକ ଅଧିକାର ଉପରେ ଆଧାରିତ ଦର୍ଶନ ପ୍ରତିପାଦିତ କରିଥିଲେ । ୧୯୩୪ ମସିହାରେ ପ୍ରକାଶିତ ତାଙ୍କର ଯୁଗାନ୍ତକାରୀ ପୁସ୍ତକ 'ନାରୀର ଦାବି' ଭାରତୀୟ ନାରୀବାଦୀ ଦର୍ଶନର ଇତିହାସରେ ଏକ ଆଧାରପ୍ରସ୍ତର । ସେ ନାରୀର ଅଧିକାରହାନିକୁ ସିଧାସଳଖ ଅର୍ଥନୈତିକ ପରାଧୀନତା, ଆଇନଗତ ଅସମାନତା ଏବଂ ଧାର୍ମିକ କୂପମଣ୍ଡୁକତା ସହିତ ଯୋଡ଼ିଥିଲେ ।

'ନାରୀର ଦାବି' ଗ୍ରନ୍ଥରେ ସେ ବିବାହ ଅନୁଷ୍ଠାନକୁ ଏକ ଅସମାନ ଶକ୍ତି ସମ୍ପର୍କର ବ୍ୟବସ୍ଥା ଭାବେ ବିଶ୍ଳେଷଣ କରିଥିଲେ, ଯାହା ନାରୀକୁ ଅର୍ଥନୈତିକ ପରାଧୀନ କରିରଖେ । ତାଙ୍କ ଲେଖାଗୁଡ଼ିକ ଶାରୀରିକ ସ୍ୱାଧୀନତା, ପ୍ରଜନନଗତ ନିଷ୍ପତ୍ତି ଏବଂ ଦାମ୍ପତ୍ୟ ସମ୍ପର୍କର ପ୍ରଚ୍ଛନ୍ନ ହିଂସା ବିଷୟରେ ଚର୍ଚ୍ଚା କରିଥିଲା, ଯାହା ସେହି ସମୟର ସାମାଜିକ ଚିନ୍ତାଧାରାରୁ ବହୁ ଦଶନ୍ଧି ଆଗରେ ଥିଲା । ସେ ଜୋର ଦେଇ କହିଥିଲେ ଯେ ସମ୍ପତ୍ତିଗତ ଅଧିକାର ଏବଂ ଅର୍ଥନୈତିକ ସ୍ୱାବଲମ୍ବନ ବିନା ପ୍ରକୃତ ସ୍ୱାଧୀନତା ସମ୍ଭବ ନୁହେଁ । ନାରୀର ଦାବି ଶିକ୍ଷାଗତ ସମାନତା, ସାର୍ବଜନୀନ ମତାଧିକାର, ପରିତ୍ୟକ୍ତା ନାରୀଙ୍କ ପାଇଁ ଆଇନଗତ ବିବାହ ବିଚ୍ଛେଦ ପ୍ରାବଧାନ ଏବଂ ସମାନ କାର୍ଯ୍ୟ ପାଇଁ ସମାନ ମଜୁରୀ ଦାବି କରିଥିଲା ।



**୧୯୩୬ ଏପ୍ରିଲ ୧ରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ସମୟରେ ତାଙ୍କ ସାହିତ୍ୟିକ ଅବଦାନ ଆଞ୍ଚଳିକ ନବଜାଗରଣରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଥିଲା । ସେ ପ୍ରାଚୀନ ତଥା ଅତ୍ୟଧିକ ସଂସ୍କୃତ ଶୈଳୀକୁ ପ୍ରତ୍ୟାଖ୍ୟାନ କରି ଗ୍ରାମୀଣ ଓଡ଼ିଶାର କଥିତ ଭାଷାରେ ଏକ ଆଧୁନିକ, ସ୍ୱଚ୍ଛ ଗଦ୍ୟ ଶୈଳୀ ବିକାଶ କରିଥିଲେ । ଶିକ୍ଷାରେ ଓଡ଼ିଆ ଭାଷାର ବ୍ୟବହାର ପାଇଁ ସେ ଉଦ୍ୟମ ଆରମ୍ଭ କରିଥିଲେ । ତାଙ୍କର ଲେଖା ଯୁକ୍ତିଯୁକ୍ତ ତର୍କ, ଜୀବନୀମୂଳକ ଆଲେଖ୍ୟ, ଶିଶୁ ସାହିତ୍ୟ ଏବଂ ସାହିତ୍ୟ ସମାଲୋଚନା କ୍ଷେତ୍ରରେ ସମାନ ଭାବେ ଆଦୃତ ହୋଇଥିଲା ।**

ତାଙ୍କର ପରବର୍ତ୍ତୀ ଗ୍ରନ୍ଥ ଉତ୍କଳ ନାରୀ ସମସ୍ୟା (୧୯୩୪) ଏବଂ ଭାରତୀୟ ମହିଳା ପ୍ରସଙ୍ଗ (୧୯୩୫)ରେ ସେ ଆଞ୍ଚଳିକ ଓ ଭାରତୀୟ ପରିପ୍ରେକ୍ଷୀରେ ନାରୀ ସମସ୍ୟାର ବିଶ୍ଳେଷଣ କରିଥିଲେ । ସେ ପୁରାଣରେ ନାରୀର ମିଥ୍ୟା ପୂଜା ଏବଂ ବାସ୍ତବ ଜୀବନରେ ସେମାନଙ୍କ ଉପରେ ଚାଲିଥିବା କ୍ରମାଗତ ନିର୍ଯ୍ୟାତନାର କପଟତାକୁ ପଦାରେ ପକାଇବା ସହ ବାଲ୍ୟବିବାହ, ଯୌତୁକ ପ୍ରଥା, ବିଧବା ନିର୍ଯ୍ୟାତନା ଏବଂ ପରଦା ପ୍ରଥା ଭଳି କୁସଂସ୍କାରକୁ ନିନ୍ଦା କରିଥିଲେ । ସେ ବିଧବାମାନଙ୍କୁ ସମାଜର ଆତ୍ମନିର୍ଭରଶୀଳ ସଦସ୍ୟ ଭାବେ ପୁନଃପ୍ରତିଷ୍ଠା କରିବାକୁ ଦାବି କରିବା ସହ ପରଦା ପ୍ରଥାକୁ ମହିଳାଙ୍କ ସାମାଜିକ ସହଭାଗିତାରୁ ବଞ୍ଚିତ କରୁଥିବା ଏକ କାରାଗାର ଭାବେ ଅଭିହିତ କରିଥିଲେ ।

ନାରୀମାନେ ଅସହାୟ ଏହି ମାନସିକତାକୁ ବଦଳାଇବା ପାଇଁ ସେ ବିପ୍ଳବୀ ନାରୀମାନଙ୍କ ଗାଥାକୁ ନେଇ ପ୍ରଭାବଶାଳୀ ଗ୍ରନ୍ଥଗୁଡ଼ିକ ରଚନା କରିଥିଲେ । ୧୯୩୦ର ଆଇନ ଅମାନ୍ୟ ଆନ୍ଦୋଳନ ସମୟରେ ଲିଖିତ ବିଶ୍ୱ ବିପ୍ଳବିଣୀ ପୁସ୍ତକରେ ସେ ୟୁରୋପ, ରୁଷିଆ ଓ ଆମେରିକାର ମହିଳା ବିପ୍ଳବୀଙ୍କ ଜୀବନୀ ପ୍ରସ୍ତୁତ କରି ଦର୍ଶାଇଥିଲେ ଯେ ନାରୀମାନେ ସଦାସର୍ବଦା ପରିବର୍ତ୍ତନର ମୁଖ୍ୟ ପ୍ରବର୍ତ୍ତକ ବୋଲି ଉଲ୍ଲେଖ କରିଥିଲେ । ପରବର୍ତ୍ତୀ ସମୟରେ ବୀର ରମଣୀ (୧୯୪୯)ରେ ସେ ଝାଁସୀର ରାଣୀ ଲକ୍ଷ୍ମୀବାଈ ଏବଂ ବାଙ୍କୀର ରାଣୀ ଶୁକଦେଈଙ୍କ ଭଳି ବୀରରମଣୀଙ୍କ ଜୀବନୀ ଉପରେ ଲେଖିଥିଲେ ।

ତାଙ୍କର ପ୍ରମୁଖ ପ୍ରକାଶିତ କୃତିଗୁଡ଼ିକ ଆଧୁନିକ ଓଡ଼ିଆ ଚିନ୍ତାଧାରାକୁ ରୂପାନ୍ତରିତ କରିଥିଲା:

ବିଶ୍ୱ ବିପ୍ଳବିଣୀ (୧୯୩୦): ବିଶ୍ୱର ବିପ୍ଳବୀ ନାରୀମାନଙ୍କ ଉପରେ ଆଲୋକପାତ କରି ଓଡ଼ିଆ ରାଜନୈତିକ ଚେତନାକୁ ସେ ସାର୍ବଜନୀନ କରିଥିଲେ । ନାରୀର ଦାବି (୧୯୩୪): ନାରୀର ଶାରୀରିକ ସ୍ୱାଧୀନତା ଓ ଅର୍ଥନୈତିକ ଅଧିକାର ପ୍ରତିଷ୍ଠା କରୁଥିବା ନାରୀବାଦୀ ଇସ୍ତାହାର । ଉତ୍କଳ ନାରୀ ସମସ୍ୟା (୧୯୩୪): ଗ୍ରାମୀଣ ଓଡ଼ିଶାରେ ପରଦା ପ୍ରଥା, ବାଲ୍ୟବିବାହ, ଏବଂ ବିଧବା ନିର୍ଯ୍ୟାତନା ଭଳି ସାମନ୍ତବାଦୀ ପ୍ରଥାର ବିଶ୍ଳେଷଣ । ଭାରତୀୟ ମହିଳା ପ୍ରସଙ୍ଗ (୧୯୩୫): ସ୍ଥାନୀୟ ଓଡ଼ିଆ ସମସ୍ୟାକୁ ସମଗ୍ର ଭାରତୀୟ ଉପନିବେଶ-ବିରୋଧୀ ନାରୀ ଆନ୍ଦୋଳନ ସହ ଯୋଡ଼ିଥିଲା। ରବୀନ୍ଦ୍ର ପୂଜା (୧୯୩୫): ଓଡ଼ିଆ ପାଠକଙ୍କୁ ରବୀନ୍ଦ୍ରନାଥ ଠାକୁରଙ୍କ ପ୍ରଗତିଶୀଳ ଦର୍ଶନ ସହ ପରିଚିତ କରାଇଥିଲା । ବୀର ରମଣୀ (୧୯୪୯): ଭାରତୀୟ ଐତିହାସିକ ବୀରରମଣୀମାନଙ୍କୁ ସାମ୍ନାକୁ ଆଣି ପ୍ରତିରୋଧର ସାଂସ୍କୃତିକ ଆଦର୍ଶ ସୃଷ୍ଟି କରିଥିଲା । ରାୟ ରାମାନନ୍ଦ (୧୯୬୩): ମଧ୍ୟଯୁଗୀୟ ଓଡ଼ିଆ ବୈଷ୍ଣବ ଧର୍ମର ଆଲୋଚନା କରି ଆଞ୍ଚଳିକ ଧାର୍ମିକ ମାନବବାଦକୁ ପ୍ରତିଷ୍ଠିତ କରିଥିଲା ।

ସରଳା ଦେବୀ ଜାତିପ୍ରଥା ଏବଂ ଅସ୍ପୃଶ୍ୟତା ଭଳି ଅମାନବୀୟ ପ୍ରଥା ଉପରେ କଠୋର ଦୃଷ୍ଟିପାତ କରିଥିଲେ । ୧୯୨୦ ଓ ୧୯୩୦ ଦଶକରେ ସେ ମନ୍ଦିର ପ୍ରବେଶ ଆନ୍ଦୋଳନ ସପକ୍ଷରେ ନିର୍ଭୀକ ଭାବେ ଲେଖିଥିଲେ ଏବଂ ଦଳିତମାନଙ୍କୁ ସାମାଜିକ ଅଧିକାରରୁ ବଞ୍ଚିତ କରିବା ସ୍ୱାଧୀନତା ସଂଗ୍ରାମକୁ ଦୁର୍ବଳ କରୁଥିବା ଏକ ନୈତିକ ପରାଜୟ ବୋଲି ଯୁକ୍ତି କରିଥିଲେ । ସେ ବିଦ୍ୟାଳୟଗୁଡ଼ିକରେ ବିନା ଭେଦଭାବରେ ସବୁ ଜାତିର ପିଲାମାନଙ୍କୁ ପ୍ରବେଶ ପାଇଁ ଦାବି କରିବା ସହ କୃଷକ ଓ କାରିଗରମାନଙ୍କ ଶ୍ରମକୁ ରାଷ୍ଟ୍ରର ପ୍ରକୃତ ଭିତ୍ତିଭୂମି ଭାବେ ସ୍ୱୀକୃତି ଦେଇଥିଲେ । ତାଙ୍କ ମତରେ ଦୈନନ୍ଦିନ ସାମାଜିକ ଜୀବନର ଗଣତାନ୍ତ୍ରିକରଣ ବିନା ପ୍ରକୃତ ସ୍ୱରାଜ ଅସମ୍ଭବ ।

ଓଡ଼ିଶାରେ ଗାନ୍ଧିବାଦୀ ବିଚାରର ଅନ୍ୟତମ ପ୍ରାରମ୍ଭିକ ବ୍ୟାଖ୍ୟାକାର ଭାବେ ସେ ଅହିଂସାକୁ ଏକ ସକ୍ରିୟ ନୈତିକ ସଂଯମ ଭାବେ ବର୍ଣ୍ଣନା କରିଥିଲେ । ଗାନ୍ଧିବାଦୀ ଅର୍ଥନୀତିରୁ ପ୍ରେରଣା ନେଇ ସେ ମହିଳାଙ୍କ ଅର୍ଥନୈତିକ ମୁକ୍ତି ପାଇଁ ଖଦୀ ଓ ଗ୍ରାମୋଦ୍ୟୋଗ ଉପରେ ଜୋର ଦେଇଥିଲେ । ଶିକ୍ଷା ସଂସ୍କାର କ୍ଷେତ୍ରରେ ସେ ଗାନ୍ଧିଙ୍କ ମୌଳିକ ଶିକ୍ଷା (ନଈ ତାଲିମ) ମଡେଲର ସମର୍ଥନ କରି ମାତୃଭାଷା ଶିକ୍ଷାକୁ ଗୁରୁତ୍ୱ ଦେଇଥିଲେ । ତଥାପି, ଗାନ୍ଧିବାଦୀ ସରଳତାର ପାରମ୍ପରିକ ବ୍ୟାଖ୍ୟା ଯେତେବେଳେ ନାରୀର ତ୍ୟାଗକୁ ମହିମାମଣ୍ଡିତ କରୁଥିଲା, ସେତେବେଳେ ସେ ତୀବ୍ର ବିରୋଧ କରି କହିଥିଲେ ଯେ ନାରୀମାନେ ନିଜର ଆତ୍ମସମ୍ମାନ ଓ ଅଧିକାରକୁ କେବେହେଲେ ବଳିଦାନ ଦେବା ଉଚିତ ନୁହେଁ ।

୧୯୩୬ ଏପ୍ରିଲ ୧ରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ସମୟରେ ତାଙ୍କ ସାହିତ୍ୟିକ ଅବଦାନ ଆଞ୍ଚଳିକ ନବଜାଗରଣରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଥିଲା । ସେ ପ୍ରାଚୀନ ତଥା ଅତ୍ୟଧିକ ସଂସ୍କୃତ ଶୈଳୀକୁ ପ୍ରତ୍ୟାଖ୍ୟାନ କରି ଗ୍ରାମୀଣ ଓଡ଼ିଶାର କଥିତ ଭାଷାରେ ଏକ ଆଧୁନିକ, ସ୍ୱଚ୍ଛ ଗଦ୍ୟ ଶୈଳୀ ବିକାଶ କରିଥିଲେ । ଶିକ୍ଷାରେ ଓଡ଼ିଆ ଭାଷାର ବ୍ୟବହାର ପାଇଁ ସେ ଉଦ୍ୟମ ଆରମ୍ଭ କରିଥିଲେ । ତାଙ୍କର ଲେଖା ଯୁକ୍ତିଯୁକ୍ତ ତର୍କ, ଜୀବନୀମୂଳକ ଆଲେଖ୍ୟ, ଶିଶୁ ସାହିତ୍ୟ ଏବଂ ସାହିତ୍ୟ ସମାଲୋଚନା କ୍ଷେତ୍ରରେ ସମାନ ଭାବେ ଆଦୃତ ହୋଇଥିଲା ।

ସରଳା ଦେବୀଙ୍କ ଅମର ଅବଦାନ ଆଧୁନିକ ଓଡ଼ିଆ ସାହିତ୍ୟକୁ ସାମାଜିକ ସଂସ୍କାର ଓ ଗଣତାନ୍ତ୍ରିକ ସମାଲୋଚନାର ଜୀବନ୍ତ କ୍ଷେତ୍ର ଭାବରେ ପ୍ରତିଷ୍ଠିତ କରିଥିଲା । ଜାତୀୟତା, ନାରୀ ମୁକ୍ତି, ସାମନ୍ତବାଦ-ବିରୋଧୀ ସଂସ୍କାର, ଗାନ୍ଧିବାଦୀ ଦର୍ଶନ ଏବଂ ଭାଷାଗତ ଗୌରବକୁ ଏକାଠି ଯୋଡ଼ି ସେ ଆଞ୍ଚଳିକ ସାହିତ୍ୟର ସୀମା ବୃଦ୍ଧି କରିଥିଲେ । ତାଙ୍କ ଜୀବନ ଓ କୃତି ପ୍ରମାଣିତ କରିଥିଲା ଯେ ସ୍ୱାଧୀନତା ସଂଗ୍ରାମ ଲିଙ୍ଗଗତ ନ୍ୟାୟ ଓ ସାମାଜିକ ସମାନତାଠାରୁ ପୃଥକ୍ ନୁହେଁ ।

**ଆବାହକ, ଜଗତସିଂହପୁର, ଅଳକା ଆଶ୍ରମ, ଓଡ଼ିଶା,ମୋ-୯୩୫୦୧୨୭୩୭୦**

## ଏ ସପ୍ତାହର କବିତା ଚାରୋଟି

### ବନ୍ଧୁ ବୁଝିଲ କି ?



କାମାକ୍ଷା ମହତାବ

ମୂର୍ଖ ଥିଲ,
ଭଲ ପାଉଥିଲ..
ଚାଲାକ ହେଲ,
ଛାଡି ଚାଲିଗଲ..

ମନ ବିଗିଡ଼ିଲା..
ହୃଦୟ ଉଜୁଡ଼ିଲା..
ଚାଲାକ ପଣିଆରେ
କ'ଣ ଟା ମିଳିଲା..!

କଥା କ'ଣ କି..

ପ୍ରେମରେ ଚୋରି ଥାଇପାରେ
ଚତୁରତା ନଥାଏ...
ଯଦି ଥାଏ,
ସମ୍ପର୍କ ଚାରି ପାଞ୍ଜିରୁ ଯାଏ...

ବନ୍ଧୁ ! ବୁଝିଲ କି...?

**କଟକ**

### ମା'



ହର ମୋହନ ଦାଶ

କେତେ ରାତି ଯାଏ ବିତି
ନାହିଁ ତା'ର ଗତି ଇତି,
ଛାତି ପାତି ସହିଛି ମୁଁ
ପାଦ ଆଘାତ,
ମାଆ ମୁହିଁ ଆଦରିଛି
ପୁଣ୍ୟ ପ୍ରଭାତ ।

ଏନ୍ତୁଡିରେ କୁଆଁ ଶବ୍ଦ
ଏବେ ବି ଶୁଭୁଛି ନାଦ,
ସେଇ ପ୍ରଥମ ଶବଦେ
ନବ ସ୍ୱାଗତ,
ଦୁଃଖ କଷ୍ଟ ଭୁଲିଯାଇ
ହୃଦ ପ୍ଲାବିତ ।

ନିଦ ମୋ ଯାଇଛି ହଜି
ସେବାରେ ଯାଇଛି ମଜି
ଦିବା ନିଶି ଯାଏ ବିତି
ନାହିଁ କଳନା,
ଆଖି ଲୁହ ପୋଛି ଦେଇ
ଲଭେ ସାନ୍ତ୍ୱନା ।

ଖିଲି ଖିଲି ମୁଖେ ହସ
ଦୂରାଏ ସବୁ ବିଷାଦ
ମାଆ ପ୍ରେମେ ବୁଡି ଅଛି
କରେ କରମ,
ତୋ ସୁଖେ ମୁଁ ବହୁ ଖୁସି
ଏହି ମରମ ।

ପାଦ ମୋର ଯାଏ ଥକି
ବୁକୁରେ ଧରିଛି ଜାକି
ଆହା ମୋ ସୁନା ବଦନୀ
ଦିଏ ଆଶୀଷ,
ସୁଖ ଶାନ୍ତି ପ୍ରୀତି କୀର୍ତ୍ତି
ଆଣଇ ଯଶ ।

ଅକାଳରେ ଝଡି ଯିବି
ଜାଣିଥା ମୁଁ ସାଥେ ଥିବି
ମାଆ ତୋର ପ୍ରାଣ ବିନ୍ଦୁ
ନୁହଁ ହତାଶ,
ଆଗେଇ ଯା' ଜୀବନେ ତୁ
ଭରି ବିଶ୍ୱାସ ।

**ଭଦ୍ରକ**



### ଅର୍ଣ୍ଣବ



ବେବୀଲତା ଶତପଥୀ

ହେ ଅର୍ଣ୍ଣବ !
ତମେ କେମିତିକା ବେଦରଦୀ ବନ୍ଧୁ
ଜହ୍ନ ପରି ତମେ ମୋର ସାଥୀ
ନା, ତମେ ମୋର ଶାନ୍ତି
ନା, ତମାମ ଜୀବନର ପ୍ରଶାନ୍ତି
ଜମା ନୁହେଁ
ତମେ କେବଳ,
ଯାବତୀୟ ପ୍ରାପ୍ତିର ଦୋଛକି ମୋଡରେ
ଖାଲି ଅପର୍ଯ୍ୟାପ୍ତ ଅପ୍ରାପ୍ତି –

ହେ ବେରସିକ ବନ୍ଧୁ
ତମେ ମୋର ଏଣୁ ତେଣୁ
ଭାବନାର ଗଣ୍ଠିଲି ଏ ବୁଜୁଳା
ଛୋଟ ବଡ ଢେଉ ପରି
ଯାବତୀୟ ଅଲରା
ଅସଜଡ଼ା ଘଟଣା

ମାନ ଅପମାନ ନାହିଁ ତୁମ
ବାର ବାର ଆସୁଥାଅ
ରୂପ ବଦଳାଇ ତୁମେ
ଦେଖା ଦେଇ ପାଉଥାଅ
କେଉଁ ଆତ୍ମତୃପ୍ତି ?
ହେ ଅର୍ଣ୍ଣବ ...?

**କଳିଙ୍ଗ ବିହାର,
ପଦ୍ମାଲୋକ , ଭୁବନେଶ୍ୱର,
ମୋ-୬୩୭୨୯୯୯୫୯୦**

### ତର୍ପଣ



ଗଜାନନ ମିଶ୍ର

ତୁମେ ଆଉ ଦିଶୁ ନାହଁ ।
ଅଛ, ପାରୁ ନି କହି ।

ନିଅ, ଜଳ ତିଳରେ
ହୁଅ ତୃପ୍ତ ।
କୁଶ ଆଉ ଯଜ୍ଞୋପବିତ ଧରି
ଡାକୁଛି, ଆସିବା ହେଉ ଆପଣଙ୍କର ।

ଆସ ହେ ବିଶ୍ୱଦେବତା ସବୁ, ବ୍ରହ୍ମାଦି
ଅନ୍ତରୀକ୍ଷରୁ, ସ୍ୱର୍ଗରୁ ।
ଏଇ କୁଶାସନରେ ବସିବା ହୁଅନ୍ତୁ ।
ତ୍ରାଣ କରନ୍ତୁ ଆମକୁ ।
ସବ୍ୟହୋଇ ଅଙ୍ଗୁଷ୍ଠିମୂଳରେ
ଗୋଟିଏ ଅଞ୍ଜଳି ନିଅନ୍ତୁ !
ସନକାଦି ସପ୍ତମନୁଷ୍ୟ ହେ
ଉତ୍ତରାଭିମୁଖ ହୋଇ
ଦୁଇଥର କରୁଛି ଅଞ୍ଜଳି, ତର୍ପଣ ।

ଅପସବ୍ୟ ହୋଇ କାବ୍ୟବାଳନଳାଦି
ଦିବ୍ୟ ପିତୃମାନଙ୍କୁ ତିନିଥର ଦେଉଛି ଜଳ ।
ତୃପ୍ତହୋଇ ଆନନ୍ଦିତ କରାନ୍ତୁ
ଆଉ କରନ୍ତୁ ରକ୍ଷା ଆମକୁ ।
ଧ୍ୟାନ କରୁଛି ହେ ଆପଣମାନଙ୍କୁ, ହେ
ପିତୃଗଣ, ଯିଏ ଯୋଉଠି ଥିଲେ ବି
ମୋ ଡାକ ଶୁଣି ଆସିବା ହୁଅନ୍ତୁ !

ଏଠାକାର ବାୟୁ ଦେଖ ମଧୁମୟ,
ଶସ୍ୟସବୁ ମଧୁଯୁକ୍ତ, ସକାଳ ମଧୁମୟ,
ସବୁ ଧୂଳିକଣା ମଧୁମୟ, ଜଳ ମଧୁଝର,
ଅନୁକୂଳ ସବୁ ସ୍ୱର୍ଗସମ ମଧୁ ମଧୁ ।
ମଧୁରେ ମଧୁରେ ହୁଅନ୍ତୁ ସନ୍ତୋଷ
ଦେବ ଅସୁର ନାଗ ଗନ୍ଧର୍ବ ଯକ୍ଷ ରାକ୍ଷସ
ପିଶାଚ ସିଦ୍ଧ ବୃକ୍ଷ ପକ୍ଷୀ ଜଳଚର
ବାୟୁଆହାରୀ ସମସ୍ତେ ମୋ ଦତ୍ତ ଜଳରେ ।

ସ୍ତମ୍ଭଠାରୁ ବ୍ରହ୍ମ ସଚରାଚର ତ୍ରିଭୁବନ
ହୁଅନ୍ତୁ ତୃପ୍ତ । ସମସ୍ତଙ୍କୁ ସର୍ବତେଜରୂପୀଙ୍କୁ
କରୁଛି ନମସ୍କାର । ପ୍ରୀତ ହୁଅନ୍ତୁ ସମସ୍ତେ,
ସମସ୍ତେ ଥାଆନ୍ତୁ ଭଲରେ ସର୍ବକୁଶଳରେ ।

**ତପୋବନ, ଟିଟିଲାଗଡ, ବଲାଙ୍ଗିର,
ମୋ-୯୪୩୭୩୬୬୬୪୪**



**ସତ୍ୟାନନ୍ଦ ଚମ୍ପତିରାୟ**

**ବିଶିଷ୍ଟ କବି ଓ ପୂର୍ବତନ ମୁଖ୍ୟ ସମ୍ପାଦକ ଉତ୍କଳ ପ୍ରସଙ୍ଗ (ଓଡ଼ିଶା ସରକାର)ଙ୍କୁ ଜନ୍ମ ଶତବାର୍ଷିକରେ ଶ୍ରଦ୍ଧାଞ୍ଜଳି**

**ଆର୍ବିଭାବ-ଅକ୍ଟୋବର ୪ (୧୯୨୭)**
**ତିରୋଧାନ- ମାର୍ଚ୍ଚ ୬ (୨୦୧୫)**





# ତୃତୀୟ ପୃଷ୍ଠାର ଅବଶିଷ୍ଟାଂଶ

## ହକି...

କରିଥିବା ବେଳେ ତିଳକ ବର୍ମା ୨୨ ବଲ୍‌ରୁ ଅପରାଜିତ ୫୧ ରନ୍ କରିଥିଲେ । ଜବାବରେ ପାକିସ୍ତାନ ୧୯୨/ ୬ରେ ଅଟକି ଯାଇଥିଲା । ହସନ ନୱାଜ ୫୧ ବଲରୁ ୯୬ ରନ୍ କରିଥିଲେ ମଧ୍ୟ ଦଳକୁ ବିଜୟୀ କରାଇପାରିନଥିଲେ ।

କୁସ୍ତିର ୫୭ କେଜି ଫ୍ରିଷ୍ଟାଇଲ୍ ଫାଇନାଲରେ ଅମନ ସେହରାୱତ ଉତ୍ତର କୋରିଆର ବିଶ୍ୱଚାମ୍ପିଅନ୍ ଚୋଙ୍ଗ ସଙ୍ଗ ହାନଙ୍କୁ ୧୦-୭ ରେ ପରାସ୍ତ କରି ସ୍ୱର୍ଣ୍ଣ ଜିତିଛନ୍ତି । ମ୍ୟାଚର ଗୋଟିଏ ପର୍ଯ୍ୟାୟରେ ୬-୧ରେ ଆଗୁଆ ଥିବା ଅମନଙ୍କ ବିପକ୍ଷରେ ହାନ୍ ଲଢ଼େଇ କରି ସ୍କୋର୍ ୭-୬ କରିଦେଇଥିଲେ । କିନ୍ତୁ ଅମନ ଶେଷ ପର୍ଯ୍ୟାୟରେ ଦୁଇଟି ଟେକଡାଉନ୍ କରି ବିଜୟ ନିଶ୍ଚିତ କରିଥିଲେ । ମହିଳା ୫୩ କେଜି ବର୍ଗରେ ଅନ୍ତିମ ପଙ୍ଘାଲ ରୌପ୍ୟ ପଦକରେ ସନ୍ତୁଷ୍ଟ ହୋଇଛନ୍ତି । ଫାଇନାଲରେ ସେ ଜାପାନର ୨୦୨୪ ବିଶ୍ୱଚାମ୍ପିଅନ୍ ମେଇ ମିୟୋକାଙ୍କଠାରୁ ୧- ୯ ରେ ହାରିଥିଲେ । ଅନ୍ୟପକ୍ଷରେ ଦୀପକ ପୁନିଆ ୯୭ କେଜି ବର୍ଗରେ ମଙ୍ଗୋଲିଆର ଗାନୟାଙ୍ଗ ଗାନବାତାରଙ୍କୁ ୨-୧ରେ ହରାଇ କାଂସ୍ୟ ଜିତିଛନ୍ତି । ଭାରତ କୁସ୍ତିରେ ମୋଟ ୬ଟି ପଦକ ୨ ସ୍ୱର୍ଣ୍ଣ, ୨ ରୌପ୍ୟ ଓ ୨ କାଂସ୍ୟ ହାସଲ କରିଛି ।

ମହିଳା ବ୍ୟକ୍ତିଗତ ଗଲ୍ଫରେ ପ୍ରଣବୀ ଉର୍ସ ନୂଆ ଇତିହାସ ରଚିଛନ୍ତି । ସେ ଏସିଆଡରେ ବ୍ୟକ୍ତିଗତ ଗଲ୍ଫ ସ୍ୱର୍ଣ୍ଣ ଜିତିବାରେ ପ୍ରଥମ ଭାରତୀୟ ମହିଳା ହୋଇଛନ୍ତି । ଫାଇନାଲ୍ ରାଉଣ୍ଡରେ ୭୦ ସ୍କୋର୍ କରି ସେ ମୋଟ ୧୫-ଅଣ୍ଡର୍ ୨୬୫ ସ୍କୋର୍ ସହ ଶୀର୍ଷରେ ରହିଥିଲେ । ଚୀନ୍ର ଇନ୍ ରୁନିଙ୍ଗଙ୍କଠାରୁ ସେ ଗୋଟିଏ ଷ୍ଟ୍ରୋକ୍ ଆଗରେ ରହିଥିଲେ । ପ୍ରଣବୀଙ୍କ ସ୍ୱର୍ଣ୍ଣ ସହ ଅଦିତି ଅଶୋକ ଓ ଦୀକ୍ଷା ଡାଗରଙ୍କୁ ନେଇ ଭାରତୀୟ ମହିଳା ଦଳ ରୌପ୍ୟ ଜିତିଛି ।

ମହିଳା ବ୍ୟକ୍ତିଗତ ରିକର୍ଭରେ କୁମକୁମ ମୋହୋଡ୍ ଭାରତ ପାଇଁ ଐତିହାସିକ ସ୍ୱର୍ଣ୍ଣ ଜିତିଛନ୍ତି । ଫାଇନାଲରେ ଦକ୍ଷିଣ କୋରିଆର ଓହ୍ ୟେଜି ୬-୫ରେ ହରାଇଥିଲେ । ନିର୍ଣ୍ଣାୟକ ସୁଟ୍‌ଆଉଟରେ ଶେଷ ତୀରରେ ୧୦-ରିଙ୍ଗଙ୍କ ଲକ୍ଷ୍ୟଭେଦ କରି କୁମକୁମ ସ୍ୱର୍ଣ୍ଣ ନିଶ୍ଚିତ କରିଥିଲେ । ଏହା ଏସିଆଡରେ ମହିଳା ବ୍ୟକ୍ତିଗତ ରିକର୍ଭରେ ଭାରତର ପ୍ରଥମ ସ୍ୱର୍ଣ୍ଣ । ତାଙ୍କ ଫାଇନାଲ୍ ଯାତ୍ରା ସହ ଭାରତ ୨୦୨୮ ଲସ୍ ଏଞ୍ଜେଲସ୍ ଅଲିମ୍ପିକ୍ସ ପାଇଁ ଏକ ବ୍ୟକ୍ତିଗତ କୋଟା ସ୍ଥାନ ମଧ୍ୟ ହାସଲ କରିଛି । ପୁରୁଷ ବ୍ୟକ୍ତିଗତ ରିକର୍ଭରେ ନୀରଜ ଚୌହାନ କାଂସ୍ୟ ପଦକ ଜିତିଛନ୍ତି । ସେ ନିଜ ଦେଶର ଧୀରଜ ବୋମ୍ମାଦେଭାରାଙ୍କୁ ୬-୪ରେ ପରାସ୍ତ କରିଥିଲେ । ୨-୪ରେ ପଛୁଆ ଥିବା ନୀରଜ ମ୍ୟାଚକୁ ଫେରି ନିର୍ଣ୍ଣାୟକ ସେଟ୍ ଜିତିଥିଲେ । ଏସିଆଡରେ ବ୍ୟକ୍ତିଗତ ରିକର୍ଭ ପଦକ ଜିତିଥିବା ତାରୁଣଦୀପ ରାୟଙ୍କ ପରେ ସେ ଦ୍ୱିତୀୟ ଭାରତୀୟ ପୁରୁଷ ତୀରନ୍ଦାଜ ।

ଏଭଳି ଭାବେ ଏସିଆଡର ଅନ୍ତିମ ଦିନ ଭାରତୀୟ ଦଳ ପାଇଁ ଅନେକ ଐତିହାସିକ ସଫଳତା ନେଇ ଆସିଛି । ପୁରୁଷ ହକିରେ ଟାଇଟଲ୍ ରକ୍ଷା, ପୁରୁଷ କ୍ରିକେଟ୍ରେ ପାକିସ୍ତାନକୁ ହରାଇ ସ୍ୱର୍ଣ୍ଣ, କୁସ୍ତିରେ ଅମନଙ୍କ ବିଜୟ, ଗଲ୍ଫରେ ପ୍ରଣବୀଙ୍କ ଐତିହାସିକ ସଫଳତା ଏବଂ ରିକର୍ଭରେ କୁମକୁମଙ୍କ ପ୍ରଥମ ବ୍ୟକ୍ତିଗତ ସ୍ୱର୍ଣ୍ଣ ଏସବୁ ମିଶି ଭାରତର ଏସିଆଡ୍ ଅଭିଯାନକୁ ଉଲ୍ଲେଖନୀୟ ଭାବେ ସମୃଦ୍ଧ କରିଛି ।

## ନୟାପଲ୍ଲୀ...

ଏକୁଟିଆ ଥିଲେ । ଶ୍ରୀଧର ଚୋରି କରିବା ଉଦ୍ଦେଶ୍ୟରେ ତାଙ୍କ ଘର ଭିତରକୁ ପଶିଥିଲା । ଯୁବତୀଙ୍କ ବଡ ଭଉଣୀ ନଥିବାରୁ ସେ ଏକୁଟିଆ ଥିବା ଦେଖି ପିସ୍ତଲ ଭଳି ଲାଇଟର ଦେଖାଇ ତାଙ୍କୁ ଭୟଭୀତ କରିଥିଲା । ଲାଇଟରକୁ ସେ ପିସ୍ତଲ ଭାବି ଭୟରେ ନୀରବି ଯାଇଥିଲେ । ଏହାପରେ ଶ୍ରୀଧର ତାଙ୍କୁ ଦୁଷ୍କର୍ମ କରିଥିଲା । ଦୁଷ୍କର୍ମ କରିବା ପରେ ଶ୍ରୀଧର ନୟାପଲ୍ଲୀରୁ ଆମ ବସ ଯୋଗେ ସିଆରପି ଛକକୁ ଯାଇଥିଲା । ସେଠାରୁ ଅଟୋ ଯୋଗେ ଭରତପୁରକୁ ଯାଇ ଏକ ନୂଆ ବାଇକ୍ ଚୋରି କରି ଫେରାର ହୋଇଯାଇଥିବା ପୋଲିସ କହିଛି । ଶ୍ରୀଧର ଦୁଷ୍କର୍ମ କରିବା ଉଦ୍ଦେଶ୍ୟରେ ଘର ଭିତରେ ପଶିନଥିଲା । କାରଣ ସେ ଜଣେ ଲୁଟେରା ହୋଇଥିବାରୁ ଲୁଟ୍ ଉଦ୍ଦେଶ୍ୟରେ ଘର ଭିତରକୁ ପଶିଥିଲା । ଶ୍ରୀଧର ନାଁରେ ପୂର୍ବରୁ ଖଣ୍ଡଗିରି ଓ ତମାଣ୍ଡୋ ଥାନାରେ ଲୁଟ ମାମଲାଥିବା ପୋଲିସ କହିଛି ।

ପୀଡିତା ଯୁବତୀ ନୟାପଲ୍ଲୀ ଥାନାରେ ଅଭିଯୋଗ କରିବା ପରେ ପୋଲିସ ମାମଲା ରୁଜୁ କରି ତାଙ୍କ ବୟାନ ରେକର୍ଡ କରି ଡାକ୍ତରୀ ମାଇନା କରାଇଥିଲା । ଏପରିକି କୋର୍ଟରେ ମଧ୍ୟ ତାଙ୍କ ବୟାନ ରେକର୍ଡ ହୋଇଛି । ଅଭିଯୋଗ ଅନୁଯାୟୀ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ତିନୋଟି ସ୍ୱତନ୍ତ୍ର ସ୍କ୍ୱାର୍ଡ ଗଠନ କରାଯାଇଥିଲା ଅଭିଯୁକ୍ତକୁ ଗିରଫ କରିବା ପାଇଁ । କାରଣ ଘରେ ପଶି ବନ୍ଧୁକ ଦେଖାଇ ଦୁଷ୍କର୍ମ କରିଥିବା ପୀଡିତା ଅଭିଯୋଗ କରିଥିଲେ । ପୋଲିସ କମିଶନରଙ୍କ କହିବାନୁଯାୟୀ କ୍ଲୁଟ ପକ୍ଷରୁ ମିଳିଥିବା ସିସିଟିଭି ଫୁଟେଜ୍ ଆଧାରରେ ଅପରାଧୀକୁ ଚିହ୍ନଟ କରାଯାଇଥିଲା । ଶ୍ରୀଧର ଘର ଗଞ୍ଜାମ ଜଗନ୍ନାଥପ୍ରସାଦରେ ହୋଇଥିବା ବେଳେ ସେ ଚକେଇସିଆଣୀରେ ଭଡାକୁ ରହି ସହରରେ ଲୁଟପାଟ୍ କରେ ବୋଲି ପୋଲିସ କହିଛି ।

ପୋଲିସ କମିଶନର ସୁରେଶ ଦେବଦତ୍ତ ସିଂ ଗଣମାଧ୍ୟମକୁ ଦେଇଥିବା ବୟାନ ଅନୁଯାୟୀ ପୀଡିତାଙ୍କୁ ଦୁଷ୍କର୍ମ ହୋଇଛି କି ନାହିଁ ତାହା ଜାଣିବା ପାଇଁ ତଦନ୍ତ ଚାଲିଛି । କ୍ଲୁଟର ୫୦୦ ସିସିଟିଭି ଫୁଟେଜ୍ ଯାଞ୍ଚ କରିବା ପରେ ଅପରାଧୀକୁ ଚିହ୍ନଟ କରାଯାଇଥିଲା । ଦୀର୍ଘ ୪ ଦିନ ହେବ ଭୁବନେଶ୍ୱର ପୋଲିସ ଦୁଷ୍କର୍ମ ମାମଲାର ଅଭିଯୁକ୍ତକୁ ଗିରଫ କରିବା ପାଇଁ ବିଭିନ୍ନ ଅଞ୍ଚଳରେ ଚଢାଉ ଜାରି ରଖିଥିଲା । ଚନ୍ଦକା ଥାନା ଅନ୍ତର୍ଗତ ଅନ୍ଧାରୁଆ ଅଞ୍ଚଳରେ ଅପରାଧୀକୁ ଠାବ କରି ଗିରଫ କରିବାକୁ ଯିବା ବେଳେ ସେ ପୋଲିସକୁ ଆକ୍ରମଣ କରିବାରୁ ଏନକାଉଣ୍ଟର ହୋଇଛି ।

## ଜ୍ଞାନେଶଙ୍କ...

୧ଟାରେ ଜନ୍ତରମନ୍ତରରେ ଏକାଠି ହେବାକୁ କର୍ମୀମାନଙ୍କୁ କହିଥିଲେ । ଅଟକ ରଖାଯିବା ଦ୍ୱାରା ଆନ୍ଦୋଳନକାରୀଙ୍କୁ ଭୟଭୀତ କରାଯାଇପାରିବ ନାହିଁ ବୋଲି ସେ କହିଥିଲେ । ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବି ସହ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) ପ୍ରକ୍ରିୟାକୁ ବିରୋଧ କରି ଏହି ଆନ୍ଦୋଳନ ଚାଲିଛି । ଏସ୍‌ଆଇଆର୍ ପ୍ରକ୍ରିୟାରେ ଅନିୟମିତତା ହୋଇଥିବା ଆନ୍ଦୋଳନକାରୀମାନେ ଅଭିଯୋଗ କରିଛନ୍ତି ।

ଶୁକ୍ରବାରର ବିକ୍ଷୋଭରେ ଏଆଇଏସ୍‌ଏ, ଷ୍ଟୁଡେଣ୍ଟସ୍ ଫେଡେରେସନ୍ ଅଫ୍ ଇଣ୍ଡିଆ (ଏସ୍‌ଏଫ୍‌ଆଇ), ନ୍ୟାସନାଲ ଷ୍ଟୁଡେଣ୍ଟସ୍ ୟୁନିଅନ୍ ଅଫ୍ ଇଣ୍ଡିଆ (ଏନ୍‌ଏସ୍‌ୟୁଆଇ), ଆମ୍ ଆଦ୍‌ମୀ ପାର୍ଟି (ଆପ୍) ସମେତ ବିଭିନ୍ନ ଛାତ୍ର ଓ ରାଜନୈତିକ ସଂଗଠନର ସଦସ୍ୟ ଯୋଗ ଦେଇଥିଲେ । ନେହା ବୋରା, ଆପ୍‌ର କେତେକ ନେତା ଏବଂ ସାମାଜିକ କର୍ମୀ ଯୋଗେନ୍ଦ୍ର ଯାଦବଙ୍କୁ ମଧ୍ୟ ପୁଲିସ ଅଟକ ରଖିଥିଲା । ଶୁକ୍ରବାରର ସମାବେଶ ପାଇଁ ଦିଲ୍ଲୀ ପୁଲିସ ଅନୁମତି ଦେଇନଥିବା ବେଳେ କେନ୍ଦ୍ରୀୟ ଦିଲ୍ଲୀରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଥିଲା । ଜନ୍ତରମନ୍ତର ନିକଟରେ ଥିବା କେତେକ ମେଟ୍ରୋ ଷ୍ଟେସନ୍‌ର ପ୍ରବେଶ ଓ ପ୍ରସ୍ଥାନ ପଥକୁ ମଧ୍ୟ ସାମୟିକ ଭାବେ ନିୟନ୍ତ୍ରଣ କରାଯାଇଥିଲା ।

ଅନ୍ୟପକ୍ଷରେ, ଏସ୍‌ଆଇଆର୍ ପ୍ରକ୍ରିୟା ପରିଚାଳନାକୁ ନେଇ ନିର୍ବାଚନ କମିଶନଙ୍କ ଉପରେ ଚାପ ବଢ଼ିବାରେ ଲାଗିଛି । 'ଦ ଇଣ୍ଡିଆନ୍ ଏକ୍ସପ୍ରେସ୍'ର ଏକ ରିପୋର୍ଟ ଅନୁଯାୟୀ, ଗତ ୧୦ ମାସ ମଧ୍ୟରେ ନିର୍ବାଚନ କମିଶନର ସୁଖବୀର ସିଂହ ସାନ୍ଧୁ ଓ ବିବେକ ଯୋଶୀ ଏସ୍‌ଆଇଆର୍ ସମ୍ପର୍କିତ ନିଷ୍ପତ୍ତି ଓ ନିର୍ଦ୍ଦେଶକୁ ନେଇ ଅତି କମ୍‌ରେ ୧୪ ଥର ଆପତ୍ତି ଉଠାଇଥିଲେ । ସେମାନଙ୍କ ଅଜ୍ଞାତରେ କିମ୍ବା ସୁପାରିସ ବିନା ଏହି ନିଷ୍ପତ୍ତି ନିଆଯାଇଥିବା ନେଇ ଆପତ୍ତି ଜଣାଯାଇଥିବା ରିପୋର୍ଟରେ ଉଲ୍ଲେଖ ରହିଛି ।

ତେବେ ନିର୍ବାଚନ କମିଶନ ପକ୍ଷରୁ କୁହାଯାଇଛି ଯେ, ଅନୁଷ୍ଠାନର ଆଭ୍ୟନ୍ତରୀଣ ବିଚାରବିମର୍ଶ ସମୟରେ ଭିନ୍ନ ମତ ଓ ମତାମତ ରହିବା ଏକ ସାଧାରଣ ପ୍ରକ୍ରିୟା । କମିଶନଙ୍କ ନିର୍ଦ୍ଦେଶଗୁଡ଼ିକର ପୂର୍ଣ୍ଣ ଆଇନଗତ ବୈଧତା ରହିଛି ଏବଂ ତାହା ନିର୍ଦ୍ଧାରିତ ଆଇନଗତ ପ୍ରକ୍ରିୟା ଅନୁସାରେ ଜାରି କରାଯାଇଛି ବୋଲି କମିଶନ ସ୍ପଷ୍ଟ କରିଛନ୍ତି ।

# ନବବଧୂଙ୍କୁ ଯୌତୁକ ନିର୍ଯାତନା ଅଭିଯୋଗ

କେନ୍ଦୁଝର, (ଜିପ୍ର) : କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ଡ଼ୁଅଁର ପଞ୍ଚାୟତ ଅନ୍ତର୍ଗତ ସରଳା-ରାଧାନଗରପାଟଣା ଗ୍ରାମରେ ଜଣେ ନବବଧୂଙ୍କୁ ୧୦ ଲକ୍ଷ ଟଙ୍କା ଯୌତୁକ ଦାବି କରି ନିର୍ଯାତନା ଦେବା ସହ ମରଣାନ୍ତକ ଆକ୍ରମଣ କରାଯାଇଥିବା ଅଭିଯୋଗ ରେ ଶୁକ୍ରବାର ଦିନ ନନ୍ଦିପଦା ଥାନାରେ ମାମଲା ନଂ. ୩୭୦/୨୦୨୬ ରୁଜୁ ହୋଇଛି ।ଅଭିଯୋଗ ଅନୁସାରେ, ସରଳା-ରାଧାନଗରପାଟଣା ଗ୍ରାମର ନମ୍ରତା ବେହେରା ନିଜ ଗ୍ରାମର ବନମାଳୀ ଜେନାଙ୍କ ପୁଅ ତାପସଙ୍କୁ ଭଲ ପାଇ ଗତ ୧୧ ଜୁଲାଇ ୨୦୨୫ରେ ଭଦ୍ରକସ୍ଥିତ ଏକ ଶିବ ମନ୍ଦିରରେ ହିନ୍ଦୁ ରୀତିନୀତି ଅନୁସାରେ ବିବାହ କରିଥିଲେ । ବିବାହ ପରେ ନମ୍ରତା ନିଜ ସ୍ୱାମୀଙ୍କ ସହ ଗାଁରେ ରହୁଥିଲେ । ପ୍ରେମ ବିବାହ କରିଥିବାରୁ ନମ୍ରତାଙ୍କର ବାପଘର ସହ ସମସ୍ତ ସମ୍ପର୍କ ବିଚ୍ଛିନ୍ନ ହୋଇଥିଲା ।

ବିବାହର ପ୍ରାୟ ୨ ମାସ ପରେ ସ୍ୱାମୀ ତାପସଙ୍କ ସମେତ ଶାଶୁ ଝରଣା ଜେନା, ଶ୍ୱଶୁର ବନମାଳୀ ଜେନା ଓ ନଣନ୍ଦ ସୁନେଲି ଜେନା ମିଳିମିଶି ନମ୍ରତାଙ୍କୁ ଯୌତୁକ ବାବଦରେ ୧୦ ଲକ୍ଷ ଟଙ୍କା ଓ ସୁନାଗହଣା ଦାବି କରି ନିର୍ଯାତନା ଦେଇଥିବା ଅଭିଯୋଗ ହୋଇଛି । ତେବେ ବାପଘର ସହ ସମ୍ପର୍କ ନଥିବାରୁ ଦାବି ମୁତାବକ ଯୌତୁକ ଦେବାକୁ ନମ୍ରତା ଅକ୍ଷମତା ପ୍ରକାଶ କରିଥିଲେ ।ଏହାକୁ ନେଇ ବିଭିନ୍ନ ସମୟରେ ଅଭିଯୁକ୍ତମାନେ ନମ୍ରତାଙ୍କୁ ମାଡ଼ ମାରିବା ସହ ଗାଳିଗୁଲଜ କରୁଥିବା ଅଭିଯୋଗରେ ଦର୍ଶାଯାଇଛି । ଗତ ଜୁନ ୧୬ ତାରିଖ ଏବଂ ସେପେଟମ୍ବର ୯ ତାରିଖରେ ଅଭିଯୁକ୍ତମାନେ ତାଙ୍କୁ ପ୍ରବଳ ମାଡ଼ ମାରିଥିଲେ । ଏଥିରେ ନମ୍ରତା ଚେତାଶୂନ୍ୟ ହୋଇପଡ଼ିବା ସହ ତାଙ୍କ ନାକରୁ ରକ୍ତସ୍ରାବ ହୋଇଥିଲା । ପଡ଼ୋଶୀଙ୍କ ହସ୍ତକ୍ଷେପ ପରେ ନମ୍ରତା ରକ୍ଷା ପାଇଥିବା ଅଭିଯୋଗରେ କୁହାଯାଇଛି ।ପରେ ନମ୍ରତା ନନ୍ଦିପଦା ଥାନାରେ ଲିଖିତ ଅଭିଯୋଗ କରି ଘଟଣାରେ ସମ୍ପୃକ୍ତଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ପୋଲିସକୁ ଅନୁରୋଧ କରିଛନ୍ତି । ଘଟଣାକୁ ନେଇ ପୋଲିସ ମାମଲା ରୁଜୁ କରି ତଦନ୍ତ କରୁଥିବା ଜଣାପଡ଼ିଛି ।

# ଗାନ୍ଧୀ ଜୟନ୍ତୀରେ ସାଇ ମନ୍ଦିରରେ ଜଳ ନିଷ୍କାସନ ବ୍ୟବସ୍ଥା



ଗରଦପୁର (ସବ୍ୟୁ) : ଗରଦପୁର ବ୍ଲକ୍ ଅଧିନସ୍ଥ ତେଣ୍ଡାକୁଡ଼ା ପଂଚାୟତ ଅନ୍ତର୍ଗତ ବସନ୍ତପୁର ଠାରେ ଥିବା ଶିରିଡ଼ି ସାଇ ମନ୍ଦିର ପରିସରରେ ଉଦବୃତ ଜଳ ନିଷ୍କାସନ ସମସ୍ୟା ରହିଥିବା । ବିଶେଷକରି ବର୍ଷା ଦିନେ ଉଦବୃତ ବର୍ଷାଜଳ ନିଷ୍କାସିତ ହୋଇନପାରି ସମସ୍ୟା ସୃଷ୍ଟି କରୁଥିଲା । ଏହି ସମସ୍ୟାର ସମାଧାନ ପାଇଁ ଗରଦପୁର ବ୍ଲକ୍ ପ୍ରଶାସନ ପକ୍ଷରୁ ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନାରେ ୪ ଲକ୍ଷ ଟଙ୍କାର ଆର୍ଥିକ ବ୍ୟବସ୍ଥା କରାଯାଇ କାର୍ଯ୍ୟାରମ୍ଭ କରାଯାଇଛି । ଆଜି ପବିତ୍ର ଗାନ୍ଧି ଜୟନ୍ତି ରେ ପୂଜାର୍ଚ୍ଚନା କରାଯିବା ପରେ ଶିରିଡ଼ି ସାଇ ସେବା ଟ୍ରଷ୍ଟ ପକ୍ଷରୁ ସମ୍ପାଦକ ସୁନିଲ ମହାନ୍ତି ନଡ଼ିଆ ବାଡ଼େଇ କାର୍ଯ୍ୟାରମ୍ଭ କରିଥିଲେ । ଟ୍ରଷ୍ଟର ସଦସ୍ୟ ଚଣ୍ଡି ପ୍ରସାଦ ମହାନ୍ତି,ସ୍ୱରୂପ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ । ଗରଦପୁର ବ୍ଲକ୍ ପ୍ରଶାସନ ପକ୍ଷରୁ ଏଥିପାଇଁ ସହାୟତା ବ୍ୟବସ୍ଥା କରାଯାଇଥିବାରୁ ଶ୍ରଦ୍ଧାଳୁଙ୍କ ମନରେ ଆନନ୍ଦ ପ୍ରକାଶ ପାଇଛି ।

# ସାହାରପଡ଼ା ଫାଣ୍ଡି ଅଧିକାରୀ ସସ୍‌ପେଣ୍ଡ

କେନ୍ଦୁଝର,(ଜିପ୍ର): କାର୍ଯ୍ୟରେ ଅବହେଳା, ଜିଲା ଆରକ୍ଷୀ ଅଧୀକ୍ଷକ (ଏସ୍ପି)ଙ୍କ ନିର୍ଦ୍ଦେଶ ଅବମାନନା ଏବଂ ଶୃଙ୍ଖଳାହୀନ ଆଚରଣ ଅଭିଯୋଗରେ କେନ୍ଦୁଝର ଜିଲା ପାଟଣା ଥାନା ଅନ୍ତର୍ଗତ ସାହାରପଡ଼ା ଫାଣ୍ଡି ଅଧିକାରୀ ପାର୍ଥ ଓରାମଙ୍କୁ ଶନିବାର ନିଲମ୍ବିତ କରାଯାଇଛି । କେନ୍ଦୁଝର ଏସ୍ପି ନିତିନ କୁଶଲକର ଦାଗୁଦ୍ରୁ ତାଙ୍କ ବିରୋଧରେ ଏହି ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି ।ଜିଲ୍ଲାରେ ଏକ ହତ୍ୟାକାଣ୍ଡ ଏବଂ ସୁନାଚେନ ଲୁଟ ଘଟଣା ପରେ ସୁରକ୍ଷା ଦୃଷ୍ଟିରୁ ଜିଲାର ସମସ୍ତ ସୀମାନ୍ତ ଓ ପ୍ରବେଶ ପଥରେ ଚେକିଂ ଏବଂ ନାକାବନ୍ଦୀ କଡ଼ାକଡ଼ି କରାଯାଇଥିଲା । ଏହି କ୍ରମରେ ସାହାରପଡ଼ା ଦେଓ ନଦୀ ପୋଲ ନିକଟରେ ଚେକିଂ ଦାୟିତ୍ୱରେ ଫାଣ୍ଡି ଅଧିକାରୀ ପାର୍ଥ ଓରାମଙ୍କୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ନିୟୋଜିତ କରାଯାଇଥିଲା ।ତେବେ ଏସପି ନିତିନ କୁଶଲକର ଦାଗୁଡୁ ଏକ ସରକାରୀ କାର୍ଯ୍ୟ ସାରି କରଞ୍ଜିଆରୁ ଫେରୁଥିବା ବେଳେ ଅପରାହ୍ନ ପ୍ରାୟ ୧ଟା ସମୟରେ ଉକ୍ତ ଯାଞ୍ଚ ପଏଣ୍ଟରେ ଫାଣ୍ଡି ଅଧିକାରୀ ଓରାମ ଅନୁପସ୍ଥିତ ଥିବା ଦେଖିବାକୁ ପାଇଥିଲେ ।

# ଧାମନଗର ବ୍ଲକ କଂଗ୍ରେସର ବନ୍ୟାଞ୍ଚଳରେ ରିଲିଫ ବଣ୍ଟନ

ଦୋବଲ,(ସବ୍ୟୁ) : ଚଳିତ ଲଘୁଚାପ ଜନିତ ଲଗାଣ ବର୍ଷାରେ ଭଦ୍ରକ ଜିଲ୍ଲା ମଧ୍ୟ ଦେଇ ପ୍ରବାହିତ ବୈତରଣି ତାର ଶାଖା ନଦୀ କୋଚିଳା,ଗେଙ୍ଗୁଟି ଓ ରେବ,କପାଳୀ ଏବଂ କଣ୍ଡିଆ ଆଦି ବିଭିନ୍ନ ନଦୀରେ ଜଳସ୍ତର ବିପଦ ସଂକେତ ଉପରେ ପ୍ରବାହିତ ହୋଇଥିଲା । ଏଥିସହ ଧାମନଗର ବ୍ଲକର ବିଭିନ୍ନ ସ୍ଥାନ ବିଶେଷ କରି ତଳିଆ ଅଂଚଳରେ ଜଳମଗ୍ନ ହେବ ଫଳରେ ଲୋକେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେବା ସହ କିଛି କିଛି ଅଂଚଳ ବାହ୍ୟଜଗତରୁ ବିଚ୍ଛିନ୍ନ ଜଳବନ୍ଦୀ ହୋଇଥିଲେ । ଏହି ଅବସରରେ ଧାମନଗର ବ୍ଲକ କଂଗ୍ରେସ ଧୂଷୁରୀ ଜୋନ ଅନ୍ତର୍ଗତ ହସନାବାଦ ପଞ୍ଚାୟତର ବିଭିନ୍ନ ଜଳବନ୍ଦୀ ଅଂଚଳ ବୁଲିବା ରିଲିଫ ସାମଗ୍ରୀ ଯୋଗାଇ ଦେଇଥିଲେ ।


9001/156/2627

**ଓଡ଼ିଶା ସରକାର**

**ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ**

**ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ**

**ଜନସାଧାରଣଙ୍କ ନିମନ୍ତେ ବିଶେଷ ସୂଚନା**

******

ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ସୋମବାର ତା. ୦୫.୧୦.୨୦୨୬ ରିଖ ଦିନ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଥିବାରୁ ଅଭିଯୋଗ ଶୁଣାଣୀ ବନ୍ଦ ରହିବ । ପରବର୍ତ୍ତୀ ଅଭିଯୋଗ ଶୁଣାଣୀର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ମାଧ୍ୟମରେ ଜଣାଇ ଦିଆଯିବ ।

ପ୍ରମୁଖ ଶାସନ ସଚିବ
ସାଧାରଣ ପ୍ରଶାସନ ଓ
ସାଧାରଣ ଅଭିଯୋଗ ବିଭାଗ

OIPR : 9001/9001/1/26-27/0066



**ODISHA CONSTRUCTION CORPORATION LIMITED**
**BHUBANESWAR, ODISHA**
PIN:751012,Tel No.(0674) 2562020,
e-Mail: theoccltd@odishaconstruction.com
34001/926/2627 GSTIN- 21AAACO2571K2ZM

**E-procurement Notice No. 18/OCCL/2026-27 (on-line)**
**Bid Identification No. OCCL-EOI/02/2026-27**

**Expression of Interest (EoI)**

On-line Expression of Interest (EoI) is invited from the eligible consulting firms (Consultants/Bidders) enlisted as Associated Consultants with OCC Ltd. for engagement of Principal Consultant for Odisha State Maritime Museum, Jobra, Kataka under Water Resources Department, Government of Odisha. For details please visit the website https:// www.tendersodisha.gov.in. The detailed EOI documents will be available in said website from dt.07.10.2026, 11.30 A.M. to dt.28.10.2026 up to 5.00 P.M. & EOI received online will be opened on dt.29.10.2026 at 12.00 Noon onwards. The undersigned reserves the right to accept/reject any/all application (s) without assigning any reasons thereof.

OIPR : 34001/34120/1/26-27/0017 Sd/- MANAGING DIRECTOR



**ODISHA CONSTRUCTION CORPORATION LIMITED**
**BHUBANESWAR, ODISHA**
PIN:751012,Tel No.(0674) 2562020,
e-Mail: theoccltd@odishaconstruction.com
34001/927/2627 GSTIN- 21AAACO2571K2ZM

**E-procurement Notice No. 19/OCCL/2026-27 (on-line)**
**Bid Identification No. OCCL-EOI/03/2026-27**

**Expression of Interest (EoI)**

On-line Expression of Interest (EoI) is Invited from the eligible consulting firms (Consultants/Bidders) enlisted as Associated Consultants with OCC Ltd. for engagement of Consultants for Proof Engineering Services (PES) in Irrigation Projects (Barrages & ISSs) under Water Resources Department, Government of Odisha. For details please visit the website https://www.tendersodisha.gov.in. The detailed EOI documents will be available In said website from dt.05.10.2026, 11.30 A.M. to dt.26.10.2026 up to 5.00 P.M. & EOI received online will be opened on dt.27.10.2026 at 12.00 Noon onwards. The undersigned reserves the right to accept/reject any/all application (s) without assigning any reasons thereof.

OIPR : 34001/34120/1/26-27/0018 Sd/- MANAGING DIRECTOR



34001/925/2627 **GOVERNMENT OF ODISHA**
**WORKS DEPARTMENT**
**OFFICE OF THE SUPERINTENDING ENGINEER,**
**BALLIGUDA (R&B) DIVISION BALLIGUDA**
TELEPHONE & fax 06846-243242 E-mail- eepwd.balliguda@gmail.com

Letter No. 2964 Date: 01.10.2026

**TENDER CANCELLATION NOTICE**

Sub: Cancellation of Tender for the following works;

1. STMC-For 1 no of road for a length of 4.363 km under Balliguda R&B Division.
2. STMC-For 1 no of road for a length of 1.626 km under Balliguda R&B Division.
3. STMC-For 1 no of road for a length of 0.838 km under Balliguda R&B Division.

Ref: Bid Identification No: S.E. BLG -05/2026-27 & Tender ID: 2026_EICCL_141273_1, 2026_EICCL_141281_1 & 2026_EICCL_141285_1 & This office vide Letter No. 2209, Dated: 14.08.2026.

It is hereby notified for the information of all concerned that the e-Procurement Tender invited vide this Office Vide No. 2209 dated 14.08.2026 under Bid Identification No. SE-BLG-05/2026-27 and Tender ID: 2026_EICCL_141273_1, 2026_EICCL_141281_1 & 2026_EICCL_141285_1 for the following work are hereby cancelled.

1. STMC-For 1 no of road for a length of 4.363 km under Balliguda R&B Division.
2. STMC-For 1 no of road for a length of 1.626 km under Balliguda R&B Division.
3. STMC-For 1 no of road for a length of 0.838 km under Balliguda R&B Division.

During the tendering process, 1st Corrigendum was also issued and published in the e-Procurement Portal in connection with the aforesaid tender.

The tender is cancelled because no bids were received through the Odisha e-Procurement Portal (http://tendersodisha.gov.in) during the stipulated bidding period. Upon checking the portal on the scheduled bid opening date of 01.10.2026, the bid opening summary reflected "No bids found".

**Accordingly, due to the non-receipt of any bids, the tender is hereby cancelled. The work will be re-tendered in due time following the prescribed procedure as per the prevailing Government rules and guidelines.**

Yours faithfully,
Sd/- Superintending Engineer
Balliguda (R&B) Division, Balliguda

OIPR : 34001/34162/1/26-27/0009



3001/58/2627

**ଓଡ଼ିଶା ସରକାର**
**ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ**
**ବିଜ୍ଞାପନ**

**୩୭ ତମ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର, ୨୦୨୫ ପାଇଁ ଦରଖାସ୍ତ ଆହ୍ୱାନ**

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ତରଫରୁ ୩୭ ତମ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର, ୨୦୨୫ ପ୍ରଦାନ ପାଇଁ ଦରଖାସ୍ତ ଆହ୍ୱାନ କରାଯାଉଅଛି । ପ୍ରଯୋଜକମାନେ Entry Form, ଆବଶ୍ୟକ କାଗଜପତ୍ର ଓ ଚଳଚ୍ଚିତ୍ର Soft Copy (Pen Drive) ୩୧.୧୦.୨୦୨୬ ସୁଦ୍ଧା Registered/Speed Post/Parcel ମାଧ୍ୟମରେ ଦାଖଲ କରିପାରିବେ । ଶ୍ରେଷ୍ଠ ଲେଖା (Book/Monograph) ପାଇଁ ଲେଖକମାନେ ନିର୍ଦ୍ଧାରିତ ଆବେଦନ ଫର୍ମରେ ଆବେଦନ କରିବା ସହିତ ଦଶ (୧୦) ଖଣ୍ଡ ଲେଖା (Book/Monograph) ୩୧.୧୦.୨୦୨୬ ସୁଦ୍ଧା ଦାଖଲ କରିବେ । ଆବେଦନ ସମ୍ବନ୍ଧୀୟ ବିଶଦ ବିବରଣୀ ଯଥା Entry Form ଓ ନିୟମାବଳୀ ଇତ୍ୟାଦି ବିଭାଗର ୱେବସାଇଟ୍ : culture.odisha.gov.in ରେ ଉପଲବ୍ଧ କରାଯାଇଅଛି ।

ସ୍ୱା/- ନିର୍ଦ୍ଦେଶକ
ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ
ଭୁବନେଶ୍ୱର

OIPR : 3001/3029/1/26-27/0019



**"ଲିଙ୍ଗଭିତ୍ତିକ ହିଂସା ଏକ ଜନସ୍ୱାସ୍ଥ୍ୟ ସମସ୍ୟା"**

ସମ୍ମାନର ସହିତ ବଞ୍ଚିବା ସମସ୍ତ ମହିଳା ଓ ଝିଅମାନଙ୍କର ମୌଳିକ ଅଧିକାର । ଆଜିକା ଦିନରେ ବହୁତ ଝିଅ ଓ ମହିଳା ଅନ୍ୟମାନଙ୍କ ଶିକାରରେ ବଶବର୍ତ୍ତୀ ହୋଇ ଅକାଳରେ ଜୀବନ ଚାଲିଯାଉଛି । ତେଣୁ ଆଜି ଆମମାନଙ୍କ ମନରୁ ପୁଅ ଝିଅର ପ୍ରଭେଦ ରହିଅଛି । ଏହି ପ୍ରଭେଦ ଆମ ମନ ଠାରୁ କିମ୍ବା ଆମ ସମାଜରୁ ଯେଉଁ ପର୍ଯ୍ୟନ୍ତ ନ ଯାଉଛି ଏମିତି ଲିଙ୍ଗ ଭିତ୍ତିକ ହିଂସା, ଯୌନ ନିର୍ଯାତନା, ଶୋଷଣ ଅତ୍ୟାଚାର ଇତ୍ୟାଦି ଚାଲିଥିବ । ଝିଅ-ପୁଅ ଯଦି ସମାନ ତେବେ ଲିଙ୍ଗ ଜାଣିବା କିଛି ଆବଶ୍ୟକ ନାହିଁ । କଥାରେ ଅଛି – କନ୍ୟାରତ୍ନ କରଯତ୍ନ । ଗର୍ଭ ସଞ୍ଚାର ପୂର୍ବବର୍ତ୍ତୀ ଓ ଗର୍ଭଧାରଣ ପରେ କୌଣସି ପ୍ରକାର ଲିଙ୍ଗ ଚୟନ ସମ୍ବନ୍ଧୀୟ ପ୍ରଚାର ଓ ପ୍ରସାର କିମ୍ବା ଅନ୍‌ଲାଇନ୍ ମାଧ୍ୟମରେ ଏହା କରିବା ପିସି, ଏଣ୍ଡ ପି.ଏନ୍.ଡି.ଟି ନିୟମ ଅନୁସାରେ କଠୋର ଦଣ୍ଡବିଧାନ ରହିଛି । ଏଥିପାଇଁ ପ୍ରତ୍ୟେକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଅବସ୍ଥିତ ସଖୀ କେନ୍ଦ୍ର କିମ୍ବା ଶ୍ରଦ୍ଧା କ୍ଲିନିକ୍ ରହିଅଛି । ଏମାନଙ୍କ ଦ୍ୱାରା ବହୁତ ସହାୟତା ଯୋଗାଇ ଦିଆଯାଉଅଛି । ସେମାନଙ୍କ ସହିତ ଯୋଗାଯୋଗ କରିପାରିବେ ।


# ବରଗଡ଼ରେ ପ୍ରଥମ ଥର ପାଇଁ ୨୪ ବେଶ ସମ୍ଭାର ପ୍ରଦର୍ଶନ ମହୋତ୍ସବ



ଭୁବନେଶ୍ୱର, (ସବ୍ୟୁ): ଶ୍ରୀ ଜଗନ୍ନାଥ ସଂସ୍କୃତି ପ୍ରଚାର ସଂସ୍ଥାନ ପକ୍ଷରୁ ପ୍ରଥମ ଥର ପାଇଁ ଏକ ଭବ୍ୟ ତଥା ଆଧ୍ୟାତ୍ମିକ କାର୍ଯ୍ୟକ୍ରମ "୨୪ ବେଶ ସମ୍ଭାର ପ୍ରଦର୍ଶନ ମହୋତ୍ସବ' ଆୟୋଜିତ ହେବାକୁ ଯାଉଛି । ଏହି ମହୋତ୍ସବ ଗୁଜରାଟର ଅହମଦାବାଦ ଏବଂ ଓଡ଼ିଶାର ବରଗଡ଼ଠାରେ ଅନୁଷ୍ଠିତ ହେବ ।

ଅନୁଷ୍ଠାନ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଅହମଦାବାଦସ୍ଥିତ କଳ୍କୀ ଧାମଠାରେ ଆସନ୍ତା ଅକ୍ଟୋବର ୧୪ ରୁ ୧୮ ତାରିଖ ପର୍ଯ୍ୟନ୍ତ ଏବଂ ପରବର୍ତ୍ତୀ ପର୍ଯ୍ୟାୟରେ ବରଗଡ଼ଠାରେ ଅକ୍ଟୋବର ୨୧ ରୁ ୨୩ ତାରିଖ ପର୍ଯ୍ୟନ୍ତ ଏହି ପ୍ରଦର୍ଶନୀ ଅନୁଷ୍ଠିତ ହେବ । ଏହି କାର୍ଯ୍ୟକ୍ରମରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦୁର୍ଲଭ ତଥା ପାରମ୍ପରିକ ୨୪ ବେଶ ସମ୍ଭାରର ପ୍ରଦର୍ଶନ କରାଯାଇ ଭକ୍ତ ଓ ଶ୍ରଦ୍ଧାଳୁମାନଙ୍କୁ ଜଗନ୍ନାଥ ସଂସ୍କୃତିର ମହତ୍ତ୍ୱ ସମ୍ପର୍କରେ ଅବଗତ କରାଯିବ । ଏହି ମହୋତ୍ସବ ଅବସରରେ ଶ୍ରୀ ଜଗନ୍ନାଥ ସଂସ୍କୃତିର ଗବେଷଣା, ପ୍ରଚାର ଓ ପ୍ରସାର କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବିଶିଷ୍ଟ ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ କରାଯିବ ।

ପଣ୍ଡିତ ରମେଶ ଚନ୍ଦ୍ର ଦାଶଙ୍କୁ ପ୍ରତିଷ୍ଠିତ "ଅତିବଡ଼ୀ ଜଗନ୍ନାଥ ଦାସ ସମ୍ମାନ - ୨୦୨୬' ପ୍ରଦାନ କରାଯିବା ନିମନ୍ତେ ମନୋନୀତ କରାଯାଇଛି । ସେହିପରି ଶ୍ରୀ ଜଗନ୍ନାଥ ସଂସ୍କୃତିର ସୁରକ୍ଷା, ପ୍ରଚାର ଓ ସଂରକ୍ଷଣ କ୍ଷେତ୍ରରେ ନିଷ୍ଠାପର ଅବଦାନ ନିମନ୍ତେ ସତ୍ୟନାରାୟଣ ପଣ୍ଡା ଏବଂ କୃଷ୍ଣ ଚନ୍ଦ୍ର ପଣ୍ଡାଙ୍କୁ "ଶ୍ରୀ ଜଗନ୍ନାଥ ସଂସ୍କୃତି ରକ୍ଷକ ସମ୍ମାନ'ରେ ସମ୍ବର୍ଦ୍ଧିତ କରାଯିବଛଏହି ଅବସରରେ ଶ୍ରୀଜଗନ୍ନାଥ ସଂସ୍କୃତି ପ୍ରଚାର ସଂସ୍ଥାନ ଇଣ୍ଡିଆର ସଭାପତି ଡ଼. ନାରାୟଣ ମହାପାତ୍ରଙ୍କୁ ଜଗନ୍ନାଥ ସଂସ୍କୃତିର ପ୍ରଚାର ଓ ପ୍ରସାର ପାଇଁ ଉଲ୍ଲେଖନିୟ ଅବଦାନ ପାଇଁ ବିଶ୍ୱ ହିନ୍ଦୁ ପରିଷଦ ଭୁବନେଶ୍ୱର ମହାନଗର ସଭାପତି ପ୍ରଦୀପ ଚନ୍ଦ୍ର ମହାନ୍ତି ସମ୍ବର୍ଦ୍ଧିତ କରିଥିଲେ । ଓଡ଼ିଶା ତଥା ଓଡ଼ିଶା ବାହାରେ ଶ୍ରୀଜଗନ୍ନାଥ ସଂସ୍କୃତିର ବିସ୍ତାର ଓ ସଂରକ୍ଷଣ ଦିଗରେ ଏହି କାର୍ଯ୍ୟକ୍ରମ ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ ବୋଲି ଆୟୋଜକ ଶ୍ରୀ ଜଗନ୍ନାଥ ସଂସ୍କୃତି ପ୍ରଚାର ସଂସ୍ଥାନ ପକ୍ଷରୁ ପ୍ରକାଶ କରାଯାଇଛି ।


32001/966/2627 ଜଳସମ୍ପଦ ବିଭାଗ
ଉପ-ନିର୍ଦ୍ଦେଶକ ଭୂତତ୍ତ୍ୱ କାର୍ଯ୍ୟାଳୟ
ଭୂତଳଜଳ ଉନ୍ନୟନଖଣ୍ଡ, ବାରିପଦା
ସ୍ଥାନ/ପୋ-ତକତପୁର, ବାରିପଦା, ମୟୂରଭଞ୍ଜ, ଓଡ଼ିଶା-୭୫୭୦୦୩

DEPARTMENT OF WATER RESOURCES
OFFICE OF THE DEPUTY DIRECTOR GEOLOGY
GWD DIVISION BARIPADA
AT/PO- TAKATPUR, BARIPADA, MAYURBHANJ-757003
Email-srgeologistbaripada@gmail,com

E-Procurement Notice No. 1735/GWD Date : 30.09.2026

The Deputy Director Geology, Ground Water Development Division, Baripada on behalf of the Governor of Odisha invites online **PERCENTAGE BASED TENDER IN SINGLE COVER** system through e-procurement for the work mentioned below.

| SI.NO. | BID ID NO | WORK DETAILS | BLOCK | DISTRICT |
|---|---|---|---|---|
| 1 | 14/GWDBPD/ARUA/2026-27 | Construction of 09 nos of Recharge Shaft | Bahanaga | Baleshwar |
| 2 | 15/GWDBPD/ARUA/2026-27 | Construction of 07 nos of Recharge Shaft | Jaleswar | Baleshwar |
| TOTAL NO OF PACKAGES | | 02 no's of individual Packages | | |

| | |
|---|---|
| Start date of of Availability of Bid Document online (Bid Download) | 06/10/2026 From 10:00 Hrs |
| Last date of of Availability of Bid Document online (Bid Download) | 15/10/2026 upto 17:00 Hrs |
| Last date and time for receipt of Bid Document (Bid Submission End Date and Time) | 15/10/2026 upto 17:00 Hrs |
| Date and Time of Opening of Bid Document (Bid Opening Date) | 16/10/2026 at 10:00 Hrs |

Further details can be seen from the e-procurement portal of Government of Odisha at **www.tendersodisha.gov.in.**

Sd/- Deputy Director Geology
GWD Division Baripada

OIPR : 32001/32467/1/26-27/0004



19001/276/2627

**GOVERNMENT OF ODISHA**
**OFFICE OF THE PANCHAYAT SAMITI, BALANGIR, BALANGIR**
Email - ori-bbalangir@nic.in
Letter No. 3981 / Dt. 29.09.2026

The BDO BALANGIR BLOCK, Balangir on behalf of Government of Odisha invites percentage rate bids in Single cover system to be received in online mode only for the construction of works as detailed in the table below.

| Sl. No. | Name of the Work | Amount put to tender (in Rupees) | Class of Contractor | Cost of Tender Paper | E.M.D. (Bid Security) in Rs. | Period of Completion (Calendar Month) |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Construction of Community Hall near Nilakantheswar Mahadev Temple of Village Barapudugia. | 15,74,550 | "C" & "D" | 6,000 | 15746 | SIX Months |

Further details can be seen from the e-procurement portal http://tendersodisha.gov.in.

OIPR : 19001/19246/1/26-27/0002 Sd/- B.D.O. Balangir Block



**ଗଜପତି ଜିଲ୍ଲା କୃଷି ବିଭାଗ ତରଫରୁ କୃଷକମାନଙ୍କ ପାଇଁ ସୂଚନା**

୧. ରାଜ୍ୟ ସରକାରଙ୍କ ସମନ୍ୱିତ କୃଷି ଯୋଜନା ମାଧ୍ୟମରେ କ୍ଷେତ ପୋଖରୀ ଏବଂ ଚାଷ ଜମିରେ ସମନ୍ୱିତ ମଡେଲ କରିବା ପାଇଁ ସାଧାରଣ ବର୍ଗର କୃଷକମାନଙ୍କୁ ଶତକଡ଼ା ୪୦% ରିହାତି ଏବଂ ମହିଳା ଅନୁସୂଚିତ ଜନଜାତି ନିମନ୍ତେ ୫୦% ରିହାତି ଦେବାର ବ୍ୟବସ୍ଥା ରହିଛି । ଏଥିପାଇଁ କୃଷି ବିଭାଗର website ifsodisha.nic.in ଜରିଆରେ କୃଷକମାନେ ଆବେଦନ କରିପାରିବେ । ଚଳିତବର୍ଷ ସମନ୍ୱିତ ଚାଷ ପ୍ରଣାଳୀ ୨୦୨୬-୨୭ ଗଜପତି ଜିଲ୍ଲା ନିମନ୍ତେ ସର୍ବମୋଟ ୧୩୧ ଗୋଟି ଯୋଜନା ରହିଛି ।

୨. ଭୂମିହିନ, ଭାଗଚାଷୀ, ଜମିଥିବା ଚାଷୀ, ଉଦ୍ୟାନ କୃଷି, ଜଙ୍ଗଲ ଜମି ଉପରେ ନିର୍ଭରଶୀଳ ଚାଷୀ, ମତ୍ସ୍ୟ ପଶୁ ସମ୍ପଦ ଚାଷୀ ଏବଂ କୃଷି ଶ୍ରମିକମାନଙ୍କୁ ଓଡ଼ିଶା ସରକାରଙ୍କ ପକ୍ଷରୁ ଏକକ ପରିଚୟ ପତ୍ର ପ୍ରଦାନ କରାଯିବ । ଏ ବିଷୟରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପକ୍ଷରୁ କୃଷକ ଓଡ଼ିଶା କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରାଯାଇଛି । ଏଥିପାଇଁ ନିକଟସ୍ଥ ମୋ ସେବା କେନ୍ଦ୍ରରେ ଚାଷୀ ଭାଇ ଓ ଭଉଣୀମାନେ ପଞ୍ଜୀକରଣ କରିପାରିବେ ।

୩. ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି ଯୋଜନା ରେ ଅନ୍ତର୍ଭୁକ୍ତ ହିତାଧିକାରୀମାନେ ନିଜର e-kyc ଆଧାର କାର୍ଡ ସହିତ ବ୍ୟାଙ୍କ ଖାତାର ଲିଙ୍କ ଏବଂ କୃଷକ ଓଡ଼ିଶା ପୋର୍ଟାଲରେ ନିଜର ଜମି ଖାତାର ଲିଙ୍କ କରିବା ନିହାତି ଆବଶ୍ୟକ ।

୪. କୃଷି ଯାନ୍ତ୍ରୀକରଣ ଯୋଜନା ମାଧ୍ୟମରେ ବିଭିନ୍ନ ଯନ୍ତ୍ରପାତି ଓ ପମ୍ପ ସେଟ୍ ରିହାତି ଦରରେ ପାଇବା ପାଇଁ GOSUGAM ରେ ଆବେଦନ କରିପାରିବେ ।

୫. ରାଜ୍ୟ ସରକାରଙ୍କ ଯୋଜନା ଜରିଆରେ ରବି ଋତୁରେ ଚାଷ କରାଯାଇଥିବା ଜମିରେ ରୋଗ ପୋକ ଲାଗିଲେ ତାକୁ ଦମନ କରିବା ପାଇଁ ଦରକାର ହେଉଥିବା ଔଷଧ ଶତକଡ଼ା ୫୦ ଭାଗ ରିହାତିରେ ଡି.ବି.ଟି. ଜରିଆରେ ଚାଷୀଙ୍କୁ ଯୋଗାଇ ଦିଆଯାଉଛି । ଏଥିପାଇଁ ଚାଷୀମାନେ ଗ୍ରାମ କୃଷି କର୍ମଚାରୀ ଏବଂ କୃଷି ଅଧିକାରୀଙ୍କ ସହିତ ଯୋଗାଯୋଗ କରି ପାରିବେ ।

୬. ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ଜରିଆରେ ସର୍ବସାଧାରଣ ବର୍ଗ ପୁରୁଷମାନଙ୍କ ପାଇଁ ୪୦ ପ୍ରତିଶତ, ସର୍ବସାଧାରଣ ବର୍ଗ ମହିଳା, ଅନୁସୂଚିତ ଜନଜାତି ନିମନ୍ତେ ୫୦ ପ୍ରତିଶତ ରିହାତି ଦେବାର ବ୍ୟବସ୍ଥା ରହିଛି । ବ୍ଲକ ସ୍ତରରେ ଅନଲାଇନ କରିଆରେ ଆଗ୍ରହୀ ବ୍ୟକ୍ତିମାନେ ପ୍ରକଳ୍ପ ପାଇଁ ଆବେଦନ କରିପାରିବେ । ଏହା APICOL website apicol.nic.in ରେ ଉପଲବ୍ଧ । ଏହି ଉଦ୍ୟୋଗ ଯୋଜନାରେ ୧୧୩ ଗୋଟି ପ୍ରକଳ୍ପ ପାଇଁ ରିହାତି ବ୍ୟବସ୍ଥା ରହିଛି ।

୭. ଚଳିତ ବର୍ଷ ରବି ଋତୁରେ ଗଜପତି ଜିଲ୍ଲାରେ ATMANIRBHARATA IN PULSES ଯୋଜନାରେ ୮୦୦୦ ମିନିକିଟର ଯୋଜନା କରାଯାଇଛି ।

୮. ଚଳିତ ବର୍ଷ ଖରିଫ ଋତୁରେ ରାଜ୍ୟ ଯୋଜନାରେ ୭୦୦ ହେକ୍ଟର କପା ପ୍ରଦର୍ଶନୀ କ୍ଷେତ୍ରର ଯୋଜନା କରାଯାଇଅଛି ।

୯. ଚଳିତ ବର୍ଷ ମୁଖ୍ୟମନ୍ତ୍ରୀ ମକା ମିଶନ (ରାଜ୍ୟ ଯୋଜନା) ରବି ଋତୁରେ ୪୦ ହେକ୍ଟର ମକା ପ୍ରଦର୍ଶନୀ କ୍ଷେତ୍ରର ଯୋଜନା କରାଯାଇଛି ।

ସ୍ୱା/- ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ତଥା ପ୍ରକଳ୍ପ ନିର୍ଦ୍ଦେଶକ,
(ଆତ୍ମା) ଗଜପତି



**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍‌ନମ୍ବର**

ଅନୁଗୁଳ-ଦ୍ୱାରିକା ପ୍ରସାଦ ନନ୍ଦ- ୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ- ୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍- ୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା- ୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି- ୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ- ୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ- ୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ- ୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ- ୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ- ୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି- ୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା- ୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବିନ୍ଦ୍ର କୁମାର ଦାସ- ୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର- ୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସ ରାଓ- ୯୪୩୯୫୬୬୭୨୨, କେନ୍ଦୁଝର- ରବିନାରାୟଣ ରାଜ୍- ୯୪୩୭୩୩୭୧୦୦, ମାଲକାନଗିରି-ଏମ୍. ଅମରେଶ କୁମାର- ୯୪୩୯୯୨୮୮୭୭, ମୟୂରଭଞ୍ଜ-ସୌମ୍ୟ ରଞ୍ଜନ ପଟ୍ଟନାୟକ- ୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା- ୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ- ୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ- ୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର- ୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ- ୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଲ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ- ୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ- ୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି- ୯୪୩୭୨୬୫୫୦୧, ଢେଙ୍କାନାଳ-ସନ୍ତୋଷ ଶତପଥୀ- ୮୮୯୫୬୫୧୨୨୮ ।



ଭୁବନେଶ୍ୱର ଡିଏଭି ସ୍କୁଲ ଚନ୍ଦ୍ରଶେଖରପୁର ପକ୍ଷରୁ ପବିତ୍ର ଗାନ୍ଧି ଓ ଶାସ୍ତ୍ରୀ ଜୟନ୍ତୀ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ପାଳିତ ହୋଇଯାଇଛି । ଏହି ଅବସରରେ ବିଦ୍ୟାଳୟର ପ୍ରିନ୍ସିପାଲ ଡ. ସୁଜାତା ସାହୁ ଓ ଅନ୍ୟ କର୍ମକର୍ତ୍ତାମାନେ ଏହି ଦୁଇ ମହାମନୀଷଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହିତ ଏହି ମହାନ ବ୍ୟକ୍ତିତ୍ୱଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ପାଇଁ ଛାତ୍ରଛାତ୍ରୀଙ୍କୁ ଆହ୍ୱାନ କରିଥିଲେ । ଏହି ଉପଲକ୍ଷେ ଏକ ମିନି ମାରାଥନ୍ ଅନୁଷ୍ଠିତ ହୋଇଥିଲା ।

## ଇଣ୍ଡିଆ ମୋବାଇଲ କଂଗ୍ରେସ ୨୦୨୬ର ଆସ୍ପାୟାର ଦଶମ ସଂସ୍କରଣରେ ଷ୍ଟାର୍ଟଅପ୍ ଗୁଡ଼ିକୁ ପ୍ରୋତ୍ସାହିତ କରିବ

ଭୁବନେଶ୍ୱର, (ସବ୍ୟୁ): ଏସିଆର ସର୍ବବୃହତ ଡିଜିଟାଲ୍ ଟେକ୍ନୋଲୋଜି ଫୋରମ୍ ଇଣ୍ଡିଆ ମୋବାଇଲ୍ କଂଗ୍ରେସ (ଆଇଏମସି) ୨୦୨୬ ଡିପ୍ ଟେକ୍ ଏବଂ ଫ୍ରଣ୍ଟିୟର ଇନୋଭେସନକୁ ଏହାର ଷ୍ଟାର୍ଟଅପ୍ ଏଜେଣ୍ଡାର ମୂଳଦୁଆରେ ରଖିବ । ଏହାର ଫ୍ଲାଗସିପ୍ ଷ୍ଟାର୍ଟଅପ୍ ପ୍ଲାଟଫର୍ମ ଆସ୍ପାୟାର ସହିତ, ଉଦୀୟମାନ କମ୍ପାନୀଗୁଡ଼ିକୁ ପ୍ରୋଟୋଟାଇପ୍ ରୁ ବଜାର ସୁଯୋଗ, ପୁଞ୍ଜି ବିନିଯୋଗ ଏବଂ ସ୍କେଲ୍ ଆଡକୁ ଯିବାରେ ସାହାଯ୍ୟ କରିବା ଉପରେ ଧ୍ୟାନ ଦେବ । ଏହାର ଐତିହାସିକ ୧୦ ତମ ସଂସ୍କରଣରେ, ଆଇଏମସି ଷ୍ଟାର୍ଟଅପ୍ , ନିବେଶକ, ଶିଳ୍ପପତି ଏବଂ ଇକୋସିଷ୍ଟମ୍ ସକ୍ଷମକାରୀଙ୍କୁ ଏକତ୍ରିତ କରିବ ଏବଂ ଡିପ୍ ଟେକ୍ ନୂତନତ୍ୱ, ବଜାର ପ୍ରବେଶ, ନିବେଶକ-ଷ୍ଟାର୍ଟଅପ୍ ଯୋଗଦାନ ଏବଂ ଗାଇଡ୍ ନିବେଶକ ଭ୍ରମଣ ଉପରେ କେନ୍ଦ୍ରିତ ଏକ ଅନନ୍ୟ ମୂଲ୍ୟ ପ୍ରଦାନ କରିବ । ଟେଲିକମ୍ ବିଭାଗ (ଡିଓଟି) ଏବଂ ସେଲୁଲାର୍ ଅପରେଟର୍ସ ଆସୋସିଏସନ୍ ଅଫ୍ ଇଣ୍ଡିଆ (ସିଓଏଆଇ) ଦ୍ୱାରା ଆୟୋଜିତ ଆଇଏମସି ୨୦୨୬ ଅକ୍ଟୋବର ୭ ରୁ ୧୦ ପର୍ଯ୍ୟନ୍ତ ନୂଆଦିଲ୍ଲୀର ଯଶୋଭୂମି କନଭେନସନ୍ ସେଂଟରରେ ଅନୁଷ୍ଠିତ ହେବ ।

### ବିଶିଷ୍ଟ ବ୍ୟକ୍ତିଙ୍କ କିଟ୍ ଓ କିସ୍ ପରିଦର୍ଶନ

## ୭ଜଣଙ୍କୁ 'କିଟ୍- କିସ୍ ଇକ୍ ୱାନ୍ (କିଓ) ଜୀବନବ୍ୟାପୀ ସମ୍ମାନ

ଭୁବନେଶ୍ୱର, (ସବ୍ୟୁ): ନାଗାଲାଣ୍ଡ ରାଜ୍ୟପାଳ ନନ୍ଦ କିଶୋର ଯାଦବଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି କିଟ୍ ଓ କିସ୍ ପରିଦର୍ଶନ କରି ଛାତ୍ରଛାତ୍ରୀଙ୍କ ସହ ଦୀର୍ଘ ସମୟ ଅତିବାହିତ କରିଥିଲେ। ଏହି ଅବସରରେ କିଟରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ନିମନ୍ତେ ୭ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ କିଟ୍-କିସ୍ ଇକ୍ ୱାନ୍ (କିଓ) ଜୀବନବ୍ୟାପୀ ସମ୍ମାନ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନାଗାଲାଣ୍ଡ ରାଜ୍ୟପାଳ ଶ୍ରୀ ଯାଦବ କହିଲେ, ଶିକ୍ଷା କେବଳ ଜ୍ଞାନ ଆହରଣର ମାଧ୍ୟମ ନୁହେଁ, ଏହା ନିଜ ଭିତରେ ପରିବର୍ତ୍ତନର ମାଧ୍ୟମ। ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ସେ କହିଲେ, ଏଠାରେ ଶିକ୍ଷା ସମାପ୍ତ ପରେ ତୁମେମାନେ ସମାଜକୁ ଭୁଲିବା ଉଚିତ ନୁହେଁ। କାରଣ ତୁମର ବଡ଼ ହେବାରେ ସମାଜର ମଧ୍ୟ ଯୋଗଦାନ ରହିଛି। ଅନ୍ୟତମ ଅତିଥି ଆମେରିକା ହାଉସ୍ ସଦସ୍ୟ କଂଗ୍ରେସମ୍ୟାନ ମାଇକେଲ ବମଗାର୍ଟନର କହିଲେ, କିଟ୍ ଓ କିସ୍ ହେଉଛି ବିଶ୍ୱର ସର୍ବବୃହତ୍ତ ଶୈକ୍ଷିକ ପ୍ରକଳ୍ପ। ଏବିପି ନିଉଜର ବରିଷ୍ଠ ସାମ୍ବାଦିକ ଚିତ୍ରା ତ୍ରିପାଠୀ କହିଲେ, ବିକଶିତ ଭାରତର ସ୍ୱପ୍ନ କିସରେ ସାକାର ହେଉଛି। ସେ କହିଲେ, ଛାତ୍ରଛାତ୍ରୀମାନେ ତୁମେ ତୁମର ଆଦର୍ଶ ବାହାରେ ଖୋଜିବା ଆବଶ୍ୟକ ନାହିଁ। କାରଣ ତୁମ ଆଦର୍ଶ ତୁମ ନିକଟରେ ଅଛନ୍ତି, ସେ ହେଉଛନ୍ତି ତୁମର




ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ। ସେହିପରି ମୋତିଲାଲ ଓସ୍ୱାଲ ଗ୍ରୁପର ପରିଚାଳନା ନିର୍ଦ୍ଦେଶକ ତଥା ସିଇଓ ମୋତିଲାଲ ଓସ୍ୱାଲ ଛାତ୍ରଛାତ୍ରୀଙ୍କୁ ମୂଲ୍ୟବାନ୍ ପରାମର୍ଶ ଦେଇଥିଲେ। ଏହି ଅବସରରେ ଛତିଶଗଡ଼ ମା' ବମ୍ଳେଶ୍ୱରୀ ଜନହିତକାରୀ ସମିତିର ପ୍ରତିଷ୍ଠାତା ପଦ୍ମଶ୍ରୀ ଫୁଲବାସନ ବାଇ ଯାଦବ, ଆମେରିକା ମୋଣ୍ଟାନା ଷ୍ଟେଟ୍ ୟୁନିଭର୍ସିଟିର ଅଧ୍ୟକ୍ଷ ଡ. ବ୍ରକ୍ ଟେସମ୍ୟାନ, ରୋମାନିଆ ବ୍ରାଶୋଭ ସହରର ମେୟର ଲିଆ ଓଲଗୁଟା ଭାସିଲେସ୍କୁ, ମିଲୱାଉକି ସହରର ମେୟର ଭାସିଲି କରାରେ, ବିରଲାଦ୍ ସହରର ମେୟର ଜୁମିତ୍ରୁ ଦୋମ୍ନିକୁ, ଏଡିଇସି ୟୁନିଭର୍ସିଟିର ରେକ୍ଟର ଏରିକ୍ ଫେରେରିକୋ ଫେରେରେଗା, ନ୍ୟାସନାଲ୍ ୟୁନିଭର୍ସିଟି ଅଫ୍ ଆଇଲୋକାଟାର ରେକ୍ଟର ଜର୍ଜ କାଲକୋନି ପ୍ରମୁଖଙ୍କୁ କିଟ୍-କିସ୍ ଜୀବନବ୍ୟାପୀ ସମ୍ମାନ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସ୍ୱାଗତ ଭାଷଣ କରିବା ସହ କିଟ୍ ଓ କିସ୍ ପରିଦର୍ଶନ ପାଇଁ ଅତିଥିମାନଙ୍କୁ ଧନ୍ୟବାଦ ଜଣାଇଥିଲେ।

### ସରକାର ଓ ସଂଗଠନ ମଧ୍ୟରେ ସମନ୍ୱୟକୁ ଗୁରୁତ୍ୱ ଦିଆଯିବ

## ଦଳୀୟ ସଂଗଠନକୁ ଅଧିକ ସୁଦୃଢ କରାଯିବ : ଡି.ପୁରନ୍ଦେଶ୍ୱରୀ

ଭୁବନେଶ୍ୱର, (ସବ୍ୟୁ): "ଦ୍ୱିତୀୟ ଥର ପାଇଁ ଓଡିଶାର ପ୍ରଭାରୀ ଭାବେ ଦାୟୀତ୍ୱ ମିଳିଛି। ରାଜ୍ୟରେ ସରକାର ଓ ସଂଗଠନ ମଧ୍ୟରେ ସମନ୍ୱୟକୁ ଗୁରୁତ୍ୱ ଦିଆଯିବ। ଦଳୀୟ ସଂଗଠନକୁ ଆହୁରୀ ଅଧିକ ସୁଦୃଢ କରାଯିବ" ବୋଲି ନବନିଯୁକ୍ତ ରାଜ୍ୟ ପ୍ରଭାରୀ ତଥା ରାଷ୍ଟ୍ରୀୟ ଉପାଧ୍ୟକ୍ଷା ଓ ସାଂସଦ ଡି.ପୁରନ୍ଦେଶ୍ୱରୀ କହିଛନ୍ତି। ନୂତନ ଦାୟୀତ୍ୱ ନେବା ପରେ ନବନିଯୁକ୍ତ ରାଜ୍ୟ ପ୍ରଭାରୀ ଶ୍ରୀମତୀ ଡି.ପୁରନ୍ଦେଶ୍ୱରୀ ନବନିଯୁକ୍ତ ସହପ୍ରଭାରୀ ତଥା ରାଷ୍ଟ୍ରୀୟ ସଂପାଦକ ଡ.ସ୍ୱଦେଶ ସିଂହଙ୍କ ସହ ପ୍ରଥମ ଥର ପାଇଁ ଓଡିଶା ଗସ୍ତ କରିଛନ୍ତି। ଶ୍ରୀମତୀ ପୁରନ୍ଦେଶ୍ୱରୀ ଭୁବନେଶ୍ୱର ମହାନଗର ନିଗମ ଅନ୍ତର୍ଗତ ୩୫ ନମ୍ବର ୱାର୍ଡ ସ୍ଥିତ ଅଙ୍ଗନବାଡୀ କେନ୍ଦ୍ରରେ ଆୟୋଜିତ 'ଆଙ୍ଗନ୍ କି ଉତ୍ସବ' କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ସେବା ସଂକଳ୍ପ ଅଭିଯାନ ଅନ୍ତର୍ଗତ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ଶ୍ରୀମତୀ ପୁରନ୍ଦେଶ୍ୱରୀ ଆଙ୍ଗନବାଡି କର୍ମଚାରୀଙ୍କ ଦ୍ୱାରା ପ୍ରଦାନ କରାଯାଉଥିବା ସେବା ଏବଂ




ଶିଶୁମାନଙ୍କ ସ୍ୱାସ୍ଥ୍ୟ, ପୋଷଣ ଓ ବିକାଶ କ୍ଷେତ୍ରରେ ସେମାନଙ୍କ ଅବଦାନକୁ ପ୍ରଶଂସା କରିଥିଲେ।

ସେହିପରି ରାଜ୍ୟ ସହପ୍ରଭାରୀ ଡ.ସ୍ୱଦେଶ ସିଂହ ଭୁବନେଶ୍ୱର ମହାନଗର ନିଗମ ଅନ୍ତର୍ଗତ ୪୦ ନମ୍ବର ୱାର୍ଡ ସ୍ଥିତ ଅଙ୍ଗନବାଡୀ କେନ୍ଦ୍ରରେ ଆୟୋଜିତ 'ଆଙ୍ଗନ୍ କି ଉତ୍ସବ' କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ରାଜ୍ୟ କାର୍ଯ୍ୟାଳୟଠାରେ ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଅଧ୍ୟକ୍ଷତାରେ ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉପସ୍ଥିତିରେ ଦଳୀୟ ପଦାଧିକାରୀ, ଜିଲ୍ଲା ସଭାପତି ଏବଂ ଜିଲ୍ଲା ପ୍ରଭାରୀ ବୈଠକରେ ଉଭୟ ପ୍ରଭାରୀ ଶ୍ରୀମତୀ ପୁରନ୍ଦେଶ୍ୱରୀ ଏବଂ ସହପ୍ରଭାରୀ ଡ.ସିଂହଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ବୈଠକ ସଂପର୍କରେ ସୂଚନା ଦେଇ ରାଜ୍ୟ ସାଧାରଣ ସଂପାଦକ ବିରଂଚି ନାରାୟଣ ତ୍ରିପାଠୀ କହିଛନ୍ତି ଯେ, ଏହି ବୈଠକରେ ରାଜ୍ୟ ସାଧାରଣ ସଂପାଦକ (ସଂଗଠନ) ମାନସ କୁମାର ମହାନ୍ତିଙ୍କ ସମେତ ସମସ୍ତ ରାଜ୍ୟ ପଦାଧିକାରୀ, ଜିଲ୍ଲା ସଭାପତି ଓ ପ୍ରଭାରୀ ଏବଂ ପ୍ରକୋଷ୍ଠ ସଂଯୋଜକ ଓ ସହ ସଂଯୋଜକ ପ୍ରମୁଖ ଉପସ୍ଥିତ ଥିଲେ। ବୈଠକରେ ବିଶେଷ ଭାବେ ଭାରତୀୟ ଜନତା ପାର୍ଟି ଓଡ଼ିଶା ପ୍ରଦେଶର ସାଙ୍ଗଠନିକ କାର୍ଯ୍ୟକଳାପ, ଆଗାମୀ କାର୍ଯ୍ୟ ଯୋଜନା, ଆଗାମୀ ପଂଚାୟତ ଓ ପୌର ନିର୍ବାଚନ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ସେହିପରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀଙ୍କ ଜନ୍ମଦିନ ସେପ୍ଟେମ୍ବର ୧୭ରୁ ମାସେ ବ୍ୟାପୀ ଚାଲିଥିବା "ସେବା ସଂକଳ୍ପ ଅଭିଯାନ" ଅନ୍ତର୍ଗତ ବିଭିନ୍ନ ସେବାମୂଳକ କାର୍ଯ୍ୟକ୍ରମର ସମୀକ୍ଷା କରାଯିବା ସହିତ ଆଗାମୀ ଅକ୍ଟୋବର ୧୭ ତାରିଖ ପର୍ଯ୍ୟନ୍ତ ଚାଲିବାକୁଥିବା ଅନ୍ୟାନ୍ୟ କାର୍ଯ୍ୟକ୍ରମଗୁଡିକୁ ସଫଳ କରିବା ଉଦ୍ଦେଶ୍ୟରେ ବିସ୍ତୃତ ଆଲୋଚନା କରାଯାଇଥିଲା ବୋଲି ଶ୍ରୀ ତ୍ରିପାଠୀ ସୂଚନା ଦେଇଛନ୍ତି। ସେହିପରି ଆସନ୍ତା ଅକ୍ଟୋବର ୭ ତାରିଖ ଦିନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀ ଗୁଜୁରାଟର ମୁଖ୍ୟମନ୍ତ୍ରୀ ଓ ଦେଶର ପ୍ରଧାନମନ୍ତ୍ରୀଭାବେ ୨୫ ବର୍ଷ ପୂରଣ କରୁଛନ୍ତି। ଏହି ଅବସରରେ ଓଡ଼ିଶାର ୩୦ଟି ଜିଲ୍ଲା ସମେତ ଦେଶବ୍ୟାପୀ "ସେବା ଜ୍ୟୋତି" କାର୍ଯ୍ୟକ୍ରମର ଅନୁଷ୍ଠିତ ହେବ।

## ୱାର୍ଡ ନଂ ୪୬ରେ ଡ୍ରେନ୍ ଉନ୍ନୟନ ପ୍ରକଳ୍ପର ଶିଳାନ୍ୟାସ କଲେ ମେୟର

କଟକ,(ସବ୍ୟୁ) : କଟକ ମହାନଗର ନିଗମ (କେ .ଏମ୍.ସି.) ୱାର୍ଡ ନମ୍ବର ୪୬ ଅନ୍ତର୍ଗତ କାଳିଆବୋଦା ସ୍ଥିତ ଗୁରୁକ୍ଷେତ୍ର ପଡ଼ିଆ ନିକଟରେ ଆଜି ପୂର୍ବାହ୍ନ ୧୧:୦୦ ଘଟିକା ସମୟରେ ଏକ ଗୁରୁତ୍ୱପୂର୍ଣ୍ଣ ଡ୍ରେନ୍ ଉନ୍ନୟନ ପ୍ରକଳ୍ପର ଶିଳାନ୍ୟାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମେୟର ସୁବାସ ସିଂହ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନିଜ କରକମଳରେ ଏହି ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି। ଏହି ସୁଭ ଅବସରରେ ମାନ୍ୟବର ମେୟରଙ୍କ ସହିତ ପବ୍ଲିକ୍ ୱାର୍କସ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ପ୍ରଦୀପ୍ତ କିଶୋର ଖୁଣ୍ଟିଆ, ସାମାଜିକ ନ୍ୟାୟ ଓ ସାଧାରଣ ଅଭିଯୋଗ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷା ଥତା ସ୍ଥାନୀୟ କର୍ପୋରେଟର ଶ୍ରୀମତୀ ପ୍ରଜ୍ଞା ବେଉରା, ୪୬ ନମ୍ବର ୱାର୍ଡ ବିଜେଡି ସଭାପତି ଶ୍ରୀ ତ୍ରୈଲୋକ୍ୟ ବିହାରୀ ପଟ୍ଟନାୟକ ଏବଂ ୱାର୍ଡ କାର୍ଯ୍ୟକାରୀ ସଭାପତି ଶ୍ରୀ ରମେଶ ଚନ୍ଦ୍ର ବେଉରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଏହା ସହିତ ସ୍ଥାନୀୟ ଗ୍ରାମ ମୁରବୀ ବସନ୍ତ କୁମାର ମହାନ୍ତି, ବବୁନି ବାରିକ, ଲକ୍ଷ୍ମୀଧର ବେହେରା, ଗୋଲେଖ ଚନ୍ଦ୍ର ମହାନ୍ତି, ମନୋରଞ୍ଜନ ଜେନା, ବାବୁ ବାରିକ, ସଙ୍ଗମ ସିଂ, ତନ୍ମୟ ବାବୁ, ମହାନ୍ତିଙ୍କ ସମେତ ଅଞ୍ଚଳର ୧୦୦ ରୁ ଊର୍ଦ୍ଧ୍ୱ ମହିଳା, ଯୁବକ ଓ ନାଗରିକମାନେ ଉପସ୍ଥିତ ଥିଲେ। ଦୀର୍ଘଦିନର ସମସ୍ୟା ପରେ ଡ୍ରେନର ଉନ୍ନତିମୂଳକ କାର୍ଯ୍ୟ ଆରମ୍ଭ ହୋଇଥିବାରୁ ଅଞ୍ଚଳର ବାସିନ୍ଦା ଓ ମୁରବୀମାନେ ଗଭୀର ସନ୍ତୋଷ ପ୍ରକାଶ କରିଛନ୍ତି। ଏହି ପ୍ରକଳ୍ପ ଦ୍ୱାରା ଅଞ୍ଚଳର ଜଳନିଷ୍କାସନ ଓ ପରିମଳ ସମସ୍ୟାର ସ୍ଥାୟୀ ସମାଧାନ ହେବା ସହ ପ୍ରାୟ ୫୦ରୁ ଉର୍ଦ୍ଧ୍ୱ ପରିବାର ପ୍ରତ୍ୟକ୍ଷ ଭାବେ ଉପକୃତ ହେବେ ବୋଲି ସ୍ଥାନୀୟ ଲୋକେ ଆଶା ବ୍ୟକ୍ତ କରିଛନ୍ତି।

## କୋଟିଏ ଟଙ୍କା ଠକେଇ, ୪ ସାଇବର ଲୁଟେରା ଗିରଫ

ଭୁବନେଶ୍ୱର, (ସବ୍ୟୁ) : ନିବେଶ ବାହାନାରେ କୋଟିଏ ଟଙ୍କା ଠକି ନେଇଥିବା ୪ ଜଣ ସାଇବର ଲୁଟେରାଙ୍କୁ ଗିରଫ କରିଛି ଭୁବନେଶ୍ୱର ସାଇବର ଥାନା ପୋଲିସ । ନିବେଶ କଲେ ଟଙ୍କା ଦୁଇଗୁଣା ହେବା ପ୍ରତିଶ୍ରୁତିରେ ସେମାନେ ଭୁବନେଶ୍ୱର ଅଭିଯୋଗକାରୀଙ୍କ ଠାରୁ କୋଟିଏ ଟଙ୍କା ଲୁଟି ନେଇଥିବା ସାଇବର ଥାନାରେ ଅଭିଯୋଗ ହୋଇଥିଲା । ଅଭିଯୋଗ ଆଧାରରେ ସାଇବର ଥାନା ପୋଲିସ ସ୍ୱତନ୍ତ୍ର ଟିମ୍ ଗଠନ କରି ତଦନ୍ତ ଆରମ୍ଭ କରିଥିଲା । ସ୍ୱତନ୍ତ୍ର ଟିମ୍ ଡିଜିଟାଲ ଟ୍ରାକିଂ ମାଧ୍ୟମରେ ଭଦ୍ରକରୁ ଭବାନୀ ଶଙ୍କର ରାୟ (୨୧), ବିଶ୍ୱଜିତ୍ ଜେନା(୨୦), ଶିଶିର କୁମାର ଜେନା (୨୬) ଓ କେନ୍ଦୁଝରର ସାଇଶୁଭମ୍ ସୁଆର (୨୪)ଙ୍କୁ ଗିରଫ କରିବାରେ ସମର୍ଥ ହୋଇଛି । ସେମାନଙ୍କ ନିକଟରୁ ୮ ମୋବାଇଲ ଡିଭାଇସ୍, ଇନକ୍ରିମିନେଟିଂ ଡିଜିଟାଲ ଡିଭାଇସ୍, ଟ୍ରାଞ୍ଜାକ୍ସନ ହିଷ୍ଟ୍ରୀ ଓ ଟ୍ରେଡ୍ ଆକାଉଣ୍ଟସ୍, ଏପିକେ ଫାଇଲ୍ ଲଗ୍ ପ୍ରଭୃତି ଜବତ କରିଛି ପୋଲିସ । ଏହି ଠକେଇ ଚଳିତ ବର୍ଷ ଜୁଲାଇ ୧ ତାରିଖରୁ ଅଗଷ୍ଟ ୧୫ ତାରିଖ ମଧ୍ୟରେ ହୋଇଥିବା ପୋଲିସ କହିଛି । ଅଭିଯୋଗକାରୀ ଜୁଲାଇ ୧ ତାରିଖ ଦିନ ଗୋଟିଏ ଫେସ୍‌ବୁକ୍ ମେସେଜ୍ ରିସିଭ୍ କରିଥିଲେ । ଫେସବୁକ୍ ମେସେଜ୍ ରିସିଭ୍ କରିବା ପରେ ତାଙ୍କ ନମ୍ବରକୁ ଏକ ହ୍ୱାଟ୍ସଆପ୍ ଗ୍ରୁପରେ ଯୋଡିଦିଆଯାଇଥିଲା । ସେ ଗ୍ରୁପର ନାଁ ଥିଲା ଫିନସୋଲ ଇନ୍‌ସାଇଡ୍ସ୍ ଏକ୍ସଚେଞ୍ଜ୍ ।

### ପାର୍ବଣ ପୂର୍ବରୁ ପୋଲିସର ଜୋରଦାର ଚଢ଼ାଉ

## ୩ ଆକ୍ରମଣ ଓ ଦାଦାବଟି ମାମଲାରେ ୫ ଗିରଫ

ପୁରୀ, (ସବ୍ୟୁ): ପାର୍ବଣ ପୂର୍ବରୁ ଅପରାଧୀଙ୍କ ବିରୋଧରେ ପୁରୀ ଟାଉନ ଥାନା ପୋଲିସର ଚଢ଼ାଉ ଜୋରଦାର ହୋଇଛି। ୩ଟି ପୃଥକ ଆକ୍ରମଣ ଓ ଦାଦାବଟି ମାମଲାରେ ମୋଟ ୫ ଜଣଙ୍କୁ ଗିରଫ କରି ପୋଲିସ କୋର୍ଟ ଚାଲାଣ କରିଛି। ଅଭିଯୁକ୍ତଙ୍କ ନିକଟରୁ ମୋବାଇଲ ଫୋନ୍, ଟଙ୍କା ଓ ଆପତ୍ତିଜନକ ସାମଗ୍ରୀ ଜବତ ହୋଇଥିବା ପୋଲିସ ପକ୍ଷରୁ କୁହାଯାଇଛି। ଭୋଗ ଜାଗା ଅଞ୍ଚଳରେ ଗତ ଅଗଷ୍ଟ ୨୯ ତାରିଖରେ ଘଟିଥିବା ଆକ୍ରମଣ ମାମଲା (କେସ୍ ନଂ. ୫୮୨/୨୦୨୬)ରେ ଫେରାର ଥିବା ଅଭିଯୁକ୍ତ ସିଲୁ ପ୍ରଧାନକୁ ଭୁବନେଶ୍ୱର ଲିଙ୍ଗିପୁରରୁ ଗିରଫ କରାଯାଇଛି। ତା' ନିକଟରୁ ଏକ ମୋବାଇଲ ଫୋନ୍ ଜବତ ହୋଇଛି। ଏହି ମାମଲାରେ ପୂର୍ବରୁ ୨ ଜଣ ମୁଖ୍ୟ ଅଭିଯୁକ୍ତ ଗିରଫ ହୋଇ ଜେଲ୍‌ରେ ଅଛନ୍ତି। ସେହିପରି, ମାର୍କେଟ ଛକ ନିକଟ ଜଗନ୍ ମହାପାତ୍ରଙ୍କ ଖଜା ଦୋକାନରୁ ଦାଦାବଟି ମାଗିବା ଅଭିଯୋଗରେ ଫେରାର ଥିବା ବିରଞ୍ଚି ମହାପାତ୍ର (୨୬)କୁ ତାଳବଣିଆ ଅଞ୍ଚଳରୁ ଗିରଫ କରାଯାଇଛି। ଏହି ଘଟଣା ୩ ନଭେମ୍ବର ୨୦୨୫ର ହୋଇଥିବାବେଳେ ମାମଲାଟି ଟାଉନ ଥାନା କେସ୍ ନଂ. ୫୮୬/୨୦୨୫ରେ ରୁଜୁ ହୋଇଥିଲା। ଏହି ମାମଲାର ମୁଖ୍ୟ ଅଭିଯୁକ୍ତ ଗୋଓରା ଭୋଇଙ୍କୁ ପୂର୍ବରୁ ଗିରଫ କରାଯାଇଥିଲା। ଅନ୍ୟପକ୍ଷରେ, ଗୋପାଳ ବଲ୍ଲଭ ରୋଡରେ ଅଟୋ ଚାଳକଙ୍କୁ ଦାଦାବଟି ମାଗିବା ଅଭିଯୋଗରେ ପୋଲିସ ୩ ଜଣଙ୍କୁ ଧରିଛି। ପେଟ୍ରୋଲିଂ ସମୟରେ ଏହି ୩ ଜଣଙ୍କୁ ଧରାଯାଇଥିବା ପୋଲିସ କହିଛି। ସେମାନଙ୍କ ନିକଟରୁ ମାରଣାସ୍ତ୍ର, ଟଙ୍କା ଓ ମୋବାଇଲ ଫୋନ୍ ଜବତ ହୋଇଛି। ଗିରଫ ଅଭିଯୁକ୍ତମାନେ ହେଲେ ଶଙ୍କରପୁର, ବାଶେଳିସାହିର ମତିକାନ୍ତ ରଥ (୪୬), ମୋଚିସାହିର ପ୍ରଦୀପ ସ୍ୱାଇଁ (୪୬) ଏବଂ ମାର୍କଣ୍ଡେଶ୍ୱରସାହି ପାଣ୍ଡେ ଜାଗାର ଆଲୋକ ମହାପାତ୍ର (୨୨)। ସମସ୍ତ ଅଭିଯୁକ୍ତଙ୍କୁ ପୁରୀ ଏସ୍‌ଡିଜେଏମ୍‌ଙ୍କ ଅଦାଲତରେ ହାଜର କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ପୁରୀ ଜିଲ୍ଲା କାରାଗାରକୁ ପଠାଯାଇଛି।

## ଡିଏମ୍ଏଫ୍ ପାଣ୍ଠି ଖଣି ପ୍ରଭାବିତ ଲୋକଙ୍କ ପାଇଁ ସରକାରଙ୍କ ଇଚ୍ଛାଧୀନ ଖର୍ଚ୍ଚ ପାଇଁ ନୁହେଁ : କଂଗ୍ରେସ

ଭୁବନେଶ୍ୱର,(ସବ୍ୟୁ): ସିଏଜିରେ ସରକାରଙ୍କ ଖର୍ଚ୍ଚର ବିସ୍ଫୋରକ ତଥ୍ୟ ସାମ୍ନାକୁ ଆସିଛି ଏବଂ ଏହାକୁ ନେଇ କଂଗ୍ରେସ ଭବନଠାରେ ଶନିବାର ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ସାମ୍ବାଦିକ ସମ୍ମିଳନୀକୁ ସଂଚାଳନ କରି ଗଣମାଧ୍ୟମ ବିଭାଗ ଅଧ୍ୟକ୍ଷ କହିଛନ୍ତି ଯେ, ଏମଏମଡିଆର ମାଧ୍ୟମରେ ସରକାର ରାଜ୍ୟର ସ୍ୱାୟତ୍ତତାକୁ ଜଳାଞ୍ଜଳି ଦେଇଛନ୍ତି । ଅପରପକ୍ଷେ କଂଗ୍ରେସ ବାରମ୍ବାର ଏହାର ବିରୋଧ ଆନ୍ଦୋଳନ, ଧାରଣା, ପ୍ରତିବାଦ କଲେ ମଧ୍ୟ ସରକାର କର୍ଣ୍ଣପାତ କରୁନାହିଁ । ଆଜି ସିଏଜି ରିପୋର୍ଟରେ ଖଣି ଲୁଟର ପର୍ଦାଫାଶ ହୋଇଛି । ସିଏଜି ରିପୋର୍ଟ ଉପରେ ନିଜର ବକ୍ତବ୍ୟ ଉପସ୍ଥାପନ କରି ବରିଷ୍ଠ କଂଗ୍ରେସ ନେତା ସୁଦର୍ଶନ ଦାସ କହିଲେ ଯେ, ଓଡ଼ିଶାରେ ୨୦୧୫-୧୬ ମସିହାରୁ ଆଜି ପର୍ଯ୍ୟନ୍ତ ଜିଲ୍ଲା ଖଣିଜ ପ୍ରତିଷ୍ଠାନ ମାଧ୍ୟମରେ ୨୬,୬୦୨ କୋଟି ଟଙ୍କାରୁ ଅଧିକ ଅର୍ଥ ଆସିଛି । ଏହି ଅର୍ଥ ଖଣି ଦ୍ୱାରା ପ୍ରଭାବିତ ଲୋକ ଓ ଅଞ୍ଚଳର ସାମଗ୍ରୀକ ବିକାଶ ଏବଂ ଖଣିଜ କାର୍ଯ୍ୟକଳାପ ଯୋଗୁଁ ହେଉଥିବା କ୍ଷତିର ଭରଣା ପାଇଁ ଉଦ୍ଦିଷ୍ଟ ।

କିନ୍ତୁ ନିକଟରେ ପ୍ରକାଶିତ ସିଏଜି ର ରିପୋର୍ଟରେ ଏହି ପାଣ୍ଠିର ବ୍ୟବହାରକୁ ନେଇ ଅତ୍ୟନ୍ତ ଗୁରୁତର ଚିତ୍ର ସାମ୍ନାକୁ ଆଣିଛି । ଏହା କେବଳ କିଛି ଆର୍ଥିକ ଅନିୟମିତତାର ପ୍ରଶ୍ନ ନୁହେଁ । ଏହା ହେଉଛି ଯେଉଁ ଲୋକମାନେ ଖଣି ପାଇଁ ନିଜର ଜମି, ଜଙ୍ଗଲ, ଜଳ ଓ ଜୀବିକା ହରାଇଛନ୍ତି, ସେମାନଙ୍କ ପ୍ରତି ନ୍ୟାୟର ପ୍ରଶ୍ନ । ରିପୋର୍ଟରେ କୁହାଯାଇଛି ୨୬,୬୦୨ କୋଟି ଟଙ୍କା ଆସିଲା, କିନ୍ତୁ ଖର୍ଚ୍ଚ ହେଲା ମାତ୍ର ୫୯ ପ୍ରତିଶତ । ୨୦୧୫-୧୬ରୁ ୨୦୨୩-୨୪ ମଧ୍ୟରେ ଓଡ଼ିଶାର ୩୦ଟି ଡMଏ ୨୬,୬୦୨.୬୬ କୋଟି ଟଙ୍କା ପାଇଛି ।ଏଥିରୁ ୨୫,୯୬୯.୮୭ କୋଟି ଟଙ୍କାର ପ୍ରକଳ୍ପ ଅନୁମୋଦନ ହୋଇଥିଲା । କିନ୍ତୁ ମାର୍ଚ୍ଚ ୨୦୨୪ ସୁଦ୍ଧା ପ୍ରକୃତରେ ଖର୍ଚ୍ଚ ହୋଇଛି ମାତ୍ର ୧୫,୮୧୭.୫୬ କୋଟି ଅର୍ଥାତ୍ ୫୯.୪୬ ପ୍ରତିଶତ । ଏତେ ବିପୁଳ ଅର୍ଥ ଥାଇ ମଧ୍ୟ ଖଣି ପ୍ରଭାବିତ ଅଞ୍ଚଳରେ ପାନୀୟ ଜଳ, ସ୍ୱାସ୍ଥ୍ୟ, ଶିକ୍ଷା, ଜୀବିକା ଓ ପରିବେଶ ପୁନରୁଦ୍ଧାର ଭଳି ମୌଳିକ ସମସ୍ୟା କାହିଁକି ରହିଛି । ଖଣି ପ୍ରଭାବିତ ନଥିବା ଗାଁରେ ଖର୍ଚ୍ଚ ହୋଇଛି ୯୮୩ କୋଟି ଟଙ୍କା ।

କେନ୍ଦୁଝର ଓ ସୁନ୍ଦରଗଡ଼ ଜିଲ୍ଲାରେ ୯୭୬ଟି ଖଣି ପ୍ରଭାବିତ ନଥିବା ଗାଁରେ ୨,୨୨୪ଟି ପ୍ରକଳ୍ପ ପାଇଁ ୯୮୩.୩୨ କୋଟି ଟଙ୍କା ଖର୍ଚ୍ଚ ହୋଇଛି । ଅନ୍ୟପକ୍ଷରେ ୪୮୮ଟି ପ୍ରତ୍ୟକ୍ଷ ଖଣି ପ୍ରଭାବିତ ଗାଁ ଏବଂ ୯୬ଟି ପରୋକ୍ଷ ଖଣି ପ୍ରଭାବିତ ଗାଁରେ ଗୋଟିଏ ବି ପ୍ରକଳ୍ପ ହୋଇନାହିଁ । ଅର୍ଥାତ, ଯେଉଁମାନେ ଖଣିର ମୂଲ୍ୟ ଦେଲେ, ସେମାନେ ବଞ୍ଚିତ ହେଲେ ଆଉ ଯେଉଁମାନେ ଖଣି ପ୍ରଭାବିତ ନୁହନ୍ତି, ସେମାନଙ୍କ ଅଞ୍ଚଳରେ ଡ଼ିଏମଏଫ ଟଙ୍କା ଖର୍ଚ୍ଚ ହେଲା । ସେହିପରି ଡ଼ିଏମଏଫ ପାଣ୍ଠି ଖର୍ଚ୍ଚ ଦିଗରେ ଗ୍ରାମସଭାକୁ ଅଣଦେଖା କରାଯାଇଛି ।

## ନାରାୟଣୀ ଉଚ୍ଚ ବିଦ୍ୟାଳୟରେ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ

କଟକ, (ସ୍ୱପ୍ର) : ସ୍ଥାନୀୟ ନୂଆପଡା ପୃଷ୍ଟି ବଗିଚାସ୍ଥିତ ନାରାୟଣୀ ଉଚ୍ଚ ବିଦ୍ୟାଳୟ ପରିସରରେ ଗାନ୍ଧୀ ଓ ଶାସ୍ତ୍ରୀଙ୍କ ଜୟନ୍ତୀ ପାଳିତ ହୋଇଯାଇଛି । ଏଥିରେ ବିଦ୍ୟାଳୟର ଅଧ୍ୟକ୍ଷ ଯୋଗ ଦେଇ ଦୁଇ ମହାନ୍ ବରପୁତ୍ରଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ସେ ଜାତିର ପିତା ମହାତ୍ମା ଗାନ୍ଧୀ ଓ ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲ୍ ବାହାଦୂର ଶାସ୍ତ୍ରୀଙ୍କ ଦେଶପ୍ରେମ ଓ ବଳିଦାନ ସମ୍ପର୍କରେ ମତବ୍ୟକ୍ତ କରିଥିଲେ । ପରେ ବିଦ୍ୟାଳୟର ଛାତ୍ରଛାତ୍ରୀ, ଶିକ୍ଷକ -ଶିକ୍ଷୟତ୍ରୀ ଓ କର୍ମଚାରୀମାନେ ମିଳିତ ଭାବେ ବିଦ୍ୟାଳୟ ଚତୁଃପାଶ୍ୱର୍ ସଫେଇ କରିଥିଲେ । ସାରା ଦେଶରେ ସ୍ୱଚ୍ଛତା ଅଭିଯାନକୁ ଆଖି ଆଗରେ



ରଖି ପିଲାମାନଙ୍କୁ ସ୍ୱଚ୍ଛତା ସମ୍ପର୍କରେ ସଚେତନତା କରାଯାଇଥିଲା । ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଗାନ୍ଧୀ ଓ ଶାସ୍ତ୍ରୀଙ୍କ ଜୀବନ ଆଧାରିତ ନାଟକ ପରିବେଷଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଇ ଟେକେନ୍, ଡିନ୍ କୌଶଳ ବୁଦ୍ଧଦେବ, ଇ ଚାମ୍ପସ୍‌ର ଉପାଧ୍ୟକ୍ଷା ବି. ରାଜେଶ୍ୱରୀ, ଇ. କିଡ୍‌ସର ସଂଯୁକ୍ତା ପଣ୍ଡା ଓ ପ୍ରଶାସନିକ ଅଧିକାରୀ ଲକ୍ଷ୍ମୀନାରାୟଣ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ନାବାଳିକା ଅପହରଣ ଅଭିଯୋଗ

ବାଲିପାଟଣା, (ସବ୍ୟୁ) :ସୋମଣା ଶାସନ ପଞ୍ଚାୟତ ଅନ୍ତର୍ଗତ ପାଳସାହି ଗ୍ରାମର କଲେଜରେ ପଢୁଥିବା ନାବାଳିକା କନ୍ୟା ଗତ ଗୁରୁବାର ଠାରୁ ନିଖୋଜ ଥିବା। ବାଲିପାଟଣା ଥାନାରେ ଅଭିଯୋଗ କରିଛନ୍ତି । ଗୁରୁବାର ପୂର୍ବାହ୍ନ ୧୦ଟାରେ ନାବାଳିକା ଜଣଙ୍କ ସବୁଦିନ ଭଳି ନିକଟସ୍ଥ ବଣେଶ୍ୱରୀ କଲେଜକୁ ପାଠ ପଢିବାକୁ ଯାଇଥିଲେ । ହେଲେ ଅପରାହ୍ନରେ ନ ଫେରିବାରୁ ଘରଲୋକ ବିଭିନ୍ନ ସ୍ଥାନରେ ଖୋଜି ନପାଇବାରୁ ବାଧ ହୋଇ ଥାନାରେ ଏତଲା ଦେଇଥିଲେ । ଖୋର୍ଦ୍ଧା ଅଞ୍ଚଳର ଜଣେ ଯୁବକ ଅପହରଣ କରି ନେଇଥିବା ନାବାଳିକଙ୍କ ବାପା ସନ୍ଦେହ କରୁଥିବା ଏତଲାରେ ଉଲ୍ଲେଖ କରି ଝିଅକୁ ତୁରନ୍ତ ଖୋଜି ଆଣିବାକୁ ଗୁହାରି କରିଛନ୍ତି । ଝିଅ ପାଖରେ ଦଶ ହଜାର ଟଙ୍କା, ଏକ ସୁନା ଚେନ ଓ ଅନ୍ୟ ବ୍ୟକ୍ତିଗତ କାଗଜପତ୍ର ରହିଥିବା କୁହାଯାଇଛି ।

## ମହାନଦୀ ବିହାରରେ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ

କଟକ, (ସ୍ୱପ୍ର): ମହାନଦୀ ବିହାର ଡେଭଲପମେଣ୍ଟ ଆସୋସିଏସନ୍ (ଏମଡିଏ) ପକ୍ଷରୁ ଜାତିର ଜନକ



ମହାତ୍ମା ଗାନ୍ଧୀ ଏବଂ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲ ବାହାଦୁର ଶାସ୍ତ୍ରୀଙ୍କ ଜୟନ୍ତୀ ପାଳିତ ହୋଇଯାଇଛି । ସ୍ଥାନୀୟ ପୋଷ୍ଟାଲ ଛକସ୍ଥିତ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ନିକଟରେ ପୁଷ୍ପମାଲ୍ୟ ଅର୍ପଣ ଓ ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ପରେ ଏମଡିଏ ପରିସରରେ ମହାତ୍ମା ଗାନ୍ଧୀ ଓ ଲାଲ ବାହାଦୁର ଶାସ୍ତ୍ରୀଙ୍କ ଜୀବନାଦର୍ଶ, ଦେଶପ୍ରେମ, ସତ୍ୟନିଷ୍ଠା ଏବଂ ସମାଜସେବା ସମ୍ପର୍କରେ ସ୍ମୃତିଚାରଣ କରାଯାଇଥିଲା । ସେକଟର-୨ ସ୍ଥିତ ମହାତ୍ମା ଗାନ୍ଧୀ ପାର୍କରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ଏମଡିଏ ସଭାପତି ସଞ୍ଜୟ କୁମାର ଜେନା, ସମ୍ପାଦକ ହିମାଂଶୁ ଷଡ଼ଙ୍ଗୀ, ସହ-ସମ୍ପାଦକ ଜ୍ଞାନରଞ୍ଜନ ଦାସ, କୋଷାଧ୍ୟକ୍ଷ ପ୍ରଭାକର ରଣା, ଉପ-ସଭାପତି ସରୋଜ ସ୍ୱାଇଁ, ବରିଷ୍ଠ ମୁରବୀ ରବୀନ୍ଦ୍ରନାଥ ତ୍ରିପାଠୀ, ଗୋଲେଖ ଚନ୍ଦ୍ର କାନୁନଗୋ, ପ୍ରହଲ୍ଲାଦ ମହାନ୍ତି, ପ୍ରମୋଦ ଦାସ, ମାନବେଶ ରାୟ, ପ୍ରହଲ୍ଲାଦ ବିଶ୍ୱାଳ ପ୍ରମୁଖଙ୍କ ସହ କଟକ ମହାନଗର ନିଗମର କର୍ପୋରେଟର ସୁବ୍ରତ ଘଡ଼େଇ ପ୍ରମୁଖ ଉପସ୍ଥିତ ରହିଥିଲେ । ଉପସ୍ଥିତ ଅତିଥି ଓ ସଦସ୍ୟମାନେ ମହାତ୍ମା ଗାନ୍ଧୀଙ୍କ ସତ୍ୟ, ଅହିଂସା, ସ୍ୱଚ୍ଛତା ଓ ସାମାଜିକ ସମନ୍ୱୟର ବାର୍ତ୍ତାକୁ ସ୍ମରଣ କରିବା ସହ ଲାଲ ବାହାଦୁର ଶାସ୍ତ୍ରୀଙ୍କ ଜୟ ଜଓ୍ୱାନ, ଜୟ କିଷାନ ଆହ୍ୱାନର ପ୍ରାସଙ୍ଗିକତା ଉପରେ ଆଲୋକପାତ କରି ଗାନ୍ଧୀ ଓ ଶାସ୍ତ୍ରୀଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

## ରାୟଗଡ଼ା ଡିଭିଜନରେ ଭୂସ୍ଖଳନ ଯୋଗୁଁ ଟ୍ରେନ୍ ସେବା ନିୟନ୍ତ୍ରଣ

ଭୁବନେଶ୍ୱର, (ସବ୍ୟୁ): ପୂର୍ବତଟ ରେଳପଥର ରାୟଗଡ଼ା ଡିଭିଜନ ଅନ୍ତର୍ଗତ ମାଲିଗୁଡ଼ା ଓ ଛତଡିପୁଟ ଷ୍ଟେସନ ମଧ୍ୟରେ ଭୂସ୍ଖଳନ ଯୋଗୁଁ ଟ୍ରେନ୍ ସେବା ପ୍ରଭାବିତ ହୋଇଛି । ସୁରକ୍ଷା ଦୃଷ୍ଟିରୁ ଏବଂ ପ୍ରଭାବିତ ଅଞ୍ଚଳରେ ପୁନରୁଦ୍ଧାର କାର୍ଯ୍ୟକୁ ସୁଗମ କରିବା ପାଇଁ କେତେକ ଟ୍ରେନ୍ ବାତିଲ କରାଯାଇଥିବା ବେଳେ କେତେକ ଟ୍ରେନ୍‌କୁ ଆଂଶିକ ଭାବେ ବାତିଲ କରାଯାଇ କୋରାପୁଟରୁ ଯାତ୍ରା ଆରମ୍ଭ କିମ୍ବା କୋରାପୁଟଠାରେ ଯାତ୍ରା ସମାପ୍ତ କରାଯିବ। ନିମ୍ନଲିଖିତ ଟ୍ରେନ୍‌ଗୁଡ଼ିକ ବାତିଲ ରହିବ : ଟ୍ରେନ୍ ନମ୍ବର ୧୮୧୦୮ ଜଗଦଲପୁର–ରାଉରକେଲା ଏକ୍ସପ୍ରେସ ୪ ଅକ୍ଟୋବରରୁ ୮ ଅକ୍ଟୋବର, ୨୦୨୬ ପର୍ଯ୍ୟନ୍ତ ବାତିଲ ରହିବ। ଟ୍ରେନ୍ ନମ୍ବର ୧୮୧୦୭ ରାଉରକେଲା–ଜଗଦଲପୁର ଏକ୍ସପ୍ରେସ ୩ ଅକ୍ଟୋବରରୁ ୭ ଅକ୍ଟୋବର, ୨୦୨୬ ପର୍ଯ୍ୟନ୍ତ ବାତିଲ ରହିବ। ୪ ଅକ୍ଟୋବରରୁ ୭ ଅକ୍ଟୋବର, ୨୦୨୬ ପର୍ଯ୍ୟନ୍ତ ନିମ୍ନଲିଖିତ ଟ୍ରେନ୍‌ଗୁଡ଼ିକ ବାତିଲ ରହିବ। ଟ୍ରେନ୍ ନମ୍ବର ୧୮୫୧୫ ବିଶାଖାପାଟଣା–କିରଣ୍ଡୁଲ ଏକ୍ସପ୍ରେସ ଟ୍ରେନ୍ ନମ୍ବର ୧୮୫୧୬ କିରଣ୍ଡୁଲ–ବିଶାଖାପାଟଣା ଏକ୍ସପ୍ରେସ କୋରାପୁଟଠାରେ ଯାତ୍ରା ସର୍ଟ-ଟର୍ମିନେଟ୍ (ଆଂଶିକ ବାତିଲ), ସର୍ଟ-ଓରିଜିନେଟ୍ (ଆଂଶିକ ଆରମ୍ଭ) କରାଯିବ। ଟ୍ରେନ୍ ନମ୍ବର ୧୮୦୦୫ ହାୱଡା–ଜଗଦଲପୁର ଏକ୍ସପ୍ରେସ, ୨ ଅକ୍ଟୋବରରୁ ୭ ଅକ୍ଟୋବର, ୨୦୨୬ ପର୍ଯ୍ୟନ୍ତ ହାୱଡାରୁ ଯାତ୍ରା ଆରମ୍ଭ କରି କୋରାପୁଟରେ ଆଂଶିକ ଭାବେ ଯାତ୍ରା ଶେଷ କରିବ। କୋରାପୁଟ–ଜଗଦଲପୁର ମଧ୍ୟରେ ଏହି ଟ୍ରେନ୍‌ର ସେବା ବାତିଲ ରହିବ। ଟ୍ରେନ୍ ନମ୍ବର ୧୮୦୦୬ ଜଗଦଲପୁର–ହାୱଡା ଏକ୍ସପ୍ରେସ, ୪ ଅକ୍ଟୋବରରୁ ୯ ଅକ୍ଟୋବର, ୨୦୨୬ ପର୍ଯ୍ୟନ୍ତ ଜଗଦଲପୁର ପରିବର୍ତ୍ତେ କୋରାପୁଟରୁ ଯାତ୍ରା ଆରମ୍ଭ କରିବ। ଜଗଦଲପୁର–କୋରାପୁଟ ମଧ୍ୟରେ ଏହି ଟ୍ରେନ୍‌ର ସେବା ବାତିଲ ରହିବ।

ଟ୍ରେନ୍ ନମ୍ବର ୧୮୪୪୭ ଭୁବନେଶ୍ୱର–ଜଗଦଲପୁର ହୀରାଖଣ୍ଡ ଏକ୍ସପ୍ରେସ, ୩ ଅକ୍ଟୋବରରୁ ୭ ଅକ୍ଟୋବର, ୨୦୨୬ ପର୍ଯ୍ୟନ୍ତ ଭୁବନେଶ୍ୱରରୁ ଯାତ୍ରା ଆରମ୍ଭ କରି



କୋରାପୁଟରେ ଆଂଶିକ ଭାବେ ଯାତ୍ରା ଶେଷ କରିବ। କୋରାପୁଟ–ଜଗଦଲପୁର ମଧ୍ୟରେ ଏହି ଟ୍ରେନ୍‌ର ସେବା ବାତିଲ ରହିବ। ଟ୍ରେନ୍ ନମ୍ବର ୧୮୪୪୮ ଜଗଦଲପୁର–ଭୁବନେଶ୍ୱର ହୀରାଖଣ୍ଡ ଏକ୍ସପ୍ରେସ, ୪ ଅକ୍ଟୋବରରୁ ୮ ଅକ୍ଟୋବର, ୨୦୨୬ ପର୍ଯ୍ୟନ୍ତ ଜଗଦଲପୁର ପରିବର୍ତ୍ତେ କୋରାପୁଟରୁ ଯାତ୍ରା ଆରମ୍ଭ କରିବ। ଜଗଦଲପୁର–କୋରାପୁଟ ମଧ୍ୟରେ ଏହି ଟ୍ରେନ୍‌ର ସେବା ବାତିଲ ରହିବ। ଟ୍ରେନ୍ ନମ୍ବର ୫୮୫୦୧ ବିଶାଖାପାଟଣା–କିରଣ୍ଡୁଲ ଏକ୍ସପ୍ରେସ, ୪ ଅକ୍ଟୋବରରୁ ୭ ଅକ୍ଟୋବର, ୨୦୨୬ ପର୍ଯ୍ୟନ୍ତ ବିଶାଖାପାଟଣାରୁ ଯାତ୍ରା ଆରମ୍ଭ କରି କୋରାପୁଟରେ ଆଂଶିକ ଭାବେ ଯାତ୍ରା ଶେଷ କରିବ। କୋରାପୁଟ–ଜଗଦଲପୁର ମଧ୍ୟରେ ଏହି ଟ୍ରେନ୍‌ର ସେବା ବାତିଲ ରହିବ। ଟ୍ରେନ୍ ନମ୍ବର ୫୮୫୦୨ କିରଣ୍ଡୁଲ–ବିଶାଖାପାଟଣା ପାସେଞ୍ଜର ଏକ୍ସପ୍ରେସ, ୪ ଅକ୍ଟୋବରରୁ ୭ ଅକ୍ଟୋବର, ୨୦୨୬ ପର୍ଯ୍ୟନ୍ତ କିରଣ୍ଡୁଲ ପରିବର୍ତ୍ତେ କୋରାପୁଟରୁ ଯାତ୍ରା ଆରମ୍ଭ କରିବ। ଜଗଦଲପୁର–କୋରାପୁଟ ମଧ୍ୟରେ ଏହି ଟ୍ରେନ୍‌ର ସେବା ବାତିଲ ରହିବ। ଯାତ୍ରୀମାନଙ୍କୁ ଟ୍ରେନ୍ ଚଳାଚଳରେ ଏହି ପରିବର୍ତ୍ତନକୁ ଧ୍ୟାନରେ ରଖି ନିଜର ଯାତ୍ରା ଯୋଜନା କରିବାକୁ ପରାମର୍ଶ । ଟ୍ରେନ୍ ସମ୍ବନ୍ଧୀୟ ଅପଡେଟ୍ ସୂଚନା ପାଇଁ, ଯାତ୍ରୀମାନେ ଯାତ୍ରା ଆରମ୍ଭ କରିବା ପୂର୍ବରୁ 'ନ୍ୟାସନାଲ୍ ଟ୍ରେନ୍ ଏନକ୍ୱାରୀ ସିଷ୍ଟମ୍‌କୁ ଭିଜିଟ୍ କରନ୍ତୁ କିମ୍ବା ରେଳବାଇର ଅଫିସିଆଲ୍ ୱେବସାଇଟ୍ ଯାଞ୍ଚ କରିପାରିବେ।

## ସ୍ୱିତ ମଚ୍ଛରଙ୍କୁ ଭେଟିଲେ ଦୁବାଇ କ୍ରାଉନ୍ ପ୍ରିନ୍ସ

# ସହ-ପାଇଲଟ୍‌ଙ୍କ ପୂର୍ବ ଇତିହାସ ନେଇ ତଦନ୍ତ



**ନୂଆଦିଲ୍ଲୀ :** ଫ୍ଲାଏଦୁବାଇ ବିମାନରେ ସହ-ପାଇଲଟ୍‌ଙ୍କ ଆକ୍ରମଣ ସତ୍ତ୍ୱେ ଯାତ୍ରୀମାନଙ୍କ ଜୀବନ ରକ୍ଷା କରିଥିବା ଭାରତୀୟ ପାଇଲଟ୍ ସ୍ୱିତ ମଚ୍ଛରଙ୍କୁ ଶନିବାର ଭେଟିଛନ୍ତି ୟୁଏଇର ଉପପ୍ରଧାନମନ୍ତ୍ରୀ ତଥା ଦୁବାଇର କ୍ରାଉନ୍ ପ୍ରିନ୍ସ ଶେଖ୍ ହମଦାନ ବିନ୍ ମହମ୍ମଦ ଅଲ୍ ମକତୁମ। ଆକ୍ରମଣ ସମୟରେ ତାଙ୍କ ସାହସିକତା ଓ ଦାୟିତ୍ୱବୋଧକୁ ସେ ଉଚ୍ଚ ପ୍ରଶଂସା କରିବା ସହ ୟୁଏଇ ନେତୃତ୍ୱଙ୍କ ପକ୍ଷରୁ କୃତଜ୍ଞତା ଜଣାଇଛନ୍ତି।

ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ଏକ ପୋଷ୍ଟ କରି ହମଦାନ କହିଛନ୍ତି, ସ୍ୱିତ ମଚ୍ଛର ଅସାଧାରଣ ସାହସ, ଦାୟିତ୍ୱବୋଧ ଏବଂ ମାନବ ଜୀବନ ପ୍ରତି ଗଭୀର ସମ୍ମାନର ପରିଚୟ ଦେଇଛନ୍ତି। ସେ ଆମ ଦଳର ଅଂଶ, ଆମ ଦେଶର ଗୌରବମୟ କାହାଣୀର ଅଂଶ। ମାନବିକତା, ଶାନ୍ତି ଓ ଜୀବନର ସୁରକ୍ଷା ପ୍ରତି ପ୍ରତିବଦ୍ଧ ୟୁଏଇର ମୂଲ୍ୟବୋଧକୁ ସେ ପ୍ରତିଫଳିତ କରିଛନ୍ତି ବୋଲି ସେ ଉଲ୍ଲେଖ କରିଛନ୍ତି।

ସହ-ପାଇଲଟ୍‌ଙ୍କ ଆକ୍ରମଣରେ ଆହତ ହୋଇଥିବା ମଚ୍ଛର ବର୍ତ୍ତମାନ ଆବୁଧାବିରେ ଚିକିତ୍ସାଧୀନ ଅଛନ୍ତି। ୟୁଏଇ ଆଟର୍ଣ୍ଣି ଜେନେରାଲଙ୍କ କାର୍ଯ୍ୟାଳୟ ଅନୁଯାୟୀ, ବୁଧବାର ଦୁବାଇରୁ ତେଲ୍ ଆଭିଭ୍ ଯାଉଥିବା ଫ୍ଲାଏଦୁବାଇର ଏଫ୍‌ଜେଡ୍-୧୦୭୩ ବିମାନରେ ଓମାନର ସହ-ପାଇଲଟ୍ ଏକ ଜରୁରୀକାଳୀନ କୁରାଢ଼ିରେ ମଚ୍ଛରଙ୍କୁ ଆକ୍ରମଣ କରିଥିଲେ। ଏହାପରେ ସେ ବିମାନର ନିୟନ୍ତ୍ରଣ ନିଜ ହାତକୁ ନେବାକୁ ଉଦ୍ୟମ କରିଥିଲେ। ବିମାନରେ ୧୭୪ ଜଣ ଯାତ୍ରୀ ଥିଲେ।

ଆହତ ହୋଇଥିଲେ ମଧ୍ୟ ମଚ୍ଛର କକ୍‌ପିଟ୍‌ର ଦ୍ୱାର ଖୋଲି ସହାୟତା ପାଇଁ ଡାକିଥିଲେ। ଏହାପରେ ଯାତ୍ରୀ ଓ ବିମାନ କର୍ମଚାରୀମାନେ ଆକ୍ରମଣକାରୀଙ୍କୁ କାବୁ କରିଥିଲେ। ପରବର୍ତ୍ତୀ ସମୟରେ ଏକ ବିକଳ୍ପ ବିମାନ କର୍ମଚାରୀ ଦଳ ବିମାନଟିକୁ ସାଉଦି ଆରବର ତାବୁକ୍ ବିମାନବନ୍ଦରରେ ଅବତରଣ କରାଇଥିଲେ।

ବିମାନ ଟ୍ରାକିଂ ସଂସ୍ଥା ଫ୍ଲାଇଟ୍‌ରାଡାର୨୪ ଅନୁଯାୟୀ, ସାଉଦି ଆରବ ଆକାଶରେ ମାତ୍ର ୩୦ ସେକେଣ୍ଡରୁ କମ୍ ସମୟ ମଧ୍ୟରେ ବିମାନଟି ୧୪ ହଜାର ଫୁଟ୍‌ରୁ ଅଧିକ ତଳକୁ ଖସିଥିଲା।

ଘଟଣାର ପ୍ରାଥମିକ ତଦନ୍ତରେ ୟୁଏଇ ଓ ସାଉଦି ଆରବର ସୁରକ୍ଷା ଏଜେନ୍ସି ସାମିଲ ହୋଇଥିଲେ। ଏହାପରେ ସାଉଦି କର୍ତ୍ତୃପକ୍ଷ ସହ-ପାଇଲଟ୍‌ଙ୍କୁ ୟୁଏଇକୁ ହସ୍ତାନ୍ତର କରିଥିଲେ। ଏହି ଘଟଣାକୁ ୟୁଏଇ ପକ୍ଷରୁ ଆତଙ୍କବାଦୀ ଆକ୍ରମଣ ବୋଲି କୁହାଯାଇଛି। 'ଅଲ୍ ଆରବିୟାଦ ରିପୋର୍ଟ ଅନୁଯାୟୀ, ଆକ୍ରମଣକାରୀ ସହ-ପାଇଲଟ୍‌ଙ୍କ ନାମ ହମାମ ଅଲ୍ ହମାମି। ସେ ଓମାନର ନାଗରିକ। ଏହି ପରିଚୟକୁ ତଦନ୍ତ ସହ ଜଡ଼ିତ ତିନିଜଣ ବ୍ୟକ୍ତି ମଧ୍ୟ ଆସୋସିଏଟେଡ୍ ପ୍ରେସ୍‌କୁ ସ୍ପଷ୍ଟ କରିଛନ୍ତି।ଏପି ରିପୋର୍ଟ ଅନୁଯାୟୀ, ଚରମପନ୍ଥୀ ଚିନ୍ତାଧାରା ଆପଣାଇଥିବା ଆଶଙ୍କାରେ ଓମାନ ପୂର୍ବରୁ ହମାମିଙ୍କୁ ବିମାନ ଚଳାଇବାରୁ ବାରଣ କରିଥିଲା। ପରବର୍ତ୍ତୀ ସମୟରେ ତାଙ୍କୁ ଫ୍ଲାଏଦୁବାଇରେ ନିଯୁକ୍ତି ମିଳିଥିଲା। ତେବେ ପୂର୍ବରୁ ତାଙ୍କୁ ବିମାନ ଚଳାଇବାରୁ ବାରଣ କରାଯାଇଥିବା ସମ୍ପର୍କରେ ବିମାନ କମ୍ପାନି କେତେ ତଥ୍ୟ ରଖିଥିଲା ଏବଂ ନିଯୁକ୍ତି ପୂର୍ବରୁ ତାଙ୍କର କେତେ ବ୍ୟାପକ ଯାଞ୍ଚ କରାଯାଇଥିଲା, ତାହା ଏବେ ସ୍ପଷ୍ଟ ହୋଇନାହିଁ।

# 'ସତ୍ୟାଗ୍ରହ' ପ୍ଲାଟ୍‌ଫର୍ମ ଖୋଲିଲେ ରାହୁଲ



**ନୂଆଦିଲ୍ଲୀ :** ଦେଶର ବିଭିନ୍ନ ସ୍ଥାନରେ ବିଭିନ୍ନ ପ୍ରସଙ୍ଗ ଓ ଅଧିକାର ନେଇ ଲୋକମାନେ ଲଢ଼େଇ କରୁଛନ୍ତି। ନିଜ ନିଜର ଅଧିକାର ପାଇଁ ଏବେ ସଂଗ୍ରାମ ଚାଲିଛି। ଜେନ୍-ଜି, ଛାତ୍ରଛାତ୍ରୀ, କୃଷକ, ଆଦିବାସୀ, ଦଳିତ ଓ ମହିଳାଙ୍କ ନିଜସ୍ୱ ସଂଘର୍ଷ କାହାଣି ରହିଛି। ଯେଉଁମାନେ ଲଢ଼େଇ କରୁଛନ୍ତି ଲୋକସଭାର ବିରୋଧୀ ଦଳ ନେତା ହିସାବରେ ସେ ସମ୍ପର୍କରେ ମୁଁ ଅବଗତ ହେବାକୁ ଚାହୁଁଛି ବୋଲି ରାହୁଲ ଗାନ୍ଧି କହିଛନ୍ତି।

ଶ୍ରୀ ଗାନ୍ଧି କହିଛନ୍ତି ଯେ ଏହି ପରିପ୍ରେକ୍ଷୀରେ ସତ୍ୟାଗ୍ରହ ପ୍ଲାଟ୍‌ଫର୍ମ ଖୋଲାଯାଇଛି। ଲୋକମାନେ ନିଜର ସଂଘର୍ଷ, ଅନ୍ୟାୟ ଓ ଆନ୍ଦୋଳନ ସମ୍ପର୍କିତ ଘଟଣାକୁ ଏଥିରେ ପୋଷ୍ଟ କରିପାରିବେ। ଏଥିପାଇଁ ମାତ୍ର ଦୁଇ ମିନିଟ୍ ସମୟ ଲାଗିବ। ଫଳରେ ସମାନ ସମସ୍ୟାର ସମ୍ମୁଖୀନ ହେଉଥିବା ଅନ୍ୟ ଲୋକଙ୍କ ସମ୍ପର୍କରେ ଜାଣିହେବ। ସଂସଦରେ, ରାସ୍ତାରେ କିମ୍ବା ଚିଠି ଲେଖି ଯେଉଁଠାରେ ତାଙ୍କର ଆବଶ୍ୟକତା ରହିବ ସେ ଲୋକଙ୍କ ସହ ଠିଆହେବେ। ବିରୋଧୀ ଦଳ ନେତା ଭାବେ ତାଙ୍କର ଏହା ଦାୟିତ୍ୱ। ସଂଘର୍ଷ କରୁଥିବା ବ୍ୟକ୍ତିମାନେ ଯଦି ସହଯୋଗ ଲୋଡ଼ିବେ ତେବେ ସହଯୋଗ ଦେବାକୁ ଆମେ ପ୍ରସ୍ତୁତ। ଏହି ଡିଜିଟାଲ ପ୍ଲାଟ୍‌ଫର୍ମର ଲକ୍ଷ୍ୟ ହେଉଛି ତୃଣମୂଳ ସ୍ତରର ସଂଘର୍ଷ ଓ ଆନ୍ଦୋଳନକୁ ଏକ ଜାତୀୟ ସ୍ୱର ଦେବା। ଏହି ମଞ୍ଚରେ ବିଭିନ୍ନ ପ୍ରସଙ୍ଗ ସାମ୍ନାକୁ ଆସିପାରିବ ବୋଲି ରାହୁଲ କହିଛନ୍ତି।

## ଆନ୍ଧ୍ରପ୍ରଦେଶ ଏସ୍‌ଇଜେଡ୍‌ରେ ବଏଲର ବିସ୍ଫୋରଣ: ୫ ମୃତ, ୧୦ ଗୁରୁତର

ତିରୁପତି: ଆନ୍ଧ୍ରପ୍ରଦେଶର ତିରୁପତି ଜିଲ୍ଲା ଅନ୍ତର୍ଗତ ସତ୍ୟବେଡୁ ମଣ୍ଡଳର ଶ୍ରୀ ସିଟି ସ୍ୱତନ୍ତ୍ର ଅର୍ଥନୈତିକ ଜୋନ୍ (ଏସ୍‌ଇଜେଡ୍)ରେ ଥିବା ଏକ ବେସରକାରୀ ଫାର୍ମାସ୍ୟୁଟିକାଲ୍ ଉତ୍ପାଦନ କାରଖାନାରେ ଶନିବାର ଭୋର ସମୟରେ ବଏଲର ବିସ୍ଫୋରଣ ଘଟି ଅତିକମରେ ୫ ଜଣ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ଏହି ଭୟଙ୍କର ଦୁର୍ଘଟଣାରେ ଅନ୍ୟ ୧୦ ଜଣରୁ ଅଧିକ ଲୋକ ଗୁରୁତର ଭାବେ ଆହତ ହୋଇଛନ୍ତି ବୋଲି ଅଧିକାରୀମାନେ ପ୍ରକାଶ କରିଛନ୍ତି। ଆହତମାନଙ୍କୁ ତୁରନ୍ତ ଉଦ୍ଧାର କରାଯାଇ ଚିକିତ୍ସା ପାଇଁ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ପ୍ରାଥମିକ ରିପୋର୍ଟ ଅନୁଯାୟୀ, ଶ୍ରମିକମାନେ ନାଇଟ୍ ସିଫ୍ଟରେ କାର୍ଯ୍ୟ କରୁଥିବା ସମୟରେ ହଠାତ୍ ବଏଲର ବିସ୍ଫୋରଣ ହୋଇଥିଲା, ଯାହା ଫଳରେ କାରଖାନା ଭିତରେ ଭୟଙ୍କର ଅଗ୍ନିକାଣ୍ଡ ସୃଷ୍ଟି ହୋଇଥିଲା ଏବଂ ସମଗ୍ର ଶିଳ୍ପାଞ୍ଚଳରେ ଆତଙ୍କ ଖେଳିଯାଇଥିଲା। ଆନ୍ଧ୍ରପ୍ରଦେଶର ଶିକ୍ଷା ଓ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ନାରା ଲୋକେଶ ଏହି ଦୁର୍ଘଟଣା ସମ୍ପର୍କରେ ନିଶ୍ଚିତ କରିବା ସହ ଶ୍ରମିକମାନଙ୍କ ମୃତ୍ୟୁରେ ଗଭୀର ଶୋକ ପ୍ରକାଶ କରିଛନ୍ତି।

## ଭାରତ ପାଖରେ ଆବଶ୍ୟକ କ୍ଷମତା ଅଛି: ବାୟୁସେନା ମୁଖ୍ୟ

**ନୂଆଦିଲ୍ଲୀ:** ବାୟୁସେନା ମୁଖ୍ୟ ଏୟାର ଚିଫ୍ ମାର୍ଶଲ ଏ ପି ସିଂହ ପଞ୍ଚମ ପିଢ଼ିର ଲଢୁଆ ବିମାନ ପାଇଁ ପାକିସ୍ତାନର ଚୀନ ସହିତ ସହଭାଗିତାକୁ ନେଇ ଚିନ୍ତା ପ୍ରକାଶ କରିଛନ୍ତି। ତେବେ ଏହାର ଅର୍ଥ ନୁହେଁ ଯେ, ବାୟୁସେନା ଏହାର ଜବାବ ଦେବାରେ ଅସମର୍ଥ ବୋଲି ସିଂହ କହିଛନ୍ତି। ବାୟୁସେନା ଦିବସ ପୂର୍ବରୁ ଶନିବାର ଏକ ବାର୍ଷିକ ସାମ୍ବାଦିକ ସମ୍ମିଳନୀକୁ ସମ୍ବୋଧିତ କରି ବାୟୁସେନା ମୁଖ୍ୟ କହିଛନ୍ତି, ଭାରତକୁ ପଞ୍ଚମ ପିଢ଼ିର ଯୁଦ୍ଧ ବିମାନ ସାମିଲ କରିବା ଓ ଆଡଭାନ୍ସଡ୍ ମିଡିୟମ୍ କମ୍ବାଟ୍ ଏୟାରକ୍ରାଫ୍ଟ (ଏମଏମ୍ସିଏ) କାର୍ଯ୍ୟକ୍ରମକୁ ଆଗକୁ ବଢାଇବାକୁ ପଡିବ। ପାକିସ୍ତାନ ନିକଟ ଭବିଷ୍ୟତରେ ସେଗୁଡ଼ିକୁ ହାସଲ କରିପାରେ। ଏପରି ରିପୋର୍ଟ ମଧ୍ୟ ଅଛି ଯେ ସେମାନଙ୍କର ପାଇଲଟମାନେ ପୂର୍ବରୁ ଚୀନରେ ତାଲିମ ନେଉଛନ୍ତି। ଏହା ଚିନ୍ତାର କାରଣ। ତଥାପି ଏହା ଏପରି ସ୍ଥିତି ନୁହେଁ କି ଏହାର ମୁକାବିଲା କରାଯାଇପାରିବ ନାହିଁ? ମୁଁ ଏଥିରେ ସହମତ ହେବି ନାହିଁ ବୋଲି ସେ କହିଛନ୍ତି। ସିଂହ ଜୋର ଦେଇ କହିଛନ୍ତି ଯେ, ଏକ ଲଢୁଆ ବିମାନର ପ୍ରଭାବ କେବଳ ପ୍ଲାଟଫର୍ମ ଉପରେ ନୁହେଁ ବରଂ ଏହା ଅନ୍ୟାନ୍ୟ ସାମରିକ କ୍ଷମତା ସହିତ କେତେ ଭଲ ଭାବରେ ସମନ୍ୱିତ ହୋଇଛି ତାହା ଉପରେ ମଧ୍ୟ ନିର୍ଭର କରେ। ଉଦାହରଣ ସ୍ୱରୂପ, ପାକିସ୍ତାନର ଅନ୍ୟାନ୍ୟ ପ୍ଲାଟଫର୍ମ ଥିଲା, କିନ୍ତୁ ଯେତେବେଳେ ଆମେ ଅପରେସନ ସିନ୍ଦୂର ଆରମ୍ଭ କଲୁ, ସେମାନେ ସେଗୁଡ଼ିକୁ ଅଧିକ ବ୍ୟବହାର କରିପାରିଲେ ନାହିଁ। ଭାରତରେ ପରବର୍ତ୍ତୀ ପିଢ଼ିର ବିମାନ ସାମିଲ କରିବାରେ ଯଦି ବିଳମ୍ବ ହୁଏ ତେବେ ଆମକୁ ଅନ୍ୟ ବିକଳ୍ପ କଥା ଚିନ୍ତା କରିବାକୁ ପଡ଼ିବ ବୋଲି ସେ କହିଛନ୍ତି। ଭାରତକୁ ବାୟୁସେନାରେ ପ୍ରତିବର୍ଷ ୩୬ ରୁ ୪୦ଟି ଲଢୁଆ ବିମାନ ସାମିଲ କରିବାର ଆବଶ୍ୟକତା ରହିଛି। ଯଦି ଏଏମ୍ସିଏ ପଞ୍ଚମ ପିଢ଼ି ବିମାନ ନେଇ ବିଳମ୍ବ ହୁଏ ତେବେ ଆମକୁ ଅନ୍ୟ ବିକଳ୍ପ କଥା ଚିନ୍ତା କରିବାକୁ ପଡ଼ିବ ବୋଲି ବାୟୁସେନା ମୁଖ୍ୟ କହିଛନ୍ତି। ଆଉ ଏକ ପଞ୍ଚମ ପିଢ଼ିର ଲଢୁଆ ବିମାନର ସମ୍ଭାବନା ବିଷୟରେ ସିଂହ କହିଛନ୍ତି ଯେ, ରୁଷ୍ ଭାରତକୁ ଏହାର ଏସ୍ୟୁ-୫୭ ଜେଟ୍ ପ୍ରଦାନ ପାଇଁ ପ୍ରସ୍ତାବ ଦେଇଛି, କିନ୍ତୁ ପ୍ରସ୍ତାବ ଉପରେ ଏପର୍ଯ୍ୟନ୍ତ କୌଣସି ନିଷ୍ପତ୍ତି ନିଆଯାଇ ନାହିଁ। ସିଂହ କହିଛନ୍ତି, ଯୋଜନା ଅନୁଯାୟୀ ସବୁକିଛି ଚାଲେ, ତେବେ ଭାରତ ଚଳିତ ଆର୍ଥିକ ବର୍ଷ ମଧ୍ୟରେ ବହୁ ପ୍ରତୀକ୍ଷିତ ମଲ୍ଟି ରୋଲ୍ ଲଢୁଆ ବିମାନ (ଏମ୍ଆର୍ଏଫ୍ଏ) ଚୁକ୍ତିକୁ ଚୂଡ଼ାନ୍ତ କରିବ।

## ବିଶ୍ୱ ଅର୍ଥନୀତି କେବଳ ବିପଦ ନୁହେଁ, ଅନିଶ୍ଚିତତାର ସାମ୍ନା କରୁଛି: ପି.କେ ମିଶ୍ର



**ନୂଆଦିଲ୍ଲୀ:** ବିଶ୍ୱ ଅର୍ଥନୀତିରେ ଅନିଶ୍ଚିତତା ବଢୁଥିବା ସମୟରେ ଭାରତର ଆର୍ଥିକ ଦୃଢ଼ତା ଘରୋଇ କ୍ଷମତା ବୃଦ୍ଧି, ଯୋଗାଣ ଶୃଙ୍ଖଳର ବିବିଧତା ଏବଂ ବିଶ୍ୱ ଅର୍ଥନୀତି ପ୍ରତି ଖୋଲାପଣ ଉପରେ ନିର୍ଭରଶୀଳ ବୋଲି କହିଛନ୍ତି ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଡ. ପି.କେ. ମିଶ୍ର। ଶନିବାର ନୂଆଦିଲ୍ଲୀରେ ଆୟୋଜିତ ପଞ୍ଚମ କୌଟିଲ୍ୟ ଆର୍ଥିକ ସମ୍ମିଳନୀର 'ଏ ୱାର୍ଲ୍ଡ ପ୍ରାଇସ୍ଡ ଫର୍ ରିସ୍କ' ଅଧିବେଶନରେ ମୁଖ୍ୟ ବକ୍ତବ୍ୟ ରଖି ସେ ଏହି ମତ ଦେଇଛନ୍ତି। ଡ. ମିଶ୍ର କହିଛନ୍ତି, ବର୍ତ୍ତମାନ ବିଶ୍ୱ କେବଳ ଆକଳନ କରିହେଉଥିବା ବିପଦର ସାମ୍ନା କରୁନାହିଁ; ଏପରି ଅନିଶ୍ଚିତତା ମଧ୍ୟରେ ଅଛି, ଯାହାର ସମ୍ଭାବନାକୁ ସଠିକ୍ ଭାବେ ମାପିବା କଷ୍ଟକର। ମହାମାରୀ, ଭୂ-ରାଜନୈତିକ ସଂଘର୍ଷ, ଯୋଗାଣ ଶୃଙ୍ଖଳରେ ବାଧା, ବାଣିଜ୍ୟିକ ପ୍ରତିବନ୍ଧକ ଓ ଦ୍ରୁତ ପରିବର୍ତ୍ତନଶୀଳ ପ୍ରଯୁକ୍ତି ଏହି ଅନିଶ୍ଚିତତାକୁ ଆହୁରି ସ୍ପଷ୍ଟ କରିଛି। ତାଙ୍କ ମତରେ, ପ୍ରଯୁକ୍ତିର ବିକାଶ ଯୋଗୁଁ ଭୂଗୋଳର ଗୁରୁତ୍ୱ କମିଯାଇଛି ବୋଲି ଏକଦା ଧାରଣା ଥିଲା। କିନ୍ତୁ ବର୍ତ୍ତମାନ ଭୂଗୋଳ ପୁଣି ଥରେ ଆର୍ଥିକ ନିଷ୍ପତ୍ତିର କେନ୍ଦ୍ରବିନ୍ଦୁକୁ ଫେରିଛି। କୌଣସି ପ୍ରମୁଖ ଜାହାଜ ଚଳାଚଳ ମାର୍ଗରେ ବାଧା ସୃଷ୍ଟି ହେଲେ ହଜାର ହଜାର କିଲୋମିଟର ଦୂରରେ ଇନ୍ଧନ ମୂଲ୍ୟ ପ୍ରଭାବିତ ହୋଇପାରେ। ସେହିପରି କିଛି ନିର୍ଦ୍ଦିଷ୍ଟ ଅଞ୍ଚଳରେ ଗୁରୁତ୍ୱପୂର୍ଣ୍ଣ ଖଣିଜ ଓ ସେଗୁଡ଼ିକର ପ୍ରକ୍ରିୟାକରଣ କେନ୍ଦ୍ରୀଭୂତ ହେବା ମଧ୍ୟ ନୂଆ ଆର୍ଥିକ ବିପଦ ସୃଷ୍ଟି କରୁଛି। ବିଶ୍ୱରେ ବଢୁଥିବା ଅନିଶ୍ଚିତତାର ପ୍ରଭାବରେ କମ୍ପାନୀଗୁଡ଼ିକ ବିଭିନ୍ନ ଯୋଗାଣକାରୀଙ୍କ ଉପରେ ନିର୍ଭରତା ବଢ଼ାଇବା, ମହଜୁଦ ବ୍ୟବସ୍ଥା ମଜବୁତ କରିବା ଏବଂ ବିକଳ୍ପ ଉତ୍ପାଦନ କ୍ଷମତା ବିକଶିତ କରିବା ଭଳି ପଦକ୍ଷେପ ନେଉଛନ୍ତି। ସରକାରଗୁଡ଼ିକ ମଧ୍ୟ ରଣନୀତିକ ଭଣ୍ଡାର, ଆର୍ଥିକ ସୁରକ୍ଷା ଓ ଗୁରୁତ୍ୱପୂର୍ଣ୍ଣ କ୍ଷମତା ବୃଦ୍ଧି ଉପରେ ଗୁରୁତ୍ୱ ଦେଉଛନ୍ତି। ତେବେ ଦୃଢ଼ତା ହାସଲ କରିବା ପାଇଁ ଅତିରିକ୍ତ ଖର୍ଚ୍ଚ ହୋଇଥାଏ ବୋଲି ଡ. ମିଶ୍ର ସ୍ପଷ୍ଟ କରିଛନ୍ତି। ସମ୍ଭାବ୍ୟ ବାଧାକୁ ଏଡ଼ାଇବା ପାଇଁ ରଣନୀତିକ ଭଣ୍ଡାର, ବିଭିନ୍ନ ଯୋଗାଣକାରୀ ଓ ବିକଳ୍ପ ଯୋଗାଣ ଶୃଙ୍ଖଳ ଗଠନରେ ହେଉଥିବା ଅତିରିକ୍ତ ଖର୍ଚ୍ଚ ବାସ୍ତବରେ କେତେ ଯୁକ୍ତିସଙ୍ଗତ, ତାହା ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଆର୍ଥିକ ପ୍ରଶ୍ନ ବୋଲି ସେ କହିଛନ୍ତି। ଭାରତର ପରିପ୍ରେକ୍ଷୀରେ ସେ କହିଛନ୍ତି, ଦୃଢ଼ତାର ଅର୍ଥ ବିଶ୍ୱରୁ ଅଲଗା ହୋଇଯିବା ନୁହେଁ। ବରଂ ବିଶ୍ୱ ଅର୍ଥନୀତି ପ୍ରତି ଖୋଲା ରହିବା ସହିତ ଅତ୍ୟଧିକ ଅସୁରକ୍ଷିତ ନହେବାର କ୍ଷମତା ହିଁ ପ୍ରକୃତ ଦୃଢ଼ତା। ରଣନୀତିକ କ୍ଷେତ୍ରରେ ଘରୋଇ କ୍ଷମତା ବୃଦ୍ଧି, ଏକମାତ୍ର ଉତ୍ସ ଉପରେ ଅତ୍ୟଧିକ ନିର୍ଭରତା ଥିଲେ ବିବିଧତା ଆଣିବା ଏବଂ ବିଶ୍ୱସ୍ତରୀୟ ଏକୀକରଣ ଯେଉଁଠାରେ ଉତ୍ପାଦକତା ଓ ପ୍ରତିଦ୍ୱନ୍ଦ୍ୱିତା ବଢ଼ାଏ, ସେଠାରେ ଖୋଲାପଣ ବଜାୟ ରଖିବା ଆବଶ୍ୟକ ବୋଲି ସେ ମତ ଦେଇଛନ୍ତି। ଡ. ମିଶ୍ର ଘରୋଇ କ୍ଷମତା ବିକାଶର ଉଦାହରଣ ଭାବେ ଇଲେକ୍ଟ୍ରୋନିକ୍ସ, ସେମିକଣ୍ଡକ୍ଟର ଓ ଔଷଧ ଶିଳ୍ପ ଭଳି ରଣନୀତିକ କ୍ଷେତ୍ରର ଉଲ୍ଲେଖ କରିଥିଲେ। ତାଙ୍କ ମତରେ, ଆତ୍ମନିର୍ଭରତାର ଅର୍ଥ କୌଣସି ପରିସ୍ଥିତିରେ ଆମଦାନୀ କମାଇବା ନୁହେଁ; ବରଂ ଏପରି ପ୍ରତିଯୋଗୀ, ବ୍ୟାପକ ଓ ବିସ୍ତାରଯୋଗ୍ୟ ଉତ୍ପାଦନ କ୍ଷମତା ଗଢ଼ିବା, ଯାହା ଶେଷରେ ବିଶ୍ୱ ବଜାରକୁ ସେବା ଯୋଗାଇପାରିବ।

## ଶାସ୍ତ୍ରୀୟ ଭାଷା ଅଧ୍ୟୟନ ପାଇଁ ୫ 'ସେଣ୍ଟର ଅଫ୍ ଏକ୍ସଲେନ୍ସ'କୁ ମଞ୍ଜୁରୀ

**ନୂଆଦିଲ୍ଲୀ:** ଭାରତର ପ୍ରାଚୀନ ଭାଷା ଓ ସାହିତ୍ୟିକ ଐତିହ୍ୟର ସୁରକ୍ଷା, ଗବେଷଣା ଓ ଡିଜିଟାଇଜେସନ୍‌କୁ ଆହୁରି ସୁଦୃଢ଼ କରିବା ଲକ୍ଷ୍ୟରେ କେନ୍ଦ୍ର ସରକାର ୫ଟି 'ସେଣ୍ଟର ଅଫ୍ ଏକ୍ସଲେନ୍ସ' ପ୍ରତିଷ୍ଠାକୁ ମଞ୍ଜୁରି ଦେଇଛନ୍ତି। କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟର ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ କ୍ଲାସିକାଲ୍ ଆସାମୀ, ବଙ୍ଗଳା, ମରାଠୀ, ପାଲି ଓ ପ୍ରାକୃତ ଭାଷା ଅଧ୍ୟୟନ ପାଇଁ ଏହି କେନ୍ଦ୍ରଗୁଡ଼ିକ ସ୍ଥାପନ ନିଷ୍ପତ୍ତି ନିଆଯାଇଛି। ଏହି ୫ଟି କେନ୍ଦ୍ର ଦେଶର ୫ଟି ରାଜ୍ୟର ଉଚ୍ଚଶିକ୍ଷାନୁଷ୍ଠାନରେ ସ୍ଥାପିତ ହେବ। ଆସାମର ତେଜପୁର ବିଶ୍ୱବିଦ୍ୟାଳୟରେ କ୍ଲାସିକାଲ୍ ଆସାମୀ, ପଶ୍ଚିମବଙ୍ଗର ବିଶ୍ୱଭାରତୀରେ କ୍ଲାସିକାଲ୍ ବଙ୍ଗଳା, ମହାରାଷ୍ଟ୍ରର ପୁଣେସ୍ଥିତ ଡେକାନ୍ କଲେଜ ପୋଷ୍ଟ ଗ୍ରାଜୁଏଟ୍ ଆଣ୍ଡ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍‌ରେ କ୍ଲାସିକାଲ୍ ମରାଠୀ ଏବଂ ଗୁଜରାଟର କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ କ୍ଲାସିକାଲ୍ ପ୍ରାକୃତ ଅଧ୍ୟୟନ କେନ୍ଦ୍ର ରହିବ। ଓଡ଼ିଶାରେ କ୍ଲାସିକାଲ୍ ପାଲି ପାଇଁ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଓଡ଼ିଶାରେ 'ସେଣ୍ଟର ଅଫ୍ ଏକ୍ସଲେନ୍ସ' ପ୍ରତିଷ୍ଠା ହେବ। ଓଡ଼ିଶା ପାଇଁ ଏହି ନିଷ୍ପତ୍ତିକୁ ବିଶେଷ ଗୁରୁତ୍ୱପୂର୍ଣ୍ଣ ମନାଯାଉଛି। ପାଲି ଭାଷା ଅଧ୍ୟୟନ ଓ ଗବେଷଣା ପାଇଁ ରାଜ୍ୟରେ ଏକ ନିର୍ଦ୍ଦିଷ୍ଟ ଶିକ୍ଷା ଓ ଗବେଷଣା କେନ୍ଦ୍ର ଗଠନ ହେବା ଫଳରେ ପ୍ରାଚୀନ ଗ୍ରନ୍ଥ, ଭାଷା ଓ ସାହିତ୍ୟିକ ପରମ୍ପରାର ଅଧ୍ୟୟନକୁ ନୂଆ ଦିଗ ମିଳିବ। ଦେଶର ଜ୍ଞାନ ପରମ୍ପରା ଓ ସଭ୍ୟତା ସହ ପାଲି ଭାଷାର ଗଭୀର ସମ୍ପର୍କ ଥିବାରୁ ଏହି କେନ୍ଦ୍ର ଗବେଷକ ଓ ଛାତ୍ରଛାତ୍ରୀଙ୍କୁ ନୂଆ ସୁଯୋଗ ଦେବ ବୋଲି ଆଶା କରାଯାଉଛି। ମନ୍ତ୍ରଣାଳୟ ଅନୁଯାୟୀ, ଏହି କେନ୍ଦ୍ରଗୁଡ଼ିକରେ ଉନ୍ନତ ଗବେଷଣା, ବିଦ୍ୱତ୍ତାପୂର୍ଣ୍ଣ ଅଧ୍ୟୟନ ଓ ଶିକ୍ଷାଗତ କାର୍ଯ୍ୟକଳାପକୁ ପ୍ରୋତ୍ସାହନ ଦିଆଯିବ। ଏହା ସହ ପ୍ରାଚୀନ ଭାଷା ଓ ସାହିତ୍ୟ ସମ୍ପର୍କିତ ଦଲିଲ, ପାଣ୍ଡୁଲିପି ଓ ଅନ୍ୟାନ୍ୟ ସାମଗ୍ରୀର ସଂରକ୍ଷଣ ଏବଂ ଡିଜିଟାଇଜେସନ୍ ଉପରେ ଗୁରୁତ୍ୱ ଦିଆଯିବ। ଫଳରେ ଭାରତର ସମୃଦ୍ଧ ପାଠ୍ୟ ଓ ଭାଷାଗତ ଐତିହ୍ୟକୁ ଦୀର୍ଘକାଳ ପାଇଁ ସଂରକ୍ଷିତ କରିବା ସମ୍ଭବ ହେବ।

## ତୁର୍କୀରୁ ଭାରତ ଫେରିଲା ନାର୍କୋ ତସ୍କର ନବପ୍ରୀତ ସିଂହ

**ନୂଆଦିଲ୍ଲୀ:** ଅନ୍ତର୍ଜାତୀୟ ନିଶାଦ୍ରବ୍ୟ ଚୋରାଚାଲାଣ ମାମଲାରେ ଅଭିଯୁକ୍ତ ନବପ୍ରୀତ ସିଂହଙ୍କୁ ତୁର୍କୀରୁ ଭାରତକୁ ଫେରାଇ ଅଣାଯାଇଛି। କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଶନିବାର ଏହି ସୂଚନା ଦେବା ସହ ତାଙ୍କୁ ଧରି ଭାରତ ଆଣିବାରେ ସଫଳ ହୋଇଥିବା ସମସ୍ତ ତଦନ୍ତକାରୀ ଓ ସୁରକ୍ଷା ଏଜେନ୍ସିକୁ ଅଭିନନ୍ଦନ ଜଣାଇଛନ୍ତି। ଗୃହମନ୍ତ୍ରୀଙ୍କ ଅନୁଯାୟୀ, ନବପ୍ରୀତ ସିଂହ 'ନବାବ ବିର୍କ' ନାମକ ଏକ ନକଲି ପରିଚୟ ବ୍ୟବହାର କରି ତୁର୍କୀର ନାଗରିକତା ହାସଲ କରିଥିଲେ। ତାଙ୍କ ବିରୋଧରେ ଆଫଗାନିସ୍ତାନରୁ ଭାରତକୁ ହେରୋଇନ୍ ଓ ମେଥାମ୍ଫେଟାମିନ୍ ଚୋରାଚାଲାଣ ସହ ସମ୍ପୃକ୍ତ ଥିବାର ଅଭିଯୋଗ ରହିଛି। ଭାରତୀୟ ଏଜେନ୍ସିଗୁଡ଼ିକ ତାଙ୍କ ପ୍ରକୃତ ପରିଚୟ ଚିହ୍ନଟ କରିବା ପରେ ତୁର୍କୀ କର୍ତ୍ତୃପକ୍ଷଙ୍କ ସହଯୋଗରେ ତାଙ୍କୁ ଦେଶକୁ ଫେରାଇ ଆଣିଥିବା କୁହାଯାଇଛି। ଭାରତ ଫେରିବା ପରେ ନବପ୍ରୀତଙ୍କୁ ନିଶାଦ୍ରବ୍ୟ ଚୋରାଚାଲାଣ ଓ ଅନ୍ୟାନ୍ୟ ଅପରାଧ ସମ୍ପର୍କିତ ମାମଲାରେ ହେପାଜତକୁ ନିଆଯାଇଛି। ତାଙ୍କ ବିରୋଧରେ ପଞ୍ଜାବ ଓ ଦିଲ୍ଲୀରେ ମାମଲା ଥିବା ନେଇ ମଧ୍ୟ ରିପୋର୍ଟ ପ୍ରକାଶ ପାଇଛି। ଏହି ଘଟଣାକୁ ନିଶାଦ୍ରବ୍ୟ ଚୋରାଚାଲାଣ ବିରୋଧୀ ଅଭିଯାନରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଭାବେ ସରକାର ବର୍ଣ୍ଣନା କରିଛି।

## ରାଜସ୍ଥାନରେ ପବନ-ସୌର ହାଇବ୍ରିଡ୍ ନବୀକରଣଯୋଗ୍ୟ ଶକ୍ତି ପ୍ରକଳ୍ପ ପାଇଁ ସହଭାଗିତା



**ଜୟପୁର:** ନୁଭୋକୋ ଭିଷ୍ଟାସ୍ କର୍ପୋରେସନ୍ ଲିମିଟେଡ୍, ରାଜସ୍ଥାନରେ ଏକ ୪୬.୪ ମେଗାୱାଟ୍ ବିଶିଷ୍ଟ ପବନ-ସୌର ହାଇବ୍ରିଡ୍ ନବୀକରଣଯୋଗ୍ୟ ଶକ୍ତି ପ୍ରକଳ୍ପ ପାଇଁ କ୍ଲିନ୍ ମ୍ୟାକ୍ସ ଏନଭାୟରୋ ଏନର୍ଜି ସଲ୍ୟୁସନ୍ସ ଲିମିଟେଡ ସହିତ ହାତ ମିଳାଇଛି। ଏହି ପଦକ୍ଷେପ ନୁଭୋକୋର ସିମେଣ୍ଟ ଉତ୍ପାଦନ କାର୍ଯ୍ୟରେ ସ୍ୱଚ୍ଛ ବିଜୁଳି ଯୋଗାଇବାରେ ସାହାଯ୍ୟ କରିବ ଏବଂ କମ୍ପାନୀର ଦୀର୍ଘକାଳୀନ ନବୀକରଣଯୋଗ୍ୟ ଶକ୍ତି ତଥା ଅଙ୍ଗାରକାମ୍ଳ ହ୍ରାସ ଯୋଜନାକୁ ଅଧିକ ମଜଭୁତ କରିବ।

ଏହି ପ୍ରକଳ୍ପ ଅନ୍ତର୍ଗତ ୨୦ ମେଗାୱାଟ୍ ପବନ ଶକ୍ତି କ୍ଷମତା ଏବଂ ୨୬.୪ ମେଗାୱାଟ୍ (ଡିସି) ସୌର ଶକ୍ତି କ୍ଷମତା ସହିତ ଏକ ୨ ଏମଡବ୍ଲୁଏଚ ବିଶିଷ୍ଟ ବ୍ୟାଟେରୀ ଏନର୍ଜି ଷ୍ଟୋରେଜ୍ ସିଷ୍ଟମ୍ ମଧ୍ୟ ସାମିଲ ରହିବ। ଥରେ କାର୍ଯ୍ୟକ୍ଷମ ହୋଇଗଲା ପରେ, ଏହି ହାଇବ୍ରିଡ୍ ପ୍ରକଳ୍ପରୁ ବାର୍ଷିକ ପ୍ରାୟ ୧୦ କୋଟି ୟୁନିଟ୍ ସବୁଜ ବିଜୁଳି ଉତ୍ପାଦିତ ହେବାର ଆଶା କରାଯାଉଛି, ଯାହା ନୁଭୋକୋର ଦୀର୍ଘକାଳୀନ ଶକ୍ତି ଏବଂ ସ୍ଥାୟୀ ବିକାଶ ଲକ୍ଷ୍ୟକୁ ପୂରଣ କରିବାରେ ସାହାଯ୍ୟ କରିବ।

ଏହି ପଦକ୍ଷେପ ବିଷୟରେ ନୁଭୋକୋ ଭିଷ୍ଟାସ୍ କର୍ପୋରେସନ୍ ଲିମିଟେଡ୍ର ପରିଚାଳନା ନିର୍ଦ୍ଦେଶକ ଜୟକୁମାର କୃଷ୍ଣସ୍ୱାମୀ କହିଛନ୍ତି, "କ୍ଲିନମ୍ୟାକ୍ସ ସହିତ ଆମର ଏହି ସହଭାଗୀତା ରାଜସ୍ଥାନରେ ଆମର କାର୍ଯ୍ୟକ୍ଷେତ୍ରରେ ସବୁଜ ଶକ୍ତିର ଭାଗକୁ ବଢ଼ାଇବ, ଆମର ଶକ୍ତି ବ୍ୟବସ୍ଥାକୁ ସୁଦୃଢ଼ କରିବ, ଦୀର୍ଘକାଳୀନ ଖର୍ଚ୍ଚ ହ୍ରାସ କରିବାରେ ସହାୟକ ହେବ ଏବଂ ପାରମ୍ପରିକ ବିଜୁଳି ଉତ୍ସ ଉପରେ ଆମର ନିର୍ଭରଶୀଳତାକୁ କମାଇବ।" କ୍ଲିନମ୍ୟାକ୍ସର ପ୍ରତିଷ୍ଠାତା ତଥା ପରିଚାଳନା ନିର୍ଦ୍ଦେଶକ କୁଳଦୀପ ଜୈନ କହିଛନ୍ତି, "ଏହି ପବନ-ସୌର ହାଇବ୍ରିଡ୍ ପ୍ରକଳ୍ପଟି ସ୍ୱଚ୍ଛ ଶକ୍ତି ଦିଗରେ କମ୍ପାନୀର କାର୍ଯ୍ୟଧାରାକୁ ଆଗେଇନେବ।

# ହର୍ମୁଜ୍‌ରେ କୁଏତ୍ ତୈଳବାହୀ ଜାହାଜ ଉପରେ ଆକ୍ରମଣ

## ୫ ଭାରତୀୟ ନାବିକ ଉଦ୍ଧାର



**ନୂଆଦିଲ୍ଲୀ :** ହର୍ମୁଜ୍ ପ୍ରଣାଳୀରେ ଏକ ପ୍ରକ୍ଷେପାସ୍ତ୍ର ମାଡ଼ରେ କୁଏତ୍ ପତାକାଧାରୀ ତୈଳବାହୀ ଜାହାଜ 'ଏମ୍‌ଟି କାଜିମା-୩' କ୍ଷତିଗ୍ରସ୍ତ ହେବା ପରେ ଏଥିରେ ଥିବା ୫ ଜଣ ଭାରତୀୟ ନାଗରିକଙ୍କୁ ଉଦ୍ଧାର କରାଯାଇଛି। ଶନିବାର ଓମାନସ୍ଥିତ ଭାରତୀୟ ଦୂତାବାସ ଏହି ସୂଚନା ଦେଇଛି। ଉଦ୍ଧାର ପରେ ସମସ୍ତ ଭାରତୀୟଙ୍କୁ ସୁରକ୍ଷିତ ଭାବେ ସ୍ଥଳଭାଗକୁ ଅଣାଯାଇଛି। ଦୂତାବାସ ପକ୍ଷରୁ ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ କୁହାଯାଇଛି ଯେ, ଜାହାଜରେ ଥିବା ୫ ଭାରତୀୟଙ୍କ ଉଦ୍ଧାର କାର୍ଯ୍ୟକୁ ଭାରତୀୟ ମିଶନ ସମନ୍ୱୟ କରିଥିଲା। ଏହି ଅଭିଯାନରେ ସହଯୋଗ ପାଇଁ ଓମାନ କର୍ତ୍ତୃପକ୍ଷଙ୍କୁ ଦୂତାବାସ ଧନ୍ୟବାଦ ଜଣାଇଛି। ତେବେ ଜାହାଜଟି ଉପରେ ହୋଇଥିବା ଆକ୍ରମଣର ପ୍ରକୃତ କାରଣ କିମ୍ବା ଅନ୍ୟାନ୍ୟ ବିବରଣୀ ସମ୍ପର୍କରେ ଦୂତାବାସ ପକ୍ଷରୁ କିଛି କୁହାଯାଇନାହିଁ। ଉପସାଗରୀୟ ଅଞ୍ଚଳରେ ଉତ୍ତେଜନା ବୃଦ୍ଧି ପାଉଥିବା ସମୟରେ ଏହି ଘଟଣା ଘଟିଛି। ପଶ୍ଚିମ ଏସିଆରେ ଉତ୍ତେଜନା ବୃଦ୍ଧି ପାଇବା ପରଠାରୁ ଭାରତୀୟ ନାବିକ ଥିବା ଏକାଧିକ ବାଣିଜ୍ୟିକ ଜାହାଜ ଆକ୍ରମଣର ଶିକାର ହୋଇଛି। ଏହାକୁ ନେଇ ଭାରତୀୟ ନାବିକଙ୍କ ସୁରକ୍ଷା ଉପରେ ଚିନ୍ତା ବଢ଼ିଛି। ସେପ୍ଟେମ୍ବର ୨୦ରେ ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟସ୍ୱାଲ କହିଥିଲେ ଯେ, ହର୍ମୁଜ୍ ପ୍ରଣାଳୀର ପଶ୍ଚିମ ପାର୍ଶ୍ୱରେ ଥିବା ପାରସ୍ୟ ଉପସାଗର ଅଞ୍ଚଳରେ ଭାରତୀୟ ପତାକାଧାରୀ ୬ଟି ଜାହାଜ ଏବଂ ଭାରତକୁ ସାମଗ୍ରୀ ପରିବହନ କରୁଥିବା ୬ଟି ବିଦେଶୀ ପତାକାଧାରୀ ଜାହାଜ ରହିଛି। ଏହି ୧୨ଟି ଜାହାଜରେ ପ୍ରାୟ ୧୬୩ ଜଣ ଭାରତୀୟ ନାବିକ କାର୍ଯ୍ୟରତ ଅଛନ୍ତି। ଏହାବ୍ୟତୀତ ଉକ୍ତ ଅଞ୍ଚଳରେ ଚଳାଚଳ କରୁଥିବା ବିଭିନ୍ନ ବାଣିଜ୍ୟିକ ଜାହାଜରେ ୪,୫୦୦ରୁ ଅଧିକ ଭାରତୀୟ ନାବିକ ରହିଛନ୍ତି। ଜାହାଜଗୁଡ଼ିକର ଗତିବିଧି ଏବଂ ନାବିକଙ୍କ ସୁରକ୍ଷା ଉପରେ ନୌପରିବହନ ମନ୍ତ୍ରଣାଳୟ ନଜର ରଖିଛି। ଆବଶ୍ୟକ ସ୍ଥଳେ ଭାରତୀୟ ଦୂତାବାସ ଓ ଅନ୍ୟ ସମ୍ପୃକ୍ତ ସଂସ୍ଥାଗୁଡ଼ିକର ସହଯୋଗରେ ନାବିକମାନଙ୍କ ସୁରକ୍ଷା ଓ କଲ୍ୟାଣ ପାଇଁ ପଦକ୍ଷେପ ନିଆଯାଉଥିବା ଜୟସ୍ୱାଲ କହିଥିଲେ।

# ଐତିହାସିକ ସଫଳତାରେ ଅଭିଯାନ ଶେଷ

## ଏସିଆନ୍ ଗେମ୍ସ

ଏସିଆଡର ଅନ୍ତିମ ଦିନ ଭାରତୀୟ କ୍ରୀଡ଼ା ପାଇଁ ପାଲଟିଗଲା ସୁବର୍ଣ୍ଣ ଅଧ୍ୟାୟ। ହକି, କ୍ରିକେଟ୍, କୁସ୍ତି, ଗଲ୍ଫ ଓ ତୀରନ୍ଦାଜୀ—ପାଞ୍ଚଟି ଭିନ୍ନ ଖେଳରେ ଭାରତୀୟ କ୍ରୀଡ଼ାବିତମାନେ ସ୍ୱର୍ଣ୍ଣ ପଦକ ଜିତି ଏସିଆଡ୍ ଅଭିଯାନକୁ ଚମକଦାର ଭାବେ ଶେଷ କରିଛନ୍ତି। ଶନିବାରର ଏହି ସଫଳତା ଭାରତର ପଦକ ତାଲିକାକୁ ୨୧ ସ୍ୱର୍ଣ୍ଣ ସହ ମୋଟ ୮୫ ପଦକରେ ପହଞ୍ଚାଇଛି। ଭାରତର ପଦକ ତାଲିକାରେ ୨୧ ସ୍ୱର୍ଣ୍ଣ, ୨୭ ରୌପ୍ୟ ଓ ୩୭ କାଂସ୍ୟ ରହିଛି। ଦିନର ଶେଷ ସ୍ୱର୍ଣ୍ଣ ଆସିଥିଲା ହକିରୁ। ପୁରୁଷ ହକି ଫାଇନାଲରେ ଭାରତ ମାଲେସିଆକୁ ୫-୧ ଗୋଲରେ ପରାସ୍ତ କରି ଟାଇଟଲ୍ ବଜାୟ ରଖିଛି। ଅଧିନାୟକ ହରମନପ୍ରୀତ ସିଂହ ଦୁଇଟି ଗୋଲ୍ କରିଥିବା ବେଳେ ଜୁଗରାଜ ସିଂହ, ହାର୍ଦ୍ଦିକ ସିଂହ ଓ ଶିଳାନନ୍ଦ ଲାକ୍ରା ଗୋଟିଏ ଲେଖାଏଁ ଗୋଲ୍ କରିଥିଲେ। ଏହି ବିଜୟ ସହ ଭାରତ ୨୦୨୮ ଲସ୍ ଏଞ୍ଜେଲସ୍ ଅଲିମ୍ପିକ୍ସ ପାଇଁ ସିଧାସଳଖ ଯୋଗ୍ୟତା ହାସଲ କରିଛି। କ୍ରିକେଟରେ ମଧ୍ୟ ଭାରତ ନିଜ ଟାଇଟଲ୍ ବଜାୟ ରଖିଛି। ପୁରୁଷ ଟି-୨୦ ଫାଇନାଲ୍ରେ ପାକିସ୍ତାନକୁ ୧୯ ରନରେ ହରାଇ ଭାରତ ସ୍ୱର୍ଣ୍ଣ ଜିତିଛି। ଅଭିଷେକ ଶର୍ମାଙ୍କ ୬୧ ରନ୍ ଓ ତିଲକ ବର୍ମାଙ୍କ ଅପରାଜିତ ୫୧ ରନ୍ ବଳରେ ଭାରତ ୨୧୧/୬ ରନ୍ କରିଥିଲା। ପାକିସ୍ତାନ ୧୯୨/୬ରେ ସୀମିତ ରହିଥିଲା।

କୁସ୍ତିରେ ଅମନ ସେରାୱତ ୫୭ କେଜି ଫ୍ରିଷ୍ଟାଇଲ୍ରେ ସ୍ୱର୍ଣ୍ଣ ଜିତିଥିବା ବେଳେ ଅନ୍ତିମ ପଙ୍ଘାଲଙ୍କୁ ରୌପ୍ୟରେ ସନ୍ତୁଷ୍ଟ ହେବାକୁ ପଡ଼ିଛି। ଗଲ୍ଫରେ ପ୍ରଣବୀ ଉର୍ସ ଭାରତୀୟ ମହିଳା ଭାବେ ଏସିଆଡର ବ୍ୟକ୍ତିଗତ ଗଲ୍ଫ ସ୍ୱର୍ଣ୍ଣ ଜିତି ଇତିହାସ ରଚିଛନ୍ତି। ଅନ୍ୟପକ୍ଷରେ ତୀରନ୍ଦାଜୀରେ ୧୭ ବର୍ଷୀୟା କୁମକୁମ ମୋହୋଡ୍ ଦକ୍ଷିଣ କୋରିଆର ଓହ୍ ୟେଜିନକୁ ସୁଟ୍ଆଉଟରେ ହରାଇ ମହିଳା ବ୍ୟକ୍ତିଗତ ରିକର୍ଭରେ ଭାରତ ପାଇଁ ପ୍ରଥମ ଏସିଆଡ୍ ସ୍ୱର୍ଣ୍ଣ ଜିତିଛନ୍ତି। ହକି ଓ କ୍ରିକେଟରେ ସ୍ୱର୍ଣ୍ଣ, ଗଲ୍ଫ ଓ ରିକର୍ଭରେ ଐତିହାସିକ ବ୍ୟକ୍ତିଗତ ସଫଳତା ଏବଂ କୁସ୍ତିର ପଦକ ଭାରତର ଏହି ଏସିଆଡ୍ ଅଭିଯାନର ଶେଷ ଦିନକୁ ଗୌରବମୟ କରିଛି।



## ମହିଳା ହକି ଦଳକୁ ମୁଖ୍ୟମନ୍ତ୍ରୀଙ୍କ ପୁରସ୍କାର: ପ୍ରତି ଖେଳାଳିଙ୍କୁ ୧୧ ଲକ୍ଷ

ଭୁବନେଶ୍ୱର,୩।୧୦(ସବ୍ୟୁ): ଏସିଆନ୍ ଗେମ୍ସ-୨୦୨୬ରେ ଐତିହାସିକ ସ୍ୱର୍ଣ୍ଣପଦକ ଜିତିଥିବା ଭାରତୀୟ ମହିଳା ହକି ଦଳ ପାଇଁ ପୁରସ୍କାର ଘୋଷଣା କରିଛନ୍ତି ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଦଳର ପ୍ରତ୍ୟେକ ଖେଳାଳିଙ୍କୁ ୧୧ ଲକ୍ଷ ଟଙ୍କା ଏବଂ ପ୍ରତ୍ୟେକ ସହାୟକ କର୍ମଚାରୀଙ୍କୁ ୫.୫ ଲକ୍ଷ ଟଙ୍କା ଲେଖାଏଁ ନଗଦ ପୁରସ୍କାର ଦିଆଯିବ। ଏସିଆନ୍ ଗେମ୍ସର ମହିଳା ହକି ଫାଇନାଲରେ ଭାରତ ୧-୦ ଗୋଲରେ ଚୀନ୍କୁ ପରାସ୍ତ କରି ସ୍ୱର୍ଣ୍ଣପଦକ ଜିତିଛି। ଏହା ସହିତ ଭାରତୀୟ ମହିଳା ହକି ଦଳ ୪୪ ବର୍ଷ ପରେ ଏସିଆନ୍ ଗେମ୍ସରେ ପୁଣି ଥରେ ସ୍ୱର୍ଣ୍ଣ ଜିତିବାର ସଫଳତା ହାସଲ କରିଛି। ଏହି ବିଜୟ ଫଳରେ ଭାରତୀୟ ଦଳ ୨୦୨୮ ଲସ୍ ଏଞ୍ଜେଲସ୍ ଅଲିମ୍ପିକ୍ସ ପାଇଁ ମଧ୍ୟ ସିଧାସଳଖ ଯୋଗ୍ୟତା ହାସଲ କରିଛି। ମୁଖ୍ୟମନ୍ତ୍ରୀ ମାଝୀ ଭାରତୀୟ ମହିଳା ହକି ଦଳକୁ ଅଭିନନ୍ଦନ ଜଣାଇବା ସହ ଖେଳାଳିମାନଙ୍କ ଉତ୍କୃଷ୍ଟ ପ୍ରଦର୍ଶନ, ଦୃଢ଼ ସଂକଳ୍ପ ଓ ପ୍ରତିବଦ୍ଧତାକୁ ପ୍ରଶଂସା କରିଛନ୍ତି। ଦଳର ଏହି ସଫଳତା ଦେଶ ପାଇଁ ଗର୍ବର ବିଷୟ ବୋଲି ସେ କହିଛନ୍ତି। ଭାରତୀୟ ହକିର ବିକାଶ ଓ ଖେଳାଳିଙ୍କୁ ପ୍ରୋତ୍ସାହନ ଦେବାରେ ଓଡ଼ିଶା ସରକାର ନିଜର ସହଯୋଗ ଜାରି ରଖିବେ ବୋଲି ମୁଖ୍ୟମନ୍ତ୍ରୀଙ୍କ ପକ୍ଷରୁ କୁହାଯାଇଛି। ଉଲ୍ଲେଖଯୋଗ୍ୟ, ଖେଳାଳିଙ୍କ ପାଇଁ ଘୋଷିତ ଏହି ପୁରସ୍କାର ହକି ଇଣ୍ଡିଆ ପକ୍ଷରୁ ଘୋଷିତ ପୁରସ୍କାର ବ୍ୟତୀତ ଅତିରିକ୍ତ ବୋଲି ଓଡ଼ିଶା କ୍ରୀଡ଼ା ବିଭାଗର ସଚିବ ଭୂପେନ୍ଦ୍ର ସିଂହ ପୁନିଆ ସୂଚନା ଦେଇଛନ୍ତି।



## ଗଲ୍ଫରେ ଇତିହାସ ରଚିଲେ ପ୍ରଣବୀ



ଏସିଆନ୍ ଗେମ୍ସରେ ଭାରତୀୟ ଗଲ୍ଫ ପାଇଁ ଶନିବାର ଆସିଛି ଐତିହାସିକ ସଫଳତା। ମହିଳା ବ୍ୟକ୍ତିଗତ ଗଲ୍ଫରେ ସ୍ୱର୍ଣ୍ଣ ପଦକ ଜିତି ନୂଆ ଇତିହାସ ରଚିଛନ୍ତି ପ୍ରଣବୀ ଶରତ ଉର୍ସ। ଏସିଆଡ୍ ଇତିହାସରେ ବ୍ୟକ୍ତିଗତ ଗଲ୍ଫରେ ସ୍ୱର୍ଣ୍ଣ ଜିତିବାରେ ସେ ପ୍ରଥମ ଭାରତୀୟ ମହିଳା ଗଲ୍ଫର ହୋଇଛନ୍ତି। ୨୩ ବର୍ଷୀୟ ପ୍ରଣବୀ ଚାରି ରାଉଣ୍ଡରେ ୧୫-ଅଣ୍ଡର ୨୬୫ ସ୍କୋର କରି ମାତ୍ର ଗୋଟିଏ ଷ୍ଟ୍ରୋକ୍ ବ୍ୟବଧାନରେ ସ୍ୱର୍ଣ୍ଣ ଜିତିଛନ୍ତି। ଫାଇନାଲ ରାଉଣ୍ଡ ପୂର୍ବରୁ ପ୍ରଣବୀଙ୍କ ହାତରେ ଥିଲା ତିନି ଷ୍ଟ୍ରୋକ୍ର ଅଗ୍ରଣୀ। ତେବେ ତୃତୀୟ ହୋଲ୍ରେ ଟ୍ରିପଲ୍ ବୋଗି ଯୋଗୁଁ ତାଙ୍କ ଅଗ୍ରଣୀ ଶେଷ ହୋଇଯାଇଥିଲା। ଏହି ଚାପପୂର୍ଣ୍ଣ ସମୟରେ ମଧ୍ୟ ପ୍ରଣବୀ ଧୈର୍ଯ୍ୟ ହରାଇନଥିଲେ। ଷଷ୍ଠ, ଦଶମ ଓ ୧୩ତମ ହୋଲ୍ରେ ତିନିଟି ବାର୍ଡି କରି ସେ ପୁଣି ଲଢ଼େଇକୁ ନିଜ ନିୟନ୍ତ୍ରଣକୁ ଆଣିଥିଲେ। ଶେଷ ରାଉଣ୍ଡରେ ଇଭେନ୍-ପାର୍ ୭୦ ସ୍କୋର କରି ମୋଟ ୨୬୫ରେ ପହଞ୍ଚିଥିଲେ। ଚୀନ୍ର ୟିନ୍ ରୁଓନିଙ୍ଗ୍ ଓ ସିଙ୍ଗାପୁରର ଶାନନ୍ ଟାନ୍ ୧୪-ଅଣ୍ଡର ୨୬୬ ସ୍କୋର ସହ ପ୍ରଣବୀଙ୍କ ପଛରେ ରହିଥିଲେ। ଫଳରେ ଗୋଟିଏ ଷ୍ଟ୍ରୋକ୍ର ସାମାନ୍ୟ ବ୍ୟବଧାନ ପ୍ରଣବୀଙ୍କୁ ଐତିହାସିକ ସ୍ୱର୍ଣ୍ଣ ଦେଇଥିଲା। ପ୍ରଣବୀଙ୍କ ସ୍ୱର୍ଣ୍ଣ ସହ ଏସିଆଡ୍ ଗଲ୍ଫରେ ଭାରତର ଦୀର୍ଘ ୨୪ ବର୍ଷର ଅପେକ୍ଷା ମଧ୍ୟ ଶେଷ ହୋଇଛି। ୨୦୦୨ରେ ଶିବ କପୁର ପୁରୁଷ ବ୍ୟକ୍ତିଗତ ବିଭାଗରେ ସ୍ୱର୍ଣ୍ଣ ଜିତିଥିଲେ। ଏହାପରେ ଏବେ ପ୍ରଣବୀ ଭାରତ ପାଇଁ ଗଲ୍ଫରେ ବ୍ୟକ୍ତିଗତ ସ୍ୱର୍ଣ୍ଣ ଆଣିଛନ୍ତି। ବ୍ୟକ୍ତିଗତ ସ୍ୱର୍ଣ୍ଣ ସହ ପ୍ରଣବୀ ଭାରତୀୟ ମହିଳା ଦଳକୁ ମଧ୍ୟ ରୌପ୍ୟ ପଦକ ଜିତାଇବାରେ ପ୍ରମୁଖ ଭୂମିକା ନେଇଛନ୍ତି। ଅଦିତି ଅଶୋକ ଓ ଦୀକ୍ଷା ଡାଗରଙ୍କ ସହ ଭାରତୀୟ ଦଳ ୧୪-ଅଣ୍ଡର ୫୪୬ ସ୍କୋର କରି ରୌପ୍ୟ ହାସଲ କରିଛି। ଚୀନ୍ ୨୨-ଅଣ୍ଡର ୫୩୮ ସହ ସ୍ୱର୍ଣ୍ଣ ଜିତିଛି। ପ୍ରଣବୀଙ୍କ ଏହି ସଫଳତା ଭାରତୀୟ ଗଲ୍ଫ ଇତିହାସରେ ଏକ ନୂଆ ଅଧ୍ୟାୟ ଯୋଡ଼ିଛି। ଏସିଆଡ୍ରେ ତାଙ୍କ ଐତିହାସିକ ସ୍ୱର୍ଣ୍ଣ ଆଗାମୀ ପିଢ଼ିର ଭାରତୀୟ ମହିଳା ଗଲ୍ଫରଙ୍କ ପାଇଁ ମଧ୍ୟ ପ୍ରେରଣା ହେବ।

## ଏସିଆଡରେ ମାଟି କାମୁଡ଼ିଲା ପାକିସ୍ତାନ

### ଭାରତକୁ କ୍ରମାଗତ ସ୍ୱର୍ଣ୍ଣ

ଏସିଆଡ୍ କ୍ରିକେଟରେ ପୁଣି ଭାରତର ସ୍ୱର୍ଣ୍ଣିମ ସଫଳତା। ଜାପାନରେ ଚାଲିଥିବା ଏସିଆନ୍ ଗେମ୍ସ-୨୦୨୬ର ପୁରୁଷ ଟି-୨୦ କ୍ରିକେଟ୍ ଫାଇନାଲରେ ପାକିସ୍ତାନକୁ ୧୯ ରନ୍ରେ ପରାସ୍ତ କରି ଭାରତ ଲଗାତାର ଦ୍ୱିତୀୟଥର ପାଇଁ ସ୍ୱର୍ଣ୍ଣ ପଦକ ଜିତିଛି। କୋରୋଗି ସ୍ପୋର୍ଟ୍ସ ପାର୍କରେ ଭାରତ ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୬ ୱିକେଟ୍ ହରାଇ ୨୧୧ ରନ୍ କରିଥିଲା। ଜବାବରେ ପାକିସ୍ତାନ ୬ ୱିକେଟ୍ରେ ୧୯୨ ରନ୍ କରିପାରିଥିଲା।

ଟସ୍ ଜିତି ଭାରତୀୟ ଅଧିନାୟକ ଶ୍ରେୟସ ଆୟର ପ୍ରଥମେ ବ୍ୟାଟିଂ କରିବାର ନିଷ୍ପତ୍ତି ନେଇଥିଲେ। ଭାରତର ଇନିଂସ୍କୁ ଧୂଆଁଧାର ଆରମ୍ଭ ଦେଇଥିଲେ ଅଭିଷେକ ଶର୍ମା। ସେ ମାତ୍ର ୨୮ ବଲ୍ରୁ ୬୧ ରନର ଆକ୍ରମଣାତ୍ମକ ଇନିଂସ୍ ଖେଳିଥିଲେ। ତାଙ୍କ ଇନିଂସ୍ରେ ୩ଟି ଚୌକା ସହ ୭ଟି ଛକା ରହିଥିଲା। ତାଙ୍କ ବିସ୍ଫୋରକ ବ୍ୟାଟିଂ ଭାରତକୁ ଆରମ୍ଭରୁ ବଡ଼ ସ୍କୋର୍ ଆଡ଼କୁ ନେଇଥିଲା। ଅଭିଷେକଙ୍କ ପରେ ଭାରତୀୟ ଇନିଂସ୍କୁ ମଜଭୁତ କରିଥିଲେ ତିଲକ ବର୍ମା। ସେ ଅପରାଜିତ ୫୧ ରନ୍ କରିଥିଲେ। ଶିବମ ଦୁବେ ମଧ୍ୟ ଉପଯୋଗୀ ରନ୍ ଯୋଗ କରିଥିଲେ। ଫଳରେ ଭାରତ ୨୧୧ ରନ୍ର ଲଢ଼ୁଆ ସ୍କୋର୍ ଛିଡ଼ା କରିଥିଲା। ୨୧୨ ରନ୍ର ବିଜୟ ଲକ୍ଷ୍ୟ ନେଇ ପାକିସ୍ତାନ ପଡ଼ିଆକୁ ଓହ୍ଲାଇଥିଲା। ଆରମ୍ଭରୁ ଭାରତୀୟ ବୋଲର୍ମାନେ ଚାପ ସୃଷ୍ଟି କରିଥିଲେ। ତେବେ ହସନ ନୱାଜ ଭାରତୀୟ ବୋଲିଂକୁ ପ୍ରତିହତ କରି ୯୬ ରନ୍ର ଦମଦାର ଇନିଂସ୍ ଖେଳିଥିଲେ। ତାଙ୍କ ପ୍ରୟାସରେ ପାକିସ୍ତାନ ଶେଷ ପର୍ଯ୍ୟନ୍ତ ଲଢ଼େଇରେ ରହିଥିଲା। କିନ୍ତୁ ଭାରତୀୟ ବୋଲର୍ମାନେ ନିର୍ଣ୍ଣାୟକ ସମୟରେ ପାକିସ୍ତାନର ରନ୍ ଗତିକୁ ନିୟନ୍ତ୍ରଣ କରିଥିଲେ। ଶେଷରେ ପାକିସ୍ତାନ ୧୯୨/୬ରେ ସୀମିତ ହୋଇଥିଲା। ଏହି ବିଜୟ ସହ ଭାରତ ଏସିଆଡ୍ ପୁରୁଷ କ୍ରିକେଟ୍ରେ ନିଜ ଟାଇଟଲ୍କୁ ସଫଳତାର ସହ ରକ୍ଷା କରିଛି। ହାଙ୍ଗଝୌ ଏସିଆଡରେ ଜିତିଥିବା ସ୍ୱର୍ଣ୍ଣକୁ ଭାରତ ଏଥର ମଧ୍ୟ ବଜାୟ ରଖିଛି। ଏହା ଭାରତୀୟ ପୁରୁଷ କ୍ରିକେଟ୍ ଦଳର ଏସିଆଡରେ କ୍ରମାଗତ ଦ୍ୱିତୀୟ ସ୍ୱର୍ଣ୍ଣ। ଫାଇନାଲରେ ଭାରତ ଓ ପାକିସ୍ତାନ ମଧ୍ୟରେ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ଦେଖାଯାଇଥିଲେ ମଧ୍ୟ ମ୍ୟାଚର ମୁଖ୍ୟ ଫୋକସ୍ କ୍ରିକେଟ୍ ଉପରେ ରହିଥିଲା। ଟସ୍ ସମୟରେ ଦୁଇ ଅଧିନାୟକ ଶ୍ରେୟସ ଆୟର ଓ ସାହିବଜାଦା ଫରହାନଙ୍କ ମଧ୍ୟରେ ପାରମ୍ପରିକ ହାତମିଳାଣି ହୋଇନଥିଲା। ମ୍ୟାଚ୍ ଶେଷରେ ଭାରତୀୟ ଖେଳାଳିମାନେ ଜାତୀୟ ପତାକା ଧରି ବିଜୟ ଉତ୍ସବ ପାଳନ କରିଥିଲେ। ଏହି ସ୍ୱର୍ଣ୍ଣ ସହ ଏସିଆଡ୍-୨୦୨୬ରେ ଭାରତର ପଦକ ଅଭିଯାନ ଆହୁରି ମଜଭୁତ ହୋଇଛି। ପାକିସ୍ତାନ ରୌପ୍ୟ ଏବଂ ଶ୍ରୀଲଙ୍କା କାଂସ୍ୟ ପଦକ ହାସଲ କରିଛି।

## ଅମନଙ୍କ ସ୍ୱର୍ଣ୍ଣ, ଅନ୍ତିମଙ୍କ ରୌପ୍ୟ

ଏସିଆଡ୍-୨୦୨୬ରେ ଭାରତୀୟ କୁସ୍ତି ଦଳ ପାଇଁ ଶନିବାର ଦିନଟି ସଫଳତା ଓ ଲଢ଼େଇର ସନ୍ଦେଶ ଦେଇଛି। ପୁରୁଷ ୫୭ କିଲୋଗ୍ରାମ୍ ଫ୍ରିଷ୍ଟାଇଲ୍ ବର୍ଗରେ ଅମନ ସେହରାୱତ ସ୍ୱର୍ଣ୍ଣ ପଦକ ଜିତିଥିବା ବେଳେ ମହିଳା ୫୩ କିଲୋଗ୍ରାମ୍ ବର୍ଗରେ ଅନ୍ତିମ ପାଂଘାଲ ରୌପ୍ୟ ପଦକ ହାସଲ କରିଛନ୍ତି। ଫାଇନାଲରେ ଅମନ ଉତ୍ତର କୋରିଆର ବିଶ୍ୱ ଚାମ୍ପିଅନ୍ ହାନ୍ ଚୋଙ୍ଗ ସଙ୍ଗଙ୍କୁ ୧୧-୭ରେ ପରାସ୍ତ କରି ସ୍ୱର୍ଣ୍ଣ ଜିତିଛନ୍ତି। ମ୍ୟାଚର ଏକ ସମୟରେ ଅମନ ୬-୭ରେ ପଛୁଆ ଥିଲେ। କିନ୍ତୁ ନିର୍ଣ୍ଣାୟକ ସମୟରେ ଚମତ୍କାର ପ୍ରତ୍ୟାବର୍ତ୍ତନ କରି ସେ ଲଗାତାର ପଏଣ୍ଟ ହାସଲ କରି ବିଜୟ ନିଶ୍ଚିତ କରିଥିଲେ। ହାଙ୍ଗଝୋଉ ଏସିଆଡରେ କାଂସ୍ୟ ଜିତିଥିବା ଅମନ ଏଥର ନିଜ ପଦକର ରଙ୍ଗ ବଦଳାଇଛନ୍ତି। ଅନ୍ୟପକ୍ଷରେ ମହିଳା ୫୩ କିଲୋଗ୍ରାମ୍ ବର୍ଗରେ ଅନ୍ତିମ ପାଂଘାଲଙ୍କୁ ରୌପ୍ୟରେ ସନ୍ତୁଷ୍ଟ ହେବାକୁ ପଡ଼ିଛି। ଫାଇନାଲରେ ଜାପାନର ମୋଏ କିୟୋକା ତାଙ୍କୁ ୯-୧ରେ ପରାସ୍ତ କରି ସ୍ୱର୍ଣ୍ଣ ହାସଲ କରିଛନ୍ତି। ଅନ୍ତିମ ଲଢ଼େଇ କରିଥିଲେ ମଧ୍ୟ ଜାପାନୀ ପ୍ରତିଦ୍ୱନ୍ଦ୍ୱୀଙ୍କ ଆକ୍ରମଣକୁ ରୋକିପାରିନଥିଲେ। ହାଙ୍ଗଝୋଉରେ କାଂସ୍ୟ ଜିତିଥିବା ଅନ୍ତିମ ଏଥର ରୌପ୍ୟ ଜିତିଛନ୍ତି। ଏହି ଦୁଇ ପଦକ ଭାରତୀୟ କୁସ୍ତି ଦଳର ଅଭିଯାନକୁ ଆହୁରି ସମୃଦ୍ଧ କରିଛି। ଅମନଙ୍କ ସ୍ୱର୍ଣ୍ଣ ଏବଂ ଅନ୍ତିମଙ୍କ ରୌପ୍ୟ ଭାରତୀୟ କୁସ୍ତିରେ ନୂଆ ପିଢ଼ିର ଖେଳାଳିଙ୍କ ଦୃଢ଼ ଉପସ୍ଥିତିକୁ ପ୍ରମାଣିତ କରିଛି।

## ହକି : ମହିଳାଙ୍କ ପରେ ପୁରୁଷ ଜିତିଲେ ସ୍ୱର୍ଣ୍ଣ

ଏସିଆଡ୍ ହକିରେ ଭାରତର ଆଧିପତ୍ୟ ଜାରି ରହିଲା। ଜାପାନରେ ଅନୁଷ୍ଠିତ ଏସିଆନ୍ ଗେମ୍ସ-୨୦୨୬ର ପୁରୁଷ ହକି ଫାଇନାଲରେ ମାଲେସିଆକୁ ୫-୧ ଗୋଲ୍ରେ ପରାସ୍ତ କରି ଭାରତ କ୍ରମାଗତ ଦ୍ୱିତୀୟଥର ପାଇଁ ସ୍ୱର୍ଣ୍ଣ ପଦକ ଜିତିଛି। ଏହା ସହ ଭାରତ ପ୍ରଥମଥର ପାଇଁ ଏସିଆଡରେ ପୁରୁଷ ହକି ସ୍ୱର୍ଣ୍ଣକୁ ସଫଳତାର ସହ ରକ୍ଷା କରିବାର ଗୌରବ ହାସଲ କରିଛି। ୨୦୨୩ ହାଙ୍ଗଝୌ ଏସିଆଡ୍ରେ ଜିତିଥିବା ସ୍ୱର୍ଣ୍ଣକୁ ଭାରତ ଜାପାନ ମାଟିରେ ମଧ୍ୟ ବଜାୟ ରଖିଛି। ଏହି ବିଜୟ ସହ ଭାରତୀୟ ପୁରୁଷ ଦଳ ୨୦୨୮ ଅଲିମ୍ପିକ୍ସ ଯୋଗ୍ୟତା ହାସଲ କରିଛି। ଏହି ବିଜୟ ଅଧିନାୟକ ହରମନପ୍ରୀତ ସିଂହଙ୍କ ପାଇଁ ମଧ୍ୟ ଐତିହାସିକ। ଫାଇନାଲରେ ଦୁଇଟି ଗୋଲ୍ କରିଥିବା ହରମନପ୍ରୀତ ପ୍ରଥମ ଭାରତୀୟ ଅଧିନାୟକ ଭାବେ ଦୁଇଟି ଏସିଆଡ୍ ସ୍ୱର୍ଣ୍ଣ ପଦକ ଜିତାଇବାର ରେକର୍ଡ କରିଛନ୍ତି। ଭାରତର ଏହା ପୁରୁଷ ହକିରେ ପଞ୍ଚମ ଏସିଆଡ୍ ସ୍ୱର୍ଣ୍ଣ। ଏହା ପୂର୍ବରୁ ୧୯୬୬, ୧୯୯୮, ୨୦୧୪ ଓ ୨୦୨୩ରେ ଭାରତ ଚାମ୍ପିଅନ୍ ହୋଇଥିଲା। ଏଥରର ସଫଳତା ଭାରତୀୟ ହକି ପାଇଁ ଆହୁରି ବିଶେଷ ହୋଇଛି। ଏସିଆଡର ଗୋଟିଏ ସଂସ୍କରଣରେ ପ୍ରଥମଥର ପାଇଁ ଭାରତୀୟ ପୁରୁଷ ଓ ମହିଳା ହକି ଦଳ ଉଭୟ ସ୍ୱର୍ଣ୍ଣ ଜିତିଛନ୍ତି। ଫଳରେ ଏସିଆଡ୍-୨୦୨୬ ଭାରତୀୟ ହକି ଇତିହାସରେ ସ୍ୱତନ୍ତ୍ର ସ୍ଥାନ ପାଇଛି। ଫାଇନାଲରେ ଭାରତର ୫-୧ ବିଜୟ ମଧ୍ୟ ଏସିଆଡ୍ ପୁରୁଷ ହକି ଫାଇନାଲରେ ଦଳର ସର୍ବବୃହତ ବିଜୟ ମଧ୍ୟରୁ ଅନ୍ୟତମ। ହାଙ୍ଗଝୋଉରେ ଜାପାନକୁ ୫-୧ରେ ହରାଇଥିବା ଭାରତ ଏଥର ମଧ୍ୟ ସମାନ ବ୍ୟବଧାନରେ ବିଜୟୀ ହୋଇଛି। ମ୍ୟାଚ୍ର ଆରମ୍ଭରେ ଉଭୟ ଦଳ ସତର୍କତାର ସହ ଖେଳିଥିଲେ। ୧୧ତମ ମିନିଟ୍ରେ ଭାରତ ପ୍ରଥମ ଗୋଲ୍ ପାଇଥିଲା। ହାର୍ଦ୍ଦିକ ସିଂହଙ୍କ ସହଯୋଗରେ ଅଭିଷେକ ପେନାଲ୍ଟି କର୍ଣ୍ଣର ଆଦାୟ କରିଥିବା ବେଳେ ହରମନପ୍ରୀତ ଚମତ୍କାର ଡ୍ରାଗ୍ ଫ୍ଲିକ୍ ଜରିଆରେ ଭାରତକୁ ୧-୦ରେ ଆଗୁଆ କରିଥିଲେ। ତେବେ ୧୪ତମ ମିନିଟ୍ରେ ସେଲୋ ସିଲଭେରିଅସ୍ ଗୋଲ୍ କରି ମାଲେସିଆକୁ ୧-୧ରେ ସମାନ ସ୍ଥିତିକୁ ଆଣିଥିଲେ। ୨୩ତମ ମିନିଟରେ ଜୁଗରାଜ ସିଂହ ପେନାଲ୍ଟି କର୍ଣ୍ଣରରୁ ଶକ୍ତିଶାଳୀ ଡ୍ରାଗ୍ ଫ୍ଲିକ୍ କରି ଭାରତକୁ ପୁଣି ୨-୧ରେ ଆଗୁଆ କରିଥିଲେ। ପ୍ରଥମାର୍ଦ୍ଧ ଶେଷ ସୁଦ୍ଧା ଭାରତ ଏହି ଅଗ୍ରଣୀ ବଜାୟ ରଖିଥିଲା। ଦ୍ୱିତୀୟାର୍ଦ୍ଧରେ ଭାରତ ଆକ୍ରମଣର ଗତି ବଢ଼ାଇଥିଲା। ୪୨ତମ ମିନିଟରେ ଭାରତକୁ ପେନାଲ୍ଟି ଷ୍ଟ୍ରୋକ୍ ମିଳିଥିଲା। ହାର୍ଦ୍ଦିକ ସିଂହ ଶାନ୍ତ ମନରେ ଏହାକୁ ଗୋଲ୍ରେ ପରିଣତ କରି ସ୍କୋର୍ ୩-୧ କରିଥିଲେ। ଏହାପରେ ଭାରତ ଆଉ ପଛକୁ ଫେରିନଥିଲା। ୫୪ତମ ମିନିଟରେ ଶିଳାନନ୍ଦ ଲାକ୍ରା ଅଭିଷେକ ଓ ସୁଖଜିତ ସିଂହଙ୍କ ସହ ସୁନ୍ଦର ସମନ୍ୱୟ ପରେ ଗୋଲ୍ କରି ଭାରତର ଅଗ୍ରଣୀକୁ ୪-୧ କରିଥିଲେ। ମ୍ୟାଚର ୫୭ତମ ମିନିଟ୍ରେ ହରମନପ୍ରୀତ ପୁଣି ଏକ ଡ୍ରାଗ୍ ଫ୍ଲିକ୍କୁ ଗୋଲ୍ କରି ନିଜର ଦ୍ୱିତୀୟ ଗୋଲ୍ ସହ ଭାରତର ବିଜୟକୁ ୫-୧ରେ ସିଲ୍ କରିଥିଲେ। ଏହି ସ୍ୱର୍ଣ୍ଣ ସହ ମନପ୍ରୀତ ସିଂହ ମଧ୍ୟ ନୂଆ ଇତିହାସ ରଚିଛନ୍ତି। ସେ ତୃତୀୟ ଏସିଆଡ୍ ସ୍ୱର୍ଣ୍ଣ ଜିତିଥିବା ଏକମାତ୍ର ଭାରତୀୟ ହକି ଖେଳାଳି ହୋଇଛନ୍ତି। ଦୃଢ଼ ରକ୍ଷଣଭାଗ, ଆକ୍ରମଣାତ୍ମକ ପ୍ରଦର୍ଶନ ଓ ନିର୍ଣ୍ଣାୟକ ମୁହୂର୍ତ୍ତରେ ସୁଯୋଗର ସଠିକ୍ ଉପଯୋଗ କରି ଭାରତ ଏସିଆଡ୍ ହକିରେ ନିଜର ଆଧିପତ୍ୟକୁ ଆହୁରି ମଜଭୁତ କରିଛି।


### ସୂଚନା

ସମୟ | BHIM | SCAN & PAY

ASHIRBAD PRAKASHAN PVT.LTD.

ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / କ୍ରୋଡ଼ପତ୍ରି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠକ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୯୧୭୮୫୩୩୧୭୪ / ଇମେଲ:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୯୧୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ।


## ମହେନ୍ଦ୍ରଗିରିରେ ପ୍ରଥମଥର ଜାତୀୟ ଏମ୍‌ଟିବି ଚାମ୍ପିଅନସିପ



ଭୁବନେଶ୍ୱର,୩।୧୦(ସବ୍ୟୁ): ଓଡ଼ିଶାର ଦୁଃସାହସିକ ସାଇକ୍ଲିଂ କ୍ରୀଡ଼ା ଇତିହାସରେ ଯୋଡ଼ି ହୋଇଛି ଆଉ ଏକ ନୂଆ ଅଧ୍ୟାୟ। ପ୍ରଥମଥର ପାଇଁ ଗଜପତି ଜିଲ୍ଲାର ମନୋରମ ମହେନ୍ଦ୍ରଗିରି ପାହାଡ଼ରେ ୨୩ତମ ଜାତୀୟ ମାଉଣ୍ଟେନ୍ ବାଇକ୍ (ଏମଟିବି) ଚାମ୍ପିଅନସିପ୍ ଆରମ୍ଭ ହୋଇଛି। ଅକ୍ଟୋବର ୧ରୁ ଆରମ୍ଭ ହୋଇଥିବା ଏହି ଜାତୀୟସ୍ତରୀୟ ପ୍ରତିଯୋଗିତାରେ ଦେଶର ବିଭିନ୍ନ ପ୍ରାନ୍ତରୁ ୬୫୦ରୁ ଅଧିକ ସାଇକ୍ଲିଷ୍ଟ ଅଂଶଗ୍ରହଣ କରିଛନ୍ତି। ଓଡ଼ିଶା ସାଇକ୍ଲିଂ ଆସୋସିଏସନ୍ ପକ୍ଷରୁ ଆୟୋଜିତ ଏହି ପ୍ରତିଯୋଗିତାକୁ ମାନ୍ୟବର ସାଂସଦ ପ୍ରଦୀପ ପାଣିଗ୍ରାହୀ ଉଦଘାଟନ କରିଥିଲେ। ମହେନ୍ଦ୍ରଗିରିର ପାହାଡ଼ିଆ ଓ ପ୍ରାକୃତିକ ପରିବେଶ ମଧ୍ୟରେ ପ୍ରସ୍ତୁତ ହୋଇଥିବା ରୋମାଞ୍ଚକର ରୁଟ୍କୁ ନେଇ ପ୍ରତିଯୋଗୀ ଓ ଅତିଥିମାନେ ପ୍ରଶଂସା କରିଛନ୍ତି। ଆୟୋଜନ, ଆତିଥେୟତା ଏବଂ ପ୍ରତିଯୋଗିତା ପାଇଁ କରାଯାଇଥିବା ବ୍ୟବସ୍ଥାକୁ ମଧ୍ୟ ଅତିଥିମାନେ ପ୍ରଶଂସା କରିଛନ୍ତି। ଉଦ୍‌ଘାଟନୀ ଅବସରରେ ଆୟୋଜକ କମିଟିର ଅଧ୍ୟକ୍ଷ ତଥା ସାଇକ୍ଲିଂ ଫେଡେରେସନ୍ ଅଫ୍ ଇଣ୍ଡିଆ (ସିଏଫଆଇ)ର ଯୁଗ୍ମ ସଚିବ ଶ୍ରୀ ପାଠକ ଖେଳାଳିମାନଙ୍କୁ ଭବିଷ୍ୟତର ବଡ଼ ଆହ୍ୱାନ ପାଇଁ ପ୍ରସ୍ତୁତ ରହିବାକୁ ଆହ୍ୱାନ ଦେଇଥିଲେ। ୨୦୩୨ରେ ପୁଣେରେ ଆୟୋଜିତ ହେବାକୁ ଥିବା ବିଶ୍ୱ ସାଇକ୍ଲିଂ ଚାମ୍ପିଅନସିପ ଦୃଷ୍ଟିରେ ରଖି ସାଇକ୍ଲିଷ୍ଟମାନେ ଏବେଠାରୁ ନିଜକୁ ପ୍ରସ୍ତୁତ କରିବାକୁ ସେ କହିଥିଲେ। ମହେନ୍ଦ୍ରଗିରି ପାହାଡ଼ରେ ପ୍ରଥମଥର ଏଭଳି ବୃହତ୍ ଜାତୀୟ ପ୍ରତିଯୋଗିତା ଆୟୋଜନ ହେବା ଦ୍ୱାରା ଓଡ଼ିଶାର ମାଉଣ୍ଟେନ୍ ବାଇକିଂକୁ ନୂଆ ପରିଚୟ ମିଳିବା ସହ ଗଜପତିର ପ୍ରାକୃତିକ ସୌନ୍ଦର୍ଯ୍ୟ ମଧ୍ୟ ଜାତୀୟସ୍ତରରେ ଆକର୍ଷଣର କେନ୍ଦ୍ର ପାଲଟିଛି। ଅକ୍ଟୋବର ୪ରେ ଏହି ଚାମ୍ପିଅନସିପ୍ ଉଦ୍‌ଯାପିତ ହେବ।

## ଉଦ୍‌ଘାଟିତ ହେଲା ଓଡ଼ିଶା ରାଜ୍ୟ ପାରା ସନ୍ତରଣ ପ୍ରତିଯୋଗିତା

ଭୁବନେଶ୍ୱର, ୩।୧୦(ସବ୍ୟୁ): କଳିଙ୍ଗ ଷ୍ଟାଡିୟମ ସ୍ଥିତ ଆକ୍ୱାଟିକ୍ ସେଣ୍ଟରରେ ଆରମ୍ଭ ହୋଇଛି ଓଡ଼ିଶା ରାଜ୍ୟ ପାରା ସନ୍ତରଣ ପ୍ରତିଯୋଗିତା ୨୦୨୬-୨୭। ପାରା ସ୍ପୋର୍ଟ୍ସ ଆସୋସିଏସନ୍ ଓଡ଼ିଶା ଏବଂ ଓଡ଼ିଶା ସରକାରଙ୍କ କ୍ରୀଡ଼ା ବିଭାଗର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ପ୍ରତିଯୋଗିତାରେ ରାଜ୍ୟର ୨୮ଟି ଜିଲ୍ଲାରୁ ୧୦୩ ଜଣ ପାରା କ୍ରୀଡ଼ାବିତ ଅଂଶଗ୍ରହଣ କରିଛନ୍ତି। ପୁରୁଷ ଓ ମହିଳା ବର୍ଗରେ ପ୍ରତିଯୋଗୀମାନେ ବିଭିନ୍ନ ଇଭେଣ୍ଟରେ ନିଜର ପ୍ରତିଭା ପ୍ରଦର୍ଶନ କରୁଛନ୍ତି। ରାଜ୍ୟରେ ପାରା ସନ୍ତରଣର ନୂଆ ପ୍ରତିଭା ଚିହ୍ନଟ କରିବା ଏହି ପ୍ରତିଯୋଗିତାର ପ୍ରମୁଖ ଉଦ୍ଦେଶ୍ୟ। ଏଠାରୁ ଚୟନ ହେବାକୁ ଥିବା କ୍ରୀଡ଼ାବିତମାନଙ୍କୁ ଆଗାମୀ ଜାତୀୟ ପ୍ରତିଯୋଗିତା ପାଇଁ ସୁଯୋଗ ମିଳିବ। ଉଦ୍ଘାଟନୀ ସମାରୋହରେ କ୍ରୀଡ଼ା ବିଭାଗର ସ୍ୱତନ୍ତ୍ର ସଚିବ ଅଶୋକ କୁମାର ପଣ୍ଡା, ଓଏଏସ୍ ଯୋଗଦେଇ କ୍ରୀଡ଼ାବିତମାନଙ୍କୁ ଉତ୍ସାହିତ କରିଥିଲେ। ସେ ପ୍ରତିଯୋଗୀମାନଙ୍କ ଉତ୍ସାହ, ପ୍ରତିବଦ୍ଧତା ଓ ଦୃଢ଼ ମନୋବଳକୁ ପ୍ରଶଂସା କରିବା ସହ ଆଗାମୀ ଦିନରେ ସେମାନେ ରାଜ୍ୟ ଓ ଦେଶ ପାଇଁ ଗୌରବ ଆଣିବେ ବୋଲି ଆଶା ପ୍ରକାଶ କରିଥିଲେ। ଏହି ଅବସରରେ ପାରାଲିମ୍ପିକ୍ କମିଟି ଅଫ୍ ଇଣ୍ଡିଆର ପର୍ଯ୍ୟବେକ୍ଷକ ସନ୍ଦୀପ ଘୋଷ ଉପସ୍ଥିତ ଥିଲେ। ସେ ପ୍ରତିଯୋଗିତାର ଆୟୋଜନ ଓ ବ୍ୟବସ୍ଥାପନାକୁ ପ୍ରଶଂସା କରିବା ସହ ଓଡ଼ିଶାରେ ପାରା ସନ୍ତରଣର ବିକାଶ ପାଇଁ ପାରା ସ୍ପୋର୍ଟସ୍ ଆସୋସିଏସନ୍ ଓ କ୍ରୀଡ଼ା ବିଭାଗର ପ୍ରୟାସକୁ ସାଧୁବାଦ ଜଣାଇଥିଲେ। ଏଭଳି ପ୍ରତିଯୋଗିତା ମାଧ୍ୟମରେ ଓଡ଼ିଶାରୁ ଆଗାମୀ ଦିନରେ ଜାତୀୟ ଓ ଅନ୍ତର୍ଜାତୀୟସ୍ତରର ପାରା ସନ୍ତରଣ ପ୍ରତିଭା ବାହାରିବେ ବୋଲି ସେ ଆଶା ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ପାରା ସ୍ପୋର୍ଟସ୍ ଆସୋସିଏସନ୍ ଓଡ଼ିଶାର ସଭାପତି କମଳାକାନ୍ତ ରଥ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ଆସୋସିଏସନ୍ର ସମ୍ପାଦକ ସୁନୀଲ ପ୍ରଧାନ ଅତିଥି, କ୍ରୀଡ଼ାବିତ, ପ୍ରଶିକ୍ଷକ, କ୍ରୀଡ଼ା ଅଧିକାରୀ, ବିଚାରକ ଓ ସମସ୍ତ ସହଯୋଗୀଙ୍କୁ ଧନ୍ୟବାଦ ଦେଇଥିଲେ। ଅକ୍ଟୋବର ୩ରୁ ଆରମ୍ଭ ହୋଇଥିବା ଏହି ଦୁଇଦିନିଆ ପ୍ରତିଯୋଗିତା ଅକ୍ଟୋବର ୪ରେ ଉଦଯାପିତ ହେବ।

## ୧୦ତମ ମଡର୍ନ ପେଣ୍ଟାଥଲନ୍ ଚାମ୍ପିଅନସିପରେ ଭାଗନେବେ ଓଡ଼ିଆ ପ୍ରତିଯୋଗୀ

ଭୁବନେଶ୍ୱର,୩।୧୦(ସବ୍ୟୁ): ମହାରାଷ୍ଟ୍ରର ନାସିକରେ ଅକ୍ଟୋବର ୪ରୁ ୬ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବାକୁ ଥିବା ୧୦ତମ ମଡର୍ନ ପେଣ୍ଟାଥ୍ଲନ୍ ଲେଜର ରନ୍ ଜାତୀୟ ଚାମ୍ପିଅନସିପ୍-୨୦୨୬ ପାଇଁ ଓଡ଼ିଶା ଦଳ ଗସ୍ତ କରିଛି। ମଡର୍ନ ପେଣ୍ଟାଥ୍ଲନ୍ ଆସୋସିଏସନ୍ ଅଫ୍ ଓଡ଼ିଶା ପକ୍ଷରୁ ଚୟନ କରାଯାଇଥିବା ଖେଳାଳିମାନେ ଏହି ଜାତୀୟସ୍ତରୀୟ ପ୍ରତିଯୋଗିତାରେ ରାଜ୍ୟ ପାଇଁ ପଦକ ଜିତିବା ଲକ୍ଷ୍ୟରେ ଅଂଶଗ୍ରହଣ କରିବେ। ଓଡ଼ିଶା ଦଳର ପୁରୁଷ ବିଭାଗରେ ପ୍ରଣବ ଦାସ, ମହେଶ୍ୱର ଅମନ, ଆକାଶ ମିଶ୍ର, ରାଜଗୁରୁ ସୂର୍ଯ୍ୟାଂଶ ମହାପାତ୍ରଙ୍କ ସମେତ ଅନ୍ୟ ପ୍ରତିଯୋଗୀମାନେ ସାମିଲ ହୋଇଛନ୍ତି। ମହିଳା ବିଭାଗରେ ମଧ୍ୟ ଓଡ଼ିଶାର ପ୍ରତିଭାବାନ ଖେଳାଳିମାନେ ଅଂଶଗ୍ରହଣ କରିବେ। ଦଳ ସହ ପ୍ରଶିକ୍ଷକ ଓ ଅଧିକାରୀମାନେ ମଧ୍ୟ ନାସିକ ଯାତ୍ରା କରିଛନ୍ତି।


ସମୟ | ସମୟ LIVE

Check out this amazing Odia News app

Andriod | ଗୋଟିଏ ଆପରେ ପାଆନ୍ତୁ ସାରା ଦୁନିଆ ଖବର | IOS

Download Now:
https://play.google.com/store/app/details/id- com.samayalive.app



Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Dr. Gurukalyan Mohapatra, ମୁଖ୍ୟ ସମ୍ପାଦକ: ଡ. ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି